RNI REG. NO. ODIODI/2015/62237 • POSTAL REGD. NO.BN/258/18-20 8+16 PAGES • ₹ 6/-

# ନିତିଦିନ NITIDIN

www.nitidin.com
twitter.com/nitidintoday
facebook.com/nitidintoday
୧୬ ପୃଷ୍ଠାର ରବିବାର ମ୍ୟାଗାଜିନ୍ 'ନଜର' ସହ

SUNDAY 15 JUNE 2025
ରବିବାର ୧୫ ଜୁନ୍ ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 31 BHUBANESWAR | BERHAMPUR | SAMBALPUR | BALASORE | JAJPUR ବର୍ଷ ୧୧ • ସଂଖ୍ୟା ୩୧ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର



ଭୟଙ୍କର ଆକ୍ରମଣ-ପ୍ରତିଆକ୍ରମଣ

# ମଧ୍ୟପ୍ରାଚ୍ୟରେ ମୃତ୍ୟୁର ତାଣ୍ଡବ

## ଇସ୍ରାଏଲ୍ ଉପରେ ଇରାନ୍‌ର ବାଲିଷ୍ଟିକ୍ ମିସାଇଲ୍ ମାଡ଼

## ତେହରାନ୍ ଜଳିବ: ନେତାନ୍ୟାହୁ

## ଆମେରିକା, ୟୁରୋପୀୟ ଦେଶଗୁଡ଼ିକୁ ନାଲିଆଖି ଦେଖାଇଲା ଇରାନ୍



**ଜେରୁଜେଲମ୍, ତେହରାନ୍, ୧୪।୬/ଏଜେନ୍ସି:** ମଧ୍ୟପ୍ରାଚ୍ୟ ଆକାଶରେ ଏବେ ଯୁଦ୍ଧର କଳାବାଦଲ ଘୋଟିଆସିଛି । ଇରାନ୍-ଇସ୍ରାଏଲ୍ ମଧ୍ୟରେ ପ୍ରଳୟଙ୍କରୀ ଆକ୍ରମଣ, ପ୍ରତିଆକ୍ରମଣ ଆରମ୍ଭ ହୋଇଯାଇଛି । ଗତ ଦୁଇଦିନ ଧରି ଉଭୟ ଇରାନ୍ ଏବଂ ଇସ୍ରାଏଲ୍‌ରେ ମୃତ୍ୟୁର ତାଣ୍ଡବ ଚାଲିଛି । ଶୁକ୍ରବାର ଇସ୍ରାଏଲ୍ ପକ୍ଷରୁ ପ୍ରଥମେ ୨୦୦ରୁ ଅଧିକ ଫାଇଟର୍ ପ୍ଲେନ୍ ସହାୟତାରେ ଇରାନ୍ ଉପରେ ଆକ୍ରମଣ କରାଯାଇଥିବା ବେଳେ ଇରାନ୍ ମଧ୍ୟ ଶହଶହ ଡ୍ରୋନ୍ ଆକ୍ରମଣ କରିଥିଲା । ତେବେ ଶନିବାର ଦୁଇ ପକ୍ଷରୁ ହୋଇଥିବା ଆକ୍ରମଣ ଅତ୍ୟନ୍ତ ଭୟଙ୍କର ତଥା ବିନାଶକାରୀ ରହିଥିବା କୁହାଯାଉଛି । ରିପୋର୍ଟ ଅନୁସାରେ ଇରାନ୍ ପକ୍ଷରୁ ଶନିବାର ଇସ୍ରାଏଲ୍ ଉପରେ ୧୫୦ରୁ ଅଧିକ ବାଲିଷ୍ଟିକ୍ ମିସାଇଲ୍ ଆଟାକ୍ କରାଯାଇଛି । ଇରାନ୍‌ର ଏହି ବାଲିଷ୍ଟିକ୍ ମିସାଇଲ୍‌କୁ ଇସ୍ରାଏଲ୍‌ର ଶକ୍ତିଶାଳୀ ପ୍ରତିରକ୍ଷା ବ୍ୟବସ୍ଥା 'ଆଇରନ୍ ଡୋମ୍' ମଧ୍ୟ ପ୍ରତିହତ କରିବାରେ ବିଫଳ ହୋଇଛି । ଫଳରେ ଇସ୍ରାଏଲ୍‌ର ଅନେକ କ୍ଷତି ହୋଇଥିବା କୁହାଯାଉଛି । ଇରାନ୍ ମୁଖ୍ୟତଃ ଇସ୍ରାଏଲ୍‌ରେ ବିଭିନ୍ନ ବେସାମରିକ ସ୍ଥଳକୁ ଟାର୍ଗେଟ୍ କରିଛି । ଏଥିରେ ବହୁ ସାଧାରଣ ଲୋକ ମୃତାହତ ହୋଇଥିବା ଅନୁମାନ କରାଯାଉଛି । ଇରାନ୍‌ର ଏହି ମିସାଇଲ୍ ଆକ୍ରମଣ ଯୋଗୁ ତେଲ୍ ଅଭିଭ୍‌ରେ ଶତାଧିକ ଆହତ ହୋଇଥିବା ନିଜେ ଇସ୍ରାଏଲ୍ ସ୍ୱୀକାର କରିଥିଲେ ମଧ୍ୟ ମୃତକଙ୍କ ସଂଖ୍ୟା ସମ୍ପର୍କରେ କୌଣସି ସୂଚନା ଦେଇନାହିଁ । ସେହିପରି ଇରାନ୍‌ର ଆକ୍ରମଣ ପରେ ପରେ ଇସ୍ରାଏଲ୍ ପକ୍ଷରୁ ମଧ୍ୟ ଆଜି ପୁଣିଥରେ ଇରାନ୍‌ର ବିଭିନ୍ନ ସ୍ଥାନରେ ଏୟାର୍‌ଷ୍ଟ୍ରାଇକ୍ କରାଯାଇଥିବା ଜଣାପଡ଼ିଛି ।

ଆଣବିକ ଚୁକ୍ତି ସ୍ୱାକ୍ଷର ନକରିବା କାରଣରୁ ଇରାନ ବିରୋଧରେ ଇସ୍ରାଏଲ୍ ଆରମ୍ଭ କରିଥିବା 'ଅପରେସନ୍ ରାଇଜିଂ ଲାୟନ୍' ବିରୋଧରେ ଇରାନ ଆରମ୍ଭ କରିଛି ଅପରେସନ୍ 'ଟ୍ରୁ ପ୍ରୋମିଜ୍-୩' । ଇରାନ୍‌ର ଏହି ସାମରିକ ଅପରେସନ୍ ପ୍ରଥମରୁ ହିଁ ଘାତକ ସାବ୍ୟସ୍ତ ହୋଇଛି । ଇରାନ୍ ପକ୍ଷରୁ ଶନିବାର ହୋଇଥିବା ଆକ୍ରମଣରେ ଇସ୍ରାଏଲ୍‌ର ଅନେକ ସାମରିକ ପ୍ରତିଷ୍ଠାନଗୁଡ଼ିକ ନଷ୍ଟ ହୋଇଯାଇଥିବା କୁହାଯାଉଛି । ଯଦିଓ ଆମେରିକା ଏବଂ ପାଶ୍ଚାତ୍ୟ

▶▶ ୫

୨୭ ବର୍ଷର ମରୁଡ଼ିରେ ଅନ୍ତ

# ସାଉଥ୍ ଆଫ୍ରିକା ନୂଆ ଟେଷ୍ଟ ଚାମ୍ପିଅନ୍




- ଏଡେନ୍ ମାର୍କରମ୍‌ଙ୍କ ସ୍ମରଣୀୟ ଶତକ
- ଫାଇନାଲ୍‌ରେ ଅଷ୍ଟ୍ରେଲିଆ ୫ ୱିକେଟ୍‌ରେ ପରାଜିତ

**ଲଣ୍ଡନ,୧୪।୬/ଏଜେନ୍ସି:** ସାଉଥ୍ ଆଫ୍ରିକା ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ଶିପ୍ (ଡବ୍ଲ୍ୟୁଟିସି)ର ତୃତୀୟ ସାଇକ୍ଲ (୨୦୨୩-୨୫) ଟାଇଟଲ୍ ବିଜେତା ହୋଇଛି । ଲଣ୍ଡନର ଐତିହାସିକ ଲର୍ଡ୍ସ କ୍ରିକେଟ୍ ଗ୍ରାଉଣ୍ଡରେ ଆୟୋଜିତ ଫାଇନାଲ୍ ମ୍ୟାଚ୍‌ରେ ସାଉଥ୍ ଆଫ୍ରିକା ୫ ୱିକେଟ୍‌ରେ ଅଷ୍ଟ୍ରେଲିଆକୁ ହରାଇଛି । ମ୍ୟାଚ୍‌ରେ ବିଜୟ ପାଇଁ ସାଉଥ୍ ଆଫ୍ରିକାକୁ ୨୮୨ ରନ୍‌ର ଲକ୍ଷ୍ୟ ମିଳିଥିବା ବେଳେ ଟିମ୍ ଚତୁର୍ଥ ଦିନ (ଜୁନ୍ ୧୪) ଲଞ୍ଚ ପୂର୍ବରୁ ଏହାକୁ ହାସଲ କରିନେଇଥିଲା । ଏହା ସହିତ ସାଉଥ୍ ଆଫ୍ରିକା ୨୭ ବର୍ଷର ଆଇସିସି ଟ୍ରଫି ମରୁଡ଼ିରେ ଅନ୍ତ ଘଟାଇଛି । ଏହା ପୂର୍ବରୁ ସାଉଥ୍ ଆଫ୍ରିକା ପ୍ରଥମ ଆଇସିସି ଟ୍ରଫି ୧୯୯୮ରେ ୱିଲ୍ସ ଇଣ୍ଟରନାସନାଲ୍ କପ୍ (ଚାମ୍ପିଅନ୍ସ ଟ୍ରଫି) ଜିତିଥିଲା ।

ସୂଚନାଯୋଗ୍ୟ ଡବ୍ଲ୍ୟୁଟିସି ଫାଇନାଲ୍ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସ୍‌ରେ ୨୧୨ ଏବଂ ଦ୍ୱିତୀୟ ଇନିଂସ୍‌ରେ ୨୦୭ ରନ୍ କରିଥିଲା ।

▶▶ ୫

- ନିଟ୍-ୟୁଜି ପରୀକ୍ଷା ଫଳ ପ୍ରକାଶ

# ଶୀର୍ଷରେ ରାଜସ୍ଥାନର ମହେଶ କୁମାର

**ନୂଆଦିଲ୍ଲୀ,୧୪।୬/ଏଜେନ୍ସି:** ଶନିବାର ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଦ୍ୱାରା ପରିଚାଳିତ ମେଡିକାଲ ପ୍ରବେଶିକା ପରୀକ୍ଷା ନିଟ୍ ୟୁଜି ପରୀକ୍ଷା-୨୦୨୫ର ଫଳ ପ୍ରକାଶ ପାଇଛି । ଏନ୍‌ଟିଏ ପକ୍ଷରୁ ପ୍ରକାଶିତ ଅଲ୍ ଇଣ୍ଡିଆ ର୍ୟାଙ୍କ୍ ରିପୋର୍ଟ ଅନୁସାରେ ଚଳିତବର୍ଷ ରାଜସ୍ଥାନର ମହେଶ କୁମାର ଏହି ପରୀକ୍ଷାରେ ମୋଟ୍ ୬୮୬ ସ୍କୋର୍ (୯୯.୯୯ ପର୍ସେଣ୍ଟାଇଲ୍) ସହ ଟପ୍ପର୍ ହୋଇଛନ୍ତି । ସେହିପରି ମଧ୍ୟପ୍ରଦେଶର ଉତ୍କର୍ଷ ଅବଧିୟା ୬୮୨ ଏବଂ ମହାରାଷ୍ଟ୍ରର କୃଶାଙ୍ଗ ଜୋଶୀ ୬୮୧ ସ୍କୋର୍ ହାସଲ ପୂର୍ବକ ସର୍ବଭାରତୀୟ ସ୍ତରରେ ଯଥାକ୍ରମେ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସେହିପରି ଓଡ଼ିଶାରୁ ସ୍ନେହାଶିଷ ଦାସ ଟପ୍ପର୍ ହୋଇଛନ୍ତି । ସେ ସର୍ବଭାରତୀୟସ୍ତରରେ ୬୦ତମ ର୍ୟାଙ୍କ୍‌ରେ ଅଛନ୍ତି ।

ଏନ୍‌ଟିଏ ଦର୍ଶାଇଛି ଯେ ଚଳିତଥର ପରୀକ୍ଷାରେ ଏମ୍‌ବିବିଏସ୍ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ପ୍ରାୟ ୧୨ଲକ୍ଷରୁ ଅଧିକ ପ୍ରାର୍ଥୀ ଯୋଗ୍ୟ ବିବେଚିତ ହୋଇଛନ୍ତି, ଯାହାକି ଗତବର୍ଷ ତୁଳନାରେ ୬% କମ୍ ରହିଛି । ଗତବର୍ଷ ମୋଟ୍ ୧୩,୧୫,୮୫୩ ପ୍ରାର୍ଥୀ ସ୍ନାତକ ଡାକ୍ତରୀ ଏବଂ ପାରା-ମେଡିକାଲ୍ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ । କିନ୍ତୁ ଚଳିତବର୍ଷ ନିଟ୍-ୟୁଜି ପରୀକ୍ଷା-୨୦୨୫ରେ ମୋଟ ୧୨,୩୬,୫୩୧ ପ୍ରାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୫,୧୪,୦୬୩ ପୁରୁଷ, ୭,୨୨,୪୬୨ ମହିଳା ଏବଂ ୬ ଟ୍ରାନ୍ସଜେଣ୍ଡର୍ ଅନ୍ତର୍ଭୁକ୍ତ । ସବୁଠୁ ବଡ଼କଥା ହେଉଛି, ଚଳିତବର୍ଷ ପାଇଁ ନିଟ୍-ୟୁଜି ପାଇଁ ମୋଟ୍ ୨୨,୭୬,୦୬୯ ପ୍ରାର୍ଥୀ ଆବେଦନ କରିଥିଲେ ମଧ୍ୟ ୨୨,୦୯,୩୧୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ । ତେବେ କେହି ଜଣେ ହେଲେ ପୂର୍ଣ୍ଣାଙ୍ଗ ସ୍କୋର୍ ଅର୍ଥାତ୍ ୭୨୦ ମାର୍କ ହାସଲ କରିପାରିନାହାନ୍ତି । ୭୩ଜଣ ଛାତ୍ରୀଛାତ୍ର ୬୫୦ରୁ ଅଧିକ ସ୍କୋର୍ କରିବାରେ ସଫଳ ହୋଇଛନ୍ତି । ସେହିପରି ଚଳିତବର୍ଷ ଶ୍ରେଷ୍ଠ ୧୦ କୃତୀ ପରୀକ୍ଷାର୍ଥୀ (ଟପ୍ ଟେନ୍ ର୍ୟାଙ୍କ୍ ହୋଲ୍ଡର)ଙ୍କ ମଧ୍ୟରେ ୯ ପୁରୁଷ ଏବଂ ଜଣେ ମହିଳା ବର୍ଗର ସାମିଲ ରହିଥିବା ଏନ୍‌ଟିଏ ପକ୍ଷରୁ ସୂଚନା ଦିଆଯାଇଛି । ପ୍ରକାଶ, ଗତ ମେ' ୪ ତାରିଖରେ ଦେଶର ୫୫୨ଟି ସହର ଏବଂ ବିଦେଶର ୧୪ଟି ସହରକୁ ମିଶାଇ ମୋଟ୍ ୫,୪୬୮ଟି କେନ୍ଦ୍ରରେ ଗୋଟିଏ ସିଫ୍ଟରେ ପେନ୍ ଆଣ୍ଡ ପେପର୍ (ପ୍ରଶ୍ନପତ୍ର ଏବଂ କଲମ) ମୋଡ୍‌ରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ମେଡିକାଲ ପ୍ରବେଶିକା ପରୀକ୍ଷାରେ ଅଂଶଗ୍ରହଣ କରିଥିବା ପ୍ରାର୍ଥୀମାନେ ନିଟ୍‌ର ଅଫିସିଆଲ୍ ୱେବସାଇଟ୍ ଡବ୍ଲ୍ୟୁ.ଡବ୍ଲ୍ୟୁ.ଡବ୍ଲ୍ୟୁ.ଏନଟିଏ.ଏସି.ଇନ୍ ଉପରେ ସେମାନଙ୍କର ଫଳାଫଳ ଦେଖିପାରିବେ ବୋଲି ଏନ୍‌ଟିଏ ପକ୍ଷରୁ କୁହାଯାଇଛି ।

## ସ୍ନେହାଶିଷ ରାଜ୍ୟ ଟପ୍ପର୍

**ଭୁବନେଶ୍ୱର,୧୪।୬/ଏନ୍‌ଏନ୍‌ଏସ୍:** ଶନିବାର ପ୍ରକାଶ ପାଇଛି ନିଟ୍ ୟୁଜି ରେଜଲ୍ଟ । ଓଡ଼ିଶାର ସ୍ନେହାଶିଷ ଦାସ ୬୦ରାଙ୍କ ପାଇ ଓଡ଼ିଶା ଟପ୍ପର୍ ହୋଇଛନ୍ତି । ସେହିପରି ଅନୁସୂଚିତ ଜାତି ବର୍ଗରେ ଓଡ଼ିଶାର ପବିତ୍ର ସେଠୀ ୬ ନମ୍ବର ସ୍ଥାନରେ ରହିଥିବା ବେଳେ ତାଙ୍କର ସର୍ବଭାରତୀୟ ରାଙ୍କ ୧୮୦ ରହିଛି ।



୨୦୨୫-୨୬ଶିକ୍ଷା ବର୍ଷ ଲାଗି ଓଡ଼ିଶାରୁ ମୋଟ ୬୧ହଜାର ୧୧୧ଜଣ ନାମ ପଞ୍ଜୀକୃତ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୫୯ହଜାର ୨୩୮ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ସେଥିରୁ ୩୧ହଜାର ୬୭୩ଜଣ ପାସ୍ କରିଛନ୍ତି । ଓଡ଼ିଶାର ସ୍ନେହାଶିଷ ୯୯.୯୯୭ ପର୍ସେଣ୍ଟାଇଲ୍ ରଖି ୬୦ରାଙ୍କ ପାଇଥିବାବେଳେ ଏସ୍‌ସି ବର୍ଗରେ ଓଡ଼ିଶାର ପବିତ୍ର ସେଠୀ ୯୯.୯୧୫ପର୍ସେଣ୍ଟାଇଲ୍ ରଖିଛନ୍ତି । ସେହିପରି ଓଡ଼ିଶାରୁ ୮୧୨ଜଣ ଛାତ୍ରଛାତ୍ରୀ ଓଡ଼ିଆ ଭାଷାରେ ପରୀକ୍ଷା ଦେବାକୁ ନାମ ପଞ୍ଜୀକରଣ

▶▶ ୫

୨୦ରେ ପ୍ରଧାନମନ୍ତ୍ରୀ ଘୋଷଣା କରିବେ ଅନେକ ନୂଆ ଯୋଜନା

# ବଣ୍ଟାଯିବ ୫୦ ହଜାର ଅନ୍ତ୍ୟୋଦୟ ଗୃହ କାର୍ଯ୍ୟାଦେଶ

**ଭୁବନେଶ୍ୱର,୧୪।୬/ଏନ୍‌ଏନ୍‌ଏସ୍:** ଅନ୍ତ୍ୟୋଦୟ ଗୃହ ଯୋଜନାରେ ୫୦ ହଜାର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯିବ । ଆସନ୍ତା ୨୦ ତାରିଖରେ ଓଡ଼ିଶା ଗସ୍ତରେ ଆସୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉପସ୍ଥିତିରେ ହିଁ ତାହା ବଣ୍ଟନ ହେବ । ଏନେଇ ସୂଚନା ଦେଇଛନ୍ତି ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ ।



ଶନିବାର ଗଣମାଧ୍ୟମକୁ ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ପ୍ରଥମ ବର୍ଷ ପୂର୍ତ୍ତି ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ ପ୍ରଧାନମନ୍ତ୍ରୀ । ଗସ୍ତ କାର୍ଯ୍ୟକ୍ରମ ପ୍ରାୟତଃ ଚୂଡ଼ାନ୍ତ ହୋଇଛି । ପ୍ରଧାନମନ୍ତ୍ରୀ ୨୦ ତାରିଖ ଅପରାହ୍ଣ ୩ଟାରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ । ବିମାନବନ୍ଦରରୁ ଏଜି ଛକ ପର୍ଯ୍ୟନ୍ତ ହେବ ତ୍ରିରଙ୍ଗା ଯାତ୍ରା । ପରେ ଜନତା ମଇଦାନ ପର୍ଯ୍ୟନ୍ତ ପ୍ରାୟ ଦେଢ଼ କିଲୋମିଟର ବିଶାଳ ରୋଡ୍ ଶୋ'ରେ ଅଂଶଗ୍ରହଣ କରିବେ ପ୍ରଧାନମନ୍ତ୍ରୀ । ସେହିଦିନ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟାଯିବ । ଏକାଥରେ ୫୦ ହଜାର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି ।

ମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ପ୍ରତି ପ୍ରଧାନମନ୍ତ୍ରୀଙ୍କର ବିଶେଷ ଆଗ୍ରହ ରହିଛି । ମୋଦୀଜୀ ପ୍ରଧାନମନ୍ତ୍ରୀ ହେବା ପରେ ସେ ଷଷ୍ଠଥର ପାଇଁ ଓଡ଼ିଶା ଗସ୍ତରେ ଆସୁଛନ୍ତି । ତାଙ୍କର ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଅନେକ ନୂଆ ଯୋଜନା ଘୋଷଣା କରିବେ । ଏଥିରେ ମହାପୁରୁଷ ଆଦର୍ଶ ଗ୍ରାମ ଯୋଜନା ବି ଅନ୍ତର୍ଭୁକ୍ତ ବୋଲି କହିଛନ୍ତି ମନ୍ତ୍ରୀ ରବି ନାରାୟଣ ନାୟକ ।

▶▶ ୫

- ଜଙ୍ଗଲରେ ମାଓବାଦୀ ବିଛାଇଛନ୍ତି ମୃତ୍ୟୁ ଫାଶ

# ଆଇଇଡି ବିସ୍ଫୋରଣରେ ଯବାନ ଶହୀଦ

**ରାଉରକେଲା,୧୪।୬/ଏନ୍‌ଏନ୍‌ଏସ୍:** ଜଙ୍ଗଲରେ ମାଓବାଦୀମାନେ ମୃତ୍ୟୁର ଫାଶ ବିଛାଇଛନ୍ତି । ସୁନ୍ଦରଗଡ଼ ଜିଲ୍ଲା ବଣାଇର କେ.ବଲାଙ୍ଗ ଥାନା ଅନ୍ତର୍ଗତ ବାଙ୍କୋ ଜଙ୍ଗଲରେ କମ୍ବିଂ ସାରି ଶନିବାର ସକାଳୁ ସକାଳୁ ଫେରୁଥିବା ବେଳେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ଗୁରୁତର ଆହତ ହୋଇଥିବା ୧୪୩ ବାଟାଲିୟନ୍‌ର ସିଆର୍‌ପିଏଫ୍ ଯବାନ ଏଏସ୍‌ଆଇ ସତ୍ୟବାନ ସିଂହଙ୍କର ରାଉରକେଲାର ଆପୋଲୋ ହସ୍‌ପିଟାଲ୍‌ରେ ମୃତ୍ୟୁ ହୋଇଛି । ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାୟ, ରାଉରକେଲା ଏସ୍‌ପି ନିତେଶ ୱାଧୱାନିଙ୍କ

▶▶ ୫



ଏଏସ୍‌ଆଇକୁ ଶ୍ରୀମନ୍ଦିର ପ୍ରଶାସନର ଚିଠି

# ତ୍ୱରାନ୍ୱିତ ହେଉ ରତ୍ନଭଣ୍ଡାର କାର୍ଯ୍ୟ



**ପୁରୀ,୧୪।୬/ଏନ୍‌ଏନ୍‌ଏସ୍:** ରତ୍ନଭଣ୍ଡାର ମରାମତି ତଥା ସଂରକ୍ଷଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଏଏସ୍‌ଆଇ (ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ) ମହାନିର୍ଦ୍ଦେଶକଙ୍କୁ ପତ୍ର ଲେଖିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀ । ଆଗାମୀ ରଥଯାତ୍ରା ସମୟରେ ମିଳିବାକୁ ଥିବା ଅବଧି (ଜୁନ୍ ୨୮ ରୁ ଜୁଲାଇ ୬) ମଧ୍ୟରେ ବାକିଥିବା ରତ୍ନଭଣ୍ଡାର କାମ ତ୍ୱରାନ୍ୱିତ କରି ଶୀଘ୍ର ସମାପନ ପାଇଁ ଚିଠିରେ ମୁଖ୍ୟ ପ୍ରଶାସକ ଉଲ୍ଲେଖ କରିଛନ୍ତି । ଶ୍ରୀମନ୍ଦିର ରତ୍ନଭଣ୍ଡାରର ଗୁରୁତ୍ୱ ଦୃଷ୍ଟିରୁ ଏହି କାର୍ଯ୍ୟକୁ ଅଗ୍ରାଧିକାର ଭିତ୍ତିରେ ହାତକୁ ନେବାକୁ କହିଛନ୍ତି । ସେହିପରି ରଥଯାତ୍ରା ସମୟରେ କରାଯାଉଥିବା ଗର୍ଭଗୃହ ତଥା ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସଂରକ୍ଷଣ କାର୍ଯ୍ୟର ତଦାରଖ ଏଏସ୍‌ଆଇ. ଉପମହାନିର୍ଦ୍ଦେଶକ କିମ୍ବା ନିର୍ଦ୍ଦେଶକ ପଦବୀର ଅଧିକାରୀଙ୍କ ଦ୍ୱାରା କରାଯିବାକୁ ମୁଖ୍ୟ ପ୍ରଶାସକ ଜଣାଇଥିଲେ । ଅରୁଣ ସ୍ତମ୍ଭ ନିକଟରେ ଖଣ୍ଡୋଲାଇଟ୍ ପଥର ବଦଳ ଏବଂ ଅଦ୍ୟାବଧି ରତ୍ନଭଣ୍ଡାରର ସଂରକ୍ଷଣ ଆଦି କାର୍ଯ୍ୟ ପାଇଁ ଏଏସ୍‌ଆଇକୁ ଧନ୍ୟବାଦ ଜ୍ଞାପନ କରିବା ସହ ମୁଖ୍ୟ ପ୍ରଶାସକ ୩ଗୋଟି ବିନ୍ଦୁ ଉପରେ ସ୍ୱତନ୍ତ୍ର ଭାବେ ଧ୍ୟାନ ଆକର୍ଷଣ କରିଛନ୍ତି ।

**ଦୀର୍ଘମିଆଦି ସଂରକ୍ଷଣ ତଥା ସ୍ଥାପତ୍ୟ ସୁରକ୍ଷା ଉପରେ ଗୁରୁତ୍ୱ**

▶▶ ୫

**ସୁଧୁରୁଛି ଯାଜପୁର ଝାଡ଼ାବାନ୍ତି**

# ସ୍ଥିତି ପରଖିବେ ୩ କେନ୍ଦ୍ରୀୟ ଟିମ୍

## ୧୫୧୬ ଆକ୍ରାନ୍ତଙ୍କ ମଧ୍ୟରୁ ୧୩୦୬ ସୁସ୍ଥ, ୨୧୦ ଚିକିତ୍ସାଧୀନ

## କାର୍ଯ୍ୟ କରୁଛି ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍

**ଭୁବନେଶ୍ୱର,୧୪।୬/ଏନ୍‌ଏନ୍‌ଏସ୍:** ଯାଜପୁର ଜିଲ୍ଲାର ଡାଇରିଆ ସ୍ଥିତିରେ ସୁଧାର ପରିଲକ୍ଷିତ ହୋଇଛି । ଶନିବାର ବିଭିନ୍ନ ହସ୍ପିଟାଲ୍‌ରେ ନୂଆ ରୋଗୀଙ୍କ ଆଡମିଶନ୍ ସଂଖ୍ୟା ବହୁ ପରିମାଣରେ କମିଛି, ଏବଂ ନୂଆ ଅଞ୍ଚଳ କଲେରାରେ ପ୍ରଭାବିତ ହୋଇଥିବାର ସୂଚନା ମିଳିନାହିଁ । ବର୍ତ୍ତମାନ ସୁଦ୍ଧା ସମୁଦାୟ ୧୫୧୬ ଜଣ ଡାଇରିଆ ଆକ୍ରାନ୍ତ ଆଡମିଶନ୍ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୧୩୦୬ ଜଣ ଆରୋଗ୍ୟ ଲାଭ କରିଛନ୍ତି ଏବଂ ୨୧୦ ଜଣଙ୍କର ଚିକିତ୍ସା ଚାଲିଛି । ତେବେ ସ୍ଥିତି ଅନୁଧ୍ୟାନ ପାଇଁ ସମ୍ପୃକ୍ତ ଅଞ୍ଚଳକୁ କେନ୍ଦ୍ର ସରକାରଙ୍କ ତରଫରୁ ତିନୋଟି ଟିମ୍ ପଠାଯାଇଛି ।

ସୂଚନା ମୁତାବକ ଶୁକ୍ରବାର ସୁଦ୍ଧା ଯେଉଁମାନେ ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ କଟକ ବଡ଼ ମେଡିକାଲ୍‌ରେ ଆଡମିଶନ୍ ହୋଇଥିଲେ ସେମାନେ ଧିରେ ଧିରେ ଆରୋଗ୍ୟ ଲାଭକରି ଘରକୁ ଫେରୁଛନ୍ତି । ଭଦ୍ରକ ଓ କଟକ ଜିଲ୍ଲାରେ କାଁ ଭାଁ କେତେକ ଘଟଣା ଘଟିଥିଲେ ମଧ୍ୟ ତାହା ସାଧାରଣ ଏବଂ ଗୁରୁତର ଜନସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିନାହିଁ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ହେଲ୍‌ଥ ଟିମ୍, ରାପିଡ୍ ଆକ୍ସନ୍ ଟିମ୍, ଜନସ୍ୱାସ୍ଥ୍ୟ ଟିମ୍‌କୁ ନେଇ ଏକ ୨୪ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍ କାର୍ଯ୍ୟ କରୁଛି । ତୃଣମୂଳସ୍ତରୀୟ କର୍ମଚାରୀମାନେ ପୂର୍ଣ୍ଣ ସଜାଗ ଏବଂ ତତ୍ପରତାର ସହ କ୍ଷେତ୍ରସ୍ତରରେ କାର୍ଯ୍ୟ କରୁଛନ୍ତି । ଚବିଶ ଘଣ୍ଟିଆ ଭିତ୍ତିରେ ଜିଲ୍ଲା କାର୍ଯ୍ୟାଳୟରେ ଏହି ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରୁଛି । ଶନିବାର ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶକ ଡାକ୍ତର ବୃନ୍ଦା ଡି. ଏବଂ ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଡାକ୍ତର ବିଜୟ କୁମାର ମହାପାତ୍ର ଜିଲ୍ଲା ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମ ଏବଂ ହସ୍ପିଟାଲ୍‌ଗୁଡ଼ିକରେ ସଂକ୍ରମିତ ଲୋକମାନଙ୍କର ଚିକିତ୍ସା ତଦାରଖ କରିଥିଲେ ।

କ୍ଷେତ୍ରସ୍ତରୀୟ କାର୍ଯ୍ୟକୁ ଅଧିକ ଲକ୍ଷ୍ୟଭେଦୀ କରିବା ନିମନ୍ତେ ଇତି ମଧ୍ୟରେ କେନ୍ଦ୍ର ସରକାରଙ୍କ ତରଫରୁ ତିନୋଟି ଟିମ୍ ପଠାଯାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟର ସ୍ୱାସ୍ଥ୍ୟସେବା ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକ୍ରମେ ଏକ ୭ଜଣିଆ ସ୍ୱାସ୍ଥ୍ୟ ଟିମ୍ ଏବଂ ୩ ଜଣିଆ ଖାଦ୍ୟ ନିରାପତ୍ତା ଟିମ୍ ଓଡ଼ିଶାକୁ ପଠାଯାଇଛି । ଠିକ୍ ସେହିପରି ଭାରତ ସରକାରଙ୍କ ଖାଦ୍ୟ ନିରାପତ୍ତା ଓ ଗୁଣବତ୍ତା କର୍ତ୍ତୃପକ୍ଷ (ଏଫ୍‌ଏସ୍‌ଏସ୍‌ଏଆଇ)ଙ୍କ ତରଫରୁ ଏକ ୪ଜଣିଆ ସ୍ୱତନ୍ତ୍ର ଖାଦ୍ୟ ଗୁଣବତ୍ତା ଟିମ୍ ପଠାଯାଇଛି । ଏହି ତିନୋଟି ଟିମ୍‌ରେ ସମୁଦାୟ ୧୪ ଜଣ ଅଛନ୍ତି ।

ସ୍ୱାସ୍ଥ୍ୟ ଟିମ୍‌ରେ ଆଞ୍ଚଳିକ ନିର୍ଦ୍ଦେଶାଳୟର ବରିଷ୍ଠ ଅଧିକାରୀ ଡାକ୍ତର ନିଲମ୍ ସୋମାଲକର , ଭାରତୀୟ ଜନସ୍ୱାସ୍ଥ୍ୟ ପ୍ରତିଷ୍ଠାନର ପ୍ରଫେସର ଡାକ୍ତର ଶିବାନୀ ଲାହିରି, ଭୁବନେଶ୍ୱର ଏମ୍ସର ମାଇକ୍ରୋଲୋଜିଷ୍ଟ ପ୍ରଫେସର୍ ଡାକ୍ତର ସୃଜନ ମହାନ୍ତି, ଶିଶୁରୋଗ ପ୍ରଫେସର୍ ଡାକ୍ତର ଭାଗିରଥୀ ଦ୍ୱିବେଦୀ, କେନ୍ଦ୍ରୀୟ ରୋଗ ନିୟନ୍ତ୍ରଣ କେନ୍ଦ୍ରର ଅଧିକାରୀ ଡାକ୍ତର ସତ୍ୟଜିତ ସୁବୁଦ୍ଧି, କୋଲକାତାସ୍ଥିତ ଭାରତୀୟ ଭେଷଜ ଗବେଷଣା କେନ୍ଦ୍ରର ସଂକ୍ରାମକ ରୋଗ ବିଶେଷଜ୍ଞ ଡାକ୍ତର ପ୍ରେମଜିତ୍ ଘୋଷ ଏବଂ ଡାକ୍ତର ଗୌତମ ଚୌଧୁରୀ ପ୍ରମୁଖ ଅଛନ୍ତି । ଖାଦ୍ୟ ନିରାପତ୍ତା ଟିମ୍‌ରେ କୋଲକାତାସ୍ଥିତ ଜାତୀୟ ଖାଦ୍ୟ ଗବେଷଣାଗାରର ଡାକ୍ତର ଗୀତାଞ୍ଜଳି ଶର୍ମା, ବୈଷୟିକ ଅଧିକାରୀ ମିସ୍ ନୟନା, ଏଫ୍‌ଏସ୍‌ଏସ୍‌ଏଆଇର ପୂର୍ବାଞ୍ଚଳ ଉପ-ନିର୍ଦ୍ଦେଶକ ଡାକ୍ତର ଶଶିକାନ୍ତ ଭୂୟାଁ ପ୍ରମୁଖ ସଦସ୍ୟ ଅଛନ୍ତି ।

ଏଫ୍‌ଏସ୍‌ଏସ୍‌ଏଆଇର ସ୍ୱତନ୍ତ୍ର ଟିମ୍‌ରେ ନିର୍ଦ୍ଦେଶକ ସ୍ୱୀଟି ବେହେରା, ସହ-ନିର୍ଦ୍ଦେଶକ ସୋନିକା ବର୍ମା, ସହ-ନିର୍ଦ୍ଦେଶକ ପ୍ରସନ୍ନ ସିଂହ ଏବଂ ଉତ୍ତରାଞ୍ଚଳ କେନ୍ଦ୍ରୀୟ ଖାଦ୍ୟ ନିରାପତ୍ତା ଅଧିକାରୀ ନନ୍ଦିତା ଦାସ ପ୍ରମୁଖ ସଦସ୍ୟ ଅଛନ୍ତି । ଏହି କମିଟିମାନେ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ଜନସ୍ୱାସ୍ଥ୍ୟ ସ୍ଥିତି ପରଖିବା ସହ ରୋଗର କାରଣ ଏବଂ ନିରାକରଣ ସମ୍ବନ୍ଧରେ କ୍ଷେତ୍ରସ୍ତରୀୟ ଅଧିକାରୀ, ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ ଆବଶ୍ୟକୀୟ ପରାମର୍ଶ ଦେବେ ବୋଲି ଜଣାପଡ଼ିଛି । ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

▶▶ ୫

## ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକାଙ୍କ ଜିଲ୍ଲା ଗସ୍ତ



**ଯାଜପୁର, ଧର୍ମଶାଳା,୧୪।୬/ଏନ୍‌ଏନ୍‌ଏସ୍:** ଝାଡ଼ାବାନ୍ତି ସ୍ଥିତି ଅନୁସନ୍ଧାନ ନିମନ୍ତେ ଶନିବାର ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶିକା ଡି. ବୃନ୍ଦା, ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ ଡ. ବିଜୟ କୁମାର ମହାପାତ୍ର ଯାଜପୁର ଜିଲ୍ଲାର ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗସ୍ତ କରିଥିଲେ । ଏହି ଅବସରରେ ଝାଡ଼ାବାନ୍ତି ତଥା ଡାଇରିଆରେ ଆକ୍ରାନ୍ତ ଥିବା ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ । ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସମ୍ମିଳନୀ କକ୍ଷରେ ବିଭାଗୀୟ ଅଧିକାରୀମାନଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ସ୍ୱାସ୍ଥ୍ୟ ମିଶନ ବିଭାଗର ନିର୍ଦ୍ଦେଶିକା ଡ. ବୃନ୍ଦା ଡି. କହିଲେ ଯେତେ ବି ଝାଡ଼ାବାନ୍ତି ସଂକ୍ରମିତ ହେଉଛନ୍ତି ସବୁର ତାଲିକା କରାଯିବ ଏବଂ ପରବର୍ତ୍ତୀ ସମୟରେ ଆଶାକର୍ମୀ ଓ ଅଙ୍ଗନବାଡ଼ି କର୍ମୀମାନେ ତାଙ୍କର ଏବଂ ତାଙ୍କ ପରିବାରର ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବେ । ଆର୍‌ବିଏସ୍‌କେ ମୋବାଇଲ୍ ହେଲ୍‌ଥ ଟିମ୍ ପ୍ରତ୍ୟେକ ଦିନ ଗାଁ ପରିଦର୍ଶନ କରିବେ, ଯେଉଁ ଗ୍ରାମରେ ଅଧିକ ରୋଗୀ ଚିହ୍ନଟ ହେବେ ସେଇ ଗ୍ରାମକୁ ଆଗ ଭିଜିଟ୍ କରାଯିବ ଏବଂ ଆଉଟ୍ ରିଚ୍ ଗ୍ରାମଗୁଡ଼ିକୁ ମଧ୍ୟ ଭିଜିଟ୍ କରାଯିବ । ପାଣି ପାଉଚ୍ ଏବଂ ବୋତଲ ମ୍ୟାନୁଫ୍ୟାକ୍ଚର୍ ଉପରେ

▶▶ ୫

ନିତିଦିନ NITIDIN

# ମଧ୍ୟପ୍ରାଚ୍ୟରେ ଯୁଦ୍ଧ: କ୍ଷତି ସହିବ ଭାରତ

**ନୂଆଦିଲ୍ଲୀ,୧୪।୬/ଏଜେନ୍ସି:** ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଚାଲିଥିବା ଉତ୍ତେଜନା ଭାରତକୁ ବହୁମାତ୍ରାରେ କ୍ଷତି ସହିବାକୁ ପଡିବ ବୋଲି ଅନୁମାନ କରାଯାଉଛି। ବିଶେଷକରି ଭାରତୀୟ ଅର୍ଥନୀତି ପ୍ରଭାବିତ ହୋଇପାରେ ବୋଲି ବିଶେଷଜ୍ଞମାନେ ଅନୁମାନ କରୁଛନ୍ତି। ଇକୋନୋମିକ୍ ଟାଇମ୍ସକୁ ସାକ୍ଷାତକାର ଦେଇ ଜଣେ ଅର୍ଥନୈତିକ ବିଶେଷଜ୍ଞ କହିଛନ୍ତି, ଏହି ଲଢ଼େଇ ଯୋଗୁ ଅଶୋଧିତ ତେଲର ମୂଲ୍ୟ ବୃଦ୍ଧି ପାଇପାରେ। ଷ୍ଟକ୍ ବଜାରରେ ମଧ୍ୟ ଅସ୍ଥିରତା ହୋଇପାରେ। ଟଙ୍କାର ମୂଲ୍ୟ ମଧ୍ୟ ହ୍ରାସ ପାଇପାରେ। ଜାହାଜ ଦ୍ୱାରା ସାମଗ୍ରୀ ପଠାଇବାର ମୂଲ୍ୟ ମଧ୍ୟ ବୃଦ୍ଧି ପାଇପାରେ। ତେବେ ଭାରତ ଉପରେ ଏହାର କ'ଣ ପ୍ରଭାବ ପଡ଼ିବ ତାହା ଏବେ କହିବା କଷ୍ଟକର। ଅର୍ଥ ମନ୍ତ୍ରଣାଳୟ ଏବଂ ଅନ୍ୟାନ୍ୟ ସରକାରୀ ପ୍ରତିଷ୍ଠାନ ବଜାର ଉପରେ ନଜର ରଖିଛନ୍ତି। ସେମାନେ ଦେଖିବେ, ବଜାରରେ କ'ଣ ଘଟୁଛି। ତେବେ ଭାରତୀୟ ଅର୍ଥନୀତି ବେଶ୍ ସୁଦୃଢ଼, ପ୍ରତିକୂଳ ପରିସ୍ଥିତିର ସାମ୍ନା କରିବାକୁ ଭାରତ ସମର୍ଥ ହେବ ଏବଂ ଖୁବ୍ କମ୍ ସମୟ ମଧ୍ୟରେ ଏଥରୁ ବାହାରିଆସିବ।

**ଅଶୋଧିତ ତୈଳ ଓ ସେୟାର୍ ବଜାର ଉପରେ ପଡ଼ିବ ପ୍ରଭାବ**

ପ୍ରକାଶ ଶୁକ୍ରବାର ଦିନ ଭାରତୀୟ ଷ୍ଟକ୍ ବଜାରରେ ହ୍ରାସ ଘଟିଥିଲା। କାରଣ ସାରା ବିଶ୍ୱରେ ବଜାର ମଧ୍ୟ ହ୍ରାସ ପାଉଥିଲା। ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଉତ୍ତେଜନା ଯୋଗୁ ନିବେଶକମାନେ ଭୟଭୀତ ହୋଇଥିଲେ। ତେଣୁ ସେମାନେ ସେମାନଙ୍କର ଟଙ୍କା ପ୍ରତ୍ୟାହାର କରିନେଇଥିଲେ।

ସେନସେକ୍ସ ଏବଂ ନିଫ୍ଟି ଉଭୟ ୦.୭% ହ୍ରାସ ପାଇଥିଲା। ଡଲାର ତୁଳନାରେ ଟଙ୍କା ମଧ୍ୟ ଦୁର୍ବଳ ହୋଇଗଲା। ଟଙ୍କାର ମୂଲ୍ୟ ୦.୬% ହ୍ରାସ ପାଇ ୮୬.୦୯ ରେ ପହଞ୍ଚିଲା। ଏହା ଘଟିଲା କାରଣ ଡଲାର ମଜବୁତ ହେଉଥିଲା। ଲୋକମାନେ ସୁରକ୍ଷିତ ସ୍ଥାନରେ ସେମାନଙ୍କର ଟଙ୍କା ନିବେଶ କରିବାକୁ ପସନ୍ଦ କରୁଛନ୍ତି। ଇସ୍ରାଏଲ ଆକ୍ରମଣ ପରେ, ଅଶୋଧିତ ତୈଳର ମୂଲ୍ୟ ବ୍ୟାରେଲ ପ୍ରତି ୧୨% ବୃଦ୍ଧି ପାଇ ୭୮.୫ ଡଲାରରେ ପହଞ୍ଚିଥିଲା। କିନ୍ତୁ ପରେ ମୂଲ୍ୟ ହ୍ରାସ ପାଇ ୭୫ ଡଲାର ତଳକୁ ଖସି ଆସିଥିଲା। ତେବେ ଇରାନ୍-ଇସ୍ରାଏଲ୍ ଯୁଦ୍ଧ ମଧ୍ୟରେ ଏପରି ଆଶଙ୍କା କରାଯାଉଛି ଯେ, ଇସ୍ରାଏଲୀ ଆକ୍ରମଣ ଯୋଗୁ, ଇରାନ ହର୍ମୁଜ୍ ପ୍ରଣାଳୀକୁ ବନ୍ଦ କରିପାରେ। ଏହା ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମାର୍ଗ ଯାହା ଦେଇ ବିଶ୍ୱର ପ୍ରାୟ ୨୦% ତେଲ ଯାଏ। ଯଦି ଇରାନ ଏହା କରେ, ତେବେ ଜାହାଜ ଦ୍ୱାରା ସାମଗ୍ରୀ ପଠାଇବା ଏବଂ ବୀମା ପାଇବାର ଖର୍ଚ୍ଚ ବହୁତ ବଢ଼ିପାରେ। ଏହାର ପ୍ରଭାବ ଭାରତ ଉପରେ ମଧ୍ୟ ଦେଖାଯାଇପାରେ। ଅର୍ଥାତ୍ ଆଗାମୀ ଦିନରେ ଭାରତରେ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ବୃଦ୍ଧି ପାଇପାରେ। ଏହା ସହିତ, ଅନ୍ୟ ଦେଶରୁ ଭାରତକୁ ଆସୁଥିବା ଅନ୍ୟାନ୍ୟ ସାମଗ୍ରୀର ମୂଲ୍ୟ ମଧ୍ୟ ପ୍ରଭାବିତ ହୋଇପାରେ ବୋଲି ବିଶେଷଜ୍ଞ ମତପୋଷଣ କରିଛନ୍ତି।

### ଅହମଦାବାଦ୍ ପ୍ଲେନ୍ କ୍ରାଶ୍ ଘଟଣା...

# ମୃତକଙ୍କ ପରିବାରକୁ ୨୫ ଲକ୍ଷ ଦେବ ଏୟାର୍ ଇଣ୍ଡିଆ



**ନୂଆଦିଲ୍ଲୀ,୧୪।୬/ଏଜେନ୍ସି:** ଅହମ୍ମଦାବାଦ ବିମାନ ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କା ଲେଖାଏ ଦେବ ଏୟାର ଇଣ୍ଡିଆ କମ୍ପାନୀ। ଏ ନେଇ ଶନିବାର କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଛି। ଟାଟା ଗ୍ରୁପ ଦ୍ୱାରା ଏହି କମ୍ପାନୀ ପରିଚାଳିତ ହେଉଥିବାବେଳେ ସିଙ୍ଗାପୁର ଏୟାରଲାଇନ୍ସ କମ୍ପାନୀର ୨୫ ପ୍ରତିଶତ ଅଂଶଧନ ରହିଛି। ପୂର୍ବରୁ ମୃତକଙ୍କ ପରିବାରକୁ ୧ କୋଟି ଟଙ୍କା ଲେଖାଏ କ୍ଷତିପୂରଣ ଦେବାକୁ ଟାଟା ଗ୍ରୁପ୍ ଘୋଷଣା କରିଥିଲା। ଏହା ସହିତ ଦୁର୍ଘଟଣାରେ କ୍ଷତିଗ୍ରସ୍ତ ହୋଇଥିବା ମେଡିକାଲ କଲେଜ ହଷ୍ଟେଲ କୋଠାର ପୁନଃନିର୍ମାଣ ଏବଂ କ୍ଷତିଗ୍ରସ୍ତ ଅଞ୍ଚଳର ବିକାଶ କରିବା ଲାଗି ମଧ୍ୟ ଟାଟା ଗ୍ରୁପ ପକ୍ଷରୁ ଘୋଷଣା ହୋଇଥିଲା। ସୂଚନାଯୋଗ୍ୟ, ଗତ ୧୨ ତାରିଖରେ ଘଟିଥିବା ଏହି ବିମାନ ଦୁର୍ଘଟଣାରେ ୨୪୧ ଯାତ୍ରୀ ଏବଂ ୨୪ ଜଣ ଡାକ୍ତର ପ୍ରାଣ ହରାଇଥିଲେ। ଜଣେ ମାତ୍ର ଯାତ୍ରୀ ସୌଭାଗ୍ୟବଶତଃ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲେ। ଏହି ଘଟଣା ସମଗ୍ର ଭାରତୀୟ ବିମାନ ଚଳାଚଳ ଇତିହାସରେ ଏକ କଳା ଅଧ୍ୟାୟ ହୋଇ ରହିଯାଇଛି।

## ମେଳ ଖାଇଲା ୧୧ ମୃତକଙ୍କ ଡିଏନ୍ଏ

ଏହି ଦୁଃଖଦ ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରିବା ଲାଗି ଏବେ ଡିଏନ୍ଏ ମ୍ୟାଚିଂ ବ୍ୟବସ୍ଥା ଗ୍ରହଣ କରାଯାଉଛି। ତେବେ ଆଜି ସୁଦ୍ଧା ୧୧ ମୃତକଙ୍କ ଡିଏନ୍ଏ ମେଳ ଖାଇଥିବା ସ୍ପଷ୍ଟ ହୋଇଛି। ଏବେ ଏମାନଙ୍କ ପରିବାର ଲୋକଙ୍କୁ ମୃତଦେହଗୁଡ଼ିକ ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରକାଶ, ୨୪୧ ମୃତକଙ୍କ ପରିଚୟ ଜାଣିବା ଲାଗି ଡିଏନଏ ମ୍ୟାଚ୍ କରାଇବାକୁ ପ୍ରଶାସନ ଉଦ୍ୟମ ଚଳାଇଛି। ମୃତଦେହ ରଖାଯାଇଥିବା ଡାକ୍ତରଖାନାର ଅତିରିକ୍ତ ଅଧୀକ୍ଷକ ଡା. ରଜନିଶ ପଟେଲ କହିଛନ୍ତି, ଶନିବାର ସୁଦ୍ଧା ୧୧ଟି ଡିଏନଏ ମେଳ ଖାଇଛି। ଗୋଟିଏ ମୃତଦେହକୁ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ରାତି ସୁଦ୍ଧା ଆଉ ୨ଟି ମୃତଦେହ ହସ୍ତାନ୍ତର କରାଯିବ। ଏହା ଏକ ଅତି ଧିମା ପ୍ରକ୍ରିୟା। ଏହାକୁ ଅତି ସାବଧାନତାର ସହିତ କରାଯାଉଛି। ଆଜି ଆଉ ଏକ ମୃତଦେହ ଉଦ୍ଧାର ହୋଇଛି। ବିମାନ ପଛଭାଗରେ ମୃତଦେହଟି ଲାଖି ରହିଥିଲା ବୋଲି ସେ କହିଛନ୍ତି।

### ଇରାନ୍-ଇସ୍ରାଏଲ୍ ବିବାଦ

# ୩ୟ ବିଶ୍ୱ ଯୁଦ୍ଧର ପଦଧ୍ୱନି

## 'ଅପରେସନ୍ ରାଇଜିଂ ଲାୟନ୍' ବନାମ୍ 'ଟ୍ରୁ ପ୍ରୋମିଜ୍-୩'



**ଜେରୁଜେଲମ୍,୧୪।୬/ଏଜେନ୍ସି:** ଗତ ଦୁଇ ଦିନ ଧରି ଇସ୍ରାଏଲ୍ ଏବଂ ଇରାନ୍ ମଧ୍ୟରେ ଆକ୍ରମଣ ପ୍ରତିଆକ୍ରମଣ ଜାରି ରହିଛି। ଆଣବିକ ଚୁକ୍ତି ସ୍ୱାକ୍ଷର ନକରିବା କାରଣରୁ ଶୁକ୍ରବାର ୨୦୦ରୁ ଅଧିକ ଫାଇଟର ଜେଟ୍ ସହାୟତାରେ ଇରାନ୍ ଆଣବିକ କେନ୍ଦ୍ର ତଥା ସାମରିକ ଘାଟି ଉପରେ ଆଟାକ୍ କରିବା ପୂର୍ବକ ଯୁଦ୍ଧର ଆରମ୍ଭ କରିଛି ଇସ୍ରାଏଲ। ଇସ୍ରାଏଲ୍‌ର ଏହି ଆକ୍ରମଣରେ ଇରାନ୍‌ର ଅନେକ ବୈଜ୍ଞାନିକ ତଥା ସାମରିକ ଅଧିକାରୀଙ୍କ ସମେତ ମୋଟ୍ ୭୮ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩୨୦ ଆହତ ହୋଇଛନ୍ତି। ଅନ୍ୟପକ୍ଷେ ଇରାନ୍ ମଧ୍ୟ ଇସ୍ରାଏଲ୍ ଉପରେ ଡ୍ରୋନ୍ ଆକ୍ରମଣ କରିଛି। ଇରାନ୍‌ର ଏହି ଆକ୍ରମଣରେ ଇସ୍ରାଏଲ୍‌ର କେତେମାତ୍ରାରେ କ୍ଷତି ହୋଇଛି ଯଦିଓ ସେସମ୍ପର୍କରେ ସ୍ପଷ୍ଟ ହୋଇପାରିନାହିଁ, କିନ୍ତୁ ଏହା ଇସ୍ରାଏଲ୍‌କୁ ଇରାନ୍‌ର କ୍ଷମତା ସମ୍ପର୍କରେ ଆଭାସ ଦେଇଥିବା ନିଶ୍ଚିତ। ସେହିପରି ଶନିବାର ପୁନର୍ବାର ଇରାନ୍ ପୁଣିଥରେ ଇରାନ୍ ଉପରେ ବାଲିଷ୍ଟିକ୍ ମିସାଇଲ୍ ଦ୍ୱାରା ଆକ୍ରମଣ କରିବା ପରେ ଇସ୍ରାଏଲ୍ ମଧ୍ୟ ଇରାନ୍ ଉପରେ ପାଲଟା ଆକ୍ରମଣ କରିଛି। ତେବେ ଇରାନ୍ ବିରୋଧରେ ଇସ୍ରାଏଲ୍‌ର ଏହି ସାମରିକ ଅଭିଯାନକୁ 'ଅପରେସନ୍ ରାଇଜିଂ ଲାୟନ୍' ଭାବେ ନାମକରଣ କରାଯାଇଥିବା ବେଳେ ଏହାକୁ କାଉଣ୍ଟର କରିବା ପାଇଁ ଇରାନ୍ 'ଟ୍ରୁ ପ୍ରୋମିଜ୍-୩' ନାମରେ ସେନା ଅପରେସନ୍ ଚଳାଇଛି।

# ନିନ୍ଦାକଲା ଏସ୍‌ସିଓ, ଦୂରେଇ ରହିଲା ଭାରତ

**ନୂଆଦିଲ୍ଲୀ,୧୪।୬/ଏଜେନ୍ସି:** ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ବିବାଦ ସମ୍ପର୍କରେ ଏକ ବିବୃତ୍ତି ଜାରି କରିଛି। ବିବୃତ୍ତିରେ, ଏସସିଓ ଇସ୍ରାଏଲ ଦ୍ୱାରା ଇରାନ୍ ଉପରେ ଆକ୍ରମଣକୁ ଦୃଢ଼ ନିନ୍ଦା କରିଛି। ତେବେ ଭାରତ ଏହି ବିବୃତ୍ତିରୁ ଦୂରେଇ ରହିଛି। ଅନ୍ୟପକ୍ଷେ ଭାରତୀୟ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଶନିବାର ଏହି ସମ୍ପର୍କରେ ଏକ ବିବୃତ୍ତି ଜାରି କରିଛି। ମନ୍ତ୍ରଣାଳୟ ଏହାର ବିବୃତ୍ତିରେ କହିଛି, 'ଆମେ ଏସ୍‌ସିଓର ଏପରି କୌଣସି ଆଲୋଚନାରେ ଅଂଶଗ୍ରହଣ କରିନାହୁଁ, ଯାହା କାରଣରୁ ସଂଗଠନ ଏପରି ବିବୃତ୍ତି ଜାରି କରିଛି। ଭାରତୀୟ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏହାର ସରକାରୀ ବିବୃତ୍ତିରେ କହିଛି, 'ସାଂଘାଇ ସହଯୋଗ ସଂଗଠନ ସମ୍ପ୍ରତି ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ବିବାଦ ସମ୍ପର୍କରେ ଏକ ବିବୃତ୍ତି ଜାରି କରିଛି। ଭାରତ ଏସ୍‌ସିଓର ଏପରି କୌଣସି ଆଲୋଚନାରେ ଅଂଶଗ୍ରହଣ କରିନାହିଁ, ଯାହା ସଂଗଠନ ଉଲ୍ଲେଖ କରିଛି।


ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ଦର୍ଶାଇଛି ଯେ, ଇରାନ-ଇସ୍ରାଏଲ ବିବାଦ ଉପରେ ଭାରତର ସ୍ୱାଧୀନ ତଥା ସ୍ୱତନ୍ତ୍ର ଦୃଷ୍ଟିକୋଣ ରହିଛି ଯାହାକୁ ଭାରତ ଦିନକ ପୂର୍ବରୁ ଅର୍ଥାତ୍ ଶୁକ୍ରବାର ହିଁ ସ୍ପଷ୍ଟ କରିସାରିଛି। ଏହା ବ୍ୟତୀତ, ଭାରତ ଦ୍ୱିପାକ୍ଷିକ ଶାନ୍ତି ଏବଂ ଆଲୋଚନା ପାଇଁ ମଧ୍ୟ ଆହ୍ୱାନ କରିଛି। ଭାରତ ପାଇଁ ଉଭୟ ରାଷ୍ଟ୍ର ବନ୍ଧୁ ରାଷ୍ଟ୍ର ଏବଂ ଗୁରୁତ୍ୱପୂର୍ଣ୍ଣ। ଯୁଦ୍ଧରେ ଶାନ୍ତି ପ୍ରତିଷ୍ଠା ଏବଂ ଉତ୍ତେଜନା ହ୍ରାସ କରିବା ପାଇଁ ଆମେ ଉଭୟ ଦେଶଙ୍କୁ ଆଲୋଚନା ଏବଂ କୂଟନୀତି ବ୍ୟବହାର କରିବାକୁ ଅନୁରୋଧ କରୁଛୁ। ଏହା ବ୍ୟତୀତ, ଅନ୍ତର୍ଜାତୀୟ ସମ୍ପ୍ରଦାୟ ମଧ୍ୟ ଶାନ୍ତି ପ୍ରତିଷ୍ଠା ଦିଗରେ ପଦକ୍ଷେପ ନେବା ଉଚିତ।

# ଦିନେ ଥିଲେ ପରମ ବନ୍ଧୁ, ଆଜି ଚରମ ଶତ୍ରୁ

**ତେଲଅଭିଭ, ତେହରାନ୍, ୧୪।୬/ଏଜେନ୍ସି:** ଉଭୟ ଇରାନ୍ ଏବଂ ଇସ୍ରାଏଲ୍ ଭୌଗୋଳିକ ସ୍ଥିତାବସ୍ଥା ଦୃଷ୍ଟିକୋଣରୁ ଛୋଟ ଦେଶ ଭାବେ ବିବେଚିତ ହୁଅନ୍ତି। କିନ୍ତୁ ଏହି ଦୁଇ ଦେଶ ବେଶ୍ ପ୍ରଭାବଶାଳୀ। ସମୟ ଥିଲା ଯେତେବେଳେ ଇରାନ ଏବଂ ଇସ୍ରାଏଲ ପରସ୍ପରର ଅତ୍ୟନ୍ତ ଘନିଷ୍ଠ ରାଷ୍ଟ୍ର ଭାବେ ପରିଚିତ ହେଉଥିଲେ। କିନ୍ତୁ ଏବେ ଗତ କିଛି ବର୍ଷ ହେବ ଉଭୟ ରାଷ୍ଟ୍ର ପରସ୍ପରର କଟ୍ଟର ପ୍ରତିଦ୍ୱନ୍ଦ୍ୱୀ ସାଜିଛନ୍ତି। ଉଭୟ ଦେଶ ଏବେ ପ୍ରତିପକ୍ଷ ଦେଶଙ୍କୁ ନିଜର ଶତ୍ରୁ ଭାବେ ବିବେଚନା କରୁଛନ୍ତି।

୧୯୪୮ ପୂର୍ବରୁ ଇସ୍ରାଏଲ ନାମକ କୌଣସି ଦେଶ ନଥିଲା। ଏହା ଥିଲା ସମଗ୍ର ପାଲେଷ୍ଟାଇନ, ଯାହା ଓଟୋମନ ସାମ୍ରାଜ୍ୟ ଦ୍ୱାରା ଶାସିତ ହେଉଥିଲା। ତେବେ ୧୯୪୭ରେ ପାଲେଷ୍ଟାଇନର ବିଭାଜନ ପାଇଁ ଜାତିସଂଘ ସର୍ବପ୍ରଥମେ ପ୍ରସ୍ତାବ ରଖିଥିଲା। କିନ୍ତୁ ସେତେବେଳେ ଆରବ ଦେଶଗୁଡ଼ିକ ଏହାକୁ ତୀବ୍ର ବିରୋଧ କରିଥିଲେ। ତେବେ ଘଟଣାକ୍ରମେ ୧୯୪୮, ମେ ୧୪ରେ ଇସ୍ରାଏଲ ଏକ ସ୍ୱତନ୍ତ୍ର ଦେଶ ଭାବେ ମାନ୍ୟତା ହାସଲ କରିଥିଲା। ସବୁଠୁ ବଡ଼କଥା ହେଉଛି ଇରାନ୍ ମଧ୍ୟ ସେତେବେଳେ ଇସ୍ରାଏଲକୁ ଏକ ଦେଶ ଭାବେ ସମର୍ଥନ ତଥା ସ୍ୱୀକୃତି ଦେଇଥିଲା। ଫଳରେ ଉଭୟ ଦେଶ ମଧ୍ୟରେ କୂଟନୈତିକ, ସାମରିକ ଏବଂ ତୈଳ ବାଣିଜ୍ୟ ସମ୍ପର୍କ ଗଢ଼ି ଉଠିଥିଲା। ବିଶେଷକରି ୧୯୫୩ରେ ଯେତେବେଳେ ମହମ୍ମଦ ରେଜା ଶାହ ପହଲଭି ଇରାନ୍‌ର କ୍ଷମତା ହାତେଇଥିଲେ ସେତେବେଳେ ଇରାନ୍ ଏବଂ ଇସ୍ରାଏଲ୍ ମଧ୍ୟରେ ରହିଥିବା ସମ୍ପର୍କ ଆହୁରି ନିବିଡ ହୋଇଥିଲା। ତତ୍କାଳୀନ ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ଡେଭିଡ୍ ବେନ୍ ଗୁରିଅନ ଏବଂ ମହମ୍ମଦ ରେଜା ଶାହ ପହଲଭିଙ୍କ ଦ୍ୱିପାକ୍ଷିକ ମଧ୍ୟରେ ଅର୍ଥନୈତିକ, ସାମରିକ ଏବଂ ଗୁପ୍ତଚର ସହଯୋଗକୁ ମଧ୍ୟ ପ୍ରୋତ୍ସାହିତ କରିଥିଲା। ନବଗଠିତ ଇହୁଦି ଦେଶ ଇସ୍ରାଏଲ ଇରାନ୍ ଠାରୁ ସେତେବେଳେ ୪୦% ତେଲ ଆମଦାନୀ କରୁଥିଲା। କାରଣ ଇସ୍ରାଏଲକୁ ତେଲ ଦେବା ଉପରେ ଅନେକ ଆରବ ଦେଶଗୁଡ଼ିକ ସେତେବେଳେ ପ୍ରତିବନ୍ଧକ ଲଗାଇଥିଲେ। ଇସ୍ରାଏଲର ଶିଳ୍ପ ଏବଂ ସାମରିକ ଆବଶ୍ୟକତା ପାଇଁ ଇରାନରୁ ଆସୁଥିବା ତେଲ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ଏପରିକି ଇରାନ୍ ଲଢୁଥିବା ଇରାକ୍ ବିରୋଧୀ ଯୁଦ୍ଧ ପାଇଁ ମଧ୍ୟ ଇସ୍ରାଏଲ୍ ଇରାନ୍‌କୁ ଖୋଲାଖୋଲି ଭାବେ ସମର୍ଥନ କରିଥିଲା। ୧୯୮୦-୮୮ ମସିହାର ଇରାନ-ଇରାକ ଯୁଦ୍ଧ ସମୟରେ ଇସ୍ରାଏଲ, ଇରାନକୁ ବାର୍ଷିକ ୫୦୦ ନିୟୁତ ଡଲାର ମୂଲ୍ୟର ଅସ୍ତ୍ରଶସ୍ତ୍ର ବିକ୍ରି କରିଥିଲା।





ବନ୍ଧୁତ୍ୱର ପ୍ରଭାବରେ ଇରାନ ଏବଂ ଇସ୍ରାଏଲ ଘନିଷ୍ଠ ହେବାସହ ଉଭୟ ଦେଶ ବହୁମୁଖୀ ମେଣ୍ଟ ଗଠନ କରିବା ଆରମ୍ଭ କରିଥିଲେ। ଶାହ ପହଲଭିଙ୍କ ଶାସନ ସମୟରେ ଇସ୍ରାଏଲକୁ ଏକ ସହଯୋଗୀ ଭାବରେ ଦେଖୁଥିଲା ଇରାନ। ପାରସ୍ପରିକ ଲାଭ ଦ୍ୱାରା ପରିଚାଳିତ ଏହି ବନ୍ଧୁତା ଇରାନ ଏବଂ ଇସ୍ରାଏଲ ଇସ୍ରାଏଲରୁ ହାଇ-ଟେକ୍ ମିସାଇଲ୍ ସିଷ୍ଟମ୍, ଏମ୍-୪୦ ଆଣ୍ଟିଟ୍ୟାଙ୍କ୍ ଗନ୍, ଉଜି ସବମସିନ୍ ଗନ୍ ଏବଂ ଏୟାରକ୍ରାଫ୍ଟ ଇଞ୍ଜିନ୍ ମଧ୍ୟ ଆମଦାନୀ କରୁଥିଲା ଇରାନ୍। ଏପରିକି ଉଭୟ ଦେଶର ମିଳିତ ସହଯୋଗରେ ଆରମ୍ଭ ହୋଇଥିଲା ପ୍ରୋଜେକ୍ଟ ଫ୍ଲାୱାର। ଏହି ପ୍ରକଳ୍ପ ଅଧୀନରେ ହାଇଟେକ୍ ମିସାଇଲ୍ ସିଷ୍ଟମ୍ ବିକଶିତ କରିବା ପାଇଁ ଇସ୍ରାଏଲ-ଇରାନ ଉଦ୍ୟମ କରିଥିଲେ। କେବଳ ଏତିକି ନୁହେଁ ୧୯୫୭ରେ ଇସ୍ରାଏଲର ସହାୟତାରେ ସୃଷ୍ଟି ହୋଇଥିଲା ଇରାନର ସିକ୍ରେଟ୍ ପୁଲିସ୍ ସଂସ୍ଥା 'ସବକ୍'।

ତେବେ ୧୯୭୦ ଦଶକ ପର୍ଯ୍ୟନ୍ତ ଉଭୟ ଦେଶ ମଧ୍ୟରେ ସବୁକିଛି ଠିକ୍ ରହିଥିଲା। କିନ୍ତୁ ୧୯୭୯ରେ ଇରାନରେ ଆରମ୍ଭ ହୋଇଥିଲା ଇସ୍‌ଲାମିକ କ୍ରାନ୍ତି। ଆଉ ଏହି କ୍ରାନ୍ତି ଇରାନ-ଇସ୍ରାଏଲ ସମ୍ପର୍କରେ ଏକ ବଡ଼ ପରିବର୍ତ୍ତନ ଆଣିଥିଲା। ପହଲଭି ରାଜବଂଶର ପତନ ଏବଂ ଆୟାତୋଲ୍ଲା ଖାମେନେଇଙ୍କ ନେତୃତ୍ୱରେ ଇସଲାମିକ୍ ଗଣରାଜ୍ୟ ପ୍ରତିଷ୍ଠା ଇରାନର ବୈଦେଶିକ ନୀତି ଏବଂ ବିଶ୍ୱ ଦୃଷ୍ଟିକୋଣକୁ ସମ୍ପୂର୍ଣ୍ଣ ଓଲଟାପାଲଟ କରିଦେଇଥିଲା । ଆମେରିକା ସମେତ ଅନେକ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ଇରାକ୍, ଇରାନ୍‌କୁ ସମାନ ଦୃଷ୍ଟିକୋଣରେ ଦେଖିବା ଆରମ୍ଭ କରିଥିଲେ ଏବଂ ଉଭୟ ଦେଶର ଆଣବିକ କାର୍ଯ୍ୟକ୍ରମ ଉପରେ ପ୍ରତିବନ୍ଧକ ଲଗାଇବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ଇସ୍ରାଏଲ୍‌କୁ ଆମେରିକା ଏବଂ ଅନ୍ୟ ପାଶ୍ଚାତ୍ୟ ଦେଶଗୁଡ଼ିକ ନିଜ ସମର୍ଥନରେ ନେଇସାରିଥିଲେ। ଆମେରିକା କଥାରେ ପଡ଼ି ଇସ୍ରାଏଲ୍ ଇରାନ୍‌ରେ ସରକାର ପରିବର୍ତ୍ତନ କରିବାକୁ ଅର୍ଥାତ୍ ଆୟାତୋଲ୍ଲା ରୁହେଲା ଖୋମେଇନିଙ୍କ ଗାଦିଚ୍ୟୁତ କରିବାକୁ ଚେଷ୍ଟା କରିଥିଲା। ନିଜର ଗୁଇନ୍ଦା ବିଭାଗ ମୁସାଦ୍‌କୁ ମଧ୍ୟ ଇରାନ୍ ବିରୋଧରେ ଗୁଇନ୍ଦାଗିରି କରିବାରେ ଇସ୍ରାଏଲ୍ ଲଗାଇଥିଲା। ତେବେ ଏସବୁ ଇରାନ୍‌କୁ ନିରାଶ କରିଥିଲା ଏବଂ ଇରାନ୍‌ର ତତ୍କାଳୀନ ସରକାର ଆମେରିକାକୁ ବଡ଼ ସୈତାନ ଏବଂ ଇସ୍ରାଏଲ୍‌କୁ ସାନ ସୈତାନ ଭାବେ ଅଭିହିତ କରିଥିଲେ। ସେବେଠାରୁ ଉଭୟ ଦେଶ ମିତ୍ରରୁ ଶତ୍ରୁ ପାଲଟି ଯାଇଥିଲେ। ପରେ ଇରାନ୍ ପାଲେଷ୍ଟାଇନ୍‌ରେ ହମାସ୍ ଉଗ୍ରବାଦୀ ସଂଗଠନ, ଲେବାନନ୍‌ରେ ହିଜବୁଲ୍ଲା ସଂଗଠନ ଏବଂ ୟେମେନ୍‌ରେ ହୁତୀ ସଂଗଠନଙ୍କୁ ଅର୍ଥ ତଥା ସାମରିକ ସହାୟତା ଯୋଗାଇଥିଲା। ଏସବୁ ସଂଗଠନଗୁଡ଼ିକ ଇସ୍ରାଏଲ୍ ଏବଂ ଆମେରିକା ବିରୋଧୀ ଭାବେ ବେଶ୍ ଜଣାଶୁଣା।

# ଅନ୍ତର୍ଜାତୀୟ ଯୋଗ ଦିବସ: ଜନସମ୍ପର୍କ ଅଭିଯାନକୁ ଜୋର୍‌ଦାର୍ କରିଛି ପତଞ୍ଜଳି

**କୁରୁକ୍ଷେତ୍ର, ୧୪।୬/ଏଜେନ୍ସି:** ପରମ ପୂଜ୍ୟ ଯୋଗରଷି ସ୍ୱାମୀ ରାମଦେବଙ୍କ ମାର୍ଗଦର୍ଶନ ତଥା ହରିଆଣା ଯୋଗ କମିଶନ, ଆୟୁଷ ବିଭାଗ, ହରିଆଣାର ତତ୍ତ୍ୱାବଧାନରେ ଆୟୋଜିତ ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସ ପାଇଁ ପତଞ୍ଜଳି ଯୋଗପୀଠର ଜନସମ୍ପର୍କ କାର୍ଯ୍ୟ ଗତିଶୀଳ ହୋଇଛି। କୁରୁକ୍ଷେତ୍ରର ଲୋକମାନେ ଉତ୍ସାହିତ ଯେ, ଯୋଗଗୁରୁ ବାବା ରାମଦେବ ନିଜେ ଏବଂ ମୁଖ୍ୟମନ୍ତ୍ରୀ ନାଏବ ସିଂ ସୈନୀ ସେମାନଙ୍କୁ ଯୋଗାସନ ଏବଂ ପ୍ରାଣାୟମ ଶିଖାଇବାକୁ ଆସୁଛନ୍ତି। ଉପରୋକ୍ତ ଅଭିବ୍ୟକ୍ତିଗୁଡ଼ିକ ପତଞ୍ଜଳି ଯୋଗ ସମିତିର ମୁଖ୍ୟ କେନ୍ଦ୍ରୀୟ ପ୍ରଭାରୀ ଭାଇ ରାକେଶ କୁମାର ଓରଫ୍ ଭାରତ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଏଥର ଅନ୍ତର୍ଜାତୀୟ ଯୋଗ ଦିବସ ବହୁତ ମହାନ ଏବଂ ଐତିହାସିକ ହେବାକୁ ଯାଉଛି, ଯେଉଁଥିରେ ଦେଶର ସମସ୍ତ ରାଜ୍ୟର ସମସ୍ତ ସାଧକ ଯୋଗ ଅଭ୍ୟାସ କରିବେ ଏବଂ ସ୍ୱାସ୍ଥ୍ୟ ଲାଭ ପାଇବେ। ଏହାକୁ ନେଇ କାର୍ଯ୍ୟକର୍ତ୍ତା ବେଶ୍ ଉତ୍ସାହିତ ରହିଛନ୍ତି। ପ୍ରବଳ ଗରମରେ ମଧ୍ୟ କର୍ମକର୍ତ୍ତାମାନେ ଗାଁରୁ ଗାଁ, ଘର ଘର ଯାଇ ଲୋକଙ୍କ ମଧ୍ୟରେ ଯୋଗର ଗ୍ରହଣୀୟତା ବୃଦ୍ଧି କରୁଛନ୍ତି। ୨୧ ଜୁନ୍‌ରେ ବ୍ରହ୍ମସରୋବରରେ ଆୟୋଜିତ ହେବାକୁ ଥିବା ଅନ୍ତର୍ଜାତୀୟ ଯୋଗ ଦିବସ ପାଇଁ ଲୋକଙ୍କୁ ନିମନ୍ତ୍ରଣ କରୁଛନ୍ତି। ଏହି ପରିପ୍ରେକ୍ଷୀରେ, ରାକେଶ ଇସମାଇଲାବାଦ୍‌ର ଅଗ୍ରୱାଲ ଧର୍ମଶାଳା ଏବଂ ଇସମାଇଲାବାଦର ଖେଡି ଶହୀଦନ୍ ଗ୍ରାମର ଗ୍ରାମୀଣ ମନ୍ଦିରରେ ମଧ୍ୟ ସକାଳ ଯୋଗ ଶ୍ରେଣୀ ପରିଚାଳନା କରିଥିଲେ। ଆୟୋଜିତ ଏକ ବୈଠକରେ ଯୋଗଦେବା ପୂର୍ବକ ରାକେଶ କହିଥିଲେ ଯେ, ଆଗାମୀ ୨ ଦିନ ମଧ୍ୟରେ ତହସିଲ ପେହୋୱାର ୪୦ ଟି ସ୍ଥାନରେ ପ୍ରଚାର କାର୍ଯ୍ୟ ସମାପ୍ତ କରିବାକୁ ପଡିବ। ଏହାକୁ ଅନୁଭବ କରି, ପତଞ୍ଜଳି ଯୁବ ଭାରତ ପଞ୍ଜାବର ରାଜ୍ୟ ପ୍ରଭାରୀ ସ୍ୱାମୀ କୌଶଳ ଦେବ ଜୀ, ସତ୍ୟଗୁରୁ ଜୀ, ସୁଭାଷ ସାରସା ଜୀ ପେହୋୱାର ସାରସା ଗ୍ରାମରେ ଯୋଗ ଅଭ୍ୟାସ କରିଥିଲେ। ଏହା ସହିତ, କର୍ମୀମାନେ ପେହୋୱାର ଲୌଟନୀ ଗ୍ରାମ, ଗୁରୁ ନାନକ କଲୋନୀ, ଗୀତା ମଡେଲ ସ୍କୁଲ ଇତ୍ୟାଦି ସ୍ଥାନରେ ଯୋଗ ଅଭ୍ୟାସ କରିଥିଲେ ଏବଂ ସେମାନଙ୍କୁ ଏହି ଐତିହାସିକ ଘଟଣାର ଅଂଶ ହେବାକୁ ପ୍ରେରଣା ଦେଇଥିଲେ, ଯାହା ଦ୍ୱାରା ସେମାନେ ନିଶାମୁକ୍ତ, ଚାପମୁକ୍ତ ଏବଂ ସୁସ୍ଥ ଜୀବନ ଆଡକୁ ଅଗ୍ରସର ହୋଇପାରିବେ।

ଅନ୍ତର୍ଜାତୀୟ ଯୋଗ ଦିବସ ବ୍ରହ୍ମ ସରୋବର କୁରୁକ୍ଷେତ୍ର ପ୍ରସ୍ତୁତି ପାଇଁ, ମୁଖ୍ୟମନ୍ତ୍ରୀଙ୍କ ଗୃହ କ୍ଷେତ୍ର ଲଡୱାର ଠାରେ ପ୍ରସ୍ତୁତି ଜୋରସୋରରେ ଚାଲିଛି। ହରିଆଣାର ସିରସା ଜିଲ୍ଲା ପ୍ରଭାରୀ ଜୟ ପ୍ରକାଶ ଏବଂ ସୋସିଆଲ ମିଡିଆ ସହ-ପ୍ରଭାରୀ ମୁଖ୍ୟ ଯୋଗ ଶିକ୍ଷକ ହେମରାଜ ସାପ୍ରା ତହସିଲ ଲାଡୱାର ଖରକାଲି ଗ୍ରାମରେ ଏକ ଯୋଗ ଶ୍ରେଣୀ ପରିଚାଳନା କରିଥିଲେ ଏବଂ ସ୍ଥାନୀୟ ବାସିନ୍ଦାଙ୍କୁ ଆନ୍ତର୍ଜାତୀୟ ଯୋଗ ମହୋତ୍ସବ କୁରୁକ୍ଷେତ୍ର ହରିୟାଣାରେ ପହଞ୍ଚିବା ପାଇଁ ପ୍ରେରଣା ଦେଇଥିଲେ। ପତଞ୍ଜଳି ଯୋଗ ସମିତି ଲାଡୱାର ତତ୍ତ୍ୱାବଧାନରେ ଲାଡୱା ଆର୍ଯ୍ୟ ସମାଜ ମନ୍ଦିରରେ ଯୋଗ ନୀତି ଅଭ୍ୟାସ କରିଥିଲେ ଯୋଗ ଶିକ୍ଷକ ଓମପ୍ରକାଶ ମାଲହୋତ୍ରା ଏବଂ ସୁନୀଲ ଗର୍ଗ ଫତେହାବାଦର କର୍ମୀ ଭାଇ କମଲଜିତ ଏବଂ ଭାଇ ମଦନ ଗୋପାଳଙ୍କ ନେତୃତ୍ୱରେ, କୁରୁକ୍ଷେତ୍ର ଜିଲ୍ଲାର ଝାଁସା ଗ୍ରାମରେ ଯୋଗ ଶ୍ରେଣୀ ଆୟୋଜନ କରାଯାଇଥିଲା ଏବଂ ଏକ ଘରକୁ ଘର ଯୋଗାଯୋଗ ଅଭିଯାନ କରାଯାଇଥିଲା। ଜୟ ପ୍ରକାଶ ଏବଂ ହରିୟାଣା ସୋସିଆଲ ମିଡିଆ ସହ-ରାଜ୍ୟ ପ୍ରଭାରୀ ଏବଂ ମୁଖ୍ୟ ଯୋଗ ଶିକ୍ଷକ ହେମରାଜ ସାପ୍ରା ତହସିଲ ଲାଡୱାର ଖରକାଲି ଗ୍ରାମରେ ଯୋଗ ଶ୍ରେଣୀ ପରିଚାଳନା କରିଥିଲେ, ଯୋଗ ସଚେତନତା ରାଲି ଏବଂ ଜନସମ୍ପର୍କ ଅଭିଯାନ ପରିଚାଳନା କରି ଲୋକଙ୍କୁ ପ୍ରେରଣା ଦେଇଥିଲେ। ସାଲପାଣି ଖୁର୍ଦ୍ଦରେ, ୮୧ ବର୍ଷୀୟ ସର୍ଦ୍ଦାର ଇନ୍ଦର ସିଂହ ଜୀ ଜନସମ୍ପର୍କ କରିଥିଲେ ଏବଂ ଯୋଗର ଲାଭ ଉପରେ ଆଲୋକପାତ କରିଥିଲେ।

PATANJALI

କୁରୁକ୍ଷେତ୍ର ଦ୍ରୋଣାଚାର୍ଯ୍ୟ ଷ୍ଟାଡିୟମରେ ପୂର୍ବତନ ରାଜ୍ୟମନ୍ତ୍ରୀ ସୁଭାଷ ସୁଧା, ଡେପୁଟି କମିଶନର ନେହା ସିଂହ, ପୋଲିସ ଅଧିକ୍ଷକ ନୀତିଶ ଅଗ୍ରୱାଲ ଏବଂ ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ଉପସ୍ଥିତିରେ ଯୋଗ ଅଭ୍ୟାସ କରାଯାଇଥିଲା। ଜିଲ୍ଲା ପତଞ୍ଜଳି କିଷାନ ସମିତିର ସଭାପତି ରାଧେଶ୍ୟାମ ଗୁପ୍ତା ଜିଲ୍ଲା ଆଗ୍ରାକୁ ଦିଆଯାଇଥିବା ଅଞ୍ଚଳରେ କୁରୁକ୍ଷେତ୍ରର ସୁରମି ତହସିଲ ପେହୱା ଜିଲ୍ଲାରେ ଅନ୍ତର୍ଜାତୀୟ ଯୋଗଦିବସର ଯୋଗ ଅଭ୍ୟାସ କରିଥିଲେ। ଯମୁନା ନଗର, ଯୁବ ଭାରତର ଜିଲ୍ଲା ପ୍ରଭାରୀ ଅଶ୍ୱିନୀ କୁମାର ମିଶ୍ର ଏବଂ ଅନୁପ ସିଂହ ଜୀ ଶାହାବାଦ ରୋଡ୍ ଅଞ୍ଚଳରେ ଦୋକାନରୁ ଦୋକାନ ପ୍ରଚାର ଅଭିଯାନକୁ ପ୍ରଭାବଶାଳୀ ଭାବରେ ସମାପ୍ତ କରିଥିଲେ। ଏହି ଜନସଚେତନତା ଅଭିଯାନ ଅଧୀନରେ, ସ୍ଥାନୀୟ ଦୋକାନୀ, ନାଗରିକ, ଯୁବକ, ବରିଷ୍ଠ ନାଗରିକ ଏବଂ ମହିଳାମାନଙ୍କୁ କାର୍ଯ୍ୟକ୍ରମର ମୁଖ୍ୟ ବୈଶିଷ୍ଟ୍ୟ, ମାଗଣା ପଞ୍ଜୀକରଣ ବ୍ୟବସ୍ଥା, ଯୋଗ ପ୍ରୋଟୋକଲ ତାଲିମ, ପ୍ରମାଣପତ୍ର ବଣ୍ଟନ ଏବଂ ଯୋଗର ଶାରୀରିକ, ମାନସିକ ଏବଂ ସାମାଜିକ ଲାଭ ବିଷୟରେ ବିସ୍ତୃତ ସୂଚନା ଦିଆଯାଇଥିଲା। ସୁନ୍ଦର ଲାଲ ସାଇନି, ସତୀଶ ଶର୍ମା, କାମ୍ବୋଜ ପ୍ରମୁଖ ଏଥିରେ ପୂର୍ଣ୍ଣ ସହଯୋଗ କରିଥିଲେ। ପତଞ୍ଜଳି ସହ ଜଡିତ କାର୍ଯ୍ୟକର୍ତ୍ତାମାନେ ଜନସମ୍ପର୍କ କାର୍ଯ୍ୟକ୍ରମ ଆୟୋଜନ ପୂର୍ବକ ଶାନ୍ତି କୁଞ୍ଜ, ପହେବା ଏବଂ ଏହାର ଆଖପାଖ ସମସ୍ତ ଗ୍ରାମ, ତହସିଲ୍‌ର ଲୋକମାନଙ୍କୁ ଯୋଗଦିବସରେ ସାମିଲ ହେବାକୁ ଆମନ୍ତ୍ରିତ କରିଥିଲେ।

ହରିଆଣା ରାଜ୍ୟ ଯୋଗାଯୋଗ ପ୍ରଭାରୀ ଭଉଣୀ ପ୍ରେମଲତା ଚିକାରାଙ୍କ ନେତୃତ୍ୱରେ ଫରିଦାବାଦ୍ ଟିମ୍‌ରୁ ଭଉଣୀ ସନ୍ଧ୍ୟା, ପ୍ରେମଲତା, ସୁପ୍ରଭା, ମୁକେଶ ଲତା, ମିଥିଲେଶ, କୁସୁମ ଲତା, ଉର୍ମିଳା ପ୍ରମୁଖ ଶାହାବଦ୍ ତହସିଲ୍ ସ୍ଥିତ ବୈକୁଣ୍ଠପୁରୀ ହନୁମାନ ମନ୍ଦିରରେ ଭଉଣୀ ଭାଇଙ୍କୁ ଯୋଗାଭ୍ୟାସ ସହ ପ୍ରୋଟୋକଲ ପରିଚାଳନା କରାଇଥିଲେ। ଏଥିସହ ଭଉଣୀ ଚିକାରା ଏବଂ ତାଙ୍କ ଟିମ୍ ଶାହାବାଦ ମାର୍କଣ୍ଡା ତହସିଲରେ ଥିବା ବ୍ୟାଙ୍କ ସାଇଡ୍ ମାର୍କେଟ୍ ଅଫ୍ ହାଉସିଂ ବୋର୍ଡ କଲୋନୀର ସମସ୍ତ ଦୋକାନ ଏବଂ ଘରଗୁଡ଼ିକରେ ଅନ୍ତର୍ଜାତୀୟ ଯୋଗ ଦିବସରେ ବ୍ରହ୍ମସରୋବରକୁ ଆସିବାକୁ ନିମନ୍ତ୍ରଣ ମଧ୍ୟ କରିଥିଲେ। ପେହୋବାରେ ଭଉଣୀ କିରଣ, ରେନୁ, ମନୋରାମା, କୃଷ୍ଣା ପ୍ରମୁଖ ଯୋଗାଭ୍ୟାସ କରାଇଥିଲେ ଏବଂ ଏହାର ପ୍ରଚାର ପ୍ରସାର ମଧ୍ୟ କରିଥିଲେ। ସାଧ୍ୱୀ ଦେବଭାଣୀ, ସାଧ୍ୱୀ ଦେବଗରିମା ପ୍ରମୁଖ ଥାଣେସର ଶାନ୍ତି ନାଗରରେ ଯୋଗଶ୍ରେଣୀ ପରିଚାଳନା କରିଥିଲେ ଏବଂ ମା-ଭଉଣୀଙ୍କୁ ଯୋଗାଭ୍ୟାସ କରାଇଥିଲେ। ମହିଳା ରାଜ୍ୟ ପ୍ରଭାରୀ ପ.ଯୋ.ସ ଭଉଣୀ ଅମର, ଭଉଣୀ ରାଜ ପଁୱାର, ଡକ୍ଟର ସୁମନ କୃଷ୍ଣା ପ୍ରଜାପତି ଏବଂ ଡ. ନିରୁପମା ପ୍ରମୁଖ ସୁଶାନ୍ତ ସହର, ଜିନ୍ଦଲ ଗ୍ଲୋବାଲ ସିଟି, କଲ୍ୟାଣ ନାଗରରେ ମା ଏବଂ ଭଉଣୀଙ୍କୁ ଯୋଗାଭ୍ୟାସ କରାଇଥିଲେ ଏବଂ ଯୋଗଦିବସ ଆମନ୍ତ୍ରିତ ମଧ୍ୟ କରିଥିଲେ। ହରିଆଣାର ମହିଳା ପତଞ୍ଜଳି ଯୋଗ ସମିତି ରାଜ୍ୟ ପ୍ରଭାରୀ ଅମର ରବିଶ, ରାଜ୍ୟ ସୋସିଆଲ ମିଡିଆ ପ୍ରଭାରୀ ପ୍ରଫେସର ନିରୁପମା ଭଟ୍ଟ, କୁରୁକ୍ଷେତ୍ରର ଜିଲ୍ଲା ପ୍ରଭାରୀ ଭଉଣୀ ମଞ୍ଜୁ ନରୱାଲ, ପତଞ୍ଜଳି ଯୋଗ ସମିତିର ଯୁବ ପ୍ରଭାରୀ ଅନୀଲ ଗୁପ୍ତା, ମିଡିଆ ପ୍ରଭାରୀ ବିକାଶ ଭଟନାଗର, ସହରୀ ପ୍ରଭାରୀ ଅନୀଲ ରାଣା, ତହସିଲ୍ ପ୍ରଭାରୀ ଅଜୟ ପୋପଲି, ପତଞ୍ଜଳି ପରିବାର ହିସାରଙ୍କ ଆଜୀବନ ସଦସ୍ୟ ଯୋଗୀନ୍ଦର ଦଲାଲ, ଅଲିଗଡ ୟୁପି ପଶ୍ଚିମରୁ ଜୟପ୍ରକାଶ ଆର୍ଯ୍ୟ, ଭାରତ ସ୍ୱାଭିମାନର ଜିଲ୍ଲା ପ୍ରଭାରୀ କୁଲୱନ୍ତ ସିଂ ପ୍ରମୁଖ ପ୍ରଚାର କାର୍ଯ୍ୟରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# ଆଇଇଡି ବିସ୍ଫୋରଣରେ ଶହୀଦଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଶୋକ



**ଭୁବନେଶ୍ୱର,୧୪।୬/ଏନ୍ଏନ୍ଏସ୍:** ଝାଡ଼ଖଣ୍ଡ ସୀମାରେ କମ୍ବିଂ ଅପରେସନ ବେଳେ ଆଇଇଡି ବିସ୍ଫୋରଣରେ ସିଆରପିଏଫ୍‌ର ଏଏସଆଇ ସତ୍ୟବାନ୍ ସିଂହଙ୍କ ବଳିଦାନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିଛନ୍ତି।

ଏକ୍ସରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ଓଡ଼ିଶା-ଝାଡଖଣ୍ଡ ସୀମାରେ କମ୍ବିଂ ଅପରେସନ ବେଳେ ଆଇଇଡି ବ୍ଲାଷ୍ଟରେ ସିଆରପିଏଫ୍‌ର ଏଏସଆଇ ସତ୍ୟବାନ୍ ସିଂହଙ୍କ ବୀରତ୍ୱପୂର୍ଣ୍ଣ ବଳିଦାନ ବିଷୟରେ ଜାଣି ମୁଁ ଗଭୀର ଦୁଃଖିତ। ଦେଶ ସୁରକ୍ଷାରେ ନିଜ ଜୀବନ ଉତ୍ସର୍ଗ କରି ସେ ସେବା ଓ ସାହସର ଉଚ୍ଚତମ ଆଦର୍ଶ ପ୍ରତିଷ୍ଠା କରିଛନ୍ତି। ଶହୀଦ ଯବାନଙ୍କ ଅମର ଆତ୍ମାର ଶାନ୍ତି ପାଇଁ ପ୍ରାର୍ଥନା କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ମୋର ସମବେଦନା ଜଣାଉଛି।

# ଥମୁନି ସୀମା ବିବାଦ ସମସ୍ୟା

**ଭୁବନେଶ୍ୱର,୧୪।୬/ଏନ୍ଏନ୍ଏସ୍:** ଓଡ଼ିଶା ସହିତ ପଡ଼ୋଶୀ ରାଜ୍ୟମାନଙ୍କ ବିବାଦ ପ୍ରସଙ୍ଗରେ କୋଟିଆ, ପୋଲାଭରମ୍ ଓ ମହାନଦୀ ଚର୍ଚ୍ଚାର ବଳୟ ଭିତରେ ରହୁଥିବା ବେଳେ ଆଉ ଅନେକ ବିବାଦୀୟ ଇଲାକା ସଂପର୍କରେ କ୍ୱଚିତ ଆଲୋଚନା ହୁଏ। ତେବେ ଏସବୁ ବିବାଦର ସମାଧାନ ପାଇଁ ଆଇନ୍‌ଗତ ଲଢ଼େଇ ଉପରେ ନିର୍ଭର କରାଯାଉଥିବାରୁ ୫୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କେବଳ ରାଜ୍ୟ ରାଜକୋଷରୁ ବିପୁଳ ଅର୍ଥ ଶ୍ରାଦ୍ଧ ହେଉଛି ସିନା, ସମସ୍ୟାର ସନ୍ତୋଷଜନକ ସମାଧାନ ହୋଇପାରୁ ନାହିଁ। ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଆନ୍ଧ୍ରପ୍ରଦେଶ ସହ ଓଡ଼ିଶାର ସୀମା ବିବାଦ ଘେନି ୧୯୬୮ ମସିହାରେ ଦୁଇଟି ମାମଲା ରୁଜୁ ହୋଇଥିଲା। ଏଥିରୁ ଗୋଟିଏ ମାମଲାରେ ଓଡ଼ିଶା ସରକାର ୨୦୧୦ରେ ହାରିଥିବାବେଳେ ଅନ୍ୟ ମାମଲାଟିକୁ ୨୦୦୬ରେ ସୁପ୍ରିମକୋର୍ଟ ଖାରଜ କରିଦେବା ସହ ଆଲୋଚନା ମାଧ୍ୟମରେ ଫଇସଲା ହେବା ପର୍ଯ୍ୟନ୍ତ ସ୍ଥିତାବସ୍ଥା ବଜାୟ ରଖିବା ପାଇଁ ଉଭୟ ପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଆନ୍ଧ୍ର ଏହି ସ୍ଥିତାବସ୍ଥାର ଉଲ୍ଲଙ୍ଘନ କରୁଥିବା ଅଭିଯୋଗ ଆଣି ୨୦୨୧ରେ ଓଡ଼ିଶା ସରକାର ଏକ ଅଦାଲତ ଅବମାନନା ମାମଲା ରୁଜୁ କରିଛନ୍ତି। ପରେ ପରେ ୨୦୨୩ରେ ଓଡ଼ିଶା ପକ୍ଷରୁ ଆଉ ଏକ ମାମଲା ମଧ୍ୟ ସୁପ୍ରିମକୋର୍ଟରେ ରୁଜୁ ହୋଇଛି।

ସେହିଭଳି ମହାନଦୀର ଉପରମୁଣ୍ଡରେ ଛତିଶଗଡ଼ ଏକତରଫା ଭାବେ ୭୦ରୁ ଅଧିକ ବନ୍ଧ ବନ୍ଧାଇବା ଫଳରେ ମହାନଦୀର ତଳ ମୁଣ୍ଡରେ ଜଳ ପ୍ରବାହ ହ୍ରାସ ପାଇ ଓଡ଼ିଶାରେ ଏହି ବୃହତ୍ତମ ନଦୀର ଶଯ୍ୟା ବର୍ଷର ଅଧିକାଂଶ ସମୟରେ ମରୁଭୂମି ଭଳି ଶୁଖିଲା ପଡୁଛି । ମହାନଦୀର ଶାଖା ନଦୀଗୁଡ଼ିକ ମଧ୍ୟ ଏଥିଯୋଗୁ ପ୍ରଭାବିତ ହେଉଛନ୍ତି । ଏ ପ୍ରସଙ୍ଗରେ ବି ଟ୍ରିବ୍ୟୁନାଲ୍‌ରେ ଦୀର୍ଘବର୍ଷ ଧରି ମାମଲା ବିଚାରାଧୀନ ରହିଛି। ଏହି ମାମଲା ପରିଚାଳନା ପାଇଁ ରାଜ୍ୟ ସରକାର ମଧ୍ୟ ବିପୁଳ ଅର୍ଥ ବ୍ୟୟ କରୁଛନ୍ତି । ସେହିପରି ଆନ୍ଧ୍ର ସରକାରଙ୍କ ପୋଲାଭରମ୍ ପ୍ରକଳ୍ପକୁ କେନ୍ଦ୍ର ସରକାର ଜାତୀୟ ମାନ୍ୟତା ଦେବା ସହ ଆର୍ଥିକ ସହାୟତା ବ୍ୟବସ୍ଥା କରିବା ପରିପ୍ରେକ୍ଷୀରେ ଓଡ଼ିଶାର ବିପୁଳ କ୍ଷତି ଘଟୁଛି। ଏହି ଆନ୍ତଃରାଜ୍ୟ ବିବାଦର ସମାଧାନ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଯେଭଳି ଆନ୍ତରିକତା ପ୍ରକାଶ ପାଇବା କଥା ତାହା ହେଉନାହିଁ। କେବଳ କୋଟିଆ ନୁହେଁ, କୋଟିଆ ଗ୍ରାମପୁଞ୍ଜ ଅନ୍ତର୍ଭୁକ୍ତ ୨୧ଟି ଗାଁକୁ ନେଇ ବିବାଦ ରହିଛି। ଏହାଛଡ଼ା ବୋରାମୁଖା ଅଞ୍ଚଳରେ ବି ଅନେକ ଗ୍ରାମକୁ ନେଇ ଦୁଇ ରାଜ୍ୟ ଭିତରେ ତୁତୁ ମେଁ ମେଁ ଚାଲିଛି। ଗଜପତି ଜିଲ୍ଲାର ପାରଳାଖେମୁଣ୍ଡି ଓ କାଶୀନଗର ଅଞ୍ଚଳର କେତେଗୁଡ଼ିଏ ଗ୍ରାମ ବି ଆନ୍ଧ୍ର ସହ ବିବାଦ ଘେରରେ ରହିଛି। ମୟୂରଭଞ୍ଜ ଜିଲ୍ଲାର ଅନ୍ୟୁନ ୮ଟି ଗାଁକୁ ନେଇ ପଶ୍ଚିମବଙ୍ଗ ସହିତ ଓଡ଼ିଶାର ସୀମା ବିବାଦ ଥିଲାବେଳେ ସେହି ଜିଲ୍ଲାର ଆଉ ଦୁଇଟି ଗାଁକୁ ନେଇ ଝାଡ଼ଖଣ୍ଡ ସହିତ ବି ବିବାଦ ଚାଲିଛି। ଝାରସୁଗୁଡ଼ା ଜିଲ୍ଲାର ଗୋଟିଏ ଗାଁକୁ ନେଇ ଛତିଶଗଡ଼ ସହିତ ଓ କେନ୍ଦୁଝର ଜିଲ୍ଲାର ଆଉ ଗୋଟିଏ ଗାଁକୁ ନେଇ ଝାଡ଼ଖଣ୍ଡ ସହିତ ବିବାଦ ଥମୁନାହିଁ । ବାଲେଶ୍ୱର ଜିଲ୍ଲାର ଭୋଗରାଇ ଅଞ୍ଚଳରେ ପଶ୍ଚିମବଙ୍ଗ ବାରମ୍ବାର ଅଧିକାର ଦାବି କରିବା ସଂଗେ ସଂଗେ ବେଆଇନ୍ ଭାବେ ସୁବର୍ଣ୍ଣରେଖା ନଦୀ ଶଯ୍ୟାରୁ ହଜାର ହଜାର ଟ୍ରକ ବାଲି ଉଠାଇ ଚାଲିଛି। ଏହି ୪ଟି ରାଜ୍ୟ ଓଡ଼ିଶାର ଅନେକ ଚାଷ ଜମି, ଜଙ୍ଗଲ ଜମି, ପାହାଡ଼ ପର୍ବତ ଏମିତିକି ନଦୀ ନାଳକୁ ବି ଅକ୍ତିଆର କରୁଛନ୍ତି। ଏଥିଯୋଗୁ ସ୍ଥାନୀୟ ଅଞ୍ଚଳରେ ବହୁ ସମୟରେ ଉତ୍ତେଜନା ଲାଗି ରହୁଛି।

# ବାଇକ୍ ଦୁର୍ଘଟଣାରେ ୨ ମୃତ

**ମୁନିଗୁଡ଼ା,୧୪।୬/ଏନ୍ଏନ୍ଏସ୍:** କେରଳରୁ ଫେରି ବାଇକ୍‌ରେ ଘରକୁ ଯାଉଥିବାବେଳେ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ଓ ଜଣେ ଗୁରୁତର ଆହତ ହେବା ଭଳି ଏକ ଅଭାବନୀୟ ଘଟଣା ଘଟିଛି। ସୂଚନାଯୋଗ୍ୟ ଯେ, ଗଜପତି ଜିଲ୍ଲା ନଳାହାଟ ଗାଁର ଦାରୁଣ ବିଶୋଇ ଓ କନ୍ଧମାଳ ଜିଲ୍ଲା ଶ୍ରୀରାମପୁରର ଶ୍ରୀରାମ ବିଶୋଇ କେରଳ ଯାଇ ଟ୍ରେନ୍ ଯୋଗେ ମୁନିଗୁଡା ଷ୍ଟେସନରେ ପହଞ୍ଚିଥିଲେ। ଉଭୟଙ୍କୁ ନେବା ପାଇଁ ବାଇକ୍ ନେଇ ଆସିଥିଲେ ଫାଟୁ ବିଶୋଇ। ତିନି ଜଣ ମିଶି ଗାଁକୁ ଯାଉଥିବା ବେଳେ ବାପୁଜୀ ନଗର ନିକଟରେ ଥିବା ବ୍ରିଜ୍‌ରେ ବାଇକ୍ ଦୁର୍ଘଟଣା ଘଟିଥିଲା । ଫଳରେ ଦାରୁଣ ଓ ଶ୍ରୀରାମଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଫାଟୁ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ମୁନିଗୁଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

## ୫ ଆନ୍ତର୍ଜାତିକ ବିଶ୍ୱବିଦ୍ୟାଳୟକୁ ଏଲଓଆଇ ହସ୍ତାନ୍ତର

# ସୁଲଭ ମୂଲ୍ୟରେ ବିଶ୍ୱମାନର ଶିକ୍ଷା ଉପଲବ୍ଧ କରାଉଛି ଭାରତ: ଧର୍ମେନ୍ଦ୍ର



**ମୁମ୍ବାଇ,ଭୁବନେଶ୍ୱର,୧୪।୬/ଏନ୍ଏନ୍ଏସ୍:** ନୂଆ ଜାତୀୟ ଶିକ୍ଷା ନୀତିର କଳ୍ପନା ଅନୁସାରେ ଶିକ୍ଷାର ଅନ୍ତର୍ଜାତୀୟକରଣ ଲକ୍ଷ୍ୟକୁ ସାକାର କରିବା ଦିଗରେ ଶିକ୍ଷା ମନ୍ତ୍ରଣାଳୟ ଏକ ପ୍ରମୁଖ ପଦକ୍ଷେପ ନେଇଛି । କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସଙ୍କ ଉପସ୍ଥିତିରେ ଶନିବାର ମୁମ୍ବାଇରେ ଅନୁଷ୍ଠିତ 'ମୁମ୍ବାଇ ରାଇଜିଂ: କ୍ରିଏଟିଂ ଆନ୍ ଇଣ୍ଟରନ୍ୟାସନାଲ ଏଜୁକେସନ ସିଟି' ଶୀର୍ଷକ ଏକ ସମାରୋହରେ ବିଶ୍ୱର ୫ଟି ବିଶ୍ୱବିଦ୍ୟାଳୟକୁ ଲେଟର୍ ଅଫ୍ ଇଣ୍ଟେଣ୍ଟ୍(ଏଲଓଆଇ) ପତ୍ର ପ୍ରଦାନ କରାଯାଇଛି। ମୁମ୍ବାଇରେ କ୍ୟାମ୍ପସ ସ୍ଥାପନ କରିବା ପାଇଁ ୟୁନାଇଟେଡ୍ କିଙ୍ଗଡମ, ଅଷ୍ଟ୍ରେଲିଆ, ୟୁନାଇଟେଡ୍ ଷ୍ଟେଟ୍ସ ଅଫ୍ ଆମେରିକା ଏବଂ ଇଟାଲିର ଏହି ପ୍ରମୁଖ ବିଶ୍ୱବିଦ୍ୟାଳୟକୁ ଏଲଓଆଇ ପ୍ରଦାନ କରାଯାଇଛି । ୟର୍କ ବିଶ୍ୱବିଦ୍ୟାଳୟ, ଆବରଡିନ୍ ବିଶ୍ୱବିଦ୍ୟାଳୟ, ୱେଷ୍ଟର୍ଣ୍ଣ ଅଷ୍ଟ୍ରେଲିଆ ବିଶ୍ୱବିଦ୍ୟାଳୟ, ଇଲିନୋଇସ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଏବଂ ଇନଷ୍ଟିଚ୍ୟୁଟ ୟୁରୋପୋ ଡି ଡିଜାଇନ୍ (ଆଇଇଡି), ଇଟାଲିରର ଶାଖା କ୍ୟାମ୍ପସ ପ୍ରତିଷ୍ଠା ଭାରତର ଶିକ୍ଷା ପରିସଂସ୍ଥାନ ପ୍ରତି ଗଭୀର ଏବଂ ବର୍ଦ୍ଧିତ ବିଶ୍ୱାସକୁ ପ୍ରତିଫଳିତ କରୁଛି ଏବଂ ଜାତୀୟ ଶିକ୍ଷା ନୀତିର କାର୍ଯ୍ୟକାରୀ ଦିଗରେ ଏହା ଏକ ପ୍ରମୁଖ ମାଇଲଖୁଣ୍ଟ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଜାତୀୟ ଶିକ୍ଷା ନୀତି ଭାରତକୁ ଏକ ବିଶ୍ୱସ୍ତରୀୟ ଶିକ୍ଷାର ପେଷ୍ଟସ୍ଥଳୀ ଭାବରେ କଳ୍ପନା କରେ, ଯାହା ସୁଲଭ ମୂଲ୍ୟରେ ଗୁଣବତ୍ତା ଯୁକ୍ତ ଶିକ୍ଷା ପ୍ରଦାନ କରୁଛି। ପ୍ରଧାନମନ୍ତ୍ରୀଙ୍କ ଭାରତକୁ ଏକ ବିଶ୍ୱସ୍ତରୀୟ ଜ୍ଞାନ କେନ୍ଦ୍ର ଭାବରେ ପ୍ରତିଷ୍ଠା କରିବାର ଦୃଷ୍ଟିକୋଣକୁ ସାକାର କରିବା ଆମର ଲକ୍ଷ୍ୟ ରହିଛି। ବିଶ୍ୱର ଶ୍ରେଷ୍ଠ ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଭାରତରେ ପ୍ରତିଷ୍ଠା କରିବା ପାଇଁ ମୋଦୀ ସରକାର ବିହିତ ପଦକ୍ଷେପ ନେଉଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

ଏହାଛଡ଼ା ସେ କହିଛନ୍ତି ଯେ ଆଗାମୀ ଦିନରେ ଶିକ୍ଷା ବିପ୍ଳବର ନେତୃତ୍ୱ ମୁମ୍ବାଇ ନେବ। ମୁମ୍ବାଇ ଏବଂ ନେଭି ମୁମ୍ବାଇ ଭାରତୀୟ ଆକାଂକ୍ଷା ଏବଂ ବିଶ୍ୱସ୍ତରୀୟ ଉତ୍କର୍ଷତାକୁ ସଂଯୋଗ କରିବ। ଆମେ କେବଳ ବିଦେଶୀ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଆମନ୍ତ୍ରଣ କରୁନାହୁଁ; ଆମେ ନବସୃଜନ, ଉଦ୍ୟୋଗ ଏବଂ ଗବେଷଣାର ଇକୋସିଷ୍ଟମକୁ ସହ-ସୃଷ୍ଟି କରୁଛୁ। ୟୁଜିସି (ଭାରତରେ ବିଦେଶୀ ଉଚ୍ଚଶିକ୍ଷା ପ୍ରତିଷ୍ଠାନର କ୍ୟାମ୍ପସ ସ୍ଥାପନ ଏବଂ ପରିଚାଳନା) ନିୟମାବଳୀ, ୨୦୨୩ ଅନୁଯାୟୀ ଅଧୀନରେ ମୁମ୍ବାଇ/ନେଭି ମୁମ୍ବାଇରେ ବିଦେଶୀ ବିଶ୍ୱବିଦ୍ୟାଳୟ ଭାବରେ ଏହାକୁ ଏଲଓଆଇ ଜାରି କରାଯାଉଛି। ଭାରତରେ ଏହି ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍ ପ୍ରତିଷ୍ଠା ଛାତ୍ରଛାତ୍ରୀମାନଙ୍କ ପାଇଁ ଭାରତରେ ବିଶ୍ୱସ୍ତରୀୟ ପାଠ୍ୟକ୍ରମ ଏବଂ ଅଧ୍ୟୟନ ସୁଯୋଗ ବିସ୍ତାର କରିବା ଏବଂ ଗବେଷଣା, ଜ୍ଞାନ ବିନିମୟ, ଉଦ୍ୟୋଗ ଏବଂ ନିବେଶ ପାଇଁ ଲାଭଦାୟକ ହେବ। ମୁମ୍ବାଇ/ନଭି ମୁମ୍ବାଇ/ଚେନ୍ନାଇ କ୍ୟାମ୍ପସ୍‌ରେ ପାଠ୍ୟକ୍ରମଗୁଡ଼ିକ ବ୍ୟବସାୟ, ଅର୍ଥନୀତି, କମ୍ପ୍ୟୁଟର ବିଜ୍ଞାନ, ଜନସ୍ୱାସ୍ଥ୍ୟ, ଡାଟା ବିଜ୍ଞାନ, ଡିଜାଇନ୍ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ସ୍ନାତକ ଏବଂ ସ୍ନାତକୋତ୍ତର ସ୍ତରରେ ପ୍ରଦାନ କରାଯିବ ବୋଲି କହିଛନ୍ତି। ଏହି ଗସ୍ତକାଳରେ ଶ୍ରୀ ପ୍ରଧାନ ଏନଏମଆଇଏମଏସର ମୁକେଶ ପଟେଲ୍ ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ୍ ଆଣ୍ଡ ଇଞ୍ଜିନିୟରିଂ ଆଣ୍ଡ ସ୍କୁଲ ଅଫ୍ ବିଜେନସ ମ୍ୟାନେଜମେଣ୍ଟର ନୂଆ ଭବନ ଉଦଘାଟନ କରିଥିଲେ ।ଏହି କାର୍ଯ୍ୟକ୍ରମରେ ମହାରାଷ୍ଟ୍ର ସରକାରଙ୍କ ଉଚ୍ଚ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ଚନ୍ଦ୍ରକାନ୍ତ ପାଟିଲ, ମହାରାଷ୍ଟ୍ର ସରକାରଙ୍କ ପ୍ରମୁଖ ସଚିବ ଅସୀମ ଗୁପ୍ତା ଏବଂ ଉଚ୍ଚଶିକ୍ଷା ବିଭାଗ ସଚିବ ଏବଂ ୟୁଜିସି ଅଧ୍ୟକ୍ଷ ଡକ୍ଟର ବିନୀତ ଯୋଶୀ ଉପସ୍ଥିତ ଥିଲେ।

# 'ରଜ' ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ



**ଭୁବନେଶ୍ୱର,୧୪।୬/ଏନ୍ଏନ୍ଏସ୍:** ଓଡ଼ିଶାର ଗଣ ପର୍ବ 'ରଜ'ର ଶୁଭକାମନା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପରମ୍ପରା, ପ୍ରକୃତି, ଧରିତ୍ରୀ ଓ ନାରୀତ୍ୱକୁ ସମ୍ମାନ ଜଣାଇବାର ଅନନ୍ୟ ପରମ୍ପରା ଗଣ ପର୍ବ ରଜ ଉପଲକ୍ଷେ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ। ଏହି ପର୍ବ ସମସ୍ତଙ୍କ ଜୀବନରେ ଆନନ୍ଦ ଓ ଉଲ୍ଲାସ ଆଣିଦେଉ।

ସେହିପରି ଧର୍ମେନ୍ଦ୍ର ପ୍ରଧାନ ସୋସିଆଲ ମିଡିଆ ଏକ୍ସରେ କହିଛନ୍ତି ଯେ, ଓଡ଼ିଶାର ଗଣ ପର୍ବ 'ରଜ' ଅବସରରେ ହାର୍ଦ୍ଦିକ ଶୁଭକାମନା । ପ୍ରକୃତି, ଧରିତ୍ରୀ ଓ ନାରୀକୁ ପୂଜା କରିବା ଏବଂ ସମ୍ମାନ ଜଣାଇବା 'ରଜ' ପର୍ବର ଅନନ୍ୟ ପରମ୍ପରା। ଏହି କୃଷିଭିତ୍ତିକ ପର୍ବ ସମସ୍ତଙ୍କ ଜୀବନରେ ଆନନ୍ଦ ଓ ଉଲ୍ଲାସ ଆଣିଦେବା ସହ ସମାଜରେ ଭାଇଚାରାକୁ ଅଧିକ ସୁଦୃଢ଼ କରୁ, ଏହା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ କାମନା ।

# ରଜ ଓଡ଼ିଶା ମାଟିର ଗୌରବମୟ ପରମ୍ପରାର ବାର୍ତ୍ତାବହ: ବାଚସ୍ପତି



**ଭୁବନେଶ୍ୱର,୧୪।୬/ଏନ୍ଏନ୍ଏସ୍:** ଓଡ଼ିଶା ମାଟିର ଗୌରବମୟ ପରମ୍ପରାର ବାର୍ତ୍ତାବହ ହେଉଛି ରଜ ଉତ୍ସବ। ଏହା ହେଉଛି ମାଆ, ମାଟି ଓ କୃଷିର ଅପୂର୍ବ ପରମ୍ପରା ବୋଲି ଓଡ଼ିଶାରବାଚସ୍ପତି ସୁରମା ପାଢ଼ୀ କହିଛନ୍ତି। ଆଜି ବିଶ୍ୱ ଓଡ଼ିଆ ପରିବାର ତରଫରୁ ରାଜ୍ୟ ସଂଗ୍ରହାଳୟଠାରେ ରଜ ଉତ୍ସବ ପାଳନ ଅବସରରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଶ୍ରୀମତୀ ପାଢ଼ୀ ଏହା କହିଛନ୍ତି। ବିଶ୍ୱ ଓଡ଼ିଆ ପରିବାରର ଅଧ୍ୟକ୍ଷ ସଜ୍ଜନ ଶର୍ମା ଉତ୍ସବ ପରିପ୍ରେକ୍ଷୀରେ ଅନୁଷ୍ଠିତ ସଭାରେ ସଭାପତିତ୍ୱ କରି କହିଥିଲେ ଯେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡିଶା ସରକାର ଓ ବିଶ୍ୱ ଓଡ଼ିଆ ପରିବାର ତରଫରୁ ଏକ ମନୋରମ ଓ ଚିତାକର୍ଷକ ଉତ୍ସବ ୧୬ ତାରିଖ ପର୍ଯ୍ୟନ୍ତ ରାଜ୍ୟ ସଂଗ୍ରହାଳୟଠାରେ ଆୟୋଜିତ ହେବ। ଅନୁଷ୍ଠାନ ତରଫରୁ ମହାନ ଲକ୍ଷ୍ୟ ନେଇ ବିଭିନ୍ନ କାର୍ଯ୍ୟକ୍ରମ ସମ୍ବନ୍ଧରେ ସେ କହିଥିଲେ। କୁନି କୁନି ପିଲାଙ୍କ ଗୋଡ଼ରେ ଅଳତା ଓ ମଥାରେ ଚନ୍ଦନ ଦେଇ ଶ୍ରୀମତୀ ପାଢ଼ୀ କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଇ ଥିଲେ। ସଭାରେ ଅତିଥି ଭାବରେ ଓଡ଼ିଶା ଅଲମ୍ପିକ ଆସୋସିଏସନ ସଭାପତି ତଥା ବିଜେପିର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ଯୋଗଦେଇଓଡିଶାର ଐତିହ, କଳା ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ଅପରାହ୍ଣରେ ଅନୁଷ୍ଠିତ ସାହିତ୍ୟ ସଭାରେ କାଦମ୍ବିନୀ ସମ୍ପାଦିକା ଡକ୍ଟର ଇତି ସାମନ୍ତ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଓଡ଼ିଶାର ପରମ୍ପରା ରଜ ପର୍ବର ଅବଦାନ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଓଡିଶା ସାହିତ୍ୟ ଏକାଡେମୀର ସମ୍ପାଦକ ସମ୍ପାଦକ ଚନ୍ଦ୍ରଶେଖର ହୋତା ସରକାରଙ୍କ ସାଂସ୍କୃତିକ ଆଭିମୁଖ୍ୟ ଉପରେ ବିଷଦ ବିବରଣୀ ପ୍ରଦାନ କରିଥିଲେ। ସେହିପରି ଡାକ୍ତର ପ୍ରୀତି ପ୍ରତିଭା ଭୋଳ ମଞ୍ଚ ସଂଚାଳନା କରି କବିତା ପାଠୋତ୍ସବକୁ ଗତିଶୀଳ କରିଥିଲେ। ଏହି ଅବସରରେ ଶିକ୍ଷା କ୍ଷେତ୍ରରେ ସୌଦାମିନୀ ଦାସ, କ୍ରୀଡ଼ାରେ ଦ୍ରୌପଦୀ ରାଉତ, ସାମ୍ବାଦିକତା ପାଇଁ ଶୁଭଦର୍ଶିନୀ ମିଶ୍ର ଓ ପାଲାଗାୟିକା ବନିତା ପତିଙ୍କୁ ଉଲ୍ଲେଖନୀୟ ଅବଦାନପାଇଁ ସମ୍ମାନିତ କରାଯାଇଥିଲା। ସୁରେଶ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# ଗଣ ପର୍ବ ରଜର ଶୁଭେଚ୍ଛା ଜଣାଇଲେ ନବୀନ



**ଭୁବନେଶ୍ୱର,୧୪।୬/ଏନ୍ଏନ୍ଏସ୍:** ଗଣ ପର୍ବ ରଜର ଶୁଭେଚ୍ଛା ଜଣାଇଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ସୋସିଆଲ ମିଡିଆ ଏକ୍ସରେ ନବୀନ କହିଛନ୍ତି ଯେ ଓଡ଼ିଶାର ଗଣ ପର୍ବ ରଜ ଅବସରରେ ସଭିଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା। ମାଟି ଓ ମା'ଙ୍କୁ ସମ୍ମାନ ଜଣାଇବାର ଏହି ନିଆରା ପରମ୍ପରା ସମସ୍ତଙ୍କ ଜୀବନରେ ଆନନ୍ଦ ଓ ଉଲ୍ଲାସ ଭରିଦେଉ ବୋଲି ନବୀନ କହିଛନ୍ତି।

# ଏୟାର୍‌ପୋର୍ଟରେ ହେବ ଫୁଲ୍‌ସ୍କେଲ୍ ରିହାର୍ସଲ୍

**ଭୁବନେଶ୍ୱର,୧୪।୬/ଏନ୍ଏନ୍ଏସ୍:** ଅହମଦାବାଦ ପ୍ଲେନ କ୍ରାସ ପରେ ସବୁ ବିମାନ ବନ୍ଦରରେ ହେବ ଫୁଲସ୍କେଲ ରିହାର୍ସଲ ବା ମକ୍ ଡ୍ରିଲ। ଏଥିପାଇଁ ନିର୍ଦ୍ଦେଶ ଦେଇଛି ଡିଜିସିଏ। ଆସନ୍ତା ଜୁନ ୩୦ରେ ହେବ ଏହି ରିହର୍ସଲ। ଏଥିରେ ସିଭିଲ ଏଭିଏସନର କର୍ମଚାରୀଙ୍କ ସହ ପୁଲିସ, ମେଡିକାଲ ଓ ଅଗ୍ନିଶମ ବି ଉପସ୍ଥିତ ରହିବେ। ଏନେଇ ସୂଚନା ଦେଇଛନ୍ତି ଭୁବନେଶ୍ୱର ବିମାନ ବନ୍ଦର କର୍ତ୍ତୃପକ୍ଷ। ଅକସ୍ମାତ କୌଣସି ବିମାନ ଦୁର୍ଘଟଣା ଘଟିଲେ କେମିତି ପ୍ରଥମେ ରେସପନ୍ସ କରାଯିବ, ଆହତଙ୍କୁ କିପରି ପ୍ରାଥମିକତା ଦେଇ ଚିକିତ୍ସା ପାଇଁ ବାହାର କରାଯିବ, ପ୍ଲେନରେ ଥିବା ଯାତ୍ରୀଙ୍କ ସମ୍ପର୍କୀୟ ବିମାନ ବନ୍ଦରକୁ ଆସିଲେ ତାଙ୍କୁ କିପରି ମ୍ୟାନେଜ କରାଯିବ ଓ ଗଣମାଧ୍ୟମ ପାଇଁ ସ୍ୱତନ୍ତ୍ର ରୁମ କରାଯାଇ କିପରି ସବିଶେଷ ବିବରଣୀ ଠିକ ସମୟରେ ଦିଆଯିବ ସେ ନେଇ ମକ ଡ୍ରିଲ ହେବ ବୋଲି ଭୁବନେଶ୍ୱର ବିମାନ ବନ୍ଦର କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ବିମାନ ଟେକ ଅଫ ବେଳେ କାଳ ସାଜିପାରେ ଉଚ୍ଚ ଅଟ୍ଟାଳିକା କିମ୍ବା ଲମ୍ବା ଗଛ। କ୍ରାସ କରି ପାରେ ପ୍ଲେନ୍। ଭୁବନେଶ୍ୱର ବିମାନ ବନ୍ଦର ରନୱେ ନିକଟରେ ରହିଛି ଲମ୍ବା ଗଛ। ବିମାନକୁ ସୁରକ୍ଷିତ ରଖିବା ପାଇଁ ଏୟାରପୋର୍ଟ ଚାରିଆଡେ ସର୍ଭେ କରୁଛି ବିମାନ ବନ୍ଦରର ସ୍ୱତନ୍ତ୍ର ଟିମ୍। ଗତ ମାସରେ ବସିଥିବା ଏୟାରଫିଲ୍ଡ ଏନଭାର୍ନମେଣ୍ଟ ମ୍ୟାନେଜମେଣ୍ଟ କମିଟି ବୈଠକରେ ଏହା କମିଟି ଅଧ୍ୟକ୍ଷ ତଥା ବିଏମସି କମିଶନରଙ୍କ ଅବଗତ କରାଯାଇଛି। ଶୀଘ୍ର ଏଗୁଡିକ ଉଚ୍ଛେଦ ନେଇ ଆଶାବାଦୀ ଥିବା କହିଛନ୍ତି ବିମାନ ବନ୍ଦର କର୍ତ୍ତୃପକ୍ଷ ।

**ଉଚ୍ଛେଦ ହେବ ଲମ୍ବାଗଛ**

# ଡକାୟତି ଯୋଜନା ପଣ୍ଡ, ୬ ଗିରଫ

**ଭୁବନେଶ୍ୱର,୧୪।୬/ଏନ୍ଏନ୍ଏସ୍:** ନନ୍ଦନକାନନ ଥାନା କଲ୍ୟାଣପୁର ଅଞ୍ଚଳରେ ଡକାୟତି ଯୋଜନା ପଣ୍ଡ ହୋଇଛି। ଡକାୟତି କରିବାକୁ ଯୋଜନା କରୁଥିବା ବେଳେ ୬ ଜଣ ଡକାୟତଙ୍କୁ ଗିରଫ କରିଛି ନନ୍ଦନକାନନ ଥାନା ପୁଲିସ। ସେମାନଙ୍କ ନିକଟରୁ ପୁଲିସ ଗୋଟିଏ ବନ୍ଧୁକ, ୬ଟି ଗୁଳି, ଲୁହା ରଡ଼, ଖଣ୍ଡା ସହ ସ୍କୋର୍ପିଓ ଗାଡି ଓ ଦୁଇଟି ବାଇକ୍ ଜବତ କରିଛି। ଗିରଫ ଡକାୟତ ମାନେ ହେଲେ ସୁଶୀଲ କୁମାର ସାହୁ, ସନ୍ତୋଷ ବେହେରା, ଜିତେନ୍ଦ୍ର ସ୍ୱାଇଁ, ମନୋଜ ସ୍ୱାଇଁ, ପ୍ରତାପ ସ୍ୱାଇଁ ଏବଂ ଗଣେଶ ଜେନା। ଗିରଫ ଅଭିଯୁକ୍ତ ମାନଙ୍କ ନାଁରେ କମିସନରେଟ ପୁଲିସର ବିଭିନ୍ନ ଥାନାରେ ମାମଲା ରହିଥିବା ତଦନ୍ତରୁ ଜଣାପଡ଼ିଛି। ତେବେ ସେମାନେ ବନ୍ଧୁକ କେଉଁଠୁ ଆଣିଲେ ସେନେଇ ଖୋଳତାଡ଼ ଚାଲିଛି ବୋଲି କହିଛନ୍ତି ଜୋନ୍ -୬ ଏସିପି ସୋନାଲି ପରମର।

## ପିସିସି ସଭାପତିଙ୍କ ଯାଜପୁର ଗସ୍ତ

# ରୋଗୀଙ୍କୁ ଭେଟିଲେ, ସରକାରଙ୍କ ଉପରେ ବର୍ଷିଲେ



**ଯାଜପୁର,ଧର୍ମଶାଳା,୧୪।୬/ଏନ୍ଏନ୍ଏସ୍:** ଯାଜପୁର ଜିଲ୍ଲାରେ ଝାଡ଼ା ବାନ୍ତି ମହାମାରୀର ରୂପ ନେଉଥିବା ବେଳେ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତଚରଣ ଦାସ ଯାଜପୁର ଗସ୍ତରେ ଆସି ପ୍ରଥମେ ବଡ଼ଚଣା ଏବଂ ପରେ ପରେ ଧର୍ମଶାଳା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଥିବା ରୋଗୀମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ବୁଝିଥିଲେ। ଏହି ଅବସରରେ ସେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଶ୍ରୀ ଦାସ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଶତାଧିକ ରୋଗୀଙ୍କୁ ଭେଟି ରୋଗୀଙ୍କ ସେବା ସମ୍ପର୍କରେ ଆଲୋଚନା କରିଥିଲେ। ଜଏହି ଅବସରରେ ଉପସ୍ଥିତ ମୁଖ୍ୟ ଚିକିତ୍ସାଧିକାରୀ ତଥା ଦାୟିତ୍ୱରେ ଥିବା ଚିକିତ୍ସାଧିକାରୀଙ୍କୁ ଭେଟି ରୋଗୀମାନଙ୍କୁ କିପରି ସେବା ଦିଆଯାଉଛି ସେନେଇ ଆଲୋଚନା କରିଥିଲେ। ତେବେ ଯାଜପୁର ଜିଲ୍ଲାରେ ଝାଡ଼ା ବାନ୍ତି ଏକ ମହାମାରୀ ରୂପ ନେଇଥିବା ବେଳେ ରାଜ୍ୟ ସରକାର କିଭଳି ବିକାଶ ମେଳା କରୁଛନ୍ତି ତାହାକୁ ନେଇ ସେ ପ୍ରଶ୍ନ କରିଥିଲେ। ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସମ୍ବୋଧନ କରି ସେ କହିଥିଲେ ଯେ ଜିଲ୍ଲାରେ ଏପରି ଭୟଙ୍କର ସ୍ଥିତିରେ ଜିଲ୍ଲାବାସୀଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବାରେ ଜିଲ୍ଲା ପ୍ରଶାସନ ଏବଂ ସରକାର ଅସମର୍ଥ ହୋଇଛନ୍ତି। ସଠିକ୍ ରୋଗର ସେବା ପାଇଁ ପର୍ଯ୍ୟାପ୍ତ ପରିମାଣରେ ଔଷଧ ରୋଗୀମାନଙ୍କୁ ଯୋଗାଇ ଦିଆଯାଇ ପାରି ନାହିଁ। ତତ୍‌ସହିତ ଡାକ୍ତରମାନଙ୍କ ସଂଖ୍ୟା ଅଭାବରୁ ରୋଗୀଙ୍କ ମୃତ୍ୟୁ ହୋଇଥିବା ସେ ଅଭିଯୋଗ କରିଥିଲେ। ତତ୍‌ପରେ ଶ୍ରୀ ଦାସ ସହରସ୍ଥ ସର୍କିଟ୍ ହାଉସ୍‌ରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହିତ ରୋଗୀଙ୍କ ସମସ୍ୟା ଓ ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ଶ୍ରୀ ଦାସଙ୍କ ସହିତ ପ୍ରଦେଶ କଂଗ୍ରେସ କମିଟିର ଉପସଭାନେତ୍ରୀ ତଥା ଯାଜପୁର ଜିଲ୍ଲାର ପ୍ରଭାରୀ ସସ୍ମିତା ବେହେରା, ସହପ୍ରଭାରୀ ତଥା ପିସିସି ସମ୍ପାଦକ ମୋହନ ହେମ୍‌ରମ୍, ଉପଦେଷ୍ଟା ତଥା ରାଜନୈତିକ ସଚିବ ସୁଧାଂଶୁ ଦେଓ, ପ୍ରୋଟକଲ ଅଧିକାରୀ ପ୍ରଦୀପ ମହାପାତ୍ର, ସୁଶାନ୍ତ ତ୍ରିପାଠୀ, ଜିଲ୍ଲା କଂଗ୍ରେସ ସଭାପତି ମନୋଜ ରାଉତ, ପୂର୍ବତନ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା, ପୂର୍ବତନ ସମ୍ପାଦକ ସୁଶାନ୍ତ ତ୍ରିପାଠୀ, ବରିଷ୍ଠ ନେତା ସନ୍ତୋଷ ନନ୍ଦ, ବିଧାନସଭା ମଣ୍ଡଳୀ ନେତା ସୁଦିପ୍ କୁମାର କର, ବିଷ୍ଣୁ ରାଉତ, ଦଳିତ ସେଲର ସଭାପତି ଦୁର୍ଯ୍ୟୋଧନ ବେହେରା, ଅଞ୍ଚଳ ଦାସ, ଅର୍ଜିତ ନାୟକ, ମାନସ ପଣ୍ଡା, ନାରାୟଣ ଚନ୍ଦ୍ର ସାମନ୍ତ, ଅଜୟ ସାମଲ, କିଶାନ ପଣ୍ଡା, ମନୋରଂଜନ ଦାସ, ରବିନାରାୟଣ ସ୍ୱାଇଁ, ମାନସ କର, ସଂଗ୍ରାମ ଜେନା, ଆଲୋକ ବେହେରା, ଭାସ୍କର ମହାନ୍ତି, ବିଦ୍ୟାଧର ମହାନ୍ତି ପ୍ରମୁଖଙ୍କ ସହ ବହୁ ସଂଖ୍ୟାରେ କଂଗ୍ରେସ ନେତାବୃନ୍ଦ ଉପସ୍ଥିତ ରହିଥିଲେ।

ପରେ ଶ୍ରୀ ଦାସଙ୍କ ସହିତ ଏକ ଟିମ ଆସି ଧର୍ମଶାଳା ମେଡିକାଲରେ ଚିକିତ୍ସିତ ହେଉଥିବା ଝାଡାବାନ୍ତି ଆକ୍ରାନ୍ତଙ୍କ ସହିତ ଆଲୋଚନା କରିବା ସହିତ ସେମାନଙ୍କ ସମ୍ପର୍କିୟମାନଙ୍କ ସହିତ ଆଲୋଚନା କରି ଚିକିତ୍ସା ସମ୍ପର୍କରେ ଅବଗତ ହୋଇଥିଲେ । ପରେ ଶ୍ରୀ ଦାସ ମେଡିକାଲ ଅଧିକାରୀ ସୁଧିର କୁମାର ସାହୁଙ୍କ ସହିତ ଆଲୋଚନା କରି ସମସ୍ତ ବିଷୟରେ ଅବଗତ ହୋଇଥିଲେ । ଅନ୍ୟପଟେ ଯାଜପୁରରେ ଝାଡାବାନ୍ତି ସ୍ଥିତି ଭଲ ନାହିଁ ବୋଲି କହିବା ସହିତ ଧର୍ମଶାଳା ମେଡିକାଲରେ ରୋଗୀମାନେ ଉତ୍ତମ ସେବା ପାଉଛନ୍ତି ଯାହା ପାଇଁ ଏଠାରେ କାଜୁଆଲଟି ହୋଇ ନାହିଁ ବୋଲି କହିଥିଲେ। କଲେରା ପଜେଟିଭ ଆସିବା ପରେ ସାଧାରଣ ଲୋକେ ଭୟଭୀତ ହୋଇପଡିଛନ୍ତି। ଏହା ଏକ ଶିଳ୍ପ ବହୁଳ ଜିଲ୍ଲା ହୋଇଥିବାରୁ ଏଠାରେ ପାନୀୟ ଜଳ ପ୍ରଦୂଷିତ ହେଉଛି । ଜିଲ୍ଲାରେ ସମସ୍ତ ପାନୀୟ ଜଳ ଉତ୍ସ ଗୁଡିକରେ ଫିଲଟରିଙ୍ଗ ପ୍ଲାଂଟ ବସାଯିବାର ଆବଶ୍ୟକତା ରହିଛି ବୋଲି ପିସିସି ସଭାପତି ସାମ୍ବାଦିକମାନଙ୍କୁ କହିଥିଲେ।

## ଅହମଦାବାଦ ବିମାନ ଦୁର୍ଘଟଣା

# ମୃତକଙ୍କ ପାଇଁ କଂଗ୍ରେସର ମହମବତୀ ଶୋଭାଯାତ୍ରା



**ଭୁବନେଶ୍ୱର,୧୪।୬/ଏନ୍ଏନ୍ଏସ୍:** ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ଅଧ୍ୟକ୍ଷତାରେ ଆଜି ଭୁବନେଶ୍ୱର ୟୁନିଟ୍-୩ ସ୍ଥିତ ରାମମନ୍ଦିର ଠାରେ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଅହମଦାବାଦ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାତ୍ରୀମାନଙ୍କର ଆତ୍ମାର ସଦ୍‌ଗତି ପାଇଁ ସମୂହ ପ୍ରାର୍ଥନା କରାଯିବା ସହ ସେଠାରେ ଯୁବ କଂଗ୍ରେସ କର୍ମୀମାନେ ମହମବତୀ ପ୍ରଜ୍ୱଳନ କରିଥିଲେ। ଯୁବ କଂଗ୍ରେସ କର୍ମୀମାନେ ଏକ ଶୋଭାଯାତ୍ରାରେ କେନ୍ଦ୍ରୀୟ ବିଦ୍ୟାଳୟ ଠାରୁ ବାହାରି ରାମମନ୍ଦିର ପର୍ଯ୍ୟନ୍ତ ଯାଇ ସେଠାରେ ପ୍ରାର୍ଥନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ରଞ୍ଜିବ ବିଶ୍ୱାଳ, ମହମ୍ମଦ ଇମ୍‌ଦାଦ, ଉଦିତ ପ୍ରଧାନ, ସୁଦିପ ସାମଲ, ନିହାର ରଞ୍ଜନ ବେହେରା, ସ୍ୱାଗତ କର, ସନ୍ଦିପ ସାମନ୍ତରାୟ, ମହମ୍ମଦ ପରଭେଜ, ସୁନିଲ ସାହୁ, ସୁରଜ ରାଉତ, ବିରଞ୍ଚି ବାରିକ ଓ କାର୍ତ୍ତିକେଶ୍ୱର କାଣ୍ଡି ପ୍ରମୁଖ ଯୁବ କଂଗ୍ରେସ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ବନସ୍ତେ ଡାକିଲା ଗଜ...ବରଷକେ ଥରେ ଆସିଛି ରଜ





**ଭୁବନେଶ୍ୱର,୧୪।୬/ଏନ୍ଏନ୍ଏସ୍:** ବନସ୍ତେ ଡାକିଲା ଗଜ...ବରଷକେ ଥରେ ଆସିଛି ରଜ...ଆସିଛି ରଜ ଲୋ ଘେନି ନୂଆ ସଜବାଜ....। ବର୍ଷେ ଅପେକ୍ଷା ପରେ ଆନନ୍ଦ ଉଲ୍ଲାସ ନେଇ ଆସିଛି ରଜ ପର୍ବ। ଗଣପର୍ବର ଶନିବାର ଥିଲା ପହିଲି ରଜ। ପିଠା-ମିଠାର ବାସ୍ନାରେ ମହକିଲା ଗାଁରୁ ସହର। ପାନ ଖିଲ ପାଟିରେ ମାରି, ଦୋଳି ଖେଳି ସମସ୍ତେ ରଜ ଉତ୍ସବ ପାଳିଛନ୍ତି। ପିଠାପଣା, ନାଚ ଗୀତରେ ସମସ୍ତେ ମସଗୁଲ। ଉତ୍ସବ ମୁଖର ଗାଁଠୁ ସହର।

ରଜ ୩ ଦିନ ପାଳନ ହୁଏ। ପ୍ରଥମ ଦିନକୁ ପହିଲି ରଜ କୁହାଯାଏ। ଏହି ପରିପ୍ରେକ୍ଷୀରେ ଶନିବାର ସବୁଠି ଦୋଳି ଖେଳ, ବିଭିନ୍ନ ପ୍ରକାର ପ୍ରତିଯୋଗିତା ସହିତ ପିଠାମିଠାର ଆସର ଜମିଛି। ବିଶେଷ କରି ରଜ ଅବସରରେ ଭଳି କି ଭଳି ପିଠା ହିଁ ବଡ଼ ଆକର୍ଷଣ। ସକାଳୁ ସକାଳୁ ଝିଅମାନେ ନୂଆ ପୋଷାକ ପିନ୍ଧି ସଜବାଜ ହୋଇ ପିଠା, ମିଠା ଖାଇ ରଜ ଉତ୍ସବକୁ ପାଳନ କରିଛନ୍ତି। ପାଦରେ ଅଳତାକୁ ହାତରେ ମେହେନ୍ଦି ଲଗାଇ ସଜେଇ ଝିଅମାନେ ହୋଇଥିଲେ। ପାନକୁ ବା କିଏ ଭୁଲିବ। ରଜ ପର୍ବରେ ମିଠା ପାନର ପସରା ସବୁଠି ମେଲିଥିଲା। ଭଳିକି ଭଳି ମିଠା ମସଲା ଯୁକ୍ତ ପାନ ରଜ ପର୍ବକୁ ଆହୁରି ଆକର୍ଷିତ କରିଛି। ରାଜଧାନୀ ଭୁବନେଶ୍ୱରରେ ଏହି ୩ଦିନିଆ ରଜ ପର୍ବ ବଡ଼ ଧୁମ୍ଧାମ୍‌ରେ ପାଳନ ହୋଇଥାଏ। ପହିଲି ରଜରେ ଆରମ୍ଭ ହୁଏ ପ୍ରସ୍ତୁତି ପର୍ବ। ତିନିଦିନ ଧରି ଧରଣୀ ମାଆକୁ ବିଶ୍ରାମ ଦିଆଯାଏ। ଯେଉଁଥିପାଇଁ ଭୂଖନନ ବାରଣ କରାଯାଏ। ଆଷାଢର ପହିଲି ବର୍ଷାରେ ମାଟି ମା'ର ପ୍ରଜନନ ଶକ୍ତି ଜାଗ୍ରତ ହୋଇଥାଏ। ଏହି କାରଣରୁ ଧରଣୀମାତାକୁ ରଜସ୍ୱଳା ସ୍ତ୍ରୀ ସହିତ ତୁଳନା କରାଯାଏ। ଏହି ତିନି ଦିନ ମାଟି ମା ରଜସ୍ୱଳା ହୋଇଥିବାରୁ ଧରଣୀ ମାଆକୁ କଷ୍ଟ ନ ଦେଇ ଭୂମିକୁ ବିଶ୍ରାମ ଦିଆଯିବାର ପରମ୍ପରା ରହିଛି । କୁମାରୀମାନେ ରଜ ପର୍ବର ମଉଜ ଭିତରେ ଜଣେ ନାରୀର, ଆଚାର ସଂହିତାକୁ ପାଳିଥାନ୍ତି। ଏହି ବିଧି ସେମାନଙ୍କ ଜୀବନର ପ୍ରତିଟି ପାହାଚରେ ନିଜ ଦାୟିତ୍ୱ ଓ କର୍ତ୍ତବ୍ୟକୁ ତୁଲାଇବାରେ ସହାୟକ ହୋଇଥାଏ ।






## ରାଜଧାନୀରେ ସିରିଜ୍ ଦୁର୍ଘଟଣା

### କାର୍ ଧକ୍କାରେ ଏକାଧିକ ଆହତ

**ଭୁବନେଶ୍ୱର ,୧୪।୬/ଏନ୍ଏନ୍ଏସ୍:** ଭୁବନେଶ୍ୱର ବାଣୀବିହାରରେ ସିରିଜ୍ ଦୁର୍ଘଟଣା ଘଟିଛି। ବାଣୀବିହାର ଓଭରବ୍ରିଜ୍ ଉପରେ କାର୍, ଅଟୋ ଏବଂ ବାଇକ୍‌କୁ ଧକ୍କା ଦେଇଛି ଅନ୍ୟ ଏକ କାର୍। ଏକାଧିକ ଗାଡ଼ିକୁ କାରଟି ଧକ୍କା ଦେଇଛି। ତେବେ ଦୁର୍ଘଟଣା ଘଟାଇବା ପରେ ଗାଡ଼ି ଚାଳକ ଖସିଯିବାକୁ ଚେଷ୍ଟା କରୁଥିବା ବେଳେ ସେଠାରେ ଉପସ୍ଥିତ ଥିବା ଲୋକେ ତାଙ୍କୁ ଧରିଥିଲେ। ସଂପୃକ୍ତ କାର୍ ଚାଳକଙ୍କୁ ଗୋଡାଇ ଗୋଡାଇ ସହିଦନଗର ଥାନା ସମ୍ମୁଖରେ ଲୋକେ କାବୁ କରିଥିଲେ। ଏକାଧିକ ଆହତଙ୍କ ମଧ୍ୟରେ ଶିଶୁ ଏବଂ ମହିଳା ଥିବା ଜଣାପଡ଼ିଛି। ଆହତଙ୍କୁ ଉଦ୍ଧାର କରି ସ୍ଥାନୀୟ ଲୋକ ଡାକ୍ତରଖାନା ପଠାଇଥିଲେ। ସହିଦ ନଗର ଥାନା ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ବେଦାନ୍ତ ପକ୍ଷରୁ ମେଗା ବୃକ୍ଷରୋପଣ ଅଭିଯାନ

### ୨ ଜିଲ୍ଲାରେ ଲାଗିବ ୧ ଲକ୍ଷରୁ ଅଧିକ ଚାରା

**ଭୁବନେଶ୍ୱର,୧୪।୬/ଏନ୍ଏନ୍ଏସ୍:** ବିଶ୍ୱ ପରିବେଶ ଦିବସ ଅବସରରେ ଓଡ଼ିଶାର କଳାହାଣ୍ଡି ଏବଂ ରାୟଗଡ଼ା ଜିଲ୍ଲାରେ 'ମୋ ଗଛ ମୋ ପରିବାର' ନାମକ ଏକ ମେଗା ବୃକ୍ଷରୋପଣ ଅଭିଯାନ ବେଦାନ୍ତ ପକ୍ଷରୁ ଆରମ୍ଭ ହୋଇଛି। ଏହି ଅଭିଯାନରେ ଦୁଇ ଜିଲ୍ଲାରେ ୧,୦୦,୦୦୦ରୁ ଅଧିକ ଫଳଗଛ ଚାରା ରୋପଣର ଲକ୍ଷ୍ୟ ରହିଛି, ଯାହା ଓଡ଼ିଶାର ୩୦,୦୦୦ରୁ ଅଧିକ ଗ୍ରାମୀଣ ପରିବାରକୁ ସକାରାତ୍ମକ ଭାବରେ ପ୍ରଭାବିତ କରିବ। ଆମ୍ବ, ଗୁଆ, ପଣସ ଏବଂ ସଜନା ଭଳି ଲୋକପ୍ରିୟ ପ୍ରଜାତିଗୁଡ଼ିକୁ ସେମାନଙ୍କର ପରିବେଶଗତ, ପୁଷ୍ଟିକର ଏବଂ ଆର୍ଥିକ ମୂଲ୍ୟ ପାଇଁ ଚୟନ କରାଯାଇଛି। ବଳଭଦ୍ରପୁର ଗ୍ରାମ ଏବଂ ବେଦାନ୍ତର ପ୍ଲାଣ୍ଟ ପରିସରରେ ଏହି ଅଭିଯାନ ମାଧ୍ୟମରେ ପଦକ୍ଷେପ ଆରମ୍ଭ ହୋଇଥିଲା ଯେଉଁଥିରେ କର୍ମଚାରୀ, ବରିଷ୍ଠ ନେତୃତ୍ୱ, ସ୍କୁଲ ପିଲା, ସରକାରୀ ଅଧିକାରୀ ଏବଂ ସ୍ଥାନୀୟ ସମ୍ପ୍ରଦାୟର ସଦସ୍ୟଙ୍କ ସମେତ ୬୦୦ରୁ ଅଧିକ ଲୋକ ଅଂଶଗ୍ରହଣ କରିଥିଲେ। ଏହି ଅଭିଯାନ ମୃତ୍ତିକାକୁ ସୁରକ୍ଷିତ ସହିତ ଗଛଗୁଡ଼ିକର ଜୀବନକାଳ ମଧ୍ୟରେ ପ୍ରାୟ ୧.୫ ଲକ୍ଷ ଟନ୍ କାର୍ବନ ନିର୍ଗମନକୁ ପ୍ରତିହତ କରିବ ବୋଲି ଆଶା କରାଯାଉଛି। ଏହି ଅବସରରେ ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି 'ମୋ ଗଛ ମୋ ପରିବାର' ମାଧ୍ୟମରେ ଆମେ ଆଶା, ଏକତା ଏବଂ ସମୃଦ୍ଧିର ବୀଜ ବୁଣୁଛୁ। ଆମେ ଏକ ସବୁଜ ଏବଂ ସ୍ଥିର ଭବିଷ୍ୟତ ଆଡ଼କୁ ସମ୍ପ୍ରଦାୟ ସହିତ ହାତ ମିଳାଇ ଚାଲୁଥିବାରୁ ଗର୍ବିତ। ଏହି ଅଭିଯାନ ଆଗାମୀ ବର୍ଷଗୁଡ଼ିକରେ ରାଜ୍ୟ ଏବଂ ଜାତୀୟ ସ୍ତରରେ ଅଭିଯାନକୁ ବୃଦ୍ଧି କରିବା ସହିତ ଭାରତର ଜଳବାୟୁ ଲକ୍ଷ୍ୟରେ ଅର୍ଥପୂର୍ଣ୍ଣ ଯୋଗଦାନ ଦେବାରେ ବେଦାନ୍ତର ବ୍ୟାପକ ମିଶନ ସହିତ ମଧ୍ୟ ହାତ ମିଶାଇବ।

## ହେଲ୍‌ଦି ସିଟିଜ୍ ଫର୍ ଆଡୋଲେସେଣ୍ଟସ୍ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୧୪।୬/ଏନ୍ଏନ୍ଏସ୍:** ଏଚ୍‌ବିଟି, ଡବ୍ଲ୍ୟୁଆରଆଇ ଇଣ୍ଡିଆ ଏବଂ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ସହଭାଗୀତାରେ ହେଲ୍‌ଦି ସିଟିଜ ଫର ଆଡୋଲେସେଣ୍ଟସ୍ (ଏଚସିଏ-୨) କାର୍ଯ୍ୟକ୍ରମ ଅଧୀନରେ ଦ୍ୱିତୀୟ ଟାକ୍‌ଟିକାଲ ଅର୍ବାନିଜମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥିତ ଓୟୁଏଟି ଫାର୍ମଗେଟଠାରେ ଆଜିଠାରୁ ଆରମ୍ଭ ହୋଇଥିବାବେଳେ ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ମାନସିକ ଏବଂ ଶାରୀରିକ ସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତ କରିବାକୁ ବ୍ୟବସ୍ଥା ହୋଇଥିବା ବେଳେ ପ୍ଲେ ଜୋନ୍‌ରେ ଫ୍ଲୋର-ମାର୍କ ଖେଳ, ପରିବେଶ ଅନୁକୂଳ ବସିବା ସ୍ଥାନ, ଦୋଳି, ଏବଂ ଆନ୍ତଃକ୍ରିୟାଭିମୁଖୀ କାନ୍ଥଗୁଡିକ ରହିଛି। ସେହିପରି ରିଫ୍ଲେକସନ ଟ୍ରେଲରେ ପ୍ରାକୃତିକ ସମ୍ବେଦନଶୀଳ ଚଲାପଥ, ପାରମ୍ପରିକ ଦୋଳି, ଐତିହ୍ୟ ସାମଗ୍ରୀ ଏବଂ ଏକ ସେଲ୍‌ଫି କାନ୍ଥ ରହିଛି। ଏହାବ୍ୟତୀତ ଆୟୋଜିତ କାର୍ଯ୍ୟକ୍ରମରେ 'ରଜ ମଉଜ' ମଧ୍ୟ ସ୍ଥାନପାଇଛି।

## ହିମାଳୟ ବେବିକେୟାର୍ ପକ୍ଷରୁ ପିତୃ ଦିବସ

**ଭୁବନେଶ୍ୱର,୧୪।୬/ଏନ୍ଏନ୍ଏସ୍:** ହିମାଳୟ ବେବିକେୟାର ପକ୍ଷରୁ ପିତୃ ଦିବସ ପାଳନ ହୋଇଛି। ଏହି ଅବସରରେ ସଚେତନତା ଲାଗି ଏକ ଡିଭିସି ଫିଲ୍ମ ମଧ୍ୟ ଉନ୍ମୋଚନ ହୋଇଛି। ଏହି ପ୍ରଚାର ଅଭିଯାନ 'ଜେଣ୍ଟଲ ଆଜ୍ ଡାଡ୍' ଶୀର୍ଷକରେ ଝିଅଟିଏ ଏକ ନବଜାତକରୁ ଜଣେ ଯୁବତୀ ଭାବରେ ବିକାଶ ଲାଭ କରିବା ଅବସରରେ ଜଣେ ବାପା ଓ ତାଙ୍କ ଝିଅଙ୍କ ମଧ୍ୟରେ ଭାବପ୍ରବଣଗତ ସମ୍ପର୍କକୁ ଅତିସୁନ୍ଦର ଭାବରେ ଧରି ରଖୁଛି। ତେବେ ଏହି ଅଭିଯାନ ମାଧ୍ୟମରେ ପିଲାଙ୍କ ବିକାଶ ଲାଗି ବେବି ମସାଜ ଅଏଲ, ବେବି ସୋପ୍ ଏବଂ ବେବି ଲୋସନ ସମ୍ପର୍କରେ ସଚେତନ କରାଯାଇଛି ବୋଲି ଏନ୍‌ଭି ଚକ୍ରବର୍ତ୍ତୀ କହିଛନ୍ତି। ଆଜି ଆୟୋଜିତ କାର୍ଯ୍ୟକ୍ରମରେ ସେ କହିଥିଲେ ଯେ, ବାପାମାନେ ଅନେକ ସମୟରେ ଏକ ଶିଶୁର ଜୀବନରେ ନୀରବ ସ୍ତମ୍ଭ ହୋଇଥାନ୍ତି। ପିତାଙ୍କ ଅନେକ ଅବଦାନ ମଧ୍ୟ ରହିଥାଏ। ପିତାଙ୍କ ମାର୍ଗ ଦର୍ଶନ, ସ୍ନେହ ଓ ସୁରକ୍ଷା ଜରିଆରେ ସେମାନଙ୍କ ଶିଶୁର ଭବିଷ୍ୟତ ଉଜ୍ଜ୍ୱଳ ହୋଇଥାଏ। ସେହିପରି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସହ-ପ୍ରତିଷ୍ଠାତା, ଏସ୍ ପଙ୍ଗା କହିଥିଲେ, ଏହି ପ୍ରଚାର ଅଭିଯାନ ସ୍ମୃତି ଓ ପିଲାଙ୍କ ବାପାମାନଙ୍କ ସହିତ ମୁହୂର୍ତ୍ତଗୁଡିକ ଭାଗୀଦାର ସମ୍ପର୍କରେ ଅବଗତ କରାଯାଇଛି।

## 'ମଶାଲ' ପକ୍ଷରୁ ୨୫ତମ ରାଜ୍ୟସ୍ତରୀୟ ରଜମହୋତ୍ସବ

**ଭୁବନେଶ୍ୱର,୧୪।୬/ଏନ୍ଏନ୍ଏସ୍:** ଓଡ଼ିଶାର ଅଗ୍ରଣୀ ସାଂସ୍କୃତିକ ତଥା ସାମାଜିକ ଅନୁଷ୍ଠାନ 'ମଶାଲ' ପକ୍ଷରୁ ୨୫ତମ ରାଜ୍ୟସ୍ତରୀୟ ରଜମହୋତ୍ସବ ସ୍ଥାନୀୟ ଉତ୍କଳ ମଣ୍ଡପ ଠାରେ ଶନିବାର ପାଳିତ ହୋଇଯାଇଛି। ଏହି ଉତ୍ସବରେ ରଜ ଦୋଳି ଓ ପାନ ମୁଖ୍ୟ ଆକର୍ଷଣ ପାଲଟିଥିବାବେଳେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଥିଲା।

ଇଜେଡ଼ସିସି କୋଲକାତା ଏବଂ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖାଦ୍ୟ ମେଳା, ପାନ ଷ୍ଟଲ, ଦୋଳି, ପିଠା, ପଣାର ସମ୍ଭାର ଦେଖିବାକୁ ମିଳିଥିଲା, ଯାହାକୁ ଲୋକ ବେଶ ଉପଭୋଗ କରିଥିଲେ। ପ୍ରଥମ ପର୍ଯ୍ୟାୟକୁ କ୍ରିଷ୍ଟା ଗ୍ରୁପ୍ ଅଫ୍ କମ୍ପାନୀର ଅଧ୍ୟକ୍ଷ ପବିତ୍ର କୁମାର ରାଉତରାୟ ଉଦ୍‌ଘାଟନ କରିବା ପରେ 'ମଶାଲ' ପକ୍ଷରୁ ଓଡ଼ିଶାରେ ବୌଦ୍ଧ ସ୍ଥଳୀଗୁଡ଼ିକ ଉପରେ ଏକ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା। ତା'ଛଡ଼ା କଣ୍ଢେଇ ନାଚ, ଘୋଡ଼ା ନାଚ, ରଣ ହୋଲୀ, ଶ୍ରେଷ୍ଠ ଓଡ଼ିଆଣୀ କାର୍ଯ୍ୟକ୍ରମ, ଓଡ଼ିଆ ଗୀତ, ପିଠା, ଚିତା ଓ ପୁଚି ଖେଳ ପ୍ରତିଯୋଗିତା, ପଶାଖେଳ, ତେଲିଙ୍ଗି ବାଜା ଓ ମହୁରି ଆଦି ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟାର୍ଦ୍ଧରେ ମହିଳା ସାମାଜିକ କାର୍ଯ୍ୟକର୍ତ୍ତା ଶୁଭସ୍ମିତା ପଣ୍ଡାଙ୍କୁ ମଶାଲ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅଭିନେତା ସ୍ୱର୍ଗତ ଉତ୍ତମ ମହାନ୍ତିଙ୍କୁ ନୃତ୍ୟ-ଗୀତ ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ପରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ଖ୍ୟାତନାମା ଓଡ଼ିଆ ଭୋକାଲିଷ୍ଟ ପଦ୍ମଶ୍ରୀ ଶ୍ୟାମାମଣୀ ଦେବୀ, ଚଳଚ୍ଚିତ୍ର ନିର୍ମାତା ଶ୍ରୀକାନ୍ତ ଗୌତମ, ଅଭିନେତା କୁନା ତ୍ରିପାଠୀ, ହରିହର ମହାପାତ୍ର, ଭାରତ ମସଲାର ଅଧ୍ୟକ୍ଷ ସୁରେନ୍ଦ୍ରନାଥ ପଣ୍ଡା, ସଙ୍ଗୀତ ନାଟକ ଏକାଡେମୀ ସଚିବ ଚନ୍ଦ୍ରଶେଖର ହୋତା, ପୂର୍ବତନ ପ୍ରଶାସକ ରବିନାରାୟଣ ସେନାପତି, ମନୋରଞ୍ଜନ ପାଣିଗ୍ରାହୀ, ସଂସ୍କୃତି ଗବେଷକ ମନ୍ମଥ ଶତପଥୀ ଅତିଥିଭାବେ ଯୋଗ ଦେଇଥିଲେ।

'ମଶାଲ'ର ସଭ୍ୟ ସଚିବ ଶ୍ୟାମ ସୁନ୍ଦର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇଥିଲେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଚୌଧୁରୀ ରାଜେନ୍ଦ୍ର କୁମାର ମହାପାତ୍ର। କାର୍ଯ୍ୟକ୍ରମ ନିର୍ଦ୍ଦେଶକ ସନ୍ଦୀପ କୁମାର ରଥ ଧନ୍ୟବାଦ ଦେଇଥିଲେ। ପ୍ରେମା ଓ ଅନିଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂଭାବନା ପକ୍ଷରୁ ରଜ ମଉଜ

**ଭୁବନେଶ୍ୱର,୧୪।୬/ଏନ୍ଏନ୍ଏସ୍:** ପହିଲି ରଜ ସଂଧ୍ୟାରେ ସଂଭାବନା ଓଡ଼ିଆଣୀ ସମିତି ପକ୍ଷରୁ ଗୀତଗୋବିନ୍ଦ ସଦନ ଠାରେ ଓଡ଼ିଆଣୀମାନଙ୍କୁ ନେଇ 'ରଜ ମଉଜ' ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଓଡ଼ିଆଣୀମାନେ ସ୍ୱରଚିତ କବିତା ପାଠ କରିଥିଲେ। ସଂଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତିଙ୍କ ପରିଚାଳନାରେ ପୋଡ଼ପିଠା ଓ ରଜ ପାନର ପ୍ରଦର୍ଶନ ତଥା ଦର୍ଶକମାନଙ୍କୁ ପରିବେଷଣ ସହ କବିତା ପାଠୋତ୍ସବ, ସଂଗୀତ ଗାନ ଆଦିରେ ଉପସ୍ଥିତ ଓଡ଼ିଆଣୀମାନେ ଭାଗ ନେଇ ଚମତ୍କୃତ କରୁଥିଲେ ଉପସ୍ଥିତ ସଂସ୍କୃତିପ୍ରେମୀ ଓଡ଼ିଆମାନଙ୍କୁ। କାର୍ଯ୍ୟକ୍ରମରେ ପ୍ରମୁଖ ଅତିଥି ଭାବେ ବିଶିଷ୍ଟ ଭାଷାବିତ୍ ପଦ୍ମଶ୍ରୀ ଡକ୍ଟର ଦେବୀ ପ୍ରସନ୍ନ ପଟ୍ଟନାୟକ, ପଞ୍ଚାନନ କାନୁନଗୋ, ବିଶିଷ୍ଟ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ରାଜୀବ ଶେଖର ସାହୁ, ୨୦୨୫ର ଶ୍ରେଷ୍ଠ ଓଡ଼ିଆଣୀ ରୀତା ଶଙ୍ଖୁଆ, ସମାଜସେବୀ କସ୍ତୁରିକା ପଟ୍ଟନାୟକ, ସଂଭାବନାର ଅଧ୍ୟକ୍ଷ ଶରତ ଚନ୍ଦ୍ର ଭଦ୍ର, ସଂପାଦକ ଦେବ ପ୍ରସାଦ ପରିଜା, ଓଡ଼ିଆଣୀ ସମିତିର ସଭାନେତ୍ରୀ ସୌଦାମିନୀ ସାମଲ,ସଂପାଦିକା ରେଖା ସାହୁ ଉପସ୍ଥିତ ଥିଲେ।

ପ୍ରଥମେ କବିତା ପାଠୋତ୍ସବରେ ଅଂଶଗ୍ରହଣ କରିଥିଲେ ବନ୍ଦିତା ଦାସ, ଡକ୍ଟର ସ୍ୱର୍ଣ୍ଣଲତା ତ୍ରିପାଠୀ, ଡାକ୍ତର ରୀତାଞ୍ଜଳି ମିଶ୍ର, ଡକ୍ଟର ସୁଜାତା ମହାନ୍ତି। ବନସ୍ତେ ଡାକିଲା ଗଜ ବୃନ୍ଦ ଗାନ ପରିବେଷଣ କରିଥିଲେ ପଦ୍ମାଳୟା ଶତପଥୀ, ରେଖା ସାହୁ, ମୀନାକ୍ଷୀ ପଟ୍ଟନାୟକ, ମାନସୀ ରାଉତରାୟ, ବୈଜୟନ୍ତୀ ଦାସ, ବନ୍ଦିତା ଦାସ, ରଶ୍ମିତା ରଥ, ସ୍ୱର୍ଣ୍ଣଲତା ତ୍ରିପାଠୀ, ଲକ୍ଷ୍ମୀପ୍ରିୟା ତ୍ରିପାଠୀ, ରତ୍ନମଞ୍ଜରୀ ସାମନ୍ତରାୟ ,ବାସନ୍ତୀ ସାହୁ ଆଦି ଓଡ଼ିଆଣୀମାନେ। ସେହିପରି ମେଘ ବରଷିଲା ଟୁପୁରୁ ଟୁପୁରୁ ବିଜୟଲକ୍ଷ୍ମୀ ପତି, ଆ ଖିଲି ପାନ ବଣକୁ ଯିବା ଜୋତ୍ସ୍ନା ସେନାପତି, ନିବେଦିତା ମଲ୍ଲିକ, ସୌଦାମନୀ ସାମଲ, ସ୍ମୃତି ମହାନ୍ତି ଆଦି ପରିବେଷଣ କରିଥିଲେ। ନମିତା ଦାଶ ଓ ରଶ୍ମିତା ରଥଙ୍କ ସ୍ୱରରେ ପାଦରେ ପାଦ ଛନ୍ଦା, ମୀନା ପାଣିଗ୍ରାହୀ, ରୀତାଞ୍ଜଳି ମିଶ୍ରଙ୍କ ସ୍ୱରରେ ଶୁଣ ସମୁଦୁଣୀ ମୋର ବେଶ୍ ମନ ଛୁଇଁଥିଲା ଶ୍ରୋତାଙ୍କର। ଟ୍ରଷ୍ଟି ସ୍ମୃତି ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସଂଭାବନାର ଯୁଗ୍ମ ସଂପାଦିକା ମୀନାକ୍ଷୀ ପଟ୍ଟନାୟକ, ପ୍ରଫୁଲ୍ଲ ଦେ, କାର୍ଯ୍ୟକ୍ରମ ସଂପାଦିକା ରଶ୍ମିତା ରଥ ସହଯୋଗ କରିଥିଲେ।

## ପଟିଆ ଗଡ଼ ରଜ ଉତ୍ସବ ଉଦ୍‌ଘାଟିତ



**ଭୁବନେଶ୍ୱର,୧୪।୬/ଏନ୍ଏନ୍ଏସ୍:** ପଟିଆ ସ୍ଥିତ ଏଲ୍ଏ ଲନ୍ ଠାରେ ପଟିଆ ଗଡ଼ ରଜ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଅଭୟ ବଡ଼ଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଉତ୍ସବକୁ ମୁଖ୍ୟ ଅତିଥି ଭାବେ ୩ ନଂ ୱାର୍ଡର କର୍ପୋରେଟର ଲକ୍ଷ୍ମୀପ୍ରିୟା ପରିଡ଼ା ଯୋବଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପଟିଆ ଗ୍ରାମର ଯୁବନେତା ତଥା ୧ ନଂ ୱାର୍ଡର କର୍ପୋରେଟର ମିହିର କୁମାର ରାଉତ, କବୟିତ୍ରୀ ଲଳିତା ଜେନା ଯୋଗଦେଇ ପଟିଆ ଗ୍ରାମର ଭାଇଚାରା ଓ ଓଡ଼ିଶାର ଗଣପର୍ବ ରଜ ସମ୍ବନ୍ଧରେ କହିଥିଲେ। ସୁସଜ୍ଜିତ ଏଲଏ ଲନରେ ଲାଗିଥିବା ପଟା ଦୋଳି, ବାଉଁଶ ଦୋଳି ଓ ଚକିରି ଦୋଳି ଖେଳି ସମସ୍ତେ ମଜା ନେଇଥିଲେ। ୧୫ ଓ ୧୬ ରେ ବିଭିନ୍ନ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମକୁ ମନୋଜ ତ୍ରିପାଠୀ ଓ ନବକିଶୋର ଜେନା ପରିଚାଳନା କରିଥିଲେ।

## ରାଜ୍ୟରେ ୧୬ରୁ ବଢ଼ିବ ବର୍ଷା

**ଭୁବନେଶ୍ୱର,୧୪।୬/ଏନ୍ଏନ୍ଏସ୍:** ରାଜ୍ୟରେ ଆସନ୍ତା ୧୬ ତାରିଖରୁ ବର୍ଷାର ପ୍ରଭାବ ବଢ଼ିବ। ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ୧୬ ତାରିଖ ବେଳକୁ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ପରିସ୍ଥିତି ସୁହାଇଲେ ଏହା ପ୍ରଭାବରେ ଏକ ଲଘୁଚାପ ମଧ୍ୟ ସୃଷ୍ଟି ହୋଇପାରେ। ଏମିତି ହେଲେ ରାଜ୍ୟରେ ମୌସୁମୀ ସକ୍ରିୟ ହେବା ସହ ବର୍ଷାର ପ୍ରଭାବ ବୃଦ୍ଧି ପାଇବ। ବର୍ତ୍ତମାନ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ପାଇଁ ପାଗ ଅନୁକୂଳ ରହିଛି। ଏହି ସମୟରେ କେତେକ ସ୍ଥାନରେ ହାଲୁକା ଓ ମଧ୍ୟମ ଧରଣର ବର୍ଷା ସହ ବିଜୁଳି ଘଡ଼ଘଡ଼ି ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ତେବେ ୧୬ ତାରିଖରୁ ବର୍ଷାର ପ୍ରଭାବ ବଢ଼ିବା ନେଇ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଗତ ୨୪ ଘଣ୍ଟାରେ ମାଲକାନଗିରିରେ ୧୩ ମିମି ବର୍ଷା ହୋଇଥିବା ବେଳେ ମାଲକାନଗିରିରେ ୧୨ ମିମି ଓ ବାକି ଅଞ୍ଚଳରେ ୧୦ ମିମିରୁ କମ୍ ବର୍ଷା ରେକର୍ଡ ହୋଇଛି।

## ରକ୍ତଦାନ କରିବାର ସଙ୍କଳ୍ପ ନେବାକୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଆହ୍ୱାନ

**ଭୁବନେଶ୍ୱର,୧୪।୬/ଏନ୍ଏନ୍ଏସ୍:** ଶନିବାର ଥିଲା ବିଶ୍ୱ ରକ୍ତଦାତା ଦିବସ। ଏହି ଅବସରରେ ଅମୂଲ୍ୟ ମାନବ ଜୀବନ ରକ୍ଷା କରିବା ପାଇଁ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିବାର ସଙ୍କଳ୍ପ ନେବାକୁ ଆହ୍ୱାନ ଦେଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ । ମନ୍ତ୍ରୀ କହିଛନ୍ତି ଯେ ରକ୍ତ ଦାତା, ଜୀବନ ଦାତା । ଆମ ରାଜ୍ୟରେ ରକ୍ତର ବହୁତ ଆବଶ୍ୟକତା ରହିଛି। ଏହାକୁ ପୂରଣ କରିବା ପାଇଁ ଆମ ସମସ୍ତଙ୍କୁ ପ୍ରୟାସ ଜାରି ରଖିବାକୁ ହେବ। ରକ୍ତଦାତା ଦିବସ ଅବସରରେ ରକ୍ତଦାନ କରିବା ସହ ଅନ୍ୟମାନଙ୍କୁ ଏଥିପାଇଁ ଉତ୍ସାହିତ କରିବା ପାଇଁ ଜନ ସଚେତନତା ସୃଷ୍ଟି କରିବା ନେଇ ମନ୍ତ୍ରୀ କହିଛନ୍ତି।

## ବ୍ୟାସକବିଙ୍କ ସ୍ମରଣ କଲେ ସ୍ୱାସ୍ଥ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୪।୬/ଏନ୍ଏନ୍ଏସ୍:** ବ୍ୟାସକବି ଫକିର ମୋହନ ସେନାପତିଙ୍କ ସ୍ମୃତିଚାରଣ କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ। ଏନେଇ ସୋସିଆଲ ମିଡିଆ ଏକ୍ସରେ ମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଆ ଭାଷାର ତ୍ରାଣକର୍ତ୍ତା ବ୍ୟାସକବି ଫକିର ମୋହନ ସେନାପତିଙ୍କ ପୁଣ୍ୟତିଥିରେ ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି। ଓଡ଼ିଆ ଭାଷାର ସୁରକ୍ଷା ଓ ସମାଜ ସଂସ୍କାର ଦିଗରେ ତାଙ୍କର ଅବଦାନ ଅତୁଳନୀୟ ବୋଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି।

## ସୋଆ ଏସ୍ଏଚ୍ଏମ୍ ପକ୍ଷରୁ ରଜ ପିଠା ପ୍ରତିଯୋଗିତା





**ଭୁବନେଶ୍ୱର,୧୪।୬/ଏନ୍ଏନ୍ଏସ୍:** ଓଡ଼ିଶାର ଗଣପର୍ବ ରଜ ଉପଲକ୍ଷେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସ୍ଥାନୀୟ ସ୍କୁଲ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ (ଏସ୍ଏଚ୍ଏମ୍) ପକ୍ଷରୁ ଶୁକ୍ରବାର ରଜ ପିଠା ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୧୮ବର୍ଷରୁ ଊର୍ଦ୍ଧ୍ୱ ଝିଅ ଓ ମହିଳାମାନେ ପ୍ରସ୍ତୁତ କରି ଆଣିଥିବା ବିଭିନ୍ନ ପ୍ରକାର ପିଠା ପ୍ରଦର୍ଶିତ ହୋଇଥିଲା। ପ୍ରାୟ ୪୦ ଜଣ ମହିଳା ଓ ଝିଅ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ।

ରୋଷେଇ ଦକ୍ଷତାକୁ ପରଖିବା ପାଇଁ ବିଚାରକ ଭାବେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ୍ ମ୍ୟାନେଜମେଣ୍ଟର ଡିନ୍ ପ୍ରଫେସର ସୁଶାନ୍ତ ରଞ୍ଜନ ଚଇନି, ଛପନ ଭୋଗର ପ୍ରତିଷ୍ଠାତା ସତ୍ୟବ୍ରତ ମହାନ୍ତି, ସେଫ୍ ଶ୍ରୀ ସତ୍ୟସୌଭନ ଲେଙ୍କା ଓ ପ୍ରଫେସର ପତିତପାବନ ଲେଙ୍କା ବିଚାରକ ଭାବେ ଯୋଗଦେଇ ଖାଦ୍ୟର ମାନ ନିରୂପଣ କରିଥିଲେ। ଏହି ପ୍ରତିଯୋଗିତାରେ ପ୍ରତିଯୋଗୀମାନଙ୍କର ଖାଦ୍ୟର ସ୍ୱାଦ, ପ୍ରସ୍ତୁତି, ରୂପ, ପରିବେଷଣ ଓ ଏହାର ଭିନ୍ନତାକୁ ନେଇ ବିଚାର କରାଯାଇଥିଲା। ଏସ୍ଏଚ୍ଏମ୍‌ର ଡିନ୍ ପ୍ରଫେସର ଚଇନି ସ୍ୱାଗତ ଭାଷଣ ଦେଇ ଏହି ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀମାନଙ୍କୁ ଧନ୍ୟବାଦ ପ୍ରଦାନ କରି ସେମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ କହିଥିଲେ ଯେ ଓଡିଶାର ସଂସ୍କୃତିକୁ ଖୁବ୍ ନିଆରା ଭାବରେ ପରିପ୍ରକାଶ କରିବାର ମାଧ୍ୟମ ହେଉଛି ପିଠା ପ୍ରତିଯୋଗିତା। ଏହା କେବଳ ପ୍ରତିଯୋଗିତା ନୁହେଁ ଏହା ମହିଳାମାନଙ୍କ ଭିତରେ ଲୁକ୍କାୟିତ ଅବସ୍ଥାରେ ଥିବା ପ୍ରତିଭାକୁ ପରିପ୍ରକାଶ କରିବା ନିମନ୍ତେ ଏକ ଉପାୟ। ପ୍ରଫେସର ନନ୍ଦ ମହିଳା ଓ ଝିଅମାନଙ୍କ ମଧ୍ୟରେ ଥିବା ପ୍ରତିଭା ଓ କଳା ଗୁଡିକୁ ପ୍ରକାଶ କରିବା ନିମନ୍ତେ ଏହିଭଳି ଅଭିନବ ପ୍ରୟାସ ପାଇଁ ସୋଆ ଏସ୍ଏଚଏମ୍‌କୁ ଶୁଭେଚ୍ଛା ଜଣାଇବା ସହ ମହିଳାମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଛପନ ଭୋଗର ପ୍ରତିଷ୍ଠାତା ଶ୍ରୀ ମହାନ୍ତି କହିଥିଲେ ଯେ ନାରୀମାନେ ସ୍ୱାବଲମ୍ବୀ ହେବା ଏବଂ ସେମାନଙ୍କ ପାଖରେ ଥିବା ଲୁକ୍କାୟିତ ପ୍ରତିଭାକୁ ପ୍ରସ୍ଫୁଟିତ କରିବା ଜରୁରୀ। ପ୍ରତିଯୋଗୀମାନଙ୍କର ଇନୋଭେଟିଭ୍ ଚିନ୍ତାଧାରା ପାଇଁ ସେମାନଙ୍କ ଉଦ୍ୟମକୁ ସେ ପ୍ରଶଂସା କରିଥିଲେ। ଶ୍ରେଷ୍ଠ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରୋଗାମ୍ କୋର୍ଡିନେଟର ତଥା ଏସ୍ଏଚ୍ଏମ୍‌ର ପ୍ରଫେସର (ଡକ୍ଟର) ଅଂଶୁମାନ ସାମଲ ଧନ୍ୟବାଦ ଦେଇଥିଲେ।

# ଦିବ୍ୟାଙ୍ଗ ନାତୁଣୀକୁ ଦୁଷ୍କର୍ମ



ଅଭିଯୁକ୍ତ ଗିରଫ

**ବଲଙ୍ଗା,୧୪।୬/ଏନ୍‌ଏନ୍‌ଏସ୍:** ବଲଙ୍ଗା ଥାନା ଅନ୍ତର୍ଗତ ଏକ ଗ୍ରାମରୋହ ଭୋଜି ଖାଇବାକୁ ଯାଇଥିବା ପରିବାରର ଜଣେ ଦିବ୍ୟାଙ୍ଗ ନାତୁଣୀକୁ ଘରେ ଏକୁଟିଆ ଥିବା ସୁଯୋଗ ନେଇ ସମ୍ପର୍କୀୟ ଜେଜେ (୫୬) ଅସଦାଚରଣ କରିଥିବା ବଲଙ୍ଗା ଥାନାରେ ଅଭିଯୋଗ ହୋଇଛି। ପୁଲିସ ଅଭିଯୋଗ ପାଇବା ପରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରିବା ସହ ଡାକ୍ତରୀ ମାଇନା କରିବା ସହ ଅନ୍ୟପଟେ ପୁଲିସ ଭିନ୍ନକ୍ଷମ ଯୁବତୀଙ୍କର ୧୬୪ ଧାରାରେ ବୟାନ ରେକର୍ଡ କରି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ ବଲଙ୍ଗା ଥାନା ଅଧୀନରେ ଥିବା ଏକ ଗାଁରେ ଘଟିଛି ଏହିଭଳି ଲଜ୍ଜାଜନକ ଘଟଣା। ଗତକାଲି ରାତ୍ରିରେ ଘରେ ସମସ୍ତେ ଏକ ବାହାଘର ଭୋଜିକୁ ଯାଇଥିବାବେଳେ ଅଭିଯୁକ୍ତ ରବି ତ୍ରିପାଠୀ ଘରେ କେହି ନଥିବାର ସୁଯୋଗ ନେଇ ହୁଇଲ୍ ଚେୟାରରେ ବସିରହିଥିବା ୯୦ପ୍ରତିଶତ ଭିନ୍ନକ୍ଷମ ଯୁବତୀଙ୍କୁ ଅସଦାଚରଣ କରିଥିବା ନେଇ ପୀଡ଼ିତାଙ୍କ ମା' ବଲଙ୍ଗା ଥାନାରେ ଅଭିଯୋଗ କରିଛି। ଅଭିଯୋଗ ପାଇବା ମାତ୍ରେ ବଲଙ୍ଗା ଥାନା ଅଧିକାରୀ ଦିବ୍ୟରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଯୁବକ ରବି ତ୍ରିପାଠୀକୁ(୫୬) ଗ୍ରାମରେ ୨ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଖୋଜାଖୋଜି ପରେ ଏକ ଧାନ ଗହୀର ମଧ୍ୟରେ ଲୁଚିଥିବା ଖବର ପାଇ ଚଢ଼ଉ କରି ଉଠାଇ ଆଣି ଅଧିକ ତଦନ୍ତ ଜାରି ରଖିଛି।

# ଟାବଲେଟ୍ ମୋବାଇଲ୍ ବଣ୍ଟନରେ ଅନିୟମିତତା ଅଭିଯୋଗ

**କୁଆଁପାଳ,୧୪।୬/ଏନ୍‌ଏନ୍‌ଏସ୍:** ମାହାଙ୍ଗା ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟର ପୂର୍ବତନ ଶିକ୍ଷାଧିକାରୀ ଚକ୍ରଧର ବେହେରାଙ୍କ ବିଭିନ୍ନ କାର୍ଯ୍ୟକଳାପ ନେଇ ସାଧାରଣରେ ଆଲୋଚନା ହେଉଥିଲା ବେଳେ ବିଭିନ୍ନ ବିଦ୍ୟାଳୟକୁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ପ୍ରଦାନ କରାଯାଇଥିବା ଟାବ୍‌ଲେଟ୍ ମୋବାଇଲ ସମ୍ପର୍କିତ ତଥ୍ୟକୁ ନେଇ ଏବେ ସାଧାରଣରେ ଚର୍ଚ୍ଚା ଜୋରଦାର ଧରିଛି। ସୂଚନା ତଥ୍ୟରୁ ଜଣାପଡିଛି ଯେ ୨୦୨୪ ଅକ୍ଟୋବର ୯ ତାରିଖରେ ସମଗ୍ର ଶିକ୍ଷା ଅଭିଯାନ ଅଧିନରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମନିଟରିଂ ପାଇଁ ୨୭ଟି ଟାବଲେଟ୍ ମୋବାଇଲ ବିଇଓ କାର୍ଯ୍ୟାଳୟ ମାହାଙ୍ଗା ତରଫରୁ ପ୍ରଦାନ କରାଯାଇଥିଲା।

ସେହିପରି ୩ଟି ଉଚ୍ଚ ବିଦ୍ୟାଳୟକୁ ଯଥା- ବାଗ୍ମୀବିଶ୍ୱନାଥ ବିଦ୍ୟାପୀଠ ମୂଳବସନ୍ତ, ଝଡ଼େଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟ, କେ.ସି ଗାନ୍ଧୀ ଶିକ୍ଷାଶ୍ରମ କଇଥାକୁ ୨୦ଟି ଲେଖାଏଁ ମୋଟ ୬୦ଟି ମୋବାଇଲ ଟାବ୍‌ଲେଟ୍, ଡିଜିଟାଲ ଆସେସ୍‌ମେଣ୍ଟ ଲ୍ୟାବ୍ ନିମନ୍ତେ ପ୍ରଦାନ କରାଯାଇଥିଲା। ୨୦୨୪ ମାର୍ଚ୍ଚ ୨୮ ତାରିଖରେ ଏନ୍. ଏଫ୍. ଇନ୍‌ଫ୍ରାଟେକ୍ ସର୍ଭିସ୍ ପ୍ରାଇଭେଟ୍ ଲିମିଟେଡ୍‌ରୁ ୨୭ଟି ଗାଲେକ୍ସି ଟାବ୍‌ଲେଟ୍‌କୁ ମୋଟ ୩,୪୭,୦୩୧ଟଙ୍କାରେ କିଣାଯାଇଥିଲା। ସେହି ତାରିଖରେ ୬୦ଟି ଟାବ୍‌ଲେଟ ମୋବାଇଲକୁ ଉକ୍ତ କମ୍ପାନୀଠାରୁ ୭,୭୧,୧୮୦ଟଙ୍କାରେ କିଣାଯାଇଥିଲା। ଏ ସମ୍ପର୍କରେ ସୂଚନା ତଥ୍ୟରେ ଦର୍ଶାଯାଇଛି। ପୂର୍ବରୁ ଏହି କମ୍ପାନୀଠାରୁ ମାହାଙ୍ଗା ବିଇଓ ୩୧୧ଟି ଟାବ୍‌ଲେଟ୍ ମୋବାଇଲ୍ ୨୦୨୪ ଅକ୍ଟୋବର ୨୧ ତାରିଖରେ ୩୯,୯୭,୨୮୩ ଟଙ୍କାରେ କିଣିଥିବା ସୂଚନା ତଥ୍ୟରେ ଦର୍ଶାଯାଇଛି। ତେବେ ଉକ୍ତ ମୋବାଇଲ୍‌ଗୁଡ଼ିକୁ କେତେ ତାରିଖରେ ମାହାଙ୍ଗା ବ୍ଲକର କେଉଁ କେଉଁ ବିଦ୍ୟାଳୟକୁ କେତୋଟି ଲେଖାଏଁ ପ୍ରଦାନ କରାଯାଇଛି ସେ ତଥ୍ୟ ସୂଚନା ତଥ୍ୟରେ ଦର୍ଶାଯାଇ ନାହିଁ।

ଅପରପକ୍ଷେ ୨୦୨୪ ଅକ୍ଟୋବର ୮ ତାରିଖରେ ବିଇଓ କାର୍ଯ୍ୟାଳୟ ମାହାଙ୍ଗା ଅର୍ଡର ନଂ୧୭୭୨ରେ ୩୦ଟି ପ୍ରାଥମିକ ବିଦ୍ୟାଳୟକୁ ସମଗ୍ର ଶିକ୍ଷା ଅଭିଯାନରେ ଟାବ୍‌ଲେଟ ମୋବାଇଲ୍ ଓ ମାଧ୍ୟମିକ ବିଦ୍ୟାଳୟ ୨୭ଟି ମୋବାଇଲ୍ ଟାବଲେଟ୍ ପ୍ରଦାନ ପାଇଁ ପ୍ରଧାନଶିକ୍ଷକ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଅନେକ ବିଦ୍ୟାଳୟକୁ ଟାବ୍‌ଲେଟ୍ ମୋବାଇଲ ଦିଆଯାଇଥିଲେ ମଧ୍ୟ ତାହା ସମ୍ପୂର୍ଣ୍ଣ ଭାବରେ ଶିକ୍ଷକମାନଙ୍କୁ ପ୍ରଦାନ କରାଯାଇ ନଥିବା ଅଭିଯୋଗ ହେଉଛି।

ପୂର୍ବତନ ବ୍ଲକ ଶିକ୍ଷାଧିକାରୀ ଚକ୍ରଧର ବେହେରାଙ୍କ ବିରୁଦ୍ଧରେ ବାରମ୍ବାର ଗଣମାଧ୍ୟମରେ ଅଭିଯୋଗ ଏପରିକି ଜନଶୁଣାଣି ପୋର୍ଟାଲରେ ଅଭିଯୋଗ କରାଯାଇଥିଲେ ମଧ୍ୟ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଶୂନ। ଏଣୁ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ତୁରନ୍ତ ମାହାଙ୍ଗା ବିଇଓ କାର୍ଯ୍ୟାଳୟରେ ହୋଇଥିବା ଅନିୟମିତତାର ତଦନ୍ତ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ଆରାଧା ଏକାଡେମୀରେ ରଜ ଉତ୍ସବ



**ଫୁଲନଖରା,୧୪।୬/ଏନ୍‌ଏନ୍‌ଏସ୍:** ସଦର ଥାନା ଅନ୍ତର୍ଗତ ବ୍ରାହ୍ମଣଝରିଲୋଠାରେ ଥିବା ଆରାଧା କଲଚରାଲ ଏକାଡ଼େମୀରେ ରଜ ଉତ୍ସବ ପାଳିତ ହୋଇଛି। ଏହି ଉପଲକ୍ଷେ ନିର୍ଦ୍ଦେଶିକା ନିର୍ମଳା ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ମୁଖ୍ୟ ଅଜୟକୁମାର ପାତ୍ର, ଅଶ୍ୱିନୀ ମହାପାତ୍ର, ସୁରେନ୍ଦ୍ର ମହାପାତ୍ର, ସୁନ୍ଦରପ୍ରଭାତ ଦାସ, ଇଂ.ସନ୍ନ୍ୟାସୀ ପଣ୍ଡା, ସାମ୍ବାଦିକ ପ୍ରତାପକେଶରୀ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ପିଲାମାନେ ଦୋଳି ଖେଳିବା ସହିତ ବିଭିନ୍ନ କ୍ରୀଡ଼ାକୌତୁକ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ସମସ୍ତଙ୍କୁ ପୋଡ଼ପିଠା ଓ ରଜପାନ ବିତରଣ ହୋଇଥିଲା। ରାକେଶ ହୋତା, କୈଳାସ ଦାସ, ସସ୍ମିତା ସାହୁ ଓ ରବିନାରାୟଣ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଇଂ.ସେବକ ଶ୍ରୀକାନ୍ତ ଧନ୍ୟବାଦ ଦେଇଥିଲେ।

# ବେକରେ ରସି ଲଗାଇ ମହିଳାଙ୍କ ଆତ୍ମହତ୍ୟା

**ସାଲେପୁର,୧୪।୬/ଏନ୍‌ଏନ୍‌ଏସ୍:** ରଜରେ ରଶି ଲଗାଇ ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। କଟକ ଜିଲ୍ଲା ସାଲେପୁର ଥାନା ଅନ୍ତର୍ଗତ ବାରିଗୋଳ ଗ୍ରାମରେ ଏଭଳି ଦୁଃଖଦ ଘଟଣା ଘଟିଛି। ମୃତକ ଜଣଙ୍କ ହେଉଛନ୍ତି ଅନୁଆର ମହମ୍ମଦଙ୍କ ପତ୍ନୀ ତଇମୁନ ବିବି(୪୭)। ସୂଚନାନୁଯାୟୀ, ଶନିବାର ସକାଳେ ବାରିଗୋଳ ଗ୍ରାମର ଅନୁଆର ମହମ୍ମଦଙ୍କ ଘରଠାରୁ କିଛି ଦୂରରେ ଥିବା ଏକ ନିମ ଗଛରେ ତାଙ୍କ ପତ୍ନୀ ତଇମୁନ ବିବିଙ୍କ ମୃତଦେହ ଝୁଲୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଏନେଇ ଗ୍ରାମବାସୀ ସାଲେପୁର ପୁଲିସକୁ ଖବର ଦେଇଥିଲେ। ସାଲେପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ପଠାଇଛି। ଏହା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରୁ ତଦନ୍ତ ଚଳାଇଛି। କିଛି ଦିନ ହେବ ପାରିବାରିକ ଅଶାନ୍ତି କାରଣରୁ ତଇମୁନଙ୍କ ମାନସିକ ସ୍ଥିତି ଠିକ ନଥିବା ବେଳେ ସେ ଆଜି ଏପରି କାଣ୍ଡ ଘଟାଇଥିବା କିଛି ଗ୍ରାମବାସୀ ଆଲୋଚନା କରୁଥିବା ଶୁଣିବାକୁ ମିଳିଥିଲା। ଆଜି ପହିଲି ରଜ ଥିବାବେଳେ ଏଭଳି ଆତ୍ମହତ୍ୟା ଘଟଣାରେ ପରିବାରରେ ଶୋକର ଛାୟା ଖେଳିଯାଇଛି।

# ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ କଳସଯାତ୍ରା



**ଓଡ଼ଗାଁ,୧୪।୬/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ ଶରଣକୁଳର ଅଧିଷ୍ଠାତ୍ରୀ ଦେବୀ ମା' ଝାଡ଼େଶ୍ୱରୀ ପୀଠରେ ରଜ ଅବସରରେ ତିନିଦିନ ବ୍ୟାପୀ ବିଶ୍ୱଶାନ୍ତି ମହାଯଜ୍ଞ ଏବଂ ମା'ଙ୍କର ରଜପର୍ବ ଅନୁଷ୍ଠିତ ହେଉଛି। ଆଜି ରଜପର୍ବର ପ୍ରଥମ ଦିନରେ ଶତାଧିକ ମହିଳା ଏବଂ ପୁରୁଷ କୁସୁମୀ ନଦୀରୁ ଜଳକଳସୀ ନେଇ ଶରଣକୁଳର ଭିକାରୀପଡ଼ା, ମାଳିସାହି, ରତନସାହି, ନରେନ୍ଦ୍ରପୁର, ଚୂଡ଼ାମିଲ ସାହି ପରିକ୍ରମାକରି କଳସୀଗୁଡ଼ିକ ଯଜ୍ଞମଣ୍ଡପରେ ସ୍ଥାପନ କରିବା ସହ ଯଜ୍ଞର ଅଙ୍କୁରାରୋପଣ କାର୍ଯ୍ୟ ୨୦ରୁ ଅଧିକ ନୈଷ୍ଠିକ ବ୍ରାହ୍ମଣଙ୍କ ମନ୍ତ୍ରୋଚାରଣ ସହ ସମାହିତ ହୋଇଥିଲା। ଘଣ୍ଟ, ମୃଦଙ୍ଗ, ଢୋଲ, କାହାଳୀ, ବାନା ବୈରଖ ଓ ବାଣ ସହ ମହିଳାମାନଙ୍କର ହୁଳହୁଳି ଓ ପୁରୁଷମାନଙ୍କ ହରିବୋଲ ଧ୍ୱନିରେ ଶରଣକୁଳ ଅଞ୍ଚଳ ଉତ୍ସବ ମୁଖରିତ ହୋଇ ଉଠିଥିଲା। ସାହିଗୁଡ଼ିକରେ ମା'ମାନେ ଦୁଆର ଲିପାପୋଛା କରିବାସହ ପୂର୍ଣ୍ଣକୁମ୍ଭ ଓ ଦୀପ ସ୍ଥାପନକରି ପରିବେଶକୁ ଆଧାତ୍ମିକତାରେ ଭରି ଦେଇଥିଲେ। ପ୍ରତି ସାହିରେ ନାମ ସଂକୀର୍ତ୍ତନ ଦଳଗୁଡ଼ିକ କଳସ ଯାତ୍ରୀଙ୍କୁ ସ୍ୱାଗତ କରିଥିଲେ। ଏହି କଳସ ଯାତ୍ରାରେ ୩ଶହରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ସାମିଲ ହୋଇଥିବାବେଳେ ଆସନ୍ତାକାଲି ରଜ ସଂକ୍ରାନ୍ତି ଉପଲକ୍ଷେ ମା' ଝାଡ଼େଶ୍ୱରୀଙ୍କର ଷୋଡ଼ଶ ଉପଚାରରେ ପୂଜା କରାଯିବ। ଭକ୍ତମାନେ ପୂଜା ସରଞ୍ଜାମ ଧରି ମା'ଙ୍କ ପାଖକୁ ଆସି ପୂଜାର୍ଚ୍ଚନା କରିବା ସହିତ ଯଜ୍ଞକାର୍ଯ୍ୟ ପାଇଁ ଆର୍ଥିକ, ମାନସିକ ଓ କାୟିକ ସହଯୋଗ କରୁଥିବାବେଳେ ବିଭିନ୍ନ ବ୍ରାହ୍ମଣ ଶାସନରୁ ୨୦ରୁ ଅଧିକ ନିମନ୍ତ୍ରିତ ବ୍ରାହ୍ମଣ ଯଜ୍ଞକାର୍ଯ୍ୟ ସମ୍ପାଦନ କରୁଛନ୍ତି। ପ୍ରତିଦିନ ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ପାଇଁ ଅନ୍ନଛତ୍ରର ବ୍ୟବସ୍ଥା ହୋଇଛି। ଏହାସହ ମନୋରଞ୍ଜନ ନିମିତ୍ତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ମା'ଙ୍କ ଦର୍ଶନ ପାଇଁ ହଜାର ହଜାର ସଂଖ୍ୟାରେ ଆଖପାଖ ବିଭିନ୍ନ ଗ୍ରାମରୁ ପୁରୁଷ, ମହିଳା ଓ ପିଲାମାନଙ୍କର ସମାଗମ ହୋଇଛି। ମା'ଙ୍କ ପୀଠରେ ଅନେକ ଉଠାଦୋକାନୀ ବିଭିନ୍ନ ସାମଗ୍ରୀ ବିକ୍ରୟ କରୁଛନ୍ତି। ତିନିଦିନ ବ୍ୟାପୀ ଏହି ରଜ ଉତ୍ସବ ଓ ବିଶ୍ୱଶାନ୍ତି ଯଜ୍ଞର ପୂର୍ଣ୍ଣାହୁତି ସୋମବାର ଅନୁଷ୍ଠିତ ହେବ।

# ଥଣ୍ଡର୍ସ ଟାଇଟନ୍ସର ଏକତରଫା ବିଜୟ

**ଓଡ଼ଗାଁ,୧୪।୬/ଏନ୍‌ଏନ୍‌ଏସ୍:** କୁରାଳ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ରଜ ଉପଲକ୍ଷେ ଚାଲିଥିବା ୪ର୍ଥ କେପିଏଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସରେ ଥଣ୍ଡର୍ସ ଟାଇଟନ୍ସ ଓ ମାଇଟ ବୁଲସ ମଧ୍ୟରେ ଲିଗ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ୧୨ ଓଭର ବିଶିଷ୍ଟ ମ୍ୟାଚ୍‌ରେ ପ୍ରଥମେ ଥଣ୍ଡର୍ସ ଟାଇଟନ୍ସ ଟସ୍ ଜିତି ୪ ଉଇକେଟ ବିନିମୟରେ ୧୭୨ ରନ ସଂଗ୍ରହ କରିଥିଲା। ଏହାର ପ୍ରତି ଜବାବରେ ମାଇଟ ବୁଲସ ସମସ୍ତ ଉଇକେଟ ହରାଇ ମାତ୍ର ୮୯ ରନରେ ସୀମିତ ରହିଥିଲା। ଥଣ୍ଡର୍ସ ଟାଇଟନ୍ସର ଅଧିନାୟକ ସୌମ୍ୟରଞ୍ଜନ ସାମଲ ୩ ଓଭର ବୋଲିଂ କରି ୪ ଉଇକେଟ ହାସଲ କରି ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲା। ଧନେଶ୍ୱର ବେହେରା,ବାପି ସାହୁ,ଜଗନ୍ନାଥ ମହାରଣା ଓ ଦେବାଶିଷ ଦାସ ମ୍ୟାଚ ପରିଚାଳନା କରିଥିବାବେଳେ ତାରେଶ୍ୱର ପ୍ରଧାନ ସହଯୋଗ କରିଥିବା ଜଣାପଡ଼ିଛି।

# ଧଣ୍ଡିଚା ବିହନ ବଣ୍ଟନରେ ଅନିୟମିତତା ଅଭିଯୋଗ

**କୁଆଁପାଳ,୧୪।୬/ଏନ୍‌ଏନ୍‌ଏସ୍:** ମାହାଙ୍ଗା ବ୍ଲକରେ ଚାଷୀମାନଙ୍କ ପାଇଁ କୃଷି ବିଭାଗ ତରଫରୁ କି କି ସୁବିଧା ଆସୁଛି ତାହା କିନ୍ତୁ ପ୍ରକୃତ ଚାଷୀମାନେ ଜାଣିପାରନ୍ତି ନାହିଁ। ମାହାଙ୍ଗା ବ୍ଲକ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ନାହିଁ ନାହିଁରେ ଚାଲିଛି। ନା ଅଛନ୍ତି ଅଧିକାରୀ ନା ଅଛନ୍ତି ଆବଶ୍ୟକୀୟ କୃଷି ଗ୍ରାମ୍ୟ କର୍ମଚାରୀ। ଯାହା ଫଳରେ କୃଷକମାନେ ଦୀର୍ଘବର୍ଷ ହେଲା ସରକାରୀ ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ହେଉଛନ୍ତି। ସରକାର ପରିବର୍ତ୍ତନ ହୋଇଗଲେ ବ୍ୟବସ୍ଥାର ପରିବର୍ତ୍ତନ ଘଟେ ନାହିଁ। ଯାହାର ଉଦାହରଣ ପାଲଟିଛି ମାହାଙ୍ଗା ବ୍ଲକ। ପୂର୍ବରୁ ଯେଉଁଭଳି ଭାବେ ଶାସକ ଦଳର କର୍ମୀମାନେ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ହାତରେ ରଖି ସରକାରୀଙ୍କ ପ୍ରଦତ୍ତ ସୁବିଧାସୁଯୋଗ ହରିଲୁଟ କରିଥିଲେ ବର୍ତ୍ତମାନ ବି ସେହିଭଳି ଅବସ୍ଥା। ମୁଗ ବିହନ ହରିଲୁଟ ପରେ ଏବେ ଧଣ୍ଡିଚା ବିହନ ହରିଲୁଟ ହେଉଥିବା ଅଭିଯୋଗ ହେଉଛି। ବ୍ଲକ କୃଷି କାର୍ଯ୍ୟାଳୟକୁ କେତେ କ୍ୱିଣ୍ଟାଲ ଧଣ୍ଡିଚା ବିହନ ଆସିଥିଲା କେଉଁ କେଉଁ ପଞ୍ଚାୟତରେ ବଣ୍ଟନ କରାଯାଇଛି, କେଉଁ କେଉଁ ଚାଷୀ କେତେ କେତେ ଏକର ଧଣ୍ଡିଚା ବିହନ ବୁଣିଛନ୍ତି। ତାହାର ନିରପେକ୍ଷ ତଦନ୍ତ କରାଗଲେ ପ୍ରକୃତ ତଥ୍ୟ ଲୋକଲୋଚନକୁ ଆସିବ। ଧଣ୍ଡିଚା ବିହନ ହେର୍‌ଫେର୍‌ରେ ସମ୍ପୃକ୍ତ କୃଷି ବିଭାଗର କର୍ମଚାରୀ ଓ ରାଜନୈତିକ ଦଳର କର୍ମୀଙ୍କର ଅସଲ ମୁଖା ପଦାରେ ପଡ଼ିଯିବ। ସାଧାରଣରେ ଚର୍ଚ୍ଚା ହେଉଛି ଯେ କାଗଜପତ୍ରରେ ଧଣ୍ଡିଚା ମଞ୍ଜି ବଣ୍ଟନ କରାଯାଇଛି। ଯଦି ଧଣ୍ଡିଚା ମଞ୍ଜି ଚାଷୀଙ୍କୁ ଦିଆଯାଇଛି, ତେବେ କେଉଁ ପଞ୍ଚାୟତରେ କେତେ କେତେ ଚାଷ ଜମିରେ ଧଣ୍ଡିଚା ଗଛ ଉଠିଛି ତାହା ତଦନ୍ତ ପାଇଁ ଦାବି ହୋଇଛି। ଧଣ୍ଡିଚା ମଞ୍ଜି ବଣ୍ଟନ ଦାୟିତ୍ୱ କୃଷକ ସାଥିମାନଙ୍କୁ ଦିଆଯାଇଥିଲା କି ନା ପଞ୍ଚାୟତର ଶାସକ ଦଳର କର୍ମୀଙ୍କ କଥାରେ ବଣ୍ଟନ କରାଯାଇଥିଲା। ଏଣୁ ରାଜ୍ୟ ମୁଖ୍ୟମନ୍ତ୍ରୀ ମାହାଙ୍ଗା ଅଞ୍ଚଳର ଚାଷୀମାନଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ମୁଗ ବିହନ, ନଳିତା ବିହନ ଓ ଧଣ୍ଡିଚା ବିହନ ବଣ୍ଟନର ନିରପେକ୍ଷ ତଦନ୍ତ ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସର୍ବସାଧାରଣରେ ଦାବି ହେଉଛି।

# ୧୬ ସ୍ୱେଚ୍ଛାକୃତ ରକ୍ତଦାତା ପୁରସ୍କୃତ



**ଖୋର୍ଦ୍ଧା,୧୪।୬/ଏନ୍‌ଏନ୍‌ଏସ୍:** ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ ବିଭାଗ ଓ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ବିଶ୍ୱ ରକ୍ତଦାତା ଦିବସ ପାଳିତ ହୋଇଯାଇଛି। ଖୋର୍ଦ୍ଧା ରକ୍ତଭଣ୍ଡାରର ଡାକ୍ତର ଜୟରାମ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡାକ୍ତର ସୌରଭ ରାୟ, ସ୍ୱେଚ୍ଛାକୃତ ରକ୍ତଦାତା, ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରିଥିବା ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଡାକ୍ତର ପାଢ଼ୀ ନିଜ ବକ୍ତବ୍ୟରେ କହିଥିଲେ ଯେ ରକ୍ତଦାନ ଏକ ମହତ ଦାନ। ଏହାର ବିକଳ୍ପ ନାହିଁ। ସ୍ୱେଚ୍ଛାକୃତ ରକ୍ତଦାତାଙ୍କ ରକ୍ତଦାନ ଅନ୍ୟ ରୋଗୀଙ୍କ ଅମୂଲ୍ୟ ଜୀବନ ରକ୍ଷା କରିଥାଏ। ବିଶେଷ ଭାବରେ ପ୍ରସୂତି, ଥାଲାସେମିଆ, ସିକଲସେଲ, ହିମୋଫେଲିଆ, କ୍ୟାନ୍‌ସର୍, ଯକୃତ ରୋଗ ତଥା ଦୁର୍ଘଟଣାର ଶିକାର ହୋଇଥିବା ଏବଂ ଅନେକ ସ୍ଥଳରେ ଗୁରୁତର ରୋଗରେ ଆକ୍ରାନ୍ତ ହୋଇଥିବା ବ୍ୟକ୍ତିଙ୍କ ପାଇଁ ରକ୍ତର ଆବଶ୍ୟକତା ପଡ଼ିଥାଏ। ରକ୍ତ ଦାନ ପାଇଁ ଅନେକ ବ୍ୟକ୍ତି ସ୍ୱତଃ ଆଗେଇ ଆସିଥାଆନ୍ତି। ତେଣୁ ରକ୍ତର ମୂଲ୍ୟ କେତେ ଆମେ ତାହା ଜାଣିବା ନିହାତି ଦରକାର। ଏ ନେଇ ଜନସାଧାରଣଙ୍କୁ ସଚେତନ କରାଇବା ଲାଗି ପ୍ରତିବର୍ଷ ଜୁନ୍ ୧୪ ତାରିଖରେ ପାଳିତ ହୋଇଥାଏ ବିଶ୍ୱ ରକ୍ତଦାତା ଦିବସ। ଗ୍ରାମାଞ୍ଚଳରେ ରକ୍ତଦାନ ହାର ବହୁତ କମ୍। ଏଥିଲାଗି ବ୍ୟାପକ ସଚେତନତା ଜରୁରୀ। ସମସ୍ତଙ୍କ ସହଯୋଗ, ସହଭାଗିତା ରହିଲେ ରକ୍ତାଭାବ ଜନିତ ସମସ୍ୟା ଦୂର ହୋଇପାରିବ ବୋଲି କହିଥିଲେ। ଏହି ଅବସରରେ ୧୬ଜଣ ସ୍ୱେଚ୍ଛାକୃତ ରକ୍ତଦାତାଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ସହ ପୁରସ୍କୃତ କରାଯାଇଥିଲା। ଡିପିଏଚ୍‌ଓ ପ୍ରସନ୍ନ ମହାପାତ୍ର ସଂଯୋଜନା କରିଥିବାବେଳେ ଏଡିପିଏଚ୍‌ଓ ରବୀନ୍ଦ୍ର କୁମାର ପରମାଣିକ, ରକ୍ତଭଣ୍ଡାର ବରିଷ୍ଠ ଟେକ୍‌ନିସିଆନ ଅରୁଣ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ରକ୍ତଭଣ୍ଡାର ସମସ୍ତ କର୍ମଚାରୀ ଓ ସ୍ୱେଚ୍ଛାକୃତ ରକ୍ତଦାତାମାନେ ଉପସ୍ଥିତ ଥିଲେ।

# ମୋ ଗାଁ ଆମ୍ବ ପସରା ଷ୍ଟଲ୍ ଉଦ୍‌ଘାଟିତ



**ଖୋର୍ଦ୍ଧା,୧୪।୬/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ହାବେଳି ପଡ଼ିଆଠାରେ ଗତକାଲିଠାରୁ ଚାଲିଥିବା ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ବିକାଶ ମେଳା ଏବଂ ପାରମ୍ପାରିକ ଖାଦ୍ୟ ମେଳା ଅବସରରେ ଆଜି ଦ୍ୱିତୀୟ ଦିବସରେ ମୋ ଗାଁ ଆମ୍ବ ପସରା ଷ୍ଟଲକୁ ଅପରାହ୍ନରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ କହିଲେ ଯେ ପାରମ୍ପାରିକ ଓଡ଼ିଆ ଖାଦ୍ୟରେ ଆମ୍ବର ଚାହିଦା ବହୁତ ଅଧିକ ଥାଏ। ଆଜିର ଏହି ଗାଁ ଆମ୍ବ ପସରା ଷ୍ଟଲରେ ବିଭିନ୍ନ ଦେଶୀୟ ପଦ୍ଧତିରେ ବାଇଗଣ ପଲେଇ ଆମ୍ବ ସହ ବିଭିନ୍ନ ପ୍ରକାରର ଆମ୍ବ ଉଦ୍ୟାନ କୃଷିକୁ ପ୍ରୋତ୍ସାହନ ଦେବା ସହ ଚାଷୀ ମାନେ ନିଜର ବାଡ଼ି ବଗିଚାରେ ଆମ୍ବ ଚାଷକୁ ଗୁରୁତ୍ୱ ଦେଲେ ନିଶ୍ଚିତ ଭାବେ ଲାଭବାନ ହେବେ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଯୋଗଦେଇ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ମିଳୁଥିବା ସମସ୍ତ ପ୍ରକାର ସହାୟତାରେ ଜିଲ୍ଲାରେ ଉଦ୍ୟାନ କୃଷି ଯୋଜନାକୁ ସଫଳ କରିବାକୁ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ କିଶୋର କୁମାର ପଣ୍ଡା, ଓର୍ମାସ ମୁଖ୍ୟ କାର୍ଯ୍ୟ ନିର୍ବାହୀ ରାଜ୍ୟ ଗୋପାଳ ଦାସ, ବରିଷ୍ଠ କାର୍ଯ୍ୟକ୍ରମ ପରିଚାଳକ, ଅର୍ଥ, ଦୀପକ କୁମାର ଦାସ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରାଙ୍କ ସମେତ ଓର୍ମାସ୍ ଏବଂ ଉଦ୍ୟାନ କୃଷି ବିଭାଗ ଅଧିକାରୀ ଓ କର୍ମଚାରିମାନେ ଯୋଗଦେଇଥିଲେ। ସେହିପରି ମଞ୍ଚରେ ପୁରୁଣା ଓଡ଼ିଆ ଚଳଚ୍ଚିତ୍ର ପ୍ରଦର୍ଶନ ହେବା ସହ ଶଙ୍କର ବେହେରା ଏବଂ ଦଳଙ୍କ ଦ୍ୱାରା ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆକର୍ଷଣୀୟ ସମ୍ବଲପୁରୀ ନୃତ୍ୟ ସଙ୍ଗୀତ ପରିବେଷଣ କରାଯାଇଥିଲା।



# ୩୨ତମ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ଓ କବିତା ପାଠୋତ୍ସବ



**କୁଆଁପାଳ,୧୪।୬/ଏନ୍‌ଏନ୍‌ଏସ୍:** ମାହାଙ୍ଗା ବ୍ଲକର ଭଦ୍ରେଶ୍ୱର ପଞ୍ଚାୟତ ପାଣ୍ଡିଆ ଗ୍ରାମସ୍ଥିତ ବୃନ୍ଦାବନ ଭବନ ପରିସରରେ ଶ୍ରୀ ଶ୍ରୀ ବୀରଭଦ୍ରେଶ୍ୱର ସାହିତ୍ୟ ସଂସଦ ଆନୁକୂଲ୍ୟରେ ୩୨ତମ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଉଦ୍‌ଘାଟନ ଉତ୍ସବରେ ସଂସଦର ଉପସଭାପତି ଔପନ୍ୟାସିକା ବିଦ୍ୟୁଲତା ପ୍ରଧାନ ସଭାପତିତ୍ୱ କରିଥିଲେ। ଉଦ୍‌ଘାଟକ ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡଃ ପ୍ରକାଶ କୁମାର ପରିଡ଼ା ଯୋଗଦେଇ ପାଠକୀୟ ପରିଚୟ ବିନା ସାହିତ୍ୟିକଙ୍କ ସ୍ଥିତି ଅସମ୍ଭବ, ପାଠକଙ୍କ ପାଖରେ ଲେଖକଙ୍କ ପୂର୍ଣ୍ଣତା ପ୍ରକାଶ ପାଏ ବୋଲି ମତବ୍ୟକ୍ତ କରିଥିଲେ।

ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ବିରୁପାକ୍ଷ ରାୟ, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶାରଦା ପ୍ରସାଦ ମିଶ୍ର ଯୋଗଦେଇ କୁଞ୍ଜକଳିକାର ସମ୍ପାଦକ ରାଜକିଶୋର ମିଶ୍ରଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଅହମ୍ମଦାବାଦ୍‌ଠାରେ ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଗୌତମ ଚରଣ ଜେନା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ରାଜ୍ୟସ୍ତରୀୟ କବିତା ପାଠୋତ୍ସବରେ ସହାକାରୀ ପ୍ରାଧ୍ୟାପକ ଡଃ ଅଭୟ କୁମାର ରାଉତ, ଶିଶୁ ସାହିତ୍ୟିକ ମହେନ୍ଦ୍ର କୁମାର ଘଡ଼େଇ ଓ ବିଷ୍ଣୁପ୍ରିୟା ସାମଲ ସଂଯୋଜନା କରିଥିଲେ। ଏହି କବିତା ପାଠୋତ୍ସବରେ କବି ସର୍ବଶ୍ରୀ ରାମଚନ୍ଦ୍ର ସାହୁ, ପ୍ରଫୁଲ୍ଲ କୁମାର ସାହୁ, ବିଜୟ କୁଅଁର, ଅର୍ସଦ୍ ଖାଁ, ଅସମାଦ୍ ଖାଁ, ସଏଦ୍ ଆଲେନ ନବି, ସଦାସିନୀ ସାମଲ, ରବେୟା ସରୱର୍, ବିବେକାନନ୍ଦ ଦାସ, ସଚ୍ଚିଦାନନ୍ଦ ମିଶ୍ର, ସୁରତ ରାଉତ, ଫକୀର ଚରଣ ନାୟକ ସମେତ ବହୁ କବି ଓ କବୟିତ୍ରୀ ନିଜର ସ୍ୱରଚିତ କବିତା ପାଠ କରିଥିଲେ। ଅବସରପ୍ରାପ୍ତ ଅଧ୍ୟକ୍ଷ ବିରୁପାକ୍ଷ ରାୟ କବିତା ଗୁଡିକର ମୂଲ୍ୟାଙ୍କନ କରିଥିଲେ। ଶେଷ ଅଧିବେଶନ କବି ଭକ୍ତ ଚରଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଅତିରିକ୍ତ ମୁଖ୍ୟଶାସନ ସଚିବ ଡଃ ଉପେନ୍ଦ୍ର ନାଥ ବେହେରା ମୁଖ୍ୟବକ୍ତା ଭାବେ ଚିରସନ୍ଧାନର ସମ୍ପାଦକ ପ୍ରାଧ୍ୟାପକ ଡଃ. ପାର୍ଥସାରଥୀ, ଅଜୟ ବାରିକ, ସମ୍ମାନୀତ ଅତିଥିଭାବେ ନିର୍ଭୀକ ପତ୍ରିକାର ସମ୍ପାଦକ ଅବନୀ ଚନ୍ଦ୍ର ଦାସ, ମହିମାଧର୍ମ ଗବେଷକ ଡଃ ଏକାଦଶୀ ପ୍ରଧାନ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟ ସମ୍ପର୍କରେ ଆଲୋକପାତ କରିବା ସହ କୁଞ୍ଜକଳିକାର ସମ୍ପାଦକଙ୍କ ଉଦ୍ୟମ ଫଳରେ ପ୍ରତିବର୍ଷ ଦୁଇଥର ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ଅନୁଷ୍ଠିତ ହେଉଥିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅତିଥିମାନେ ସଂସଦର ମୁଖପାତ୍ର କୁଞ୍ଜକଳିକା ଓ ରାଜକିଶୋର ମିଶ୍ରଙ୍କ ଗଳ୍ପ ସଂକଳନ 'ସେହି କାଳରାତ୍ରୀର କାହାଣୀ'ପୁସ୍ତକକୁ ଲୋକାର୍ପିତ କରିଥିଲେ। ସମାଜର ବିଭିନ୍ନ କ୍ଷେତ୍ରରେ କୃତିତ୍ୱଅର୍ଜନ କରିଥିବା ବ୍ୟକ୍ତି ବିଶେଷ ଯଥା ଭଦ୍ରେଶ୍ୱର ଥାନା ଅଧିକାରିଣୀ ସନ୍ଧ୍ୟାରାଣୀ ସିଂ, ଚିନ୍ମୟୀ ନାଥ, ଅସିତ୍ ବିଶ୍ୱାଳ, ବିଷ୍ଣୁପ୍ରିୟା ସାମଲ, ଦିଲ୍ଲିପ କୁମାର ସାମଲ, ସଦାସନୀ ସାମଲ, ନଳିନୀପ୍ରଭା ମିଶ୍ର, ସୁକାନ୍ତ ନାଥଶର୍ମା, ରମେଶ ମହାରଣା, ଡଃ. ସ୍ୱାତିସୁଚରିତା, ଦିବାକର ଦାସଙ୍କ ସମେତ ବହୁ ପ୍ରତିଭାବାନ୍ ବ୍ୟକ୍ତିଙ୍କୁ ମାନପତ୍ର, ଉପଢୌକନ, ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ପ୍ରାରମ୍ଭରେ ପ୍ରମୋଦ କୁମାର ନାୟକ ସ୍ୱାଗତ ଭାଷଣ ଓ ଅତିଥିପରିଚୟ ପ୍ରଦାନ କରିଥିଲା ବେଳେ ଶିଶୁସାହିତ୍ୟିକ ପ୍ରଫୁଲ୍ଲ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ମାନସ ପ୍ରଧାନ, ଅଜୟ କୁମାର ମିଶ୍ର ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ମାହାଙ୍ଗା ନିଶ୍ଚିନ୍ତକୋଇଲି, ସାଲେପୁର, ବଡଚଣା ଓ କେନ୍ଦ୍ରାପଡା ଅଞ୍ଚଳର ବହୁ କବି, ସାହିତ୍ୟିକ ଅଂଶଗ୍ରହଣ କରିଥିଲେ।

# ବୃଦ୍ଧାଶ୍ରମରେ ପିତାଙ୍କ ଶ୍ରାଦ୍ଧ ଦିବସ ପାଳିଲେ ମନୋଜ



**ସାଲେପୁର,୧୪।୬/ଏନ୍‌ଏନ୍‌ଏସ୍:** ସାଲେପୁର ବ୍ଲକ ରାମକୃଷ୍ଣପୁର ପଞ୍ଚାୟତ ଏଲମାପୁର ସ୍ଥିତ ଦୁଃଖିଶ୍ୟାମ ବୃଦ୍ଧାଶ୍ରମରେ ରାଷ୍ଟ୍ରପତି ପୁରସ୍କୃତ ଆଦର୍ଶ ଶିକ୍ଷକ ସ୍ୱର୍ଗତ ରାଜକିଶୋର ମିଶ୍ରଙ୍କର ୩୨ତମ ଶ୍ରଦ୍ଧଦିବସ ପାଳିତ ହୋଇଯାଇଛି। ସ୍ୱର୍ଗତ ମିଶ୍ରଙ୍କ ସୁପୁତ୍ର ତଥା ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡକ୍ଟର ମନୋଜ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଜି ସକାଳ ଜଳଖିଆଠାରୁ ଆରମ୍ଭ କରି ମଧ୍ୟାହ୍ନ ଭୋଜନ ଓ ରାତ୍ର ଭୋଜନ ବ୍ୟବସ୍ଥା ବୃଦ୍ଧାଶ୍ରମ ଅନ୍ତେବାସୀଙ୍କ ପାଇଁ କରାଯାଇଥିଲା। ଆଶ୍ରମର ଅଧ୍ୟକ୍ଷ ଅଜୟ ଜେନା ଓ ତାଙ୍କ ସହଧର୍ମିଣୀ ସୁକାନ୍ତି ଜେନାଙ୍କୁ ଡକ୍ଟର ମିଶ୍ର ସମ୍ବର୍ଦ୍ଧିତ କରି କହିଥିଲେ ଯେ ଏହି ବୃଦ୍ଧାଶ୍ରମରେ ଅନ୍ତେବାସୀମାନଙ୍କୁ ଅଜୟ ଓ ତାଙ୍କ ସହଯୋଗୀମାନେ ଯୋଗାଉଥିବା ସେବାରେ ସେ ଯେତିକି ଖୁସି ଅଜୟଙ୍କ ସହଧର୍ମିଣୀ ପ୍ରତିଦିନ ଏହି ଅନ୍ତେବାସୀ ମାନଙ୍କୁ ନିଜେ ଭୋଜନ ପ୍ରସ୍ତୁତି କରି ଯୋଗାଉଥିବା ପାଇଁ ମୁଁ ବହୁତ ଖୁସି। ସେହି ସୁକାନ୍ତିଙ୍କ ପରି ମାଆ ପାଖରୁ ଆଜିର ନାରୀ ସମାଜ ବହୁତ ଶିକ୍ଷା ନେବାର ଅଛି। ଡକ୍ଟର ମିଶ୍ରଙ୍କ ସହିତ ତାଙ୍କର ଛାତ୍ର ବିରଞ୍ଚି ନାରାୟଣ କର ଓ ସନ୍ତୋଷ ସ୍ୱାଇଁ ରହି ସହଯୋଗ କରିଥିଲେ। ସାଲେପୁରର ଯୁବ କଣ୍ଠଶିଳ୍ପୀ କୁମାର ସିଲୁଙ୍କ ଦ୍ୱାରା ଆଜି ଭଜନ ସମାରୋହ ବୃଦ୍ଧାଶ୍ରମ ପରିସରରେ ଅନୁଷ୍ଠିତ ହୋଇଥିଲା।

ନିତିଦିନ NITIDIN
ରବିବାର, ୧୫ ଜୁନ୍ ,୨୦୨୫

ନିତି ଭାରତୀ

ଭବିଷ୍ୟତ ଆଜିର କର୍ମ ଉପରେ ନିର୍ଭର କରେ। - ମହାତ୍ମା ଗାନ୍ଧୀ

# ରଜ ପର୍ବର ଅନ୍ତର୍ନିହିତ ତାତ୍ପର୍ଯ୍ୟ

ଗ୍ରୀଷ୍ମର ଘନଘଟା ପରେ ଓହ୍ଲାଇ ଆସିଛ ବର୍ଷା ଛୁଇଁବାକୁ ଜୀବନକୁ, ଜୀବନ୍ୟାସ ଦେବାକୁ ସକଳ ପ୍ରାଣୀଙ୍କୁ; ପୁଣି ଅଜାଡ଼ି ଦେବାକୁ ସୁନାର ଫସଲ। ବିଶୃଙ୍ଖଳିତ ପ୍ରକୃତି ହୋଇଯାଉ ଶାନ୍ତ ଶୀତଳ, ମଧୁଝରା, ପ୍ରେମଭରା। ବନ୍ଧା ପଡ଼ିଥିବା ଶୈଶବ ମୁକୁଳି ଯାଉ; ଯୌବନ ପ୍ରଜ୍ଞାଦୀପ୍ତ ହେଉ। ହେ ନବ ନିରଦ! ମେଘକନ୍ୟା ହସ୍ତରେ ଚିଟାଉ ଯାଉ ବିରହୀ ଚକୋରୀ ପାଖକୁ। ପୃଥିବୀ ହେଉ ରଜସ୍ୱଳା- ବରଷା ଛୁଇଁବ ମାଟିକୁ, ରଜବତୀ ଧରଣୀ ରାଣୀ- ରଜ ପର୍ବ।

ଅବସର ହିଁ କର୍ମମୟ ଜୀବନର ଅପରିହାର୍ଯ୍ୟ ଅଙ୍ଗ। କର୍ମରତ ମାନବର କାର୍ଯ୍ୟ ଦକ୍ଷତା ବୃଦ୍ଧି କରିବା ସଙ୍ଗେ ସଙ୍ଗେ ଏହି ଅବସର ମଣିଷକୁ ଅଧିକ ଦକ୍ଷ ଓ ତତ୍ପର ହେବା ପାଇଁ ପ୍ରେରଣା ଯୋଗାଇ ଥାଏ। ବିରତି ବିନା କର୍ମରେ ମନ ଲାଗିବା ଅସମ୍ଭବ। ବିଶେଷତଃ ଶ୍ରମିକ, କୃଷକ ଓ ଅନ୍ୟାନ୍ୟ ଚାକିରିଆମାନଙ୍କ ପାଇଁ ଏହି ବିରାମ ବା ଅବସରର ଗୁରୁତ୍ୱ ଓ ଆବଶ୍ୟକତା ସର୍ବାଧିକ। ଏହି ବିରତି ସମୟକୁ ଅଧିକ ଉପଭୋଗ୍ୟ



ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ

ଓ ଆନନ୍ଦମୁଖର କରିବା ପାଇଁ ଆମ ସାମାଜିକ ବ୍ୟବସ୍ଥାରେ କେତେକ ପର୍ବପର୍ବାଣି, ଜାନିଯାତ୍ରା, ମେଳା- ମଉଛବ ଇତ୍ୟାଦିର ପ୍ରଚଳନ ରହିଛି। ବିଭିନ୍ନ ଉତ୍ସବ ପାଳନ ମାଧ୍ୟମରେ ନିଜର ଶ୍ରମ କ୍ଲେଶ ଦୂର କରି ଚିତ୍ତ ବିନୋଦନ ସହ ଜୀବନକୁ ଆନନ୍ଦମୟ ଓ ଉପଭୋଗ୍ୟ କରି ପାରନ୍ତି ସମସ୍ତେ। ବାସ୍ତବିକ, କର୍ମପ୍ରୀତି ସୃଷ୍ଟି କରିବାରେ ଏବଂ ନୂତନ ଶକ୍ତି ଓ ସ୍ଫୁର୍ତ୍ତି ଉଦ୍ରେକ କରାଇବାରେ ଏହି ଉତ୍ସବମାନଙ୍କର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ପ୍ରତ୍ୟେକ ପର୍ବପର୍ବାଣିର ଏହା ହିଁ ଉଦ୍ଦେଶ୍ୟ।

ରଜ ପର୍ବଟି ଏହି ପର୍ଯ୍ୟାୟଭୁକ୍ତ ଏକ ଗଣଉତ୍ସବ। ସାଧାରଣତଃ ଓଡ଼ିଶାର ପୁରପଲ୍ଲୀରେ ଏହି ପର୍ବର ପ୍ରଚଳନ ଓ ପ୍ରସାରଣ ବ୍ୟାପକ। କେଉଁ କାଳରୁ ଏହି ରଜ ପର୍ବ ପାଳିତ ହୋଇ ଆସୁଛି, ତାହା କେହି କହି ପାରିବେ ନାହିଁ। ଏବେ ସହରରେ ମଧ୍ୟ ଏହା ବ୍ୟାପକ ଭାବେ ପାଳିତ ହେଲାଣି।

ଏହି ରଜ ପର୍ବ ପ୍ରତି ବର୍ଷ ଆଷାଢ଼ ମାସ ସଂକ୍ରାନ୍ତି ପୂର୍ବ ଓ ପର ଦିନ ତିନିରୁ ପାଞ୍ଚ ଦିନ ଧରି ପାଳିତ ହୁଏ। ଏହି ସମୟରେ ଧରିତ୍ରୀ ରଜସ୍ୱଳା ହୋଇଥାଏ ବୋଲି କଥିତ ଅଛି। ତେଣୁ ଭୂ-ଖନନ, ଭୂ-କର୍ଷଣ, ଭୂ-ବିଦାରଣ, କର୍ତ୍ତନ ଇତ୍ୟାଦି କାର୍ଯ୍ୟ ଏହି ସମୟରେ ନିଷିଦ୍ଧ ଥାଏ। ସର୍ବଂସହା ଧରିତ୍ରୀ ମାତାକୁ ନାରୀ ରୂପେ ଚିତ୍ରିତ କରା ଯାଇ ଥିବାରୁ ପ୍ରତ୍ୟେକ ନାରୀ ପରି ଧରଣୀ ରାଣୀ ମଧ୍ୟ ରଜସ୍ୱଳା ହୁଏ ଏବଂ ଗର୍ଭଧାରଣର ସାମର୍ଥ୍ୟ ଲାଭ କରେ ବୋଲି ସାଧାରଣରେ ବିଶ୍ୱାସ ରହିଛି। ମୌସୁମୀ ବାୟୁର ପ୍ରବେଶ ସମୟ ହୋଇଥିବାରୁ ଭୂପୃଷ୍ଠକୁ ଓହ୍ଲାଇ ଆସେ ବର୍ଷାରାଣୀ। ବର୍ଷାର ପହିଲି ସ୍ପର୍ଶ ମାଟିକୁ ବାସ୍ନାୟିତ ଓ ଉଲ୍ଲସିତ କରେ। 'ରଜ' ଶବ୍ଦର ଆଭିଧାନିକ ଅର୍ଥ ଯାହା ହେଉ ନା କାହିଁକି, ଏହି ରଜସ୍ୱଳା ଶବ୍ଦରୁ ହିଁ ରଜ ଶବ୍ଦର ଉତ୍ପତ୍ତି।

ସମାଜର ପ୍ରାୟ ସବୁ ଶ୍ରେଣୀର ଲୋକମାନଙ୍କ ମଧ୍ୟରେ ଏହି ରଜୋତ୍ସବ ପାଳିତ ହେଉଥିଲେ ବି ଏହା ମୁଖ୍ୟତଃ କୃଷିଭିତ୍ତିକ ପର୍ବ। କୃଷି କାର୍ଯ୍ୟରୁ ବିରତି ପାଇଁ ଏହା ହିଁ ଉପଯୁକ୍ତ ସମୟ। ଚାତକ ସଦୃଶ ବାରିଧାରାକୁ ଅପେକ୍ଷା କରିଥିବା କୃଷକଙ୍କ ପାଇଁ ଏହି ସମୟ ହିଁ ସମ୍ପୂର୍ଣ୍ଣ ବିଶ୍ରାମ ସମୟ ଓ ଚିତ୍ତ ବିନୋଦନ ପାଇଁ ପ୍ରକୃଷ୍ଟ ସମୟ। ଏହା ପରେ ଆଷାଢ଼-ଶ୍ରାବଣର ଘନ ବାରିଧାରାର ଆଗମନ ପରେ କୃଷକ କୃଷି ତଥା ଆନୁଷଙ୍ଗିକ କାର୍ଯ୍ୟ ପାଇଁ ସର୍ବଦା ବ୍ୟସ୍ତ ରହି ବିଶ୍ରାମ ପାଏନାହିଁ।

ପଲ୍ଲୀବହୁଳ ଭାରତବର୍ଷରେ ବିଭିନ୍ନ ପର୍ବ ପାଳିତ ହେଉଥିଲେ ବି ରଜ ପର୍ବର ସ୍ଥାନ ସ୍ୱତନ୍ତ୍ର। ସ୍ଥାନ ବିଶେଷରେ ରଜ ପାଳିବାର ଭିନ୍ନତା ପରିଦୃଷ୍ଟ ହେଲେ ମଧ୍ୟ ଏହାର ମୌଳିକ ରୀତି ନୀତି ପ୍ରାୟତଃ ସମାନ। ଆଦ୍ୟ ଆଷାଢ଼ର ଝିପିଝିପି ବର୍ଷା ସାଙ୍ଗକୁ ଅସରା ଅସରା ବର୍ଷାର ପ୍ରଥମ ମାଟି ଗନ୍ଧରେ ପୁରପଲ୍ଲୀର ପ୍ରତ୍ୟେକ ପରିବାରର ଆବାଳବୃଦ୍ଧବନିତା ଏହାକୁ ଉତ୍ସାହରେ ପାଳନ କରିଥାଆନ୍ତି ଏବଂ ଆମୋଦପ୍ରମୋଦ, ଖେଳକୁଦ, ମଉଜ ମଜଲିସରେ ଏହି ତିନି ଦିନ ଅତିବାହିତ କରନ୍ତି। ମାସାନ୍ତ ପୂର୍ବ ଦିନ ହାଣ୍ଡିଧୁଆ ବା ସଜବାଜର ଦିନ। ତିନି ଦିନ ପରିବା କଟା, ମସଲା ବଟା, କଟାକଟି, ଛେଚା ଛେଚି ହେଉ ନଥିଲା। ତେଣୁ ସେସବୁ କରି ରଖା ଯାଉଥିଲା। ଝିଅମାନେ ପାଦରେ ନଡ଼ିଆ ଖୋଳପା କିମ୍ବା କଦଳୀ ପଟୁକା ବାନ୍ଧି ଚାଲୁଥିଲେ। ଏବେ ତ ଚପଲ ଆସି ଗଲାଣି। ଝିଅମାନେ କିଛି କାମ କରୁ ନଥିଲେ। ଖାଲି ହସିଖେଳି ସମୟ କାଟୁଥିଲେ। କାରଣ ଝିଅ ତ ପରଘରୀ। କେତେ ଦିନ ଆଉ ବାପଘରେ ସଉକ ମଉଜ କରିବ ଯେ! ସେତେବେଳେ ହାଣ୍ଡିରେ ରନ୍ଧା ହେଉଥିବାରୁ ତାହାକୁ ହାଣ୍ଡିଧୁଆ ସଜବାଜ କୁହା ଯାଉଥିଲା। ରଜ ତିନି ଦିନ ପରେ ଭୂଇଁ ଶିତଳା ଯାଏ ବା ତାହାକୁ ବସୁମତୀ ସ୍ନାନ କୁହାଯାଏ। ତେଣୁ ମୋଟ ପାଞ୍ଚ ଦିନର ପର୍ବ ରଜ।

ଝାଞ୍ଜିପିଟା ନିଦାଘର ଅର୍ଦ୍ଧଦଗ୍ଧ ଝାଉଁଳା ଅବସ୍ଥାର ଅବସାନ ପରେ ନବ ବାରିଦର ପ୍ରଥମ ଶୀତଳ ସ୍ପର୍ଶରେ କେବଳ ଧରଣୀ ରାଣୀ ନୁହେଁ, ପ୍ରକୃତିରେ ପୁଲକ ଜାଗିଉଠେ ଓ ନବ ବର୍ଷାର ପହିଲି ପରଶ କୀଟପତଙ୍ଗ, ପଶୁପକ୍ଷୀ, ବୃକ୍ଷଲତା ଏବଂ ସମସ୍ତ ଜଗତକୁ ଜାଗରିତ ଉଲ୍ଲସିତ ଓ ଆହ୍ଲାଦିତ କରିଦିଏ।

ରଜ-ସଜ: ରଜ ସହିତ ସଜ ଶବ୍ଦ ଯୋଡ଼ି ହୋଇ ରହିଛି। ରଜ ମଉଜ କରିବାର ପାରମ୍ପରିକ ପ୍ରଥା ପଲ୍ଲୀ ଓ ସହରରେ ମଧ୍ୟ ପ୍ରଚଳିତ। ଗ୍ରୀଷ୍ମ ଛୁଟି ଯୋଗୁଁ ଶିକ୍ଷାନୁଷ୍ଠାନ ସମୂହ ବନ୍ଦ ଥିବାରୁ ସାଙ୍ଗସାଥୀମାନେ ଏକତ୍ରିତ ହୋଇ ପରସ୍ପର ମଧ୍ୟରେ ସମ୍ପର୍କ ନିବିଡ଼ କରିବାର ଅବକାଶ ପାଇଥାନ୍ତି। ପଲ୍ଲୀ କିଶୋରୀମାନେ ନୂତନ ବେଶଭୂଷାରେ ସଜ୍ଜିତ ହୋଇ 'ରଜ ଦୋଳି' ଗୀତ ଗାଇ , ରଜ ପୋଡ଼ପିଠା, ରଜ ପାନ ଖାଇ ଗ୍ରାମ୍ୟ ପରିବେଶକୁ ମୁଖରିତ କରିଥାନ୍ତି, ଶିଶୁ ଓ କିଶୋରମାନେ କିତିକିତି, ବାଗୁଡ଼ି, ଖୋ ଖୋ, କବାଡ଼ି, ବାଡ଼ିଖେଳ ଆଦି ଖେଳି ଆନନ୍ଦିତ ହୁଅନ୍ତି, ଯୁବକମାନେ ସମ୍ମିଳିତ ହୋଇ ରଜ ପର୍ବ ଉପଭୋଗ କରନ୍ତି, ତାସ୍ ଓ ଲୁଡୁ ଖେଳ ମଧ୍ୟ ହୁଏ। ପ୍ରବାସୀମାନେ ଘରକୁ ଆସନ୍ତି ଏବଂ ସବୁ ପରିବାର ସହିତ ସାମିଲ ହୋଇ ମଜା ନିଅନ୍ତି। ଗୃହିଣୀମାନେ ପିଠାପଣା, ସ୍ୱାଦିଷ୍ଟ




ବ୍ୟଞ୍ଜନ ଓ ଖିଲିପାନ ପରିବେଷଣ ଓ ବଣ୍ଟନ କରି ଆମୋଦିତ ହୋଇଥାନ୍ତି। କେତେକାଞ୍ଚଳରେ ଗ୍ରାମ୍ୟ କିଶୋର/ ଯୁବକମାନେ ଏହି ଅବସରରେ ନାଟକ, ଯାତ୍ରା ଇତ୍ୟାଦି ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମରେ ପ୍ରବୃତ୍ତ ହୁଅନ୍ତି। ଗ୍ରାମବାସୀମାନେ ପଙ୍ଗତ ଓ ଦଳଗତ ଭୋଜିଭାତର ଆୟୋଜନ ମଧ୍ୟ କରିଥାନ୍ତି, ଅଷ୍ଟମ ପ୍ରହରୀ ଆଦି ମଧ୍ୟ କରାଯାଏ, ବିଶେଷ କରି ସମୁଦ୍ର କୂଳିଆ ଅଞ୍ଚଳରେ।

କିଶୋରୀ-ଯୁବତୀଙ୍କ ପର୍ବ: 'ଗୃହେଷୁ ତନୟା ଭୂଷା।' ପ୍ରତ୍ୟେକ ଗୃହର ଶୋଭା ହେଉଛନ୍ତି ଆମ ଝିଅ ଓ ନୂଆ ବୋହୂମାନେ। ଗୋଟିଏ ଘରେ ଝିଅଟିଏ ନଥିଲେ ସେ ଘର, ଘର ପରି ଲାଗେନାହିଁ। ଟିପି ଟିପି ଚନ୍ଦନରେ ଚର୍ଚ୍ଚିତ ହୋଇ ମଝିରେ ନାଲି ଟିପା ଲଗାଇ ଝିଲିମିଲି ଫ୍ରକ୍ ପିନ୍ଧି ବେକରେ ସୋରାଏ ହାର, ରୁଣୁଝୁଣୁ ଚୂଡ଼ି, ପାଦରେ ପାଉଁଜି ଓ ନାଲି ଅଳତା ଲଗାଇ ନାଚିନାଚି ଘର ଅଗଣା ଓ ଗାଁ ଦାଣ୍ଡ ଦୁଲୁକେଇ ଯିଏ ବାପା ଭାଇ ଆଖିରେ ଚମକ ଜଗାଏ, ମନକୁ ଖୁସିରେ ଭରିଦିଏ, ସିଏ ଆମ କନ୍ୟା, ଭଗ୍ନୀ, କୁମାରୀ, କିଶୋରୀଟିଏ- ଘରର ଶୋଭା। ତା' ପାଇଁ ବାପା ଭାଇ ଦୋଳି ବାନ୍ଧିଥାନ୍ତି, ପୋଷାକ ଆଣନ୍ତି। ବାପା ଭାଇଙ୍କର ସେ ଆଦରର ଧନ।

ରଜ ପର୍ବର ଅନ୍ତର୍ନିହିତ ଭାବଟି ହେଲା ଏକତା, ସମାନତା, ସଂହତି, ସମନ୍ୱୟ, ସ୍ୱାବଲମ୍ବନ। ଏହା ଭାଇଚାରାର ପର୍ବ। ସଂହତି ଓ ସଂପ୍ରୀତିର ଭାବଟି ଏହି ରଜ ପର୍ବ ମଧ୍ୟରେ ପ୍ରଚ୍ଛନ୍ନ ଭାବେ ନିହିତ। ଲୋକମାନଙ୍କ ଭିତରେ ସହଯୋଗ, ସହୃଦୟତା, ସମାନୁଭବତା ବୃଦ୍ଧି କରିବାରେ ଏହି 'ରଜ' ହିଁ ପ୍ରଧାନ ଭୂମିକା ଗ୍ରହଣ କରିଥାଏ।

ଭାଇଚାରାର ପର୍ବ: ଖାଦ୍ୟପଦାର୍ଥର ବଣ୍ଟନ ଓ ଆଦାନ ପ୍ରଦାନ, ଯଥା ପୋଡ଼ପିଠା, ଦହିବରା, ପାନ ଆଦି ବଣ୍ଟନ ମାଧ୍ୟମରେ ପରସ୍ପର ଭିତରେ ଆତ୍ମୀୟତା ବଢ଼ିଥାଏ ଓ ସମ୍ପର୍କ ସୁଦୃଢ଼ ହୁଏ। ଏପରିକି ସ୍ଥାନେ ସ୍ଥାନେ ମହୋତ୍ସବ, ଭୋଜିଭାତ, ମିଳିତ ଆୟୋଜନ ଦ୍ୱାରା ସଂପୃକ୍ତ ଅଞ୍ଚଳବାସୀ ନିଜ ନିଜ ଭିତରେ ଭେଦାଭେଦ, ତାରତମ୍ୟ ଓ ପୂର୍ବ ଶତ୍ରୁତାକୁ ପାସୋରି ଜାତି, ଧର୍ମ, ଗୋଷ୍ଠୀ, ବର୍ଣ୍ଣ ନିର୍ବିଶେଷରେ ଏକତ୍ରିତ ହୋଇ ଭୋଜନ କରିଥାନ୍ତି, ଖେଳନ୍ତି, ବୁଲନ୍ତି। ଏହାଦ୍ୱାରା ସମ ଭାବ ଆସେ। ତେଣୁ ଉଚ୍ଚନୀଚ, ଛୁଆଁଅଛୁଆଁ, ଗୋଷ୍ଠୀ ବିବାଦଜନିତ ଅପବ୍ୟାଧି ଅନେକାଂଶରେ ପ୍ରଶମିତ ହେବା ସଙ୍ଗେ ସଙ୍ଗେ ପରସ୍ପର ମଧ୍ୟରେ ଆତ୍ମୀୟତା, ଏକତା ଓ ଭ୍ରାତୃଭାବ ଜନ୍ମିଥାଏ। ମନାନ୍ତର, ମତାନ୍ତର ଇତ୍ୟାଦିର ଆପୋସ ସମାଧାନ ହୋଇଥାଏ। ତେଣୁ ସମ୍ମିଳିତ ଭାବରେ କାର୍ଯ୍ୟ କରିବାର ଉତ୍ସାହ ଆସେ। ଏହି ରଜ ପର୍ବ ହେଉଛି ସଂହତି, ସଦ୍‌ଭାବ, ପ୍ରୀତି, ମୈତ୍ରୀ ଆଦିର ଭିତ୍ତିଭୂମି। କେବଳ ରଜ ପର୍ବ କାହିଁକି, ସବୁ ପର୍ବର ଏହା ହିଁ ଅନ୍ତର୍ନିହିତ ତାତ୍ପର୍ଯ୍ୟ।

ରଜ-ପୋଡ଼ପିଠା: ରଜ ସହିତ ରଜ ପୋଡ଼ପିଠା, ରଜ ଦୋଳି, ରଜ ଗୀତ, ରଜ ପାନ, ରଜ ସଜବାଜ ମଧ୍ୟ ଗୁରୁତ୍ୱ ରଖେ। ରଜ ପୋଡ଼ପିଠା ଛେନା, ଗୁଡ଼, ନଡ଼ିଆ, ଚାଉଳରେ ଜନ୍ତୁଣୀ ହୋଇ ନିଆଁରେ ପୋଡ଼ାଯାଏ। ତା'ର ସ୍ୱାଦ ଯେପରି ଅନନ୍ୟ, ସେହିପରି ଦେହ ପାଇଁ ମଧ୍ୟ ହିତକର। ପିଜା, ବର୍ଗର ପରି ଅତ୍ୟଧିକ ଖର୍ଚ୍ଚବହୁଳ ନୁହେଁ। ତେଲ ଘିଅର ପ୍ରାବଲ୍ୟ ନ ଥିବାରୁ ଖରାଦିନେ ପେଟ ଖରାପ ହୁଏନି। ଏବେ ସେଥିରେ ସ୍ୱାଦ ବଢ଼ାଇବାକୁ କାଜୁ, ବାଦାମ, କିସମିସ୍ ଆଦି ଦିଆଯାଉଛି। ତା' ସହିତ ଆମ୍ବୁଲ ରାଇତା ସ୍ୱାଦକୁ ଦ୍ୱିଗୁଣିତ କରିଥାଏ।

ରଜ ପାନ: ସମୁଦ୍ର ମନ୍ଥନ ସମୟରେ କେତେ ଟୋପା ଅମୃତ ତଳେ ଖସି ପଡ଼ିଥିଲା। ସେଥିରୁ ଯେଉଁ ଲଟାର ଉତ୍ପତ୍ତି ହୋଇଥିଲା, ତାହା ନାଗବଲ୍ଲୀ ନାମରେ ଚିହ୍ନିତ ହୋଇଥିଲା ଓ ପରେ ତାହା ପାନପତ୍ର ନାମରେ ବିଦିତ ହୋଇଛି। ଏ କାହାଣୀ ବ୍ୟତୀତ ପାନ ପାଚନ କ୍ରିୟାରେ ମଧ୍ୟ ସାହାଯ୍ୟ କରେ ଏବଂ ବନ୍ଧୁତ୍ୱ ସ୍ଥାପନରେ ଏହା ଆଗରୁ ମୁଖ୍ୟ ଭୂମିକା ନିର୍ବାହ କରୁଥିଲା। ଗୁରୁପାକ ଖାଦ୍ୟ ଖାଇବା ପରେ କଷା ଜାତୀୟ ପାନ ବା ତାମ୍ବୁଲ ଖାଇବା ଶାସ୍ତ୍ରସମ୍ମତ। ପାନ ଖୁଆଇ ବନ୍ଧୁତ୍ୱ ଗଢ଼ିବା ମଧ୍ୟ ଏକ ପରମ୍ପରା ଥିଲା। ଆମ ବୋଉମାନେ ଘରକୁ କେହି ଆସିଲେ ଚା' କପେ ଓ ପାନ ଖଣ୍ଡେ ନିଶ୍ଚୟ ଦେଉଥିଲେ। ଆମ ବଡ଼ଠାକୁର ଜଗନ୍ନାଥ ମଧ୍ୟ ବିଡ଼ିଆ ପାନ ଖାଇବା ପରେ ଖାଇଥାନ୍ତି।

ରଜ ଦୋଳି: ରଜ ଦୋଳିର ଆକର୍ଷଣ କୁମାରୀମାନଙ୍କ ପାଇଁ ସର୍ବାଧିକ। ଭାଇ ଭଉଣୀ ବନ୍ଧନରେ ଦୃଢ଼ତା ଆଣିବା, ବାପାଙ୍କୁ ସମ୍ମାନ ଦେବାର ଗ୍ରାମ୍ୟ କବିତା ଇଏ। ଏଇ ଲୋକ କବିତାରୁ ତ ଆମ କବିତାର ସୃଷ୍ଟି। 'ରଜ ଦୋଳି କଟମଟ/ ମୋ ଭାଇ ମୁଣ୍ଡରେ ସୁନା ମୁକୁଟ, ସୁନା ମୁକୁଟ ଲୋ ଦିଶୁଥାଇ ଝଟଝଟ।' ଦୋଳି ଗୋଟେ 'ଥ୍ରୀଲ୍ ଥେରାପି' ବା ଆନନ୍ଦ ଲାଭର ଏକ ଅନନ୍ୟ ମାଧ୍ୟମ। ଏହା ଏକ ମନରୁ ସବୁ ଦୁଶ୍ଚିନ୍ତା ଦୂର କରି ଆନନ୍ଦ ପ୍ରଦାନ କରିଥାଏ। ଫୁସ୍‌ଫୁସ୍, ହୃଦ୍‌ଯନ୍ତ୍ର ଏବଂ ଅନ୍ୟାନ୍ୟ ଅଙ୍ଗପ୍ରତ୍ୟଙ୍ଗ ସୁଠାମ ସୁନ୍ଦର ଓ କାର୍ଯ୍ୟକ୍ଷମ ହୋଇଥାନ୍ତି। ବିଶେଷକରି ବାଉଁଶ ଦୋଳିରେ ପେଙ୍ଗ ମାରି ଝୁଲିବା ଦ୍ୱାରା ମାଂସପେଶୀର ବ୍ୟାୟାମ ହୋଇଥାଏ ଏବଂ ଝିଅମାନଙ୍କର ୟୁଟେରସ୍ ସୁଦୃଢ଼ ହୋଇଥାଏ। ସେମାନେ ବିବାହ ପରେ ପ୍ରଜନନକ୍ଷମ ହେବାରେ ଅସୁବିଧା ହୁଏନାହିଁ। ନିମ୍ବ, ଆମ୍ବ ଡାଳରେ ଦୋଳି ଖେଳିଲା ବେଳେ ପର୍ଯ୍ୟାପ୍ତ ଅମ୍ଳଜାନ ମିଳେ, ଯାହା ମନ ଓ ଦେହକୁ ସୁସ୍ଥ ରଖେ। ଆମ ଶରୀରର ୨୫ ଭାଗ କୋଷ ପ୍ରାୟ ନିଷ୍କ୍ରିୟ ଥାଆନ୍ତି। ସମସ୍ତ କୋଷକୁ ସକ୍ରିୟ କରିବା ପାଇଁ ଲୋକେ ସମୟ ପାଆନ୍ତି ନାହିଁ। ଦୋଳିରେ ଝୁଲିବା ଏକ ସହଜ, ସରଳ, ଉପଯୋଗୀ ବ୍ୟାୟାମ। ଏହା ଫଳରେ ନିଷ୍କ୍ରିୟ କୋଷଗୁଡ଼ିକ ସକ୍ରିୟ ହୋଇ ଉଠନ୍ତି। ଦୋଳିର ଗତି ଯେତେ ଦ୍ରୁତ ହୁଏ, ଶରୀରରେ ଭୟ ମିଶ୍ରିତ ଉତ୍ତେଜନା ବଢ଼େ ଓ ଆନନ୍ଦ ତୀବ୍ର ହୁଏ। ଦୋଳିରେ ଝୁଲିଲେ ମସ୍ତିଷ୍କର ଏକ ଅଂଶ, ଯେଉଁଠି ପ୍ରେମଜନିତ ଭାବନାର ଉଦ୍ରେକ ହୁଏ, ତାହା ଅଧିକ ସକ୍ରିୟ ହୁଏ। ତେଣୁ ରାଧା କୃଷ୍ଣଙ୍କୁ ଦୋଳିରେ ଝୁଲାଯାଏ। ଆଜିକାଲି ପିସିଓଡି ପରି ଅନେକ ଅସୁବିଧା ଝିଅମାନଙ୍କର ରହୁଛି, ଯାହା ସନ୍ତାନ ଜନ୍ମ ଦେବାରେ ବାଧା ଉପୁଜାଉଛି। ପୁଚି ଖେଳ, ଦୋଳି ଖେଳ- ଏସବୁ କରିବା ଦ୍ୱାରା ୟୁଟେରସ୍ ସକ୍ରିୟ ଓ ଶକ୍ତ ରହୁଥିଲା।

ରଜ ଭାର: ଏବେ ତାହା ପ୍ରାୟ ନାହିଁ। ପଇସା ପଠେଇ ଦେଲେ କାମ ସରିଲା। ଝିଅଟିଏ ଚାହିଁଥାଏ ତା' ବାପଘରୁ ବାପା କି ଭାଇ କିଏ ଆସିବେ ଭାର ନେଇ। ବହୁ ଦିନରୁ ବାପଘର ଲୋକଙ୍କୁ ଦେଖିବାକୁ ତା' ମନ ଉଚ୍ଛନ୍ନ ହୁଏ। କାରଣ, ଆଗରୁ ବାପଘରକୁ ଯିବା ଏତେ ସହଜ ନଥିଲା। ଶାଶୂଘରର ଯନ୍ତ୍ରଣା ଅସହ୍ୟ ଥିଲା। ତେଣୁ ବାହାଘର ବେଳେ ଝିଅମାନେ କାନ୍ଦଣାରେ ଗାଉଥିଲେ- 'ଯମପୁରକୁ ତ ପଠେଇ ଦେଲୁ ଲୋ ବୋଉ/ ଆଉ କି ଫେରିବି ବାପଘରକୁ ଲୋ ବୋଉ।'

ପ୍ରକୃତି ଓ ମାନବର ସମ୍ପର୍କ: ରଜର ଏସବୁ ଗୋଟିଏ ଗୋଟିଏ ଅଙ୍ଗ। ବୃକ୍ଷ ଶାଖାରେ ଦୋଳି ଖେଳ ଛଡ଼ା ଏହା ଆମକୁ ଅକ୍ସିଜେନ୍ ଯୋଗାଇ ଜୀବନ ରକ୍ଷା କରିଥାଏ। ରଜ ପରେ ପରେ ଧାନଚାଷ ହୋଇ ବର୍ଷକ ପାଇଁ ଖାଦ୍ୟ ସଂଗ୍ରହ କରି ରଖାଯାଏ। ତା' ଛଡ଼ା ପ୍ରକୃତି ଓ ମାନବର ଚିରନ୍ତନ ସମ୍ପର୍କର ଡୋର ଏ ପର୍ବରେ ଦେଖାଯାଏ। ଏହା ଆନନ୍ଦ ଓ ବିଭୋର ହେବାର, ଥକ୍କା ମେଣ୍ଟେଇବାର ଏକ ସୁନ୍ଦର ଗଣପର୍ବ। ମାତା ସୀତା ସନ୍ତାନ ସମ୍ଭବା ନଥିଲେ। ଅଶୋକ ବନରେ ଅଶୋକ ବୃକ୍ଷ ଛାୟାରେ ରହି ତାଙ୍କର ସନ୍ତାନ ଜନ୍ମ କରିବାର କ୍ଷମତା ଆସିଥିଲା ବୋଲି କୁହାଯାଏ।


ବୈଶାଖ ଓ ଜ୍ୟେଷ୍ଠର ଝାଞ୍ଜି ନିଦାଘର ଅବସାନ ପରେ ନବ ବାରିଦର ଶୀତଳ ସ୍ପର୍ଶରେ କେବଳ ଧରଣୀ ରାଣୀ ନୁହେଁ, ଗଛବୃଛ, ଜୀବଜନ୍ତୁ, ମନୁଷ୍ୟ- ସମସ୍ତେ ଉଲ୍ଲସିତ ହୋଇ ଯାଆନ୍ତି। ଆଜିର ଅର୍ଥ-ପିପାସୁ ଓ ସ୍ୱାର୍ଥ-କୈନ୍ଦ୍ରିକ ମାନବ କ୍ଷଣକ ପାଇଁ ହେଲେ ମଧ୍ୟ ନିଜ ଅଲକ୍ଷ୍ୟରେ ଆପଣା ସ୍ୱାର୍ଥ, ଗର୍ବ, ଅହଙ୍କାର, ପ୍ରତିଷ୍ଠା ଓ ପ୍ରତିପତ୍ତି ଭୁଲିଯାଇ ସହଯୋଗ ଓ ସମନ୍ୱୟର ଆଦର୍ଶରେ ଅନୁପ୍ରାଣିତ ହେବା ଓ ସାମୂହିକ ବିଚାରଧାରା ଓ ବିକାଶରେ ନିଜକୁ ସାମିଲ କରିବା ଉଚିତ। ସମସ୍ତେ ସମ୍ମିଳିତ ଭାବେ ଏକ ମନ, ଏକ ପ୍ରାଣ ହୋଇ ସମଷ୍ଟିଗତ ବିକାଶ ଓ ପ୍ରଗତି ପାଇଁ ନିର୍ଦ୍ଦିଷ୍ଟ କାର୍ଯ୍ୟପନ୍ଥା ଗ୍ରହଣ ପୂର୍ବକ ନିଜର ସାମାଜିକ ସ୍ଥିତି ଓ ସହଯୋଗର ହସ୍ତ ସୁଦୃଢ଼ କରିବା ଏସବୁର ଉଦ୍ଦେଶ୍ୟ। ଏହି ରଜ ପର୍ବ ହେଉଛି ସଂହତି, ସଦ୍‌ଭାବ, ପ୍ରୀତି, ମୈତ୍ରୀ, ସହମତି ଓ ସହବସତିର ସହଯୋଗ ସୃଷ୍ଟିକାରକ।

ଜାତୀୟ ସଂହତି ଓ ଭାଇଚାରା ଆଦି ବିଭିନ୍ନ ମୂଲ୍ୟବୋଧର ଜାଗରଣ ପାଇଁ ଐତିହ୍ୟସମ୍ପନ୍ନ ତଥା ପାରମ୍ପରିକ ପର୍ବପର୍ବାଣିର ଆବଶ୍ୟକତା ରହିଛି। ଏ ଦିଗରେ ଅଧିକ ଧ୍ୟାନ ଦେଲେ ଯୁବ ପିଢ଼ିଙ୍କ ମଧ୍ୟରେ କର୍ମ ତତ୍ପରତା ବଢ଼ିବ ଏବଂ ଭାରତୀୟ ପରମ୍ପରାର ତାତ୍ପର୍ଯ୍ୟ ଓ ବୈଧତା ସେମାନେ ଅନୁଭବ କରି ପାରିବେ। ଆଜିକାଲିର ପିଢ଼ି ଏସବୁ ବୁଝିବାକୁ ଚାହାନ୍ତି ନାହିଁ। ପୁରୁଣାକାଳିଆ କହି ହସି ଉଡ଼େଇ ଦିଅନ୍ତି। ଗଣପର୍ବ ରଜର ଖାଦ୍ୟ, ହସଖୁସି, ଦୋଳି, ପାନ, ଭାଇଚାରା ଆମ ଓଡ଼ିଆ ଅସ୍ମିତାର ପ୍ରତିଫଳନ ମାତ୍ର।■

ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ମୋ: ୮୮୯୫୨୭୪୭୯୪

# ଯାହା ଚାଲିଛି ଚାଲୁ

ଗତାନୁଗତିକ ଭାବେ ଜୀବନଚର୍ଯ୍ୟାର ଶାନ୍ତ ପ୍ରବହମାନତାକୁ 'ଯାହା ଚାଲିଛି ଚାଲୁ ଥାଉ' ବୋଲି କହି ହେବ। ଯେପରିକି ପ୍ରଥା, ପରମ୍ପରା, ସାମାଜିକ ନୀତି ନିୟମ ଇତ୍ୟାଦି। ଏହା କିନ୍ତୁ ଏକ ସରଳ ରେଖାର ଜୀବନ ବୋଲି କହି ପାରିବା। ମାତ୍ର ଜୀବନ ରେଖା ତ ଅଙ୍କାବଙ୍କା ନଈ ସଦୃଶ। ବାଧାବିଘ୍ନ ଓ ସମସ୍ୟାର ପୁନଃ ପୁନଃ ଆଗମନ ନିଶ୍ଚିତତା ଅନିଶ୍ଚିତତାର ଭବିଷ୍ୟତ ଭିତରେ ଯାହା କିଛି ଚାଲିଥିବ; ଚାଲି ବି ନପାରେ। ସମାଧାନର ସୂତ୍ର ଖୋଜୁ ଖୋଜୁ ବିଷମ ସମସ୍ୟାର ଉତ୍ପତ୍ତି ମଧ୍ୟ ହୋଇପାରେ। ଏଣୁ ଯାହା ଚାଲୁଛି ଚାଲୁ- ଏକ ଅଳସୁଆମି ଓ ସାମ୍ନା କରିବାର ଶକ୍ତିହୀନ ମନସ୍ତତ୍ତ୍ୱ। ଏହାର ପରିଣାମ



ବିଜୟ ଦାସ

କଦାପି ଊର୍ଦ୍ଧ୍ୱମୁଖୀ ବିକାଶ ନୁହେଁ ସମାଜର। ଏଣୁ ସଂଘର୍ଷ କରିବାକୁ ହିଁ ହେବ। ପ୍ରତିବାଦର ସ୍ୱର ନ ଉଠିଲେ କୌଣସି ଶାସନ କଳର ଭୁଲ୍ ଭଟ୍‌କା ପାଣି ଫୋଟକା ପରି ମିଳେଇ ଯିବ। ଅସ୍ଥିରତା ଆସିବା ହିଁ ଥୟ। ଅତଏବ, ଯାହା ଚାଲୁଛି ଚାଲୁ କହି ଚୁପ୍ ବସିଗଲେ ଖସିଗଲା ପାଦ ତଳକୁ ତଳକୁ ହିଁ ଚାଲିଯିବ।

ଆଜି ଯଦି କୃଷି କ୍ଷେତ୍ରରେ ପାରମ୍ପରିକ ଚାଷବାସ ହେଉ ଥାଆନ୍ତା, ତା'ହେଲେ ପୃଥିବୀର ସିଂହଭାଗ ଲୋକ ଭୋକରେ ରହୁ ଥାଆନ୍ତେ। ଆଧୁନିକ ପ୍ରଣାଳୀରେ ଚାଷ ଓ ନୂତନ ନୂତନ ବିହନ, ଯାହାକି ଅଧିକ ଅମଳକ୍ଷମର ଆବିଷ୍କାର ବା ଉଦ୍ଭାବନ ହୋଇ ନଥାନ୍ତା, ତାହା ହେଲେ ସମସ୍ୟା ଗୁରୁତର ହୋଇ ଥାଆନ୍ତା। ମୋର ଯାଏ ଆସେ କ'ଣ, ଯାହା ଚାଲୁଛି ଚାଲୁ- ଏକ ଲକ୍ଷଣ କାପୁରୁଷତାର। ଲଙ୍କାରେ ଯିଏ ଜନ୍ମ, ସେ ରାବଣ- ଏକ ଲୋକକଥା। କିନ୍ତୁ ରାବଣମାନଙ୍କ ସଂହାର ପାଇଁ କେବଳ ଶ୍ରୀରାମଚନ୍ଦ୍ରଙ୍କର ଅନୁଗାମୀ ହେବାକୁ ପଡ଼ିବ ନାହିଁ। ବିଭୀଷଣ ପରି ଧର୍ମାବତାରକୁ ମଧ୍ୟ ସିଂହାସନ ଦେବାକୁ ପଡ଼ିବ। ତା'ହେଲେ ଯାହା କିଛି ବିଭ୍ରାଟ ହୋଇଛି, ତା'ର ସମାଧାନ ହେବ।

ଅରମା ବଣକୁ ସଫା କରି ଇନ୍ଦ୍ରପ୍ରସ୍ଥ ତିଆରି କରିବା ହିଁ ଶ୍ରେଷ୍ଠ ଉଦ୍ୟମ। ଅନେକ ସମୟରେ ଯେ କୌଣସି ନକ୍ସାରେ ମଧ୍ୟ ଭୁଲ୍ ଭଟକା ରହିଯାଇ ପାରେ। ଏହାକୁ ସୁଧାରିବା ପାଇଁ ପୁନଃପୁନଃ ତର୍ଜମାର ଆବଶ୍ୟକତା ଅଛି। ଯାହା ଚାଲୁଛି ଚାଲୁ, ଯେମିତି ଚାଲୁଛି ଚାଲୁ, ଏକ ଅନ୍ଧ ଭକ୍ତର ଭଜନ ହୋଇପାରେ। ବାସ୍ତବିକତାକୁ ଆଖି ବୁଜିଦେଇ ଧୃତରାଷ୍ଟ୍ରର ଭୂମିକାକୁ ଓହ୍ଲେଇ ଆସିଲେ କେବଳ କୁରୁ ବଂଶ ନିପାତ ହେବନି, ବରଂ ମହାଭାରତ ଯୁଦ୍ଧରେ ଅନେକଙ୍କୁ ଆହୁତି ଦେବାକୁ ହେବ। ବେଳେବେଳେ ବ୍ୟବସ୍ଥା ଠିକ୍ ଭାବରେ ଚାଲେନାହିଁ। ସ୍ଥବିର ହୋଇଯାଏ। ଠପ୍ ହୋଇଯାଏ ବିକାଶ ପ୍ରକ୍ରିୟା। ଏଥକୁ ଚାଳକମାନେ ଥକି ଯାଇ ଥାଆନ୍ତି, ନା ଚାଳନା କରିବାରେ ଅସମର୍ଥ? ଅତଃ ଦୁର୍ଘଟଣା ଘଟିବାର ଅନେକ ସମ୍ଭାବନା ଥାଏ। ଯେପରି ବଡ଼ ଯାନରେ ଥିବା ସାହାଯ୍ୟକାରୀ ଚାଳକ ଚୌକିରେ ବସିଯାଆନ୍ତି ଏବଂ କୌତୁହଳବଶତଃ ଯାନ ଚଳାଇବାକୁ ତତ୍ପର ହୋଇ ପଡ଼ନ୍ତି।

ଏହା ଏକ ବିଷମ ସମସ୍ୟା ସୃଷ୍ଟିକରେ। ଅନିଭଜ୍ଞମାନେ ଚାଳନାର କଳା କୌଶଳ ଶିଖିବାର ଆବଶ୍ୟକତା ଥିବା ସତ୍ତ୍ୱେ 'ହଉହଉ ହୋଇଯିବ' ମତରେ ବିଶ୍ୱାସ କରିବା କେତେଦୂର ଗ୍ରହଣୀୟ? ଚାଲନ୍ତୁ ଦେଖିବା ରାସ୍ତାର ଅବସ୍ଥା। ବିକାଶର ରାସ୍ତା। ମସୃଣ ନୁହେଁ ଯଦି ନୂଆ ଗାଡ଼ି ଦେଲେ ବି ତାହା ଆଗକୁ ବଢ଼ିପାରେ ନାହିଁ। ଏଣୁ ଭିତ୍ତିଭୂମିର ବିକାଶ ନକରି ବିଜ୍ଞ ଚାଳକ ଦେଲେ ବି ସେ ନାଚାର। ଏଠାରେ କ'ଣ ସେମିତି ଚାଲୁଛି ଚାଲୁ କହି ମନକୁ ସାନ୍ତ୍ୱନା ଦେବା! ଆଶ୍ଚର୍ଯ୍ୟର କଥା, ଯେତେ ଯେତେ ଅପସାଂସ୍କୃତିକ ଅପକର୍ମମାନ କାୟା ବିସ୍ତାର କରି ଚାଲିଛି, ଏଥିରେ ଆମେ ଚୁପ୍ ରହି ଚୁପ୍‌ଚାପ୍ ସହି ଯାଉଛନ୍ତି। ନା ନିୟନ୍ତ୍ରଣକୁ ଆସୁଛି ସାମାଜିକ ବିଧି ବ୍ୟବସ୍ଥା, ନା ଆୟତ୍ତକୁ ଆସୁଛି ବିଶୃଙ୍ଖଳା। ଏଠାରେ ଦାୟୀ କିଏର ପ୍ରଶ୍ନ ଆସିଲେ ସର୍ବପ୍ରଥମେ ଅନ୍ଧ ଧୃତରାଷ୍ଟ୍ର, ପିତମହ ଭୀଷ୍ମ, ଗୁରୁ ଦ୍ରୋଣାଚାର୍ଯ୍ୟ, କୃପାଚାର୍ଯ୍ୟ ଏବଂ ବିଦୁରମାନେ ହିଁ ପ୍ରଥମ ଅପରାଧୀ ବୋଲି କହି ପାରିବା।

ବାଦ ବିବାଦ, କଳି ତକରାଳ କିମ୍ବା ଆରୋପ ପ୍ରତ୍ୟାରୋପର ପଟ୍ଟଭୂମିରେ ଯୁଦ୍ଧ ଦେହି ଡାକରା ହିଁ ଶୁଭୁଛି। ବିଜୟର ଶଙ୍ଖନାଦ ପାଇଁ ପ୍ରତ୍ୟେକ ପକ୍ଷ ଆତୁର। ସତରେ କ'ଣ ରକ୍ତପାତ ହିଁ ଏକମାତ୍ର ସମାଧାନ? ଏହା ଚାଲିବା ଦରକାର? 'ମୋର କ'ଣ ଯାଏ ଆସେ'ର ଭାବନା ହିଁ ଗୁରୁତର ପରିସ୍ଥିତିର ବାଲିରେଣୁ। ମୋର ବ୍ୟକ୍ତିଗତ ସମସ୍ୟା ଆସିଲେ ମୁଁ ଯେତେ ସତର୍କ ହୁଏ, ସମାଜରେ ସମସ୍ୟା ପାଇଁ ସେତେ ସତର୍କ ନହେବା ବୋକାମି। କାରଣ ଗୋଷ୍ଠୀଗତ ସମସ୍ୟା ଧୀରେ ଧୀରେ ବ୍ୟକ୍ତିବିଶେଷକୁ ଆକ୍ରାନ୍ତ କରେ। ସାମଗ୍ରିକ ଭାବରେ ବିରୋଧ କଲେ ଅନ୍ୟାୟ ଅବିଚାର ହିଁ ଦୂରେଇ ଯାଏ। ଏପରିକି ବ୍ୟକ୍ତିଗତ ସ୍ତରରେ, ପରିବାର ଭିତରେ କୌଣସି ମନୋମାଳିନ୍ୟ, ଅମେଳ ଭାବକୁ ନିରବଦ୍ରଷ୍ଟା ହୋଇ ରହିଲେ ପରିବାର ତ ଭୁଶୁଡ଼ି ପଡ଼ିବ, ବ୍ୟକ୍ତିର ସ୍ଥିତି ମଧ୍ୟ ଟଳମଳ ହେବ।

ପ୍ରଥା ପରମ୍ପରାରେ ଯାହା ଚାଲୁଛି ଚାଲୁ ହୁଏତ ଅନେକାଂଶରେ ଗ୍ରହଣୀୟ। ମାତ୍ର ଏମିତି କିଛି ନକାରାତ୍ମକ ପ୍ରଥା ଅଛି, ଯାହାର ପରିବର୍ତ୍ତନ ଅବଶ୍ୟମ୍ଭାବୀ। ବାଲ୍ୟ ବିବାହଠାରୁ ବଳି ପ୍ରଥା ଇତ୍ୟାଦିରେ ଅନେକାଂଶରେ ପରିବର୍ତ୍ତନ ଆସିଛି। ଯାହା ଚାଲୁଥିଲା, ତାହା ଆଉ ଆଗକୁ ବଢ଼ିବ ନାହିଁ। ନିଜର ମତାମତ ଦେବା, ନେତା ଚୟନ କରିବା ପରି ଅନେକ କ୍ଷେତ୍ରରେ ବ୍ୟକ୍ତିଗତ ଯୋଗଦାନ ହିଁ କାମ୍ୟ। କାରଣ ପରେ ପରେ କେବଳ ସମାଲୋଚନା କରିବାର ଅଧିକାର ରହିବ ନାହିଁ। ଯାହା ଚାଲୁଛି ଚାଲୁ, ସେହି କ୍ଷେତ୍ରରେ ଉପଯୋଗୀ ଯେଉଁଠି, ଏହା ଦେଶ ଦଶ, ସମାଜର ଅଭିବୃଦ୍ଧିର ସହାୟକ।■

# ଆଉ ଚାଲିବ ନାହିଁ

'ଚାଲିବ ନାହିଁ, ଚାଲିବ ନାହିଁ, ତମ ମନମାନି ଚାଲିବ ନାହିଁ' ଇତ୍ୟାଦି ସ୍ଲୋଗାନ୍ ହରତାଳ, ବିକ୍ଷୋଭ ବା ପ୍ରତିବାଦ ସଭାରେ ଏକ ଚିରାଚରିତ କଥା। 'ଯଦି ଚଳିବ ନିଆଁ ଜଳିବ' ଏକ ନିୟମ ବିରୁଦ୍ଧରେ ଧମକ। ଚଳେଇ ନେଲେ ସବୁ କିଛି ଚଳି ଯାଏନା। ଗୋଟିଏ ସାଧାରଣ ଘଟଣାରୁ ଅନୁମାନ କରି ପାରିବେ। ଅନୁମାନ କ'ଣ ଅନୁଭବ ବି କରିଥିବେ। ବିବାହାଦି ଉତ୍ସବରେ ବରଯାତ୍ରୀଙ୍କର ଡିମାଣ୍ଡ କୌଣସି ପ୍ରକାରେ ଚଳେଇ ହୁଏନାହିଁ। ଏହା ଦରକାର, ତାହା ଦରକାରର ଚିଠାକୁ ମଥା ନୁଆଁଇ ପୂରଣ କରିବାକୁ ଚେଷ୍ଟା କରୁଥାଏ କନ୍ୟାପିତା। ଏହା ଏକ ବାଧ୍ୟବାଧକତା। ଯଦି ଛୋଟିଆ ଘଟଣାରେ ଏତେ ତତ୍ପର, ବଡ଼ ବଡ଼ ଘଟଣାରେ କେମିତି ଚଳେଇ ନେବା!

ଶାସନ କଳର ବିବଶତା ମଧ୍ୟ ଏମିତି। ଅନେକ ଦାବି, ଅନେକ ଅପେକ୍ଷା ଜନ ସମୂହର। କଥା ଦେଇ କଥା ରଖି ପାରିବାର ଅକ୍ଷମତା ନିଶ୍ଚେ ଘାତକ। ନିର୍ବାଚନୀ ପ୍ରତିଶ୍ରୁତିକୁ ପାଣିର ଗାର ଭାବିନେବା ମହାଭୁଲ୍। ଦିନ ଥିଲା, ଏସବୁ ଚାଲୁଥିଲା। ମାତ୍ର ଏବେ ସଚେତନ ହେଲେଣି ନାଗରିକ ଓ ଭୋଟର। ଏଥକୁ ଦମନ ଲୀଳା ବି ଚାଲି ପାରିବ ନାହିଁ। କଥାଟି ଯେତେବେଳେ ପୁରୁଣା ଘା'ର କଥା, ସେଥିରେ ମଲମ ଲଗାଉ ଲଗାଉ ନୂଆ ଶାସକ ନୟାନ୍ତ। ଅନ୍ତତଃ ନୂତନ ପଦକ୍ଷେପ ମଧ୍ୟ ଭାବିଚିନ୍ତି ନେବା କଥା। ଧୂଳି ଜମି ଯାଇଥିବା ଫାଇଲ ସବୁରୁ ଧୂଳି ଝାଡ଼ିବାର ପ୍ରଚେଷ୍ଟା ହିଁ କାମ୍ୟ। 'ତୁ ତ ମୁତୁରୀ ମୁଁ ତ ମୁତୁରୀ ହେଁସ କାହିଁ ପାଇଁ ଧୋଇବା'ର ମାର୍ମିକ ଅର୍ଥ ହିଁ ସ୍ଥାଣୁତା। ଯେଉଁ ଦିଗରେ ଦେଖ, ଯଦି ସେଠାରେ ନିଷ୍କ୍ରିୟତା ପରିଲକ୍ଷିତ ହେଉଛି, ସେଠାରେ ସେ କିପରି କର୍ମକ୍ଷମ ହେବ, ସେ ପ୍ରଚେଷ୍ଟା ମଧ୍ୟ ରହିବା ଦରକାର।




ସାହିତ୍ୟ, ସଂସ୍କୃତି କ୍ଷେତ୍ରରେ ସ୍ଥାଣୁ ପାଲଟି ଯାଇଥିବା ପୁରସ୍କାର ଚୟନ ଆଜିକାଲି ତ ବେଶ୍ ଚର୍ଚ୍ଚିତ ବିଷୟ। କେଉଁଠି ୧୦ ବର୍ଷ ତ କେଉଁଠି ତିନି ବର୍ଷ ହେଲା ଫାଇଲ ସବୁ ଉଈ ଖାଉଛି। ବହି ସବୁ ଖତ ହେଉଛି। କେତେ ଦିନ ଆଶାୟୀ ସାହିତ୍ୟ ସମାଜ କହିବ ଯାହା ଚାଲୁଛି ଚାଲୁ, ନ ଚାଲୁଛି ତ ନ ଚାଲୁ! ନା- ଆଉ ଚାଲିବ ନାହିଁ ଏସବୁ ସ୍ଥାଣୁତା। ଏହା ହିଁ ତ ଜନତାର ନାରା। ପଦ ପଦବୀରେ ବସିବାକୁ ଆଶାୟୀ ଅନେକ। ହୁଏତ ସମସ୍ତେ ଯୋଗ୍ୟ ବା ଯୋଗ୍ୟା। ଯାହାକୁ ବସେଇଲେ, ଅନ୍ୟମାନେ ହାଲ୍ଲା କରିବେ। ତା'ର ଅର୍ଥ ନୁହେଁ ଯେ କାହାକୁ ବସେଇବା ନାହିଁ। ଏଠାରେ କଠୋର ସିଦ୍ଧାନ୍ତ ନେବାକୁ ପଡ଼ିବ 'କୁଛ୍‌ତୋ ଲୋଗ୍ କହେଙ୍ଗେ'। କିଛି ଲୋକ ତ କହିବେ, ମାତ୍ର ସିଦ୍ଧାନ୍ତ ଯଦି ସଠିକ୍, ସେ ବିଦ୍ରୋହର ସ୍ୱର ଆପେ ଆପେ ନରମି ଯିବ, ନିରବି ଯିବ। ଅନେକ ସମୟରେ ହଠାତ୍ ଉତ୍ତର ଆସେ, ନା ଆଉ ଚାଲିବ ନାହିଁ। କିହୋ ବାବୁ ହାତ ଅଛି, ଗୋଡ଼ ଅଛି, ମୁଣ୍ଡ ଅଛି, ବୁଦ୍ଧି ଅଛି, ଶକ୍ତି ଅଛି, ପୁଣି ଚାଲିବାର ଇଚ୍ଛାଶକ୍ତି ବି ଅଛି। ଚାଲିବ ନାହିଁ କାହିଁକି? ନଈ ନ ଦେଖୁଣୁ ଲଙ୍ଗଳା ପରି ଅନେକ ଲୋକ ଏଣୁ ତେଣୁ ମନ୍ତବ୍ୟ ଦେବାରେ ମାହିର। ମାତ୍ର 'କର୍ମେଣ ପରିଚିୟତେ'ର ଧର୍ମ କାମ କରି ଦେଖାଇ ଦିଅ ଓ ଚୁପ୍ କରିଦିଅ ଦୁର୍ମୁଖମାନଙ୍କୁ।


ନିୟମ କାନୁନ ଶାସକର ନିଜ ହିସାବରେ ବଦଳି ଯାଏ। ଯାହା ପୂର୍ବରୁ ସ୍ଥିରୀକୃତ ହୋଇଥିଲା, ତାହା ଆଉ ହେବ ନାହିଁ। ଏଠାରେ ଦୁଇଟି ପ୍ରଶ୍ନ ଉଠେ। ଯାହା ହୋଇଥିଲା, ତାହା ଯୁକ୍ତିସଙ୍ଗତ କି ନା? ଯାହା ହେବ, ତାହା ଯୁକ୍ତିଯୁକ୍ତ କି ନା? ଯଦି କିଛି ଭୁଲ୍ ଭାଲ୍ ନିଷ୍ପତ୍ତି ପୂର୍ବରୁ ହୋଇଥିଲା, ତାହା ଆଉ ନ ଚାଲିବା ଦରକାର। ଯଦି ସବୁ କିଛି ଠିକ୍‌ଠାକ୍ ଅଛି, ତେବେ ଚାଲିବନି କିଆଁ! ଏମିତିରେ ଅନେକ ପ୍ରଶ୍ନ, ଅନେକ ପ୍ରଶ୍ନବାଚୀର ଚିହ୍ନ। କ'ଣ ଚାଲିବା ଦରକାର, କ'ଣ ଚାଲିବା ଦରକାର ନୁହେଁ, ତାହା ନିଶ୍ଚେ ବିଜ୍ଞ ଭାବେ ଶାସକ ବିଚାର କରିବା ଦରକାର।

ପୂର୍ବ ରାଜା ରାଜୁଡ଼ା ସମୟର ଅନେକ ଅନ୍ୟାୟ ଅନୀତିର କଥା ଆମେ ଜ୍ଞାତ ନିଶ୍ଚୟ। ସେସବୁ କ'ଣ ଆଉ ଚାଲୁଛି! ହେଲେ ଗଣତନ୍ତ୍ରରେ ପୁଣି ସେହି ରାଜତନ୍ତ୍ର ତାନାସାହିର କଥା କ'ଣ ଆଉ ଚାଲିବ? ଅଚଳ ହୋଇ ପଡ଼ିଥିବା ଯାନ୍ତ୍ରିକ ପଦାର୍ଥକୁ ସଜଡ଼ା ଯାଇପାରେ, ନଚେତ୍ ବଦଳେଇ ଦିଆଯାଇ ପାରେ। ତା' ସ୍ଥାନରେ ନୂତନ ଯନ୍ତ୍ରପାତି ମଧ୍ୟ ଅଣାଯାଇ ପାରେ। ମାତ୍ର ବିକାଶକୁ ରୋକିବା ଉଚିତ୍ ନୁହେଁ। ପରିବାର ଭିତରେ ପୁରୁଣା ପ୍ରଥା ହୁଏତ ଆଉ ଚାଲୁନାହିଁ, ମାତ୍ର ପରିବର୍ତ୍ତିତ ପ୍ରଥାଟି ସବୁ ସଦସ୍ୟଙ୍କ ମାନ୍ୟ ତ! ତା' ନହେଲେ ପୁନର୍ବିନ୍ୟାସ ହିଁ ସର୍ବନାଶ।■

ପୋଖରୀପୁଟ, ଭୁବନେଶ୍ୱର,ମୋ: ୯୩୪୮୮୯୩୭୫୨

# ସୁଧୁରି ଯାଉ ମଣିଷ

ସୃଷ୍ଟିରେ ଶ୍ରେଷ୍ଠ ଜୀବ ମାନ୍ୟତା ହାସଲ କରି, ସର୍ବାଧିକ ବୟସ ବଞ୍ଚି ରହି ସମାଜ ପାଇଁ କରୁଥିବା କାର୍ଯ୍ୟର ମଣିଷ ଆତ୍ମସମୀକ୍ଷା କରିବା ଆବଶ୍ୟକ। ସ୍ୱାମୀ ବିବେକାନନ୍ଦଙ୍କ ଉକ୍ତି ଅନୁସାରେ, 'ସମାଜରୁ କିଏ କେତେ ନେଉଛି ଅପେକ୍ଷା କିଏ କେତେ ଦେଉଛି, ତାହା ହିଁ ଗୁରୁତ୍ୱପୂର୍ଣ୍ଣ। ଏଥିରେ ପ୍ରସ୍ଫୁଟିତ ହୋଇଥାଏ ମଣିଷର ମଣିଷପଣିଆ।' ଯେଉଁ ପ୍ରକୃତିଠାରୁ ଆମେ ମାଗଣାରେ ପାଣି, ପବନ, ଆଲୋକ ପାଉଛୁ; ଯେଉଁ ସମାଜରେ ଆମେ ଭାଇ, ବନ୍ଧୁ, କୁଟୁମ୍ବ, ଆତ୍ମୀୟସ୍ୱଜନ, ପରିବାର ପାଇଁ ସୁଖ ଦୁଃଖ ବାଣ୍ଟୁଛୁ, ସେମାନଙ୍କ ପାଇଁ ଆମର ନୈତିକ କର୍ତ୍ତବ୍ୟବୋଧ ପ୍ରଥମେ ଭୁଲି ଯାଉଛେ। ଅହଂବାଦୀ ମଣିଷ ବାଉଁଶ ଗଛଟି ପରି ଲମ୍ବା ହୋଇ ଠିଆ ହୋଇଥିଲେ ବି ବାଉଁଶର ଶାଖା, ଫୁଲ, ଫଳରେ ଉପକାର ମିଳୁ ନଥିବା ବେଳେ କିଛି ମଣିଷ କଙ୍କଡ଼ା ପ୍ରବୃତ୍ତି ଧାରଣ କରି କେବଳ ବିଭେଦଗ୍ରସ୍ତ ହୋଇ



ସୁକାନ୍ତ କୁମାର ମହାନ୍ତି

ଥାଆନ୍ତି। ମନୀଷୀ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ଭାଷାରେ, ସବୁ ଗଛ ଲଗାଇଲେ ସମାଜ ଲାଭାନ୍ୱିତ ହେଉଥିଲା ବେଳେ ମଣିଷ ଗଛ ଲଗାଇଲେ ରୋଗାକ୍ରାନ୍ତ ହେବା ନିରାଟ ସତ୍ୟ। ଫଳନ୍ତି ଗଛକୁ ଟେକା ପକାଯାଏ ଏବଂ ପକାନ୍ତି ଅସହିଷ୍ଣୁ କୃତଘ୍ନମାନେ। ଜଣେ ଶିଷ୍ୟର ପ୍ରଶ୍ନ ଥିଲା- ଶାସ୍ତ୍ର ପ୍ରମାଣ କରେ, ଏହି ମଣିଷ ଦୈବୀ ଶକ୍ତି ନେଇ ଜନ୍ମଗ୍ରହଣ କରିଥିଲା ବେଳେ ଏପରି ଅମଣିଷ ପରି କାର୍ଯ୍ୟ କରିଥାଏ କାହିଁକି? ସାଧୁ ଜଣକ ବଳିଷ୍ଠ ଓ କୌତୁକପୂର୍ଣ୍ଣ ଯୁକ୍ତି ଛଳରେ କହିଥିଲେ, ମଣିଷର ଅଙ୍ଗପ୍ରତ୍ୟଙ୍ଗରୁ ସବୁ ପ୍ରକାର ଦୂଷିତ ପଦାର୍ଥ ନିର୍ଗତ ହୋଇ କ୍ରମଶଃ ସମାଜକୁ ସଂକ୍ରମିତ କରି ଚାଲିଛି। ଦେହରୁ ଗନ୍ଧ, ଝାଳ, ମଳି, ପାଟିରୁ ଦୁର୍ଗନ୍ଧଯୁକ୍ତ ଛେପ ଖଙ୍କାର ଓ ଅଭାଷା, ଦାନ୍ତରୁ ପୋକ, ଜିଭରୁ ଛତିଆ, ଆଖିରୁ ନେଦେରା, କାନରୁ ଗଇ, ନାକରୁ ସିଂଘାଣି, ନଖରୁ ମଇଳା, ପେଟରୁ ମଳ, ମଳଦ୍ୱାରରୁ ଦୁର୍ଗନ୍ଧ ବାୟୁ, ସର୍ବୋପରି ଲୋମରୁ କୀଟ ଓ ମୁଣ୍ଡରୁ ଦୁର୍ବୁଦ୍ଧି। ସୃଷ୍ଟି ରକ୍ଷା କରିବାକୁ ପାଇଥିବା ପ୍ରଜନନ କ୍ଷମତା ଏବେ ସଂକଟରେ। ମଣିଷ ବର୍ଷସାରା ଏଥିରେ ଲିପ୍ତ ରହି ସଦ୍ୟଜାତ ଶିଶୁକୁ ଡ୍ରେନ୍‌ରେ, ରାସ୍ତା କଡ଼ରେ, ଗଛ ଡାଳରେ ଏବଂ ପରିବାରରେ ଥୋଇଦେଇ ଏକ ବିକୃତ ସମ୍ପର୍କ 'ଲିଭ୍ ଇନ୍ ରିଲେସନ୍‌ସିପ୍'ରେ ମାତିଥାଏ। ମଣିଷ କେବଳ ମିଛ କହିଥାଏ। ବାଘ କବଳରୁ ନିଜକୁ ବଞ୍ଚାଇ ଓ ଗୁହାଳରେ ଥିବା ବାଛୁରୀକୁ ଖୋରାକ ଦେବା ପାଇଁ ପଣ ରଖି ଯିବା ଏବଂ ପୁନଃପ୍ରତ୍ୟାବର୍ତ୍ତନ କରି 'ବଉଳା ଗାଈ' ଏହି ମିଥ୍ୟାନିଷ୍ଠ ମଣିଷକୁ ଅଙ୍ଗୁଳି ନିର୍ଦ୍ଦେଶ କରେ। ଠକିବା, ଶଠତା, ବିଶ୍ୱାସଘାତକତା କରିବା, ଆଚରଣ ଓ ଉଚ୍ଚାରଣରେ ଜଟିଳତା ଦର୍ଶାଇ ସ୍ୱଚ୍ଛତା ବଦଳରେ କପଟତା ପ୍ରବୃତ୍ତି, ଅନେକ ଅମାନବୀୟ ପ୍ରକୃତିରେ ସିଦ୍ଧହସ୍ତ ଏହି ମିଛ ମଣିଷ। ଦେବ ପ୍ରତିମା ଥାଳିରେ ରଖି, ରିକ୍‌ସାରେ ଫଟୋ ଟଙ୍ଗାଇ ଠାକୁରଙ୍କୁ ବି ମଣିଷ ଠକିଥାଏ। ରୋଗାକ୍ରାନ୍ତ ହୋଇ ଠେଲାଗାଡ଼ିରେ ବସି ଭିକ୍ଷା ମାଗୁଥିବା ଲକ୍ଷପତି ମଣିଷଟି ଶଠତା ଦେଖାଇ ଥାଏ, ଇଞ୍ଜେକ୍ସନ୍ ସିରିଞ୍ଜ୍ ସାହାଯ୍ୟରେ ପଇଡ଼ରୁ ପାନୀୟ କାଢ଼ି ଦୂଷିତ ପାଣି ଭରିବା, କିଶୋରୀ ଝିଅମାନେ ଧରା ପଡ଼ିବା ଭୟରେ ଶଙ୍ଖା ସିନ୍ଦୂର ପିନ୍ଧି ହୋଟେଲ୍, ଲଜ୍, ପାର୍କରେ ସ୍ୱାମୀ ସ୍ତ୍ରୀ ପରିଚୟ ଦେଇ ଥାଆନ୍ତି। ପରିବାରର ପ୍ରତ୍ୟେକଙ୍କ ମଧ୍ୟରେ ଅବିଶ୍ୱାସ, ରୋଗୀ ଚିକିତ୍ସାରେ ଡାକ୍ତରଙ୍କର, ଶିକ୍ଷାନୁଷ୍ଠାନରେ ଶିକ୍ଷକଙ୍କର, ଶାସନ କ୍ଷେତ୍ରରେ ଶାସକଙ୍କର, ଆଧ୍ୟାତ୍ମିକ କ୍ଷେତ୍ରରେ ପ୍ରବାଚକଙ୍କର ସ୍ଖଳନ ଅନୁଭୂତ ହେଉଛି। ମଣିଷର ଦୋମୁହାଁ ଚରିତ୍ର ଭୟଙ୍କର ରୂପ ନେଉଛି। ଏହାକୁ ଲକ୍ଷ୍ୟ କରି ରିକ୍ ରିଓର୍ଡାର୍ନ କ୍ଷୋଭ ପ୍ରକାଶ କରି କହିଛନ୍ତି, 'ମେସିନ୍‌ଗୁଡ଼ିକ ଅପେକ୍ଷା ମଣିଷମାନଙ୍କୁ ନେଇ କାମ କରିବା ଖୁବ୍ କଠିନ, ମେସିନ୍‌ଟିଏ ଖରାପ ହେଲେ ତାକୁ ମଣିଷ ସଜାଡ଼ି ଥାଏ- ହେଲେ, ମଣିଷମାନେ ଖରାପ ହେଲେ ତାଙ୍କୁ ସଜାଡ଼ିବା କଷ୍ଟକର।' ଏହି ଅତିଷ୍ଠ ସମାଜକୁ ସ୍ୱକର୍ମ ମାଧ୍ୟମରେ ସଜାଡ଼ିବାକୁ ହେବ। ଯେଉଁ କର୍ମ ଦ୍ୱାରା ଆତ୍ମଭାବର ବିକାଶ ହୁଏ, ତାହା ହିଁ କର୍ମ। ଅନାତ୍ମଭାବର ବିକାଶ ହେଲେ ତାହା ହିଁ ଅକର୍ମ। ଶ୍ରଦ୍ଧାବାନ, ବୀର୍ଯ୍ୟବାନ ହୋଇ ଆତ୍ମଜ୍ଞାନ ଲାଭ କରି ପର ହିତରେ ଜୀବନପାତ କଲେ ମଣିଷର ମାନବିକତା ପ୍ରକାଶ ପାଇ ମହୀୟାନ ହୋଇଥାଏ। ବ୍ୟବହାର ସୁନ୍ଦର ହେଲେ ମନ ମନ୍ଦିର ହୋଇଯାଏ, ଆହାର ସୁନ୍ଦର ହେଲେ ଶରୀର ନିରୋଗ ହୁଏ। ବିଚାର ସୁନ୍ଦର ହେଲେ ମସ୍ତିଷ୍କ ବୁଦ୍ଧିଆ ହୋଇଯାଏ। ବୈଜ୍ଞାନିକ ଆଇନ୍‌ଷ୍ଟାଇନ୍‌ଙ୍କ ଆଶ୍ୱାସନା ସମସ୍ତଙ୍କ ପାଇଁ ଏକ ଚେତାବନୀ କହିଲେ ଅତ୍ୟୁକ୍ତି ହେବନାହିଁ। ଖଳ ଲୋକମାନେ ବାସ କରୁଛନ୍ତି ବୋଲି ବାସ କରିବା ନିମନ୍ତେ ପୃଥିବୀ ଯେ ଏକ ବିପଜ୍ଜନକ ସ୍ଥାନ, ତା' ନୁହେଁ, ବରଂ ଯେଉଁମାନେ ଏହା ଜାଣି ମଧ୍ୟ ସେଥିପାଇଁ କିଛି କରୁ ନାହାନ୍ତି, ତାହା ହିଁ ବିପଜ୍ଜନକ।■

ଚଉଦ୍ୱାର, କଟକ

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

## ଠିକାଦାରଙ୍କ ମନମାନୀ, ହୀନସ୍ତା ଭୋଗୁଛନ୍ତି ଲୋକେ

# ମରଣଯନ୍ତା ପାଲଟିଛି ବ୍ଲକ୍ ରାସ୍ତା



**ଚାନ୍ଦୋଳ,୧୪।୬/ଏନ୍ଏନ୍ଏସ୍:** ଡେରାବିଶ ବ୍ଲକ୍ ଗୁଆଲସିଂ ପଞ୍ଚାୟତ ଅନ୍ତର୍ଗତ କେନ୍ଦ୍ରାପଡ଼ା କଲେଜଛକରୁ ବାହାରିଥିବା କେନ୍ଦ୍ରାପଡ଼ା - ଗୋଲରାହଟ ରାସ୍ତାର ଉଦୟନଗର ଠାରେ ରହିଥିବା ପାଟନାଳୀ ଉପରେ ଆରଆଣ୍ଡବି ବିଭାଗ ପକ୍ଷରୁ ନିର୍ମାଣ ଏକ ପୋଲ ନିର୍ମାଣ ଚାଲିଛି । ତେବେ ଠିକାଦାର ମନମାନୀ ଯୋଗୁ ଦୀର୍ଘ ୬ମାସ ହେବ ଲୋକମାନେ ନାହିଁନଥିବା ହୀନସ୍ତା ଭୋଗୁଛନ୍ତି । କେନ୍ଦ୍ରାପଡ଼ା ଗୋଲରାହାଟ ରାସ୍ତାଟି ଏକ ବ୍ୟସ୍ତବହୁଳ ରାସ୍ତା ହୋଇଥିବା ବେଳେ ଡେରାବିଶ ବ୍ଲକ୍ କାର୍ଯ୍ୟାଳୟ, ଡେରାବିଶ ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ, ଡେରାବିଶ କୃଷି ବିଭାଗ କାର୍ଯ୍ୟାଳୟ, ଡେରାବିଶ ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀଙ୍କ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା ଜିଲ୍ଲା ଉଦ୍ୟାନ ବିଭାଗ କାର୍ଯ୍ୟାଳୟ, ସୁଦର୍ଶନ ହାଇସ୍କୁଲ, କେନ୍ଦ୍ରାପଡ଼ା କଲେଜ, କେନ୍ଦ୍ରାପଡ଼ା ସାନ୍ଧ୍ୟ ମହାବିଦ୍ୟାଳୟ ସମେତ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟକୁ ଦୈନିକ ହଜାର ହଜାର ଲୋକ ଏହି ରାସ୍ତା ଦେଇ କାରବାର ହୋଇଥାନ୍ତି । ଠିକାଦାର ଉଦୟନଗର ଠାରେ ରହିଥିବା ଏହି ପାଟନାଳୀ ପୋଲକୁ ଭାଙ୍ଗି ନୂତନ ଭାବେ ନିର୍ମାଣ କରୁଛି । ନିର୍ମାଣ ଆରମ୍ଭ ସମୟରେ ଏହି ବ୍ୟସ୍ତବହୁଳ ରାସ୍ତାରେ ଲୋକମାନଙ୍କ ଯାତାୟତ ପାଇଁ ସଠିକ ଭାବରେ ଏକ ଆପ୍ରୋଚ ରୋଡ୍ ନିର୍ମାଣ ନକରି ଖବୁ ଅଣଓସରିଆ ଓ ତୀଖ ଭାବେ ଏକ ଆପ୍ରୋଚ ରୋଡ୍ ନିର୍ମାଣ କରିଥିଲେ । ସେଥିପାଇଁ ଏହି ବିପସଂକୁଳ ଓ ତୀଖ ଭାବେ ନିର୍ମିତ ଆପ୍ରୋଚ ରୋଡ୍‌ରେ ସେତେବେଳେ ବହୁ ସାଇକେଲ୍ ଓ ବାଇକ୍ ଆରୋହୀ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ । ଏବେ ପୋଲନିର୍ମାଣ କାର୍ଯ୍ୟ ସରିଯାଇଥିଲେ ମଧ ପୋଲକୁ ସଂଯୋଗୀକରଣ ରାସ୍ତା ନିର୍ମାଣ ହୋଇନାହିଁ । ଗତ ତିନିଦିନ ହେବ ଲାଗିରହିଥିବା କାଳବୈଶାଖୀ ବର୍ଷାରେ ଏହି ଆପ୍ରୋଚ ରୋଡ୍‌ଟି ଏତେ ମାତ୍ରାରେ ବିପଦସଂକୁଳ ପାଲଟିଛି ଯେ, ଯଦି କୌଣସି ସାଇକେଲ୍ କିମ୍ବା ବାଇକ୍ ଆରୋହୀ ଏହି ଆପ୍ରୋଚ୍ ରୋଡ୍ ବାଟଦେଇ ଯାଏ ତେବେ ସେ ନିଶ୍ଚିତ ଭାବରେ ଅଣାୟତ ହୋଇ ଗୋବରୀ ନଦୀକୁ ଖସିପଡ଼ିବ । ସ୍ଥାନୀୟ ଅଞ୍ଚଳବାସୀଙ୍କ କହିବାକଥା ଏଠାରେ ପ୍ରତ୍ୟେକ ଦିନ ଲୋକମାନେ ଦୁର୍ଘଟଣାଗ୍ରସ୍ତ ହେଉଥିବାରୁ ଆମେ ଠିକାଦାରଙ୍କୁ ଏହି ଆପ୍ରୋଚ ରୋଡ୍‌କୁ ସଠିକ୍ ଢ଼ଙ୍ଗରେ ନିର୍ମାଣ କରିବା ପାଇଁ ଯେତେ କହିଲେ ମଧ ଠିକାଦାର ଏଥିପ୍ରତି କର୍ଣ୍ଣପାତ କରୁନାହାଁନ୍ତି । ଏଥିସହିତ ଏହି ନୂତନ ନିର୍ମିତ ପୋଲର ସଂଯୋଗୀକରଣ ରାସ୍ତା ହୋଇନଥିବାରୁ ଏହାର ଦୁଇପଟରେ ସୁରକ୍ଷାବାଡ଼ ମଧ ନିର୍ମାଣ କରାଯାଇ ନାହିଁ । ଫଳରେ ରାତିରେ ଯଦି କୌଣସି ବାଇକ୍ ଆରୋହୀ ଏହି ରାସ୍ତାଦେଇ ଯାଆନ୍ତି ତେବେ ସୁନିଶ୍ଚିତ ଦୁର୍ଘଟଣାର ସମ୍ମୁଖିନ ହେବେ । ଏଥିପାଇଁ ଠିକାଦାର ଦାୟୀ ରହିବେ ବୋଲି ସ୍ଥାନୀୟ ଲୋକମାନେ ପ୍ରକାଶ କରିଛନ୍ତି । ତୁରନ୍ତ ଏହି ପୋଲର ସଂଯୋଗୀକରଣ ରାସ୍ତା ନିର୍ମାଣ କରି ଲୋକମାନଙ୍କ ଚଳାଚଳର ସୁବିଧା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ଶୋଭାଯାତ୍ରାରେ ନିଶା ନିବାରଣ ସଚେତନତା




**ତାଳଚେର,୧୪।୬/ଏନ୍ଏନ୍ଏସ୍:** ଜାତୀୟ ମାନଧିକାର ଓ ମା'ସେବକ ସଂଘ ପକ୍ଷରୁ ଆଜି ମିଳିତ ଉଦ୍ୟମ ନିଶାନିବାରଣ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ନିଶା ସେବନକରି ପରିବାର ଛାରଖାର ହେବା ସହ ଆଜିର ଯୁବପିଢ଼ୀମାନେ ପଥ ଭ୍ରଷ୍ଟ ହେଉଥିବାକୁ ନେଇ ଏହି ନିଶାନିବାରଣ ସଚେତନତା କାର୍ଯ୍ୟକ୍ରମ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା । ମା'ସେବକ ସଂଘ, ଅଲଓଡ଼ିଶା ଜାତୀୟ ମାନଧିକାର ହ୍ୟୁମାନ ରାଇଟସ୍ ଓ ତାଳଚେର ଅବକାରୀ ବିଭାଗ ସହଯୋଗରେ ଶତାଧିକ ମହିଳା, ପୁରୁଷ ସାମିଲ ହୋଇ ତାଳଚେର ଟାଉନ ଜୟ ନିତାଇ ଆଶ୍ରମ ସମ୍ମୁଖରୁ ବାହାରି ଫାଷ୍ଟଗେଟ୍, ମୋଚିସାହି, କିଶୋରଗଞ୍ଜ ପାଟଣା, ବାପୁଜୀନଗର, ବିରାଦରପଡ଼ା, ବଡ଼ବଜାର, ଥାନାସାହି ଇତ୍ୟାଦି ସହରପରିକ୍ରମା କରାଯାଇ ଆଜିର ଯୁବପିଢ଼ୀ ଓ ନିଶାରେ ବୁଡ଼ି ରହୁଥିବା ନାଗରୀକ ମାନଙ୍କ ଉଦ୍ଦେଶ୍ୟରେ ଏକ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜାତୀୟ ମାନଧିକାର ହ୍ୟୁମାନ ରାଇଟସ୍ ସଭାପତି ଡା. ଦେବେନ୍ଦ୍ର ସିଂହ, ମା'ସେବକ ସଂଘର ସମସ୍ତ ସଦସ୍ୟ, ତାଳଚେର ଅବକାରୀ ବିଭାଗ ଅଧିକାରୀ, କର୍ମଚାରୀ ଓ ମହିଳା, ପରୁଷ ଶୋଭାଯାତ୍ରାରେ ସାମିଲ ଥିଲେ । ତେବେ ଏହାକୁ ନେଇ ବିଭିନ୍ନ ମହଲରେ ଆଲୋଚନାର ମୁଖ୍ୟ ବିଷୟ ପାଲଟିଛି ।


## ହାତୀ ଆକ୍ରମଣରେ ଯୁବକ ଗୁରୁତର

**ଢେଙ୍କାନାଳ,୧୪।୬/ଏନ୍ଏନ୍ଏସ୍:** ହିନ୍ଦୋଳରେ ଜଙ୍ଗଲୀ ହାତୀଙ୍କ ଉପଦ୍ରବ ଚରମ ସୀମାରେ । ଦିନ ଦ୍ୱିପହର ହେଉ ଅବା ସନ୍ଧ୍ୟା କିମ୍ବା ରାତି ଯେତେବେଳେ ପାରୁଛନ୍ତି ଲୋକଙ୍କୁ ସାମ୍ନାରେ ପାଇଲେ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରୁଛନ୍ତି ଜଙ୍ଗଲୀ ହାତୀ । ଏପରି ଏକ ଅଭାବନୀୟ ଘଟଣା ଆଜି ବାଘଧରିଆ ହନୁମାନ ମନ୍ଦିର ଠାରେ ଦେଖିବାକୁ ମିଳିଛି । ସୂଚନା ଅନୁଯାୟୀ ହିନ୍ଦୋଳ ବ୍ଲକ୍ ନୂଆବଗ ଗ୍ରାମପଞ୍ଚାୟତ ଅନ୍ତର୍ଗତ ବାଘଧରିଆ ଗ୍ରାମର ବିପିନ୍ ଗଡ଼ନାୟକ(୪୮) । ସେ କୌଣସି କାମରେ ଯାଉଥିବାବେଳେ ବାଘଧରିଆ ହନୁମାନ ମନ୍ଦିର ନିକଟରେ ଦିନ ୪ଟା ସମୟରେ ଏକ ଦନ୍ତାହାତୀ ତାଙ୍କୁ ଟେକି କଚାଡି ଦେଇଥିଲା । ଯାହାଫଳରେ ସେ ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ହିନ୍ଦୋଳ ଉପଖଣ୍ଡ ମେଡିକାଲ୍ ଓ ପରେ ଅନୁଗୁଳ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି । ଦିନକୁ ଦିନ ହାତୀଙ୍କ ଉପଦ୍ରବ କାରଣରୁ ଲୋକମାନେ ଘରୁ ବାହାରିବାକୁ ଭୟ କରୁଛନ୍ତି । ବନବିଭାଗ ଏହାକୁ ଗୁରୁତର ଭାବେ ନେବା ସହ ଦୃଢ଼ ପଦକ୍ଷେପ ନେବାକୁ ସାଧାରଣରେ ଏବଂ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

## ୩୧ ଜୁଲାଇ ସୁଦ୍ଧା 'ବାଲ୍ ବିକାଶ' ପୁରସ୍କାର ପଞ୍ଜିକରଣ

**କେନ୍ଦ୍ରାପଡ଼ା,୧୪।୬/ଏନ୍ଏନ୍ଏସ୍:** ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ 'ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ ବିକାଶ'ପୁରସ୍କାର ନିମନ୍ତେ ଅନ୍‌ଲାଇନ ଆବେଦନ ପ୍ରକ୍ରିୟା ଆବେଦନ କରାଯାଉଛି । ସାହସିକତା, କ୍ରୀଡା, ସମାଜ ସେବା, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା, ପରିବେଶ, କଳା ଓ ସଂସ୍କୃତି କ୍ଷେତ୍ରରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଉଲ୍ଲେଖନୀୟ କୃତିତ୍ୱ ହାସଲ କରିଥିବେ । ସେମାନେ କେବଳ ଅନଲାଇନ ଆବେଦନ କରିପାରିବେ । ଆବେଦନକାରୀଙ୍କ ବୟସ ୧୮ ବର୍ଷରୁ ଅଧିକ ହୋଇନଥିବା ଆବଶ୍ୟକ । ଆବେଦନର ଶେଷ ତାରିଖ ହେଉଛି ୩୧ଜୁଲାଇ । ଅଧିକ ସୂଚନା ପାଇଁ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ, କେନ୍ଦ୍ରାପଡ଼ାକୁ ଯୋଗାଯୋଗ କରିପାରିବେ । ଯୋଗାଯୋଗ ନମ୍ବର–୮୨୪୯୩୭୩୮୯୧ ।

## ଶିକ୍ଷକ ଭାବଗ୍ରାହୀ ମିଶ୍ରଙ୍କ ଦ୍ୱାଦଶାହରେ ଶ୍ରଦ୍ଧାଞ୍ଜଳି



**ମୂଷାଟିକିରି,୧୪।୬/ଏନ୍ଏନ୍ଏସ୍:** ଯାଜପୁର ଜିଲ୍ଲା ବରୀ ବ୍ଲକ ଅନ୍ତର୍ଗତ ରତ୍ନଗିରି ଗ୍ରାମପଞ୍ଚାୟତ ପଟଣା ଗ୍ରାମର ନୀତି ନିଷ୍ଠା ଆଦର୍ଶ ଶିକ୍ଷକ ଭାବଗ୍ରାହୀ ମିଶ୍ରଙ୍କ ଦ୍ୱାଦଶାହରେ ଏକ ଭକ୍ତି ଶ୍ରଦ୍ଧାଞ୍ଜଳି ସଭା ପଟଣା ସ୍ଥିତ ବାସଗୃହ ଠାରେ ଚଳିତମାସ ୧୩ ତାରିଖ ପୂର୍ବାହ୍ନ୧୦ ଘଟିକା ସମୟରେ ଅନୁଷ୍ଠିତ ହୋଇଯାଇଛି ।ସ୍ମୃତି ଶ୍ରଦ୍ଧାଞ୍ଜଳି ସଭାରେ ସମସ୍ତ ଆଗନ୍ତୁକ ଅତିଥିଙ୍କ ଗହଣରେ ଭାବଗ୍ରାହୀ ସାରଙ୍କ ଫୋଟୋଚିତ୍ର ପୁଷ୍ପାର୍ଘ୍ୟ ପ୍ରଦାନ କରାଯାଇ ପ୍ରଦୀପ ପ୍ରଜ୍ୱଳନ କରାଯିବା ସହ ସମୂହ ୨ମିନିଟ ନୀରବ ପ୍ରାର୍ଥନା କରି ଅମର ଆତ୍ମାର ଶାନ୍ତି କାମନା କରିଥିଲେ । ପଣ୍ଡିତ ବଂଶୋଭବଙ୍କ କୁଳପୁରୋହିତ ପ୍ରଭାକର ଉଦଗାତା ବେଦମନ୍ତ୍ର ପଠନ କରି ସମୂହ ପରିବାର ବର୍ଗଙ୍କ ମଙ୍ଗଳ କାମନା କରିଥିଲେ । ରତ୍ନଗିରି ଉଚ୍ଚ ବିଦ୍ୟାପୀଠର ପୂର୍ବତନ ପ୍ରଧାନଶିକ୍ଷକ ଅର୍ଜୁନ ଚରଣ ରାଉତ ମଞ୍ଚରେ ଅଧକ୍ଷତା କରି ଶ୍ରଦ୍ଧାଞ୍ଜଳି ସଭାକୁ ସାଫଲ୍ୟ କରିଥିଲେ । ମିଶ୍ର ପରିବାରର ନାତି ଡେରାବିଶ ବ୍ଲକ ଏବିଇଓ ସଚ୍ଚିକାନ୍ତ ମିଶ୍ର ଅତିଥିମାନଙ୍କୁ ମଞ୍ଚକୁ ସ୍ୱାଗତ କରି ସ୍ୱାଗତ ସୂଚନା ପ୍ରଦାନ କରିଥିଲେ ।ସ୍ମୃତି ମଞ୍ଚରେ ରଇପୁର ଉଚ୍ଚ ବିଦ୍ୟାପୀଠର ପ୍ରାକ୍ତନ ପ୍ରଧାନ ଶିକ୍ଷକ ବେଣୁଧର ରାଉତ,ଡ. ନୃସିଂହ ଚରଣ ବେହେରା, ସୁରମୋହନ ମହାପାତ୍ର,ରବୀନ୍ଦ୍ର ନାଥ ପତି ,ଡ. ଭାଗ୍ୟଧର ସାହୁ, ଭାବଗ୍ରାହୀ ସାରଙ୍କ ଶିକ୍ଷାକ୍ଷେତ୍ରରେ ଦାୟିତ୍ୱବୋଧ ଓ ଛାତ୍ରଛାତ୍ରୀଙ୍କୁ ପାଠ ପଢାଇବାରେ ଥିବା ନିଷ୍ଠା ସମ୍ବନ୍ଧରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ରବୀନ୍ଦ୍ର ନାଥ ମହାପାତ୍ର,ପୁଷ୍ପଗିରି ପରିଷଦ ସମ୍ପାଦକ ମକରଧ୍ୱଜ ସାହୁ,ପୁଷ୍ପଗିରି ସଂଗଠନ ସମ୍ପାଦକ ଅଭିରାମ ମଲ୍ଲ,ଅମଠପୁର ପ୍ରାକ୍ତନ ସରପଞ୍ଚ ଚନ୍ଦ୍ର ଶେଖର ମହାନ୍ତି, ପ୍ରାକ୍ତନ ହିନ୍ଦୀ ଶିକ୍ଷକ କରୁଣାକର ମହାରଣା, ବରିଷ୍ଠ କଳାକାର ଭଗିରଥ ଜେନା, ପ୍ରାକ୍ତନ କ୍ରୀଡା ଶିକ୍ଷକ ରାଖାଲ ଚନ୍ଦ୍ର ଜେନା, ସମାଜସେବୀ ଗଗନ ବିହାରୀ ବଳ,ଅବସର ପ୍ରାପ୍ତ ଶିକ୍ଷକ ଗୌରାଙ୍ଗ ରାୟ, ସମାଜସେବୀ କାଳି ପ୍ରସନ୍ନ ଶତପଥି ଅବସର ପ୍ରାପ୍ତ ଶିକ୍ଷକ ରାଜେନ୍ଦ୍ର ଶୁକ୍ଲ, ନାତି ସତ୍ୟବ୍ରତ ମହାପାତ୍ର, ନାତୁଣୀ ସ୍ମୃତି ପ୍ରଜ୍ଞା ମହାପାତ୍ର, ସାମ୍ବାଦିକ ଘନଶ୍ୟାମ ବିଶ୍ୱାଳ, କନିଷ୍ଠ ପୁତ୍ର ପାରେଶ୍ୱର ମିଶ୍ର, ଯୁବ କଳାକାର ରବୀନ୍ଦ୍ର ମହାନ୍ତି, ବୟୋଜ୍ୟୋଷ୍ଠ ଶିକ୍ଷକ ସୁଧାକର ଶତପଥି, ସୁଶାନ୍ତ କୁମାର ବେହେରା, ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ଅବସର ପ୍ରାପ୍ତ ଅଧିକାରୀ ଅନିରୁଦ୍ଧ ସାହୁଙ୍କ ସମେତ ବରୀ ବଡଚଣା ବ୍ଲକର ଶତାଧିକ ବ୍ୟକ୍ତି ବିଶେଷ ଯଶସ୍ୱୀ ସାରଙ୍କ ବହୁମୁଖୀ ଦକ୍ଷତା ସମ୍ବନ୍ଧରେ ଆଲୋଚନା କରି ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ ।

## ପୌରପାଳିକା ପକ୍ଷରୁ ହୋଟେଲରେ ଚଢ଼ଉ



**ଯାଜପୁର,୧୪।୬/ଏନ୍ଏନ୍ଏସ୍:** ଯାଜପୁର ଜିଲ୍ଲାରେ ବ୍ୟାପୁଥିବା ଡାଇରିଆ ସଂକ୍ରମଣ ଯୋଗୁ ଆଜି ଯାଜପୁର ଜିଲ୍ଲାରେ ଯାଜପୁର ପୌରପାଳିକା ପକ୍ଷରୁ ନିମ୍ନମାନର ଖାଦ୍ୟ ବିକ୍ରୟ କରୁଥିବା ହୋଟେଲ ରୁଚିକା ଉପରେ ଚଢାଉ କରାଯାଇଛି । ଚଢ଼ାଉ ସମୟରେ ସ୍ୱାସ୍ଥ୍ୟ ଅଧିକାରୀ, ଯାଜପୁର ପୌରପାଳିକା ଡା. ପ୍ରଦୀପ କୁମାର ଖୁଣ୍ଟିଆ କହିଥିଲେ ଯାଜପୁରରେ ଦୀର୍ଘ କିଛି ଦିନରୁ ଡାଇରିଆ ସଂକ୍ରମଣ ବଢୁଥିବାରୁ ବାହାର ଖାଦ୍ୟ ତଥା ନିମ୍ନମାନର ଖାଦ୍ୟ ବିକ୍ରୟ କରିବା ପାଇଁ ସମସ୍ତ ଦୋକାନୀ, ହୋଟେଲକୁ ବାରଣ କରାଯାଇଥିଲା । ୩ଦିନ ପୂର୍ବରୁ ରଚିକା ହୋଟେଲରେ ନିମ୍ନମାନର ଖାଦ୍ୟ ବିକ୍ରୟ କରାଯାଉଥିବାର ଯାଞ୍ଚ କରାଯାଇ ନିମ୍ନମାନର ଖାଦ୍ୟ ତଥା ସମସ୍ତ ବାସି ଖାଦ୍ୟକୁ ଫୋପାଡି ଦିଆ ଯାଇଥିଲା ଏବଂ ତାଙ୍କୁ ନିମ୍ନମାନର ତଥା କୌଣସି ବାସି ଖାଦ୍ୟ ବିକ୍ରୟ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ପୁନର୍ବାର ତୃତୀୟ ପର୍ଯ୍ୟାୟ ଯାଞ୍ଚ ବେଳେ ଜଣାପଡ଼ିଲା ରୁଚିକା ହୋଟେଲରେ ପୁନଶ୍ଚ ନିମ୍ନମାନର ଖାଦ୍ୟ ତଥା ବାସି ଖାଦ୍ୟ ବିକ୍ରୟ କରାଯାଉଥିଲା । ହୋଟେଲ ଲାଇସେନ୍ସର ଅବଧି ଶେଷ ହୋଇଥିବା ସତ୍ତ୍ୱେ ଏହାର ନବୀକରଣ କରାଯାଇ ନଥିଲା । ହୋଟେଲର ପରିମଳ ବ୍ୟବସ୍ଥା ବଜାୟ ରଖାଯାଉନାହିଁ । ବାସି ମାଛ, ବାସି ଚାଉମିନ୍ ଇତ୍ୟାଦି ବିକ୍ରୟ କରାଯାଉଥିଲା । ତାଗିଦ କରାଯିବା ସତ୍ତ୍ୱେ ପୁନଶ୍ଚ ନିମ୍ନମାନର ଖାଦ୍ୟ ତଥା ଅସ୍ୱାସ୍ଥ୍ୟକର ଖାଦ୍ୟ ବିକ୍ରୟ କରାଯାଉଥିବାରୁ ଜିଲ୍ଲା ପ୍ରଶାସନ ତଥା ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଆଜି ହୋଟେଲ ରୁଚିକା ଉପରେ ଚଢାଉ କରାଯାଇ ଏହାକୁ ସିଲ୍ କରାଯାଇଛି । ବାସି ମିଠା ବିକ୍ରୟ ଏବଂ ବ୍ୟବସାୟ ଲାଇସେନ୍ସ ନଥିବାରୁ ନନ୍ଦିଘୋଷ ହୋଟେଲ ଉପରେ ମଧ ଚଢ଼ାଉ କରାଯାଇ ସିଲ୍ କରାଯାଇଛି । ବାସି ଚିକେନ, ବାସି ଚିଙ୍ଗୁଡ଼ି ବିକ୍ରୟ ଏବଂ ବ୍ୟବସାୟ ଲାଇସେନ୍ସ ନଥିବାରୁ ହୋଟେଲ ଫ୍ଲେମନ୍‌କୁ ଚଢ଼ାଉ କରାଯାଇ ସିଲ୍ କରାଯାଇଛି । କୌଣସି ବ୍ୟବସାୟ ଲାଇସେନ୍ସ କିମ୍ବା ଅନ୍ୟ ଲାଇସେନ୍ସ ନଥିବା ହେତୁ ଅନନ୍ତ ବିଳାସ ସୁଇଟ ଷ୍ଟଲକୁ ମଧ ଚଢ଼ାଉ କରାଯାଇ ସିଲ୍ କରାଯାଇଛି । ବାସି ଚିକେନ ରନ୍ଧା ବିକ୍ରୟ ଏବଂ କୌଣସି ବ୍ୟବସାୟ ଲାଇସେନ୍ସ ନଥିବାରୁ ଦାଦି ମା'ହୋଟେଲକୁ ମଧ ଚଢ଼ାଉ କରାଯାଇ ସିଲ୍ କରାଯାଇଛି ।

## ମାଳିତୋଟାରେ ରଜ ମହୋତ୍ସବ



**ନାଉଗାଁ,୧୪।୬/ଏନ୍ଏନ୍ଏସ୍:** ନାଉଗାଁ ବ୍ଲକ ଅନ୍ତର୍ଗତ ଗଜରାଜପୁର ପଞ୍ଚାୟତସ୍ଥିତ ମାଳିତୋଟା ଠାରେ ଦ୍ୱିତୀୟ ବାର୍ଷିକ ରଜ ମହୋତ୍ସବ ପାଳିତ ହେଉଅଛି । ମା' ଯଶୋଦେବୀ ଉନ୍ନୟନ ସମିତି ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ଉକ୍ତ ପଞ୍ଚାୟତର ଗଜରାଜପୁର, ନୂଆପାରୀ, ଭାତପଡା, ଦେବୀଦୋଳ ଆଦି ଗ୍ରାମର ଶତାଧିକ ଯୁବକ ଯୁବତୀ, ବାଳକ ବାଳିକା, ବୃଦ୍ଧ ବୃଦ୍ଧାମାନେ ଯୋଗଦେଇ ରଜଦୋଳି, ତାସ୍, ଲୁଡୁ, କବାଡି, ଖୋକ, ପୁଞ୍ଚି ଆଦି ଖେଳରେ ସାମିଲି ହୋଇଥିବା ଦେଖିବାକୁ ମିଳିଛି । ଏଥିସହିତ ଏହି କାର୍ଯ୍ୟକ୍ରମରେ ଆମ ସଂସ୍କୃତି ଓ ପରମ୍ପରାକୁ ଉଦ୍‌ଯିବିତ କରି ରଖିବାକୁ ରଜ ପୋଡପିଠା ସାଙ୍ଗକୁ ରଜ ପାନର ମଜା ନେବା ସାଙ୍ଗକୁ ଢ଼ିଙ୍କି, ଲଙ୍ଗଳ, ସବାରୀ, ପାଲିଙ୍କି, ଶଗଡ଼ ଗାଡ଼ି, ପଖିଆ, ଶିଳ, ଚକି, ମାଣ, ଗଉଣି, ମୁଗୁରା, ଖଇଁଚି, ଡିବି, ଲଣ୍ଠନ, ରେଡ଼ିଓ ଭଳି ବୁଡିଯାଉଥିବା ବିଭିନ୍ନ ପୁରୁଣା ସାମଗ୍ରୀ ଗୁଡିକୁ ନେଇ ଏକ ସ୍ୱତନ୍ତ୍ର ପ୍ରକୋଷ୍ଠ ନିର୍ମାଣ ଆଜିର ଯୁବ ପିଢ଼ିମାନଙ୍କୁ ବେଶ୍ ଆକୃଷ୍ଟ କରୁଥିବା ଦେଖିବାକୁ ମିଳିଥିଲା ।

## ୧୮ରେ ସମ୍ବିଧାନ ବଞ୍ଚାଅ ସମାବେଶ



**ଜଗତ୍‌ସିଂହପୁର,୧୪।୬/ଏନ୍ଏନ୍ଏସ୍:** ଆସନ୍ତା ଜୁନ୍ ୧୮ରେ ଜଗତସିଂହପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ସମ୍ବିଧାନ ବଞ୍ଚାଅ ସମାବେଶ ଅନୁଷ୍ଠିତ ହେବ । ଏହି ଅବସରରେ ଶନିବାର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ପିସିସି ଉପସଭାପତି ତଥା ପୂର୍ବତନ ବିଧାୟକ ଡ. ଲଲାଟେନ୍ଦୁ ମହାପାତ୍ର, ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳିର କଂଗ୍ରେସ ନେତା ଇ. ନଳିନୀ କୁମାର ସ୍ୱାଇଁ, ତିର୍ତ୍ତୋଲ ନିର୍ବାଚନ ମଣ୍ଡଳିର ନେତା ଇ. ହିମାଂଶୁ ଭୂଷଣ ମଲ୍ଲିକ, ପାରାଦୀପ ନିର୍ବାଚନ ମଣ୍ଡଳିରୁ ନିରଞ୍ଜନ ନାୟକ, ପିସିସି ସଭ୍ୟ ଦେବ ପ୍ରସାଦ ନାୟକ, ରାଜ୍ୟ ଛାତ୍ର କଂଗ୍ରେସ ସମ୍ପାଦକ କୃଷ୍ଣ ଚନ୍ଦ୍ର ପ୍ରଧାନ, ଯୁବ କଂଗ୍ରେସ ନେତା ଜ୍ଞାନ ରଞ୍ଜନ ଜେନା ପ୍ରମୁଖ ଯୋଗଦେଇ ସମ୍ବିଧାନ ବଞ୍ଚାଅ ସମାବେଶ ନିମନ୍ତେ ଜୁନ୍ ୧୮ ତାରିଖ ଧାର୍ଯ୍ୟ କରିବା ସହିତ ସମାବେଶକୁ ସଫଳ ରୂପାୟନ ଦେବା ନିମନ୍ତେ ରଣନିତୀ ପ୍ରସ୍ତୁତ କରିଥିଲେ । ଏହି ସମାବେଶରେ ପିସିସି ଉପସଭାପତି ତାରା ପ୍ରସାଦ ବାହିନୀପତି, ସାଧାରଣ ସମ୍ପାଦକ ତଥା ବିଧାୟକ ଅଶୋକ ଦାସ, ୟାସିର୍ ନୱାଜ, ସମ୍ପାଦିକା ଶିଳ୍ପିଶ୍ରୀ ହରିଚନ୍ଦନ ଓ ରାଜ୍ୟର ଅନେକ ବରିଷ୍ଠ କଂଗ୍ରେସ ନେତାମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ସ୍ଥାନୀୟ ନୁଆପୋଲ ଠାରୁ ଜିଲ୍ଲା କଂଗ୍ରେସ ପକ୍ଷରୁ ରାଜ୍ୟସ୍ତରୀୟ ନେତୃବୃନ୍ଦଙ୍କୁ ସ୍ୱାଗତ କରାଯାଇ ବିଶାଳ ବାଇକ୍‌ରାଲିରେ ସଦର ମହକୁମା ସ୍ଥିତ ଆଦିକବି ଶାରଳା ଦାସ ସଂସ୍କୃତି ଭବନ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ପରେ ସଂସ୍କୃତି ଭବନ ପରିସରରେ ଏ ସମ୍ପର୍କିତ ସାଧାରଣ ସଭା ଅନୁଷ୍ଠିତ ହେବ ବୋଲି ଜିଲ୍ଲା ସଭାପତି ଶ୍ରୀ ବାରିକ୍ ସୂଚନା ପ୍ରଦାନ କରିଛନ୍ତି ।

## ଡାଇରିଆ ଆକ୍ରାନ୍ତଙ୍କୁ ଭେଟିଲେ କଂଗ୍ରେସ ସେବାଦଳ



**ବଡଚଣା,୧୪।୬/ଏନ୍ଏନ୍ଏସ୍:** ବଡଚଣାର ବିଭିନ୍ନ ଅଞ୍ଚଳରେ ଡାଇରିଆ ଝାଡା ବାନ୍ତି ବ୍ୟାପିବା ସହିତ ଏଥିରେ ଆକ୍ରାନ୍ତ ହୋଇ ୨ଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ଏବେ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବହୁ ରୋଗୀ ଚିକିତ୍ସିତ ହେଉଛନ୍ତି । ଏଥିସହିତ ଯାଜପୁର ଜିଲ୍ଲାର ଧର୍ମଶାଳା, ଯାଜପୁର, କୋରେଇ,ଦାନଗଦି, ସୁକିନ୍ଦା, ବରୀ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶହ ଶହ ରୋଗୀ ଚିକିତ୍ସିତ ହେଉଛନ୍ତି । ଏହି ଅବସରରେ ଆଜି ପ୍ରଦେଶ କଂଗ୍ରେସ କମିଟିର ଏକ ପ୍ରତିନିଧି ଦଳ ସେବାଦଳ ଅଧକ୍ଷ ଶୁଭେନ୍ଦୁ ମହାନ୍ତିଙ୍କ ନେତୃତ୍ୱରେ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଥିବା ରୋଗୀମାନଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ବୁଝିବା ସହିତ ଚିକିତ୍ସା ଅଧିକାରୀ ଶ୍ରୀକାନ୍ତ ଜେନାଙ୍କ ସହିତ ଆଲେଚନା କରିଥିଲେ । ସଂକ୍ରମିତ ଅଞ୍ଚଳରେ ବିଶୁଦ୍ଧ ପାନୀୟଜଳ ଯୋଗାଣ, ମୃତକ ଦୁଇ ଜଣଙ୍କ ପରିବାରଙ୍କୁ ଆର୍ଥିକ ସହାୟତା ପ୍ରଦାନ, ଆକ୍ରାନ୍ତଙ୍କ ପରିବାରକୁ ହେଲୋଜିନ ବଟିକା ଓ ବ୍ଲିଚିଂ ପାଉଡର ଯୋଗାଇଦେବାକୁ ପରାମର୍ଶ ଦେଇଥିଲେ । ପିସିସି ପ୍ରତିନିଧି ମଣ୍ଡଳରେ ଉପସଭାପତି ମହମ୍ମଦ ସହାଦୁଲ୍ଲା, କୁଳମଣି ସାହୁ ଉଷା, ବସନ୍ତ ପଣ୍ଡା ଉଷା ରାଣୀ ବେହେରା, ଅକ୍ଷୟ ମୁଦୁଲି ମନୋଜ ସ୍ୱାଇଁ ସୁକାନ୍ତ ଛୋଟରାୟ, ସନ୍ଧ୍ୟାରାଣୀ ଦାସ ପୂର୍ବତନ ସମ୍ପାଦକ ଡକ୍ଟର ସନ୍ତୋଷ କୁମାର ବଳ, ପୂର୍ବତନ ବ୍ଲକ୍ ସଭାପତି ସୁରେଶ ଚନ୍ଦ୍ର ସାହାଣୀ,ପୂର୍ବତନ ସରପଞ୍ଚ ନୀଳକଣ୍ଠ ମିଶ୍ର, ଶ୍ରୀକାନ୍ତ ମଲ୍ଲିକ,ଅକ୍ଷୟ ସ୍ୱାଇଁ, ଜୟ ପ୍ରକାଶ ବିଶ୍ୱାଳ, ପ୍ରବୀର ବଳ, ଛାତ୍ର କଂଗେସ ସଭାପତି ଆବାସ ଜେନା, ବୁଲା ମଲ୍ଲିକ, ପ୍ରମୁଖ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରି ରୋଗୀମାନଙ୍କୁ ଓଆର୍‌ଏସ୍ ବଣ୍ଟନ କରିଥିଲେ ।


## ଆତ୍ମନିର୍ଭର ଭାରତ ଅନ୍ତର୍ଗତ ନବୀକରଣକୁ ପ୍ରୋତ୍ସାହନ ଦେବ ଆଇଓସିଏଲ୍



**ପାରାଦୀପ,୧୪।୬/ଏନ୍ଏନ୍ଏସ୍:** ଇଣ୍ଡିଆନ ଅଏଲ କର୍ପୋରେସନ ଲିମିଟେଡ଼ (ଆଇଓସିଏଲ) ପାରାଦୀପରେ ପ୍ରାୟ ୪୩,୩୫୯ କୋଟି ଟଙ୍କାର ପୁଞ୍ଜି ନିବେଶ କରିଛି । ଯେଉଁଥିରେ ଏହାର ଅତ୍ୟାଧୁନିକ ରିଫାଇନରୀ ୟୁନିଟ୍ (୩୪,୫୫୫ କୋଟି ଟଙ୍କା), ପଲିପ୍ରୋପିଲିନ୍ ପ୍ଲାଣ୍ଟ (୩,୧୫୦ କୋଟି ) ଏବଂ ମୋନୋ ଇଥିଲିନ୍ ଗ୍ଲାଇକୋଲ ପ୍ଲାଣ୍ଟ (୫,୬୫୪ କୋଟି ଟଙ୍କା) ଅନ୍ତର୍ଭୁକ୍ତ । ଏହା ସହିତ ପେଟ୍ରୋକେମିକାଲ୍ କ୍ଷେତ୍ରରେ ଇଣ୍ଡିଆନ୍ ଅଏଲ୍ ପାରାପରେ ଚାଲିଥିବା ପିଏକ୍ସ-ପିଟିଏ ପ୍ରକଳ୍ପରେ ୧୩, ୮୫୫ କାଟି ଟଙ୍କା ପୁଞ୍ଜିନିବେଶ କରିଛି । ଓଡ଼ିଶାର ବୟନ ଶିଳ୍ପ କ୍ଷେତ୍ରକୁ ସହଯୋଗ କରିବା ପାଇଁ ଭଦ୍ରକ ଠାରେ ଟେକ୍ସଟାଇଲ୍ ପାର୍କ ପ୍ରକଳ୍ପରେ ପ୍ରାୟ ୪,୩୮୨ କୋଟି ଟଙ୍କା ନିବେଶ କରାଯିବା ପାଇଁ ଯୋଜନା ରହିଛି । ଆଗାମୀ ପାରାଦୀପ ପେଟ୍ରୋକେମିକାଲ୍ କମ୍ପ୍ଲେକ୍ସ ପ୍ରକଳ୍ପରେ ପ୍ରସ୍ତାବିତ ୬୧,୦୭୭ କୋଟି ଟଙ୍କାର ନିବେଶ ସହ ଓଡ଼ିଶାରେ ଶିଳ୍ପ ଓ ନିଯୁକ୍ତି ବୃଦ୍ଧି କରିବ । ଏହି ନିବେଶ ଗୁଡିକ ପାରାଦୀପକୁ ଏକ ସମନ୍ୱିତ ଉର୍ଜା ଏବଂ ପେଟ୍ରୋକେମିକାଲ ହବ୍ ଭାବେ ବିକଶିତ କରିବା ପାଇଁ ଇଣ୍ଡିଆନ୍ ଅଏଲ୍‌ର ରଣନୈତିକ ଦୃଷ୍ଟିକୋଣକୁ ଦର୍ଶାଉଛି । ଏହା ଭାରତ ସରକାରଙ୍କ ଆତ୍ମନିର୍ଭର ଭାରତ ପଦକ୍ଷେପ ଅଧୀନରେ ନବୀକରଣକୁ ପ୍ରୋତ୍ସାହନ ଆତ୍ମନିର୍ଭରତା ବୃଦ୍ଧି ଏବଂ ସ୍ୱଚ୍ଛ ନିରନ୍ତର ଭବିଷ୍ୟତ ପାଇଁ ଜାତୀୟ ଉର୍ଜା ପରିବର୍ତ୍ତନକୁ ଆଗେଇ ନେବାରେ କର୍ପୋରେସନର ଦୃଢ଼ ପ୍ରତିବଦ୍ଧତାକୁ ରେଖାଙ୍କିତ କରୁଛି । ଏଥିସହ ପାରାଦୀପ ତୈଳ ବିଶୋଧନାଗାରର ବିକାଶ, ପରିଚାଳନା ଏବଂ ୧୫ ହଜାରରୁ ଅଧିକ ଜୀବିକା ନିର୍ବାହକୁ ପ୍ରତ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ସହାୟକ ହେବ । ଯେଉଁଥିରେ କୁଶଳୀ ଏବଂ ଅଣକୁଶଳୀ ଶ୍ରମିକ, ଠିକାଦାର ଏବଂ ଯୋଗାଣ ଶୃଙ୍ଖଳା ଅଂଶୀଦାରମାନେ ଅନ୍ତର୍ଭୁକ୍ତ ରହିବେ । ଇଣ୍ଡିଆନଅଏଲ୍ ସ୍ଥାନୀୟ ଦକ୍ଷତା ବିକାଶ ଏବଂ କ୍ଷମତା-ନିର୍ମାଣ କାର୍ଯ୍ୟକ୍ରମଗୁଡ଼ିକୁ ମଧ ସମର୍ଥନ କରିଥାଏ । ଯାହା ନିକଟବର୍ତ୍ତୀ ସମୁଦାୟ ଗୁଡ଼ିକରେ ଅର୍ଥନୈତିକ ସୁଯୋଗ ସୃଷ୍ଟି କରିଛି ।୨୦୨୪-୨୫ ଆର୍ଥିକ ବର୍ଷରେ ପାରାଦୀପ ତୈଳ ବିଶୋଧନାଗାର ବିଭିନ୍ନ ଶୁଳ୍କ, ଟିକସ ଓ ଅନ୍ୟାନ୍ୟ ଦେୟ ମାଧ୍ୟମରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ରାଜକୋଷକୁ ୨୫,୬୧୯ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଅଂଶଦାନ ପ୍ରଦାନ କରିଛି । ଯାହା ଏହାର ଦାୟିତ୍ୱଶୀଳ କର୍ପୋରେଟ ପ୍ରତିଷ୍ଠାନ ଓ ଅର୍ଥନୈତିକ ସାମର୍ଥ୍ୟର ଭୂମିକାକୁ ରେଖାଙ୍କିତ କରିଥାଏ । ସେହିପରି କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସଆର) ଯୋଜନା ଅନ୍ତର୍ଗତ ପାରାଦୀପ ତୈଳ ବିଶୋଧନାଗାର ପାରିପାର୍ଶ୍ୱିକ ଅଞ୍ଚଳରେ ତାର ପରିଯୋଜନା ଯଥା ପାନୀୟଜଳ,ଶିକ୍ଷା, ଦକ୍ଷତା ବିକାଶ, ଯୁବ ପ୍ରଶିକ୍ଷଣ, ସ୍ୱାସ୍ଥ୍ୟ ସେବା, ଗ୍ରାମୀଣ ବିକାଶ,ମହିଳା ସଶକ୍ତିକରଣ, ପରିବେଶ ସଂରକ୍ଷଣ,ଆତ୍ମନିଯୁକ୍ତି,ଅନାଥାଶ୍ରମ ଓ ବୃଦ୍ଧାଶ୍ରମକୁ ସହାୟତାରେ ନିବେଶ କରିଆସୁଛି । ବର୍ତ୍ତମାନ ପର୍ଯ୍ୟନ୍ତ ପାରାଦୀପ ତୈଳ ବିଶୋଧନାଗାର ତାର ସିଏସଆର ଓ କର୍ପୋରେଟ ପରିବେଶ ଦାୟିତ୍ୱ (ସିଇଆର) ଅଧୀନରେ ୫୪,୫୫ କୋଟି ଟଙ୍କା ବ୍ୟୟ କରିଛି । ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଦିନ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପାରାଦୀପ ତୈଳ ବିଶୋଧନାଗାରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ମୁଖ୍ୟ କୌଶିକ ବସୁ ସୂଚନାଦେଇ କହିଥିଲେ ଯେ ପାରାଦୀପ ତୈଳ ବିଶୋଧନାଗାର ହେଉଛି ଶିଳ୍ପ ଉତ୍କର୍ଷତାର ଏକ ସ୍ୱରୂପ ଏବଂ ସମାବେଶୀ ବିକାଶ ଏବଂ ନବୀକରଣର ପ୍ରତୀକ । ଆଇଓସିଏଲର ପୁଞ୍ଜି ନିବେଶ ପାରାଦୀପର ଏକ ସମନ୍ୱିତ ରିଫାଇନାରୀ ଓ ପେଟ୍ରୋକେମିକାଲ ହବ୍ ନିର୍ମାଣ ପାଇଁ ଆଇଓସିଏଲର ପ୍ରତିବଦ୍ଧତାକୁ ସୁଦୃଢ଼ କରୁଛି । ଯାହା ଓଡିଶା ତଥା ଦେଶବାସୀଙ୍କ ପାଇଁ ଉର୍ଜା-ଶକ୍ତି ସୁରକ୍ଷା, ପରିବେଶ ସଂରକ୍ଷଣ ଏବଂ ସାମାଜିକ-ଅର୍ଥନୈତିକ ବିକାଶକୁ ସମର୍ଥନ କରୁଥିବା ନେଇ ଶ୍ରୀ ବସୁ ସୂଚନା ଦେଇଥିଲେ ।

## ପ୍ରକଳ୍ପସ୍ତରୀୟ ଅଦ୍ୱିକା କିଶୋରୀ ସୁଭଦ୍ରା ଦିବସ

**ରାଜନଗର,୧୪।୬/ଏନ୍ଏନ୍ଏସ୍:** ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିନରେ ଥିବା ମିଶନଶକ୍ତି କାର୍ଯ୍ୟାଳୟ ପରିସରରେ ଚଳଚିତ୍ର, ଆଲବମ ଓ ଛିଛି ନନୀ ଗୀତରେ ସୁପରଭାଇଜର, ଅଙ୍ଗନବାଡି କର୍ମୀ ଓ କର୍ମଚାରୀଙ୍କ ନାଚ ଭିଡିଓ ସୋସିଆଲ ମିଡିଆରେ ହୋଇଛି । ସରକାରୀ କାର୍ଯ୍ୟରତ ଥିବା କର୍ମଚାରୀମାନେ ଜିଲ୍ଲାସ୍ତରୀୟ ଅଧିକାରୀ ଓ ସିଡିପିଓଙ୍କ ଉପସ୍ଥିତିରେ ନାଚିବା ଘଟଣାକୁ ବିଭାଗୀୟ ଅଧିକାରୀ ଅନୁମତି ଦେଇଛନ୍ତି ତ ! ଲୋକଙ୍କ ସରକାରରେ ଅଧିକାରୀମାନେ ହଜାର ହଜାର ଟଙ୍କା ଲୁଟ୍ କରି ମସ୍ତି କରିବା ଘଟଣା ମୋହନ ସରକାରଙ୍କ ପାରିବା ପଣିଆ ଉପରେ



ଭାଇରାଲ ହେବାରେ ଲାଗିଛି । ପ୍ରକଳ୍ପସ୍ତରୀୟ ଅଦ୍ୱିକା କିଶୋରୀ ସୁଭଦ୍ରା ଦିବସ ପାଳନ ପାଇଁ ୩୩ହଜାର ଟଙ୍କା ଖର୍ଚ୍ଚ କରିବାକୁ ଆସିଥିଲା ।ଏହାକୁ ହରିଲୁଟ କରିବା ଉଦ୍ଦେଶ୍ୟରେ ବେସନ ତରକାରୀ ମିଲ ଦେଇ ହଜାର ହଜାର ଟଙ୍କା ଉଠାଇ ନେଇଛନ୍ତି । ପ୍ରତି କିଶୋରୀ ବାଳିକାଙ୍କ ଟିଫିନ ଓ ମିଲ ପାଇଁ ଜଣପିଛା ୩୦୦ଟଙ୍କା ଆସିଥିବା ବେଳେ ୩୦ଟଙ୍କିଆ ମିଲ ଦେଇ ଅନ୍ୟ ସବୁ ଟଙ୍କା ଲୁଟ କରିଥିବା ଅଭିଯୋଗ ହୋଇଛି । ଏହି ଟଙ୍କାକୁ ଭାଗବଣ୍ଟାରା କରି ନେଇଥିବା ବେଳେ କିଶୋରୀ ବାଳିକାଙ୍କ ବଦଳରେ ସୁପରଭାଇଜର, କର୍ମୀ ଓ କର୍ମଚାରୀମାନେ ମସ୍ତି କରୁଥିବା ଭିଡିଓ ଭାଇରାଲ ପ୍ରଶ୍ନବାଚୀ ସୃଷ୍ଟି କରିଛି । ରାଜନଗର ବ୍ଲକ ମିଶନଶକ୍ତି କାର୍ଯ୍ୟାଳୟ ପରିସରରେ ପ୍ରକଳ୍ପସ୍ତରୀୟ ଅଦ୍ୱିକା କିଶୋରୀ ସୁଭଦ୍ରା ଦିବସ ପାଳିତ ସମୟରେ ସିଡିପିଓ ଲକ୍ଷ୍ମୀମଣୀ ସିଂଙ୍କ ପୌରହିତ୍ୟରେ ଅନୁଷ୍ଠିତ ରଜପର୍ବ ସହ ସମନ୍ୱୟରେ ଯୁବପିଢି, ପରିଚୟ ଓ ସଶକ୍ତିକରଣ ଉତ୍ସବ ରଜରଙ୍ଗ ମେଳା ଅନୁଷ୍ଠିତ ହୋଇଯାଇଛି । କିଶୋରୀ ବାଳିକାମାନଙ୍କ ମଧ୍ୟରେ ପୁଚିଖେଳ, ରଜମୁକୁଟ, ଦୋଳି ଓ ସେଲ୍ଫି ପ୍ରତିଯୋଗୀତା କରାଯାଇଥିଲା । ୪ଟି ପ୍ରତିଯୋଗୀତାର ୧୨ଜଣ କୃତିପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ ।

## ମହିଳାଙ୍କ ଠାରୁ ୪୭ ହଜାର ଲୁଟିଲେ ଦୁର୍ବୃତ୍ତ

**ତାଳଚେର,୧୪।୬/ଏନ୍ଏନ୍ଏସ୍:** ତାଳଚେର ଥାନା ଠାରୁ ମାତ୍ର ୫ଶହ ମିଟରରେ ଦୂରରେ ଫାଷ୍ଟଗେଟ୍ ଛକ ନିକଟରୁ ଦିନ ଦ୍ୱିପ୍ରହରେ ଦୁଇଜଣ ଦୁର୍ବୃତ୍ତ ନମ୍ବର ବିହୀନ ଏକ ପଲସର୍ ବାଇକ୍ ଯୋଗେ ଆସି ମହିଳାଙ୍କ ଠାରୁ ୪୭ ହଜାର ଲୁଟିନେଲେ । ଏହି ଘଟଣା ପରେ ତାଳଚେର ଅଞ୍ଚଳରେ ଭୟର ବାତାବରଣ କେଳିଯାଇଛି । ପ୍ରକାଶ ତାଳଚେର ପୌରପରିଷଦ ୬ନମ୍ବର ୱାର୍ଡ଼ ପଣ୍ଡା ସାହିର ନିର୍ମଳ ସାହୁ ବାଇପାସ ସ୍ଥିତ ୟୁକୋ ବ୍ୟାଙ୍କରୁ ୪୭ହଜାର ଟଙ୍କା ଉଠାଇ ଘରକୁ ଚାଲିଚାଲି ମାଆ ଓ ଝିଅ ଅପରାହ୍ଣ ସମୟରେ ଫେରୁଥିବା ବେଳେ ହଠାତ୍ ତାଳଚେର ଫାଷ୍ଟଗେଟ୍ ଠାରେ ଦୁଇଜଣ ଦୁର୍ବୃତ୍ତ ଏକ ନମ୍ବର ବିହୀନ ପଲସର ମଟର ସାଇକେଲରେ ଆସି ଉକ୍ତ ଟଙ୍କା ବ୍ୟାଗ ସହିତ ସେଥିରେ ଥିବା ଆଧାରକାର୍ଡ଼, ବ୍ୟାଙ୍କ୍ ପାସ୍‌ବୁକ୍, ଭୋଟ ପରିଚୟ ପତ୍ରକୁ ଝାମ୍ପିନେଇ ଦ୍ରୁତ ଗତିରେ ସେଠାରୁ ଉଭାନ ହୋଇ ଯାଇଥିଲେ । ସେ ଏସମ୍ପର୍କରେ ତାଳଚେର ଟାଉନ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି ଏବଂ ପୁଲିସ୍ ଏନେଇ ମାମଲା ରୁଜୁ କରିବା ସହିତ ତଦନ୍ତ ଆରମ୍ଭ କରିଛନ୍ତି । ତେବେ ଜନଗହଳିପୂର୍ଣ୍ଣ ସହର ମଧରେ ଯଦି ଏପରି ଘଟେ ତାହାହେଲେ ଧନଜୀବନ କେତେ ସୁରକ୍ଷିତ ଏଥିରୁ ସ୍ପଷ୍ଟବାରି ହୋଇପଡୁଛି ।

# ଆଗଭଳି ନାହିଁ ରଜର ଚମକ



**ଢେଙ୍କାନାଳ,୧୪।୬/ଏନ୍ଏନ୍ଏସ୍:** ଦୋଳିର କଟମଟ ଶବ୍ଦ, ଝିଅ ବୋହୂଙ୍କ ମନ ମତାଣିଆ ରଜଗୀତ, ନାନା ରକମର ପାନ, ପୁଚି, ବାଗୁଡି, ବୋହୂଚୋରି ଖେଳ ଆଉ ପୋଡ଼ପିଠାର ବାସ୍ନା ଏବେ ଯେମିତି ଦୂରେଇ ଯାଉଛି ଓଡିଆ ଘରର ରଜ ପରମ୍ପରାରୁ । ସାଧାରଣତଃ କୃଷିକୁ ନେଇ ଓଡିଶାରେ ବଭିନ୍ନ ପବପବାଣୀ ପରମ୍ପରା କାହିଁ କେତେ କାଳରୁ ରହି ଆସିଛି । ଖରିଫ ଚାଷ ଋତୁର ପ୍ରାରମ୍ଭରେ ରଜଭଳି ଏକ ପର୍ବ ୩ ଦିନ ଧରି ବେଶ୍ ଜାକଜମକରେ ପାଳିତ ହୋଇଥାଏ ଗ୍ରାମୀଣ ଚଳଣୀ ଭିତରେ ଲୋକଶ୍ରୁତିରୁ ଜଣାଯାଏ ଯେ, ଏହି ସମୟରେ ପୃଥିବୀ ମାତା ରଜସ୍ୱଳା ହେଉଥିବାରୁ ଏବଂ ପରବର୍ତ୍ତି ସମୟରେ ଭଲ ଚାଷ ହେବା ପାଇଁ ଓଡିଆ ଜନଜୀବନ ସହିତ ଯୋଡି ହୋଇଯାଇଛି ଏମିତି ଏକ ନିଆରା ପରମ୍ପରା । ରଜ ପାଳିବା ପାଇଁ ପ୍ରାୟ ମାସେ ଆଗରୁ ଘରେ ଘରେ ଆରମ୍ଭ ହୁଏ ଉଦ୍ୟମ । ଘର ଅଗଣା ଲପାପୋଛା କରି ତାକୁ ଝୋଟିରେ ସଜେଇ ୩ଦନ ଧରି କାମ ନ କିରବାର ପରମ୍ପରା ରହିଥିବାରୁ ସେଥପାଇଁ ଢେର ଆଗରୁ ବିଭିନ୍ନ ପ୍ରସ୍ତୁତି କାମ ମହିଳାମାନେ ଶେଷ କରିଥାନ୍ତି । ଏହି ତିନି ଦିନ ଖୁସି ମନାଇବା ପାଇଁ ବିଭିନ୍ନ ରକମର ଦୋଳି ତିଆରିରେ ମାତି ଯାଆନ୍ତି ଗ୍ରାମର ଯୁବକ ଓ ପୁରୁଷମାନେ । ଏହି ପର୍ବର ସାମାଜିକ ଏବଂ ସାଂସ୍କୃତିକ ଦିଗ ଯେତିକି ବୃହତ୍ ଗ୍ରାମବାସୀଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି କରିବାରେ ଏହାର ଅବଦାନ ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ । ଆଗଭଳି ଆଉ ରଜର ଚମକ ଦେଖିବାକୁ ମିଳୁନାହିଁ । ଜଗତିକରଣ ଓ ପାଶ୍ଚାତ୍ୟ ସଂସ୍କୃତିର ପ୍ରାବଲ୍ୟ ଭିତରେ ଯେମିତି ଦିଗହରା ହୋଇଯାଇଛି ଓଡିଆ ଘରର ଚଳଣୀ ଓ ପରମ୍ପରା । ଏହା ଚଳିତବର୍ଷ ପରିଲକ୍ଷିତ ହୋଇଛି । ଅଳ୍ପ କେତେକ ଗ୍ରାମକୁ ଛାଡିଦେଲେ । ଅଧିକାଂଶ ଗ୍ରାମରେ ଆମ୍ବ ତୋଟାରେ ଆଉ ଦେଖାଯାଉନି ବିଭିନ୍ନ ରକମର ଦୋଳି । ଆମ୍ବ ତୋଟାରେ ବିଭିନ୍ନ ଦୋଳିର କଟମଟ ଶବ୍ଦ ଧାରା ଶ୍ରାବଣରେ ବେଙ୍ଗୁଲି ନାନିର ଶବ୍ଦର ଭ୍ରମ ସୃଷ୍ଟି କରୁଥିବା ବେଳେ ତାହା ଏବେ ଯେମିତି କାହାଣୀ ହୋଇଯାଇଛି ଗା ଗଣ୍ଡାରେ । କିଛି କିଛି ଜାଗାରେ ଦଉଡି ବାନ୍ଧି ଦୋଳି କରାଯାଇଥିବାବା ବେଳେ କାଠ ଓ ବାଉଁଶ ତିଆରି ପଟାଦୋଳି, ଚକ୍ର ଦୋଳି ଆଦି ଗୋଟିଏ ବି ଦେଖାଯାଉନି । ଫଳରେ ଆଗଭଳି ରଜ ମଉଜ ଅନୁଭବ ହେଉନି । ସମ୍ପ୍ରତି ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ଲୋକମାନଙ୍କର ମନୋରଞ୍ଜନର ମାଧ୍ୟମରେ ଯଥେଷ୍ଟ ପରିବର୍ତ୍ତନ ଘଟିଛି । ପୁଚି, ଲୁଡୁ ପସା ଓ ତାସ୍ ଖେଳର ଜାଗା କମ୍ପ୍ୟୁଟର, ଟେଲିଭିଜନ ଓ ଭିଡିଓଗେମ୍ ନେଇଛି । ଫଳସ୍ୱରୂପ ପୁରାତନ ପରମ୍ପରା ଓ ସଂସ୍କୃତି ଧୀରେ ଧୀରେ ହଜିଯିବାକୁ ବସିଲାଣି ।

## କାଉଙ୍କ ସହ ରଜ ପାଳିଲେ ଜଗନ୍ନାଥ ଚାରିଟେବୁଲ୍ ଟ୍ରଷ୍ଟ



**କେନ୍ଦ୍ରାପଡା,୧୪।୬/ଏନ୍ଏନ୍ଏସ୍:** କେନ୍ଦ୍ରାପଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଏକ ନିଆରା ଢଙ୍ଗରେ କାଉମାନଙ୍କ ସହ ମିଶି ଗାଁମୁଣ୍ଡ ବର ଗଛ ତଳେ ରଜ ମନାଇଛନ୍ତି ଟ୍ରଷ୍ଟର କର୍ମକର୍ତ୍ତାମାନେ । ଖଡ଼ିଅଣ୍ଟା ଅନ୍ତର୍ଗତ ଆମ୍ବେର ଗାଁମୁଣ୍ଡ ବର ଗଛ ମୂଳରେ ଦେଖିବାକୁ ମିଳିଛି ଏଭଳି ବିରଳ ଦୃଶ୍ୟ । ଦୀର୍ଘଦିନ ଧରି ଏହି ବରଗଛରେ କାଉମାନେ ରହି ଆସୁଛନ୍ତି । ବାଟରେ ଯାଉଥିବା ଛେନା ବେପାରୀଙ୍କ ଠାରୁ ଛେନା ଖାଇ ବେଶ ଆନନ୍ଦ ଅନୁଭବ କରନ୍ତି । ଖବରପାଇ ଟ୍ରଷ୍ଟର ସଭାପତି ଦମନ ମହାନ୍ତିଙ୍କ ପ୍ରଚେଷ୍ଟାରେ ଟ୍ରଷ୍ଟର କର୍ମକର୍ତ୍ତା ପହିଲି ରଜରେ ସେଠାରେ ପହଞ୍ଚି କାଉଙ୍କ ପାଇଁ ଗଛ ଡାଳରେ ସ୍ଥାୟୀ ବସା ତୋଳିବା ସହ ଦୋଳି ବାନ୍ଧିଛନ୍ତି । ସେମାନଙ୍କ ପାଇଁ ରଜ ପିଠାର ଖାଦ୍ୟ ମଧ୍ୟ ବନ୍ଦୋବସ୍ତ କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଭାପତି ଦମନ ମହାନ୍ତି, ଟ୍ରଷ୍ଟର ସଂସ୍କୃତି ବିଭାଗୀୟ ଅଧିକାରୀ ସଞ୍ଜୀବ କୁମାର ତରାଇ, ଖଡ଼ିଅଙ୍କ ଗ୍ରାମ ପଞ୍ଚାୟତର ସରପଞ୍ଚ ଜୀବନ କୃଷ୍ଣ ରାୟ, ନୟନ କୁମାର ଗିରି, ସୁରେନ୍ଦ୍ର ପରିଡା, ସୁମିତ କୁମାର ମଲ୍ଲିକ, ଜ୍ଞାନରଞ୍ଜନ ରାଉତ, ଜଗନ୍ନାଥ ପାଣିଗ୍ରାହୀ, ରାକେଶ ବଳ, ଟିକୁ ମଲ୍ଲିକ, ମଦନ କୁମାର ଦାସ, ଦେବାଶିଷ ପରିଡା, ହେମନ୍ତ କୁମାର ସାମଲ ଏବଂ କାଳନ୍ଦୀ ମଲ୍ଲିକ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ସମ୍ପାଦନ କରିଥିବା ବେଳେ ଅନୁଷ୍ଠାନର ଏଭଳି ପ୍ରୟାସକୁ ଅଞ୍ଚଳବାସୀ, ପଥଚାରି ଏବଂ ବୁଦ୍ଧିଜୀବୀମାନେ ଭୁରି ଭୁରି ପ୍ରଶଂସା କରିଛନ୍ତି ।

## ବ୍ରାହ୍ମଣୀ ବ୍ରିଜ୍‌ରୁ ଖସିପଡ଼ି ଜଣେ ମୃତ

**ଢେଙ୍କାନାଳ,୧୪।୬/ଏନ୍ଏନ୍ଏସ୍:** ଢେଙ୍କାନାଳ ଜିଲ୍ଲା ସଦର ଥାନା ଅର୍ନ୍ତଗତ ଗେଙ୍ଗୁଟିଆ ବ୍ରାହ୍ମଣୀ ବ୍ରିଜ୍‌ରେ କାର୍ଯ୍ୟ କରୁଥିବା ୫ ଜଣ ଶ୍ରମିକ ରାତ୍ର ୯.୩୦ ସମୟର ବ୍ରିଜ୍ ଉପରୁ ଖସି ପଡ଼ିଥିଲେ । ଏ ସଂପକର୍ରେ ଢ଼େଙ୍କାନାଳ ଅଗ୍ନିସମ ବିଭାଗ ଓଡ୍ରାପ ଟିମ୍ ଖବର ପାଇବା ପେର ଘଟଣା ସ୍ଥଳକୁ ଯାଇ ୪ ଜଣ ଶ୍ରମିକକୁ ସୁରକ୍ଷିତ ଭାବେର ଉଦ୍ଧାର କରିଥିବା ବେଳ ଦିଲ୍ଲୀପ କୁମାର ରାୟଙ୍କ ମୃତଦେହ ଉଦ୍ଧାର ହୋଇଛି । ଉକ୍ତ ଯୁବକଙ୍କର ବିହାର ରାଜ୍ୟ ମୁଟିଆରି ଜିଲ୍ଲା ମହମା ଗଡ଼ା ଚଉଥାଲା ଅଞ୍ଚଳ ବୋଲି ଜଣାପଡ଼ିଛି ।


**AFFIDAVIT**

By virtue of an affidavit sworn before executive magistrate, kakatpur, on dated 2nd june 2025. I Mr Surendra kandi, Address At/Po:- Patasundarpur Ps:- Kakatpur, Dist:- Puri, Pin-752108, Odisha, have changed my son's name from "SAROJ KUMAR KANDI" to "SARAJ KUMAR KANDI". Henceforth, he shall be known as **"SARAJ KUMAR KANDI"** for all purposes

**AFFIDAVIT**

By virtue of an affidavit sworn before Notary Public, Balliguda dated 03.06.2025, I Sanjeeb Kumar Bindhani, Son of Mohan Bindhani of Village- Balliguda, Antasahi, P.O/P.S- Balliguda, Dist- Kandhamal, PIN- 762103, Odisha have changed the name of my minor daughter from "B. SUSRI SUBHAPADMA" to "SUSRI SUBHAPADMA BINDHANI", and henceforth she shall be known as **"SUSRI SUBHAPADMA BINDHANI"** for all purpose.

**AFFIDAVIT**

By virtue of an Affidavit made before The Executive Magistrate cum Tahasildar, Bhandaripokhari, I Subasini Mahakud, Aged 47yrs, D/o- Narayan Chandra Mahakud, W/o- Batakrushna Das, At/P.o.- Naguan, P.S.- Bhandaripokhari, Dist- Bhadrak do solemnly affirm vide Affidavit No- 1672, dt,09.06.2025 that my name is Subasini Mahakud in all academic documents. But after marriage my surname was changed from Mahakud to Das and in Aadhar Card, Pan card, voter card my name was recorded as Subasini Das. In this affidavit I swear that Subasini Mahakud and Subasini Das is one and same person.

**Sd/- Subasini Mahakud @ Subasini Das**

**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/25-26/ E-Tender/31, ତା.10.06.2025ରିଖ

(1) ଟେଣ୍ଡର ସଂ. eTender-NorthKUR-110-2025, ତା.04.06.2025ରିଖ

ବିବରଣୀ : RDSO ମାନକ ଅନୁଯାୟୀ ଖୋର୍ଦ୍ଧା ରୋଡ୍ ମଣ୍ଡଳର ଭଦ୍ରକ-ମଂଚୁରି ରୋଡ୍ ସେକ୍ସନ ମଧ୍ୟରେ 25T ଲୋଡିଙ୍ଗର ବର୍ତ୍ତମାନର ପ୍ଲେଟ୍ ଗର୍ଡର ବ୍ରିଜ୍‌ର ପୁନଃସ୍ଥାପନରେ PSC ସ୍ଲାବ୍‌କୁ ଲୋଡ୍ (Load) କରିବା ନିମନ୍ତେ (8 ସଂଖ୍ୟକ) ବ୍ରିଜ୍‌ର ମୂଲ୍ୟାଙ୍କନ, ସେଟୁଲମ, ସେତୁର ଶେଷଭାଗ ଏବଂ ଉପସଂରଚନା ମୂଳତତ୍ତ୍ୱ (Element)ର ମଜବୁତି ଏବଂ ଗଠନ ସଂକ୍ରାନ୍ତୀୟ ପର୍ଯ୍ୟାପ୍ତତା (Structural Adequacy)ର ମୂଲ୍ୟାଙ୍କନ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 101.95 ଲକ୍ଷ, EMD : ₹ 2,01,000/-

(2) ଟେଣ୍ଡର ସଂ. eTender-SouthKUR-107-2025, ତା.04.06.2025ରିଖ

ବିବରଣୀ : RDSO ମାନକ ଅନୁଯାୟୀ ଖୋର୍ଦ୍ଧା ରୋଡ୍ ମଣ୍ଡଳର ଖୋର୍ଦ୍ଧା ରୋଡ୍-ପଲାସା ସେକ୍ସନ ମଧ୍ୟରେ 25T ଲୋଡିଙ୍ଗର ବର୍ତ୍ତମାନର ପ୍ଲେଟ୍ ଗର୍ଡର ବ୍ରିଜ୍‌ର ପୁନଃସ୍ଥାପନରେ PSC ସ୍ଲାବ୍‌କୁ ଲୋଡ୍ (Load) କରିବା ନିମନ୍ତେ (18 ସଂଖ୍ୟକ) ବ୍ରିଜ୍‌ର ମୂଲ୍ୟାଙ୍କନ, ସେଟୁଲମ, ସେତୁର ଶେଷଭାଗ ଏବଂ ଉପସଂରଚନା ମୂଳତତ୍ତ୍ୱ (Element)ର ମଜବୁତି ଏବଂ ଗଠନ ସଂକ୍ରାନ୍ତୀୟ ପର୍ଯ୍ୟାପ୍ତତା (Structural Adequacy)ର ମୂଲ୍ୟାଙ୍କନ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 196.64 ଲକ୍ଷ, EMD : ₹ 2,48,300/-

(3) ଟେଣ୍ଡର ସଂ. eTender-EastKUR-106-2025, ତା.04.06.2025ରିଖ

ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ମଣ୍ଡଳ ଯାତ୍ରୀ (ପୂର୍ବ) ସେକ୍ସନ ଅଧୀନସ୍ଥ ବିଭିନ୍ନ ୟାର୍ଡରେ 4.46 କି.ମି. ଲମ୍ବ ନିମନ୍ତେ CTR(S) ଏବଂ 3.675 କି.ମି. ନିମନ୍ତେ TRR(S) ସମ୍ପାଦନ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 188.53 ଲକ୍ଷ, EMD : ₹ 2,44,300/-

ଶେଷ ହେବା ଅବଧି : 180 ଦିନ (କ୍ରମ ସଂ. 1 ଓ 2 ପାଇଁ) ଏବଂ 12 (ବାର) ମାସ (କ୍ରମ ସଂ. 3 ପାଇଁ) ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.27.06.2025ରିଖ 1500 ଘଣ୍ଟାରେ (ସମସ୍ତ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ହାତାଦେୟିରେ ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଘୋଷଣା ସହିତ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ସିଧାସଳଖ ରୂପେ ବାତିଲ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ : **www.ireps.gov.in** ରେ ଉପଲବ୍ଧ ଅଛି ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନଗୁଡ଼ିକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି । ଟେଣ୍ଡରଦାତା ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଂ), ଖୋର୍ଦ୍ଧା ରୋଡ୍

PR-238/Q/25-26


# ଯୁକ୍ତଦୁଇ ବିଜ୍ଞାନ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା




**ଜଗତ୍‌ସିଂହପୁର,୧୪।୬/ଏନ୍ଏନ୍ଏସ୍:** ଚଳିତ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ଅଭିଷେକ ଦାଶ ୬୦୦ ନମ୍ବରରୁ ୫୬୬ ନମ୍ବର ରଖି ଜଗତସିଂହପୁର ଜିଲ୍ଲା ଟପ୍ପର ହୋଇଛନ୍ତି । ସେହିପରି ଜୟଶ୍ରୀ ମହାନ୍ତି ଜିଲ୍ଲାରେ ୫୫୭ ନମ୍ବର ରଖି ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି । ତିର୍ତ୍ତୋଲ ସ୍ଥିତ ଯୁନୋପୋସ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏହି ଦୁଇ ବିଦ୍ୟାର୍ଥୀଙ୍କ ସଫଳତା ପାଇଁ ଶନିବାର ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ସେମାନଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଛି । ଯୁନୋପୋସ ଅନୁଷ୍ଠାନ ପରିସରରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ସାରସ୍ୱତ ପରିଷଦର ସଭାପତି ସ୍ତମ୍ଭକାର ହିମାଂଶୁ ଆଚାର୍ଯ୍ୟ ଅନୁଷ୍ଠାନର ଅଧ୍ୟକ୍ଷ ଜୀବନବଲ୍ଲଭ ସାହୁ, ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡା. କ୍ଷୀରୋଦ କୁମାର ଓଝା, ଅଧ୍ୟାପକ ଦେବବ୍ରତ ମଣ୍ଡଳ, ତାପସ କୁମାର ଦାସ, ଦେବାଶିଷ ପ୍ରଧାନ, ସଂଯୋଜିକା ପ୍ରିୟଦର୍ଶିନୀ ମହାନ୍ତି ଓ ସାବିତ୍ରୀ ମୁଦୁଲି ପ୍ରମୁଖ ଯୋଗଦେଇ ସେମାନଙ୍କ ସଫଳତା ପାଇଁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ସେହିପରି ପ୍ରତିଭା ପ୍ରୋତ୍ସାହନ ପାଇଁ ସାରସ୍ୱତ ପରିଷଦର ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା ମଧ୍ୟ କରିଥିଲେ ।

## ଗଣ୍ଡଗୋଳ ଘଟଣା, ଦୁଇଜଣ କୋର୍ଟଚାଲାଣ

**ରାଜନଗର,୧୪।୬/ଏନ୍ଏନ୍ଏସ୍:** ରାଜନଗର ବ୍ଲକ ସଦର ମହକୁମାସ୍ଥିତ କେସି ମଣ୍ଡପରେ ନିକଟରେ ବର ଶୋଭାଯାତ୍ରା ଯାଉଥିବା ବେଳେ ଡିଜେ ମାଲିକଙ୍କୁ ମାଡ ମାରିବା ସହ ଅନ୍ୟମାନଙ୍କ ସହ ଗଣ୍ଡଗୋଳ କରିବା ଘଟଣାରେ ଦୁଇଜଣଙ୍କୁ ପୁଲିସ କୋର୍ଟ ଚାଲାଣ କରିଛି । ପୂର୍ବରୁ ଏହି ଘଟଣାରେ ଜଣଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ଶନିବାର ଦିନ ଆଉ ଦୁଇଜଣଙ୍କୁ ବାନ୍ଧିବାରେ ସକ୍ଷମ ହୋଇଛି ପୁଲିସ । ଚଳିତବର୍ଷ ମେ ମାସ ୨୯ତାରିଖରେ ବର ଶୋଭାଯାତ୍ରା ଯାଉଥିବା ବେଳେ ଡିଜେ ମାଲିକଙ୍କୁ ମାଡମାରି ସଂଘବଦ୍ଧ ଆକ୍ରମଣ କରିବା ଘଟଣାରେ ରାଜନଗର ବ୍ଲକ ତରପଦା ଗାଁରେ ନିଜ ମାଉସୀ ଘରେ ରହୁଥିବା ଭୁବନେଶ୍ୱର ଅଞ୍ଚଳର ସ୍ମୃତିରଞ୍ଜନ ମହାନ୍ତି ଓ ତାଙ୍କ ସାଥିରେ ଆସିଥିବା ରଶ୍ମିକାନ୍ତ ଦାସଙ୍କୁ ରାଜନଗର ପୁଲିସ ଗିରଫ କରି ସ୍ଥାନୀୟ ଜେଏମ୍ଏଫ୍‌ସିଙ୍କ କୋର୍ଟରେ ହାଜର କରିଥିଲା । ଉଭୟେଙ୍କ ଜାମିନୀ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

## ଚୋରା ମଦ ଜବତ, ୭ ଗିରଫ



**କେନ୍ଦ୍ରାପଡ଼ା,୧୪।୬/ଏନ୍ଏନ୍ଏସ୍:** କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ବିଭାଗ ପକ୍ଷରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ଭରତପୁର ସତ୍ୟମ କୁମାର ରାଉତଙ୍କ ଠାରୁ ୩୪ ଲିଟର ଦେଶୀ ମଦ, ପୁରୁଷୋତ୍ତମପୁର ଗ୍ରାମର ରମେଶ ଚନ୍ଦ୍ର ସ୍ୱାଇଁଙ୍କ ଠାରୁ ୨୯ ଲିଟର ଦେଶୀ ମଦ, କନ୍ତଆ ଗ୍ରାମର ଜିତେନ୍ଦ୍ର କୁମାର ଜେନାଙ୍କ ଠାରୁ ୩୭ ଲିଟର ବିଦେଶୀ ମଦ, କଶଟି ଗ୍ରାମର ଅଲେଖ ମଳିକଙ୍କ ଠାରୁ ୨୮ ଲିଟର ଦେଶୀ ମଦ, ଦାନପୁର ଗ୍ରାମର ନିର ଜେନାଙ୍କ ଠାରୁ ୩୧ ଲିଟର ବିଦେଶୀ ମଦ, ହରିଅଙ୍କ ଗ୍ରାମର ଦୋଳଗୋବିନ୍ଦ ମଳିକଙ୍କ ଠାରୁ ୪୧ ଲିଟର ବିଦେଶୀ ମଦ ଓ କଜଳା ଗ୍ରାମର ସୁକାନ୍ତି ଦାସଙ୍କ ଠାରୁ ୩୨ ଲିଟର ଦେଶୀ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇଛି । ଏମାନଙ୍କ ପାଖରୁ ସମୁଦାୟ ୨୩୨ ଲିଟର ଦେଶୀ ଓ ଦେଶୀ ରନ୍ଧା ମଦ ଜବତ କରାଯାଇ ୧ ମହିଳା ସମେତ ୭ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଅଛି ବୋଲି ଅବକାରୀ ଅଧିକ୍ଷକ ଶ୍ରୀ ବିପ୍ର ଚରଣ ମଣ୍ଡଳ କହିଛନ୍ତି । ଏହି ଚଢାଉରେ ଅବକାରୀ ନିରିକ୍ଷକ ଶ୍ରୀ ହିତାଂଶୁ ଶେଖର ମଲିକ, ଅବକାରୀ ଉପନିରିକ୍ଷକ ଶ୍ରୀ ଧର୍ମପଦ ଦାସ ଏବଂ ଅନ୍ୟ କର୍ମଚାରୀ ସାମିଲଥିଲେ ।

## ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କୁ ଶ୍ରଦ୍ଧାଞ୍ଜଳି

**କେନ୍ଦ୍ରାପଡ଼ା,୧୪।୬/ଏନ୍ଏନ୍ଏସ୍:** ଅହମ୍ମଦାବାଦ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାତ୍ରୀ ଓ ବିମାନ କର୍ମଚାରୀଙ୍କ ପାଇଁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଦିଆଯାଇଛି । କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରାଙ୍କ ନେତୃତ୍ୱରେ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଲିତା ଦାସ, ବ୍ଲକ ଉପାଧ୍ୟକ୍ଷ ପ୍ରତାପ ନାରାୟଣ ମହାପାତ୍ର, ବିଜେଡି ବ୍ଲକ୍ ସଭାପତି ଆଲୋକ ସାହୁ, ସମ୍ବିତ୍ ଶ୍ରୀଚନ୍ଦନ, ପିତବାସ ବେହେରା, ଧନଞ୍ଜୟ ମହାନ୍ତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପାଇଁ ୨ ମିନିଟ୍ ନିରବ ପ୍ରାର୍ଥନା କରିବା ସହିତ ତାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି ।

## ବିମାନ ଦୁର୍ଘଟଣାରେ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି



**ଜଗତ୍‌ସିଂହପୁର,୧୪।୬/ଏନ୍ଏନ୍ଏସ୍:** ଅହମ୍ମଦାବାଦ ଠାରେ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ନିମନ୍ତେ ଶନିବାର ଜଗତସିଂହପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ଜିଲ୍ଲା ସଭାପତି ନଟବର କାରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଜିଲ୍ଲା କଂଗ୍ରେସ ଉପସଭାପତି ମହନି ଚରଣ ରାଉତ, ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ସରପଞ୍ଚ ପ୍ରମୋଦ ସାହୁ, ଦିଲ୍ଲୀପ କୁମାର ମହାନ୍ତି, ବ୍ଲକ କଂଗ୍ରେସ ସଭାପତି ମାନଓ କୁମାର ରଥ, କଂଗ୍ରେସ ସେବାଦଳ ଅଧ୍ୟକ୍ଷ ଡା. ଜଗଦାବନ୍ଦ ବେହେରା, ସଂଖ୍ୟାଲଘୁ ସେଲର ଅଧ୍ୟକ୍ଷ ଇମତିୟାଜ୍ ଅହମ୍ମଦ ଖାଁ, ରାଜ୍ୟ ଛାତ୍ର କଂଗ୍ରେସ ସମ୍ପାଦକ କୃଷ୍ଣ ଚନ୍ଦ୍ର ପ୍ରଧାନ, ଯୁବ ନେତା ଇ. ଜ୍ଞାନ ରଞ୍ଜନ ଜେନା, ସୂର୍ଯ୍ୟକାନ୍ତ ପ୍ରଧାନ, ପବିତ୍ର କୁମାର ପରିଡା, ସୁକାନ୍ତ କୁମାର ମହାପାତ୍ର, ହେଦାୟତ ଅଲ୍ଲୀ, ହିଫଜୁଲ୍ ରହେମାନ, ଶଙ୍କରେଶ୍ୱର ଦାସ, ସୁକାନ୍ତ ମହାପାତ୍ର, ଗୌରାଙ୍ଗ ଚରଣ ସ୍ୱାଇଁ ପ୍ରମୁଖ ଅନେକ ଯୋଗଦେଇ ବିମାନ ଦୁର୍ଘଟଣାରେ ସମସ୍ତ ଦିବଂଗତଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।


**ମାର୍କଫେଡ୍-ଓଡିଶା ।**

**ବଳକା ଅଣଧାନ ଶସ୍ୟର ବିକ୍ରୟ ନିମନ୍ତେ ସୂଚନା**

**ମୁଗ, ବିରି, ଚୀନାବାଦାମ, ସୂର୍ଯ୍ୟମୁଖୀ ଓ ସୋରିଷ**

➤ ଏତଦ୍ୱାରା ଓଡିଶାର ସମସ୍ତ ଚାଷିଭାଇମାନଙ୍କ ଅବଗତି ନିମନ୍ତେ ସୂଚନା ଦିଆଯାଉଅଛି ଯେ ୨୦୨୪-୨୫ ରବି ଋତୁରେ ଅମଳ କରାଯାଇଥିବା ଅଣଧାନ ଶସ୍ୟ ଯଥା ମୁଗ,ବିରି, ଚିନବାଦାମର, ସୂର୍ଯ୍ୟମୁଖୀ ଓ ସୋରିଷ ଅଭାବି ବିକ୍ରିକୁ ରୋକିବା ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ ମାର୍କଫେଡ୍ ମାଧ୍ୟମରେ ନିକଟସ୍ଥ ସ୍ଥିରୀକୃତ ସମବାୟ ସମିତି (PACS/LAMPCS/FPOs/WSHG) ଦ୍ୱାରା ସରକାର ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟରେ ଚାଷୀଙ୍କ ନିକଟରୁ ଉପଯୁକ୍ତ ମାନ ବହନ କରୁଥିବା ଶସ୍ୟ କ୍ରୟ କରାଯିବା ନିମନ୍ତେ ବ୍ୟବସ୍ଥା କରାଯାଇଛି ।

| | | |
|---|---|---|
| ଉପଯୁକ୍ତ ମାନ ବହନ କରୁଥିବା ଶସ୍ୟର କ୍ୱିଣ୍ଟାଲ ପ୍ରତି ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟ MSP (ଟଙ୍କାରେ) | ମୁଗ | ୮୬୮୨ /- |
| | ବିରି | ୭୪୦୦ /- |
| | ଚୀନାବାଦାମ | ୬୭୮୩/- |
| | ସୂର୍ଯ୍ୟମୁଖୀ | ୭୨୮୦ /- |
| | ସୋରିଷ | ୫୯୫୦/- |

➤ ଯେଉଁ ଚାଷିଭାଇମାନଙ୍କ ନିକଟରେ ଉପରୋକ୍ତ ଶସ୍ୟ ବଳକା ରହିଅଛି ସେମାନେ ନିକଟସ୍ଥ କୃଷି କର୍ମଚାରୀଙ୍କ ସହ ଯୋଗାଯୋଗ କରି ସେମାନଙ୍କ ଜମିର ଦସ୍ତାବିଜ, ଫଟୋ ପରିଚୟ ପତ୍ର ଓ ବ୍ୟାଙ୍କ ଖାତାର ନକଲ ଦାଖଲ କରି ନିଜ ଗ୍ରାମ ନିକଟସ୍ଥ ସେବା ସମବାୟ ସମିତି ଓ କୃଷକ ଉତ୍ପାଦକ ସଂସ୍ଥା ରେ ପଞ୍ଜୀକୃତ କରି ପାରିବେ ଏବଂ ସ୍ୱୟଂ ପଞ୍ଜୀକରଣ ଇ-ସମୃଦ୍ଧି ମୋବାଇଲ ଆପ୍ ମାଧ୍ୟମ ରେ ଏହି ସୁବିଧାର ଲାଭ ନିଅନ୍ତୁ ।

➤ ଆବଶ୍ୟକ ସ୍ଥଳେ ସବିଶେଷ ବିବରଣୀ ଯଥା ବିକ୍ରୟ ହେବାକୁ ଥିବା ଅଣଧାନ ଶସ୍ୟର କ୍ରୟ ତାରିଖ, ବିକ୍ରୟ ସ୍ଥାନ ସମ୍ବନ୍ଧରେ ସମ୍ପୃକ୍ତ ସମବାୟ ସମିତି ସମୂହର ଉପ ନିବନ୍ଧକ / ସହ ନିବନ୍ଧକ/ ମାର୍କଫେଡ୍ କ୍ଷେତ୍ର ପରିଚାଳକ ଓ କୃଷି ବିଭାଗ କର୍ମଚାରୀଙ୍କ ସହ ଯୋଗାଯୋଗ ପାଇଁ ଅନୁରୋଧ ।

OIPR-39017/11/0010/2526 CAD-663


**ସରକାରଙ୍କ ସାବତପୁଅ ସାଜିଛି କରତକଳ କ୍ଲଷ୍ଟର୍**

# ଅବ୍ୟବସ୍ଥାରେ ଡେରାବିଶ ଶିଳ୍ପାଞ୍ଚଳ ରାସ୍ତା



**ଚାନ୍ଦୋଳ,୧୪।୬/ଏନ୍ଏନ୍ଏସ୍:** ଶିଳ୍ପ ବିହୀନ ଜିଲ୍ଲା ଭାବେ କେନ୍ଦ୍ରାପଡ଼ା ଜିଲ୍ଲା ସମଗ୍ର ଓଡ଼ିଶାରେ ଜଣା ।ହେଲେ ଗତ ୧୨ ବର୍ଷ ତଳେ ସରକାଙ୍କ ପକ୍ଷରୁ ଜିଲ୍ଲା ଅନ୍ତର୍ଗତ ସମସ୍ତ ବ୍ଲକ୍‌ରେ ସରକାରୀ ଭାବେ ଚାଲିଥିବା କରତ କଳଗୁଡ଼ିକୁ ନିଜ ନିୟନ୍ତ୍ରଣକୁ ଆଣିବା ପାଇଁ ଜିଲ୍ଲା ଅନ୍ତର୍ଗତ ଡେରାବିଶ ବ୍ଲକ୍‌ର ଲକ୍ଷ୍ମୀନାରାୟଣପୁର ପଞ୍ଚାୟତର ବଳଭଦ୍ରପୁର ଠାରେ ଏକ କରତ କଳ କ୍ଲଷ୍ଟର୍ ସ୍ଥାପନ କରିଥିଲେ । ଏହି କ୍ଲଷ୍ଟରଟି ଇଡ୍‌କୋବିଭାଗ ଅଧିନରେ ପ୍ଲଟିଂ କରାଯାଇ ଆରମ୍ଭରୁ ମାତ୍ର ୭ରୁ ୮ଟି କରତ କଳ ପ୍ରତିଷ୍ଠା କରାଯାଇଥିଲା । ହେଲେ ପରେ ଧିରେ ଧିରେ ଏହି କ୍ଲଷ୍ଟର୍‌ରେ କରତକଳ ସଂଖ୍ୟା ବଢ଼ି ଏବେ ୨୦ରୁ ଊର୍ଦ୍ଧ୍ୱ ହୋଇଗଲାଣି । ଏହି କ୍ଲଷ୍ଟର୍‌କୁ ସବୁଦିନ କେନ୍ଦ୍ରାପଡ଼ା ଜିଲ୍ଲା ସମେତ ପଡ଼ୋଶୀ ଯାଜପୁର ଓ କଟକ ଜିଲ୍ଲାରୁ ଶହଶହ ଲୋକ ସେମାନଙ୍କ ଗୃହ ଉପକରଣ ଓ ଜାଳେଣୀ ପାଇଁ କାଠ ଗଣ୍ଡି ଧରି ଚିରଟ ପାଇଁ ଆସିଥାନ୍ତି । ହେଲେ ଏହି କରତକଳ କ୍ଲଷ୍ଟର୍ ସତେ ଯେମିତି ସରକାରଙ୍କ ସାବତପୁଅ ସାଜିଛି । କାରଣ ଏହି କ୍ଲଷ୍ଟର୍ ନିର୍ମାଣ ଦିନଠାରୁ ଏହା ମଧ୍ୟକୁ ଏକ ରାସ୍ତାଟିଏ ନିର୍ମାଣ ହୋଇପାରିଲା ନାହିଁ । ଏହି କ୍ଲଷ୍ଟର କଡ଼ରେ ଯେଉଁ ରାସ୍ତା ରହିଛି ସେହି ରାସ୍ତାକୁ ସ୍ଥାନୀୟ ଗ୍ରାମବାସୀମାନେ ସେମାନଙ୍କ ଗ୍ରାମଦେବତୀଙ୍କ ନିକଟକୁ ଯିବା ପାଇଁ ବ୍ୟବହାର କରିଥାନ୍ତି । ଏହି ମାଟି ରାସ୍ତାରେ କରତ କଳ କ୍ଲଷ୍ଟର୍‌ର ମାଲିକମାନେ ହାତରୁ ପଇସା ଖର୍ଚ୍ଚ କରି ମାଟି ଓ ମୋରମ ପକାଇ ଚଳାଚଳ ଉପଯୋଗୀ କରିଥାନ୍ତି । ଚଳିତବର୍ଷ କରତକଳ କ୍ଲଷ୍ଟର୍ ମାଲିକମାନେ ଗୋଡ଼ି ମୋରମ ପକାଇ ନିର୍ମାଣ କରିଥିବା ଏହି ରାସ୍ତାରେ ଜାତୀୟ ରାଜପଥକୁ ନିକଟସ୍ଥ ବିଲରୁ ମାଟି ପରିବହନ କରୁଥିବା ହାଇୱା ଚଳଚଳ କରି ବଡ଼ ବଡ଼ ଗାଡ଼ ସୃଷ୍ଟି କରିଥିବା ଦେଖିବାକୁ ମିଳିଛି । ଏହି ରାସ୍ତାଟିକୁ ସୁଦୃଢ଼ ଓ ମରାମତି କରିବା ପାଇଁ ସ୍ଥାନୀୟ ପଞ୍ଚାୟତବାସୀ ବାରମ୍ବାର ସରକାରଙ୍କ ନିକଟରେ ଦାବି କରିଆସୁଥିଲେ ମଧ୍ୟ କରତ କଳକ୍ଲଷ୍ଟର ନିର୍ମାଣ ଦିନଠାରୁ ଆଜି ପର୍ଯ୍ୟନ୍ତ କେବେବି ସରକାରଙ୍କ ପକ୍ଷରୁ ଏହହାକୁ ନିର୍ମାଣ କି ମରାମତି କରାଯାଏ ନାହିଁ । ହେଲେ ସରକାରୀ ଆଇନ ଅନୁଯାୟୀ କୌଣସି ଶିଳ୍ପାଞ୍ଚଳ ପ୍ରତିଷ୍ଠା ହେଲେ ସେହି ଶିଳ୍ପାଞ୍ଚଳକୁ ପ୍ରଥମେ ଏକ ସୁଦୃଢ଼ ରାସ୍ତା, ବିଦ୍ୟୁତ୍ ଆଲୋକ ଓ ପାନୀୟଜଳର ସୁବନ୍ଦୋବସ୍ତ କରାଯିବା କଥା । କିନ୍ତୁ କରତ କଳକ୍ଲଷ୍ଟର ନିର୍ମାଣକୁ ୧୨ ବିତିଯାଇଥିଲେ ମଧ୍ୟ ଏହି ଶିଳ୍ପାଞ୍ଚଳକୁ ନା ଭଲ ରାସ୍ତା ଅଛି ନାଁ ବିଶୁଦ୍ଧ ପାନୀୟଜଳର ବ୍ୟବସ୍ଥା କରାଯାଇଛି । ଏହି ଶିଳ୍ପାଞ୍ଚଳରେ କାର୍ଯ୍ୟ କରୁଥିବା ଶ୍ରମିକ ଓ ଏଠାକୁ ବିଭିନ୍ନ କାର୍ଯ୍ୟରେ ଆସୁଥିବା ଲୋକମାନେ ନିଜ ଘରୁ ବିଶୁଦ୍ଧ ପାଣି ଆଣି ସେମାନଙ୍କର ତୃଷ୍ଣା ମେଣ୍ଟାଇଥାଅନ୍ତି । ଏଥିସହିତ ଏହି କ୍ଲଷ୍ଟର୍‌କୁ ସୁବ୍ୟବସ୍ଥିତ ଢଙ୍ଗରେ ବିଦ୍ୟୁତ୍ ସଂଯୋଗ ମଧ୍ୟ ହୋଇନଥିବା ଦେଖାଦେଇଛି । ତେଣୁ ତୁରନ୍ତ କେନ୍ଦ୍ରାପଡ଼ା ଜିଲ୍ଲାର ଏକମାତ୍ର ଶିଳ୍ପାଞ୍ଚଳକୁ ସରକାର ଦୃଷ୍ଟିଦେଇ ଏହା ମଧ୍ୟକୁ ଯାତାୟତ ଉପଯୋଗୀ ରାସ୍ତା, ବିଶୁଦ୍ଧ ପାନୀୟଜଳ ଓ ସୁବ୍ୟବସ୍ଥିତ ଢଙ୍ଗରେ ବିଦ୍ୟୁତ୍ ସଂଯୋଗ ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ପ୍ରଥମ ପୃଷ୍ଠାରୁ

### ମଧ୍ୟପ୍ରାଚ୍ୟରେ ମୃତ୍ୟୁର ତାଣ୍ଡବ ...

ଦେଶଗୁଡ଼ିକ ଇରାନ୍‌କୁ ଧମକ ତଥା ଚେତାବନୀ ଦେବାକୁ ଚେଷ୍ଟା କରିଛନ୍ତି ଇରାନ୍ କିନ୍ତୁ ଏସବୁକୁ ପ୍ରତ୍ୟାଖ୍ୟାନ କରିଛି । ଓଲଟା ଇରାନ୍ ଆମେରିକା ଏବଂ ଇସ୍ରାଏଲ୍ ସମର୍ଥନରେ ବାହାରୁଥିବା ପାଶ୍ଚାତ୍ୟ ଦେଶଗୁଡ଼ିକୁ ଏଥିରୁ ଦୂରେଇ ରହିବାକୁ ନଚେତ୍ ଆକ୍ରମଣର ସାମ୍ନା କରିବାକୁ ପ୍ରସ୍ତୁତ ରହିବାକୁ ଚେତାବନୀ ଦେଇଛି । ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ କହିଛନ୍ତି, ଇରାନ୍‌କୁ ଏହି ଆକ୍ରମଣ ପାଇଁ ପରିଣାମ ଭୋଗ କରିବାକୁ ପଡ଼ିବ । ସମଗ୍ର ତେହରାନ୍ ଜଳିବ । ସମସ୍ତ ଇରାନ୍‌କୁ ଇସ୍ରାଏଲ୍ ଏବେ ନିଜ ଟାର୍ଗେଟ୍‌କୁ ନେଇସାରିଛି । ଆକ୍ରମଣ ବନ୍ଦ ନକଲେ ପରିଣାମ ଭୟଙ୍କର ହେବ । ସେହିପରି ଇରାନ୍‌ର ସର୍ବୋଚ୍ଚ ନେତା ଅୟାତୋଲ୍ଲା ଖାମେନେଇ ମଧ୍ୟ ଇସ୍ରାଏଲ୍‌କୁ ସୀମା ଉଲ୍ଲଂଘନ ନକରିବାକୁ ଚେତାବନୀ ଦେଇଛନ୍ତି । ଇରାନ୍ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ୍ ଶନିବାର ଚେତାବନୀ ଦେଇ କହିଛନ୍ତି ଯେ ଯଦି ଇସ୍ରାଏଲ୍ ତାଙ୍କ ଦେଶ ଉପରେ ଆକ୍ରମଣ ଜାରିରଖେ ତେବେ 'ଅଧିକ କଠୋର ଏବଂ ଶକ୍ତିଶାଳୀ ଜବାବ' ଦିଆଯିବ । ପେଜେସ୍କିଆନ୍ କହିଛନ୍ତି ଯେ ଯଦି ଜାୟୋନିଷ୍ଟ ଆକ୍ରମଣ ଜାରି ରଖେ ତେବେ ଇରାନ ସଶସ୍ତ୍ରବାହିନୀ ପକ୍ଷରୁ ଅଧିକ କଠୋର ଏବଂ ଶକ୍ତିଶାଳୀ ଜବାବ ଦିଆଯିବ ।

ଇରାନ ଉପରେ ଘନଘନ ଏୟାରଷ୍ଟ୍ରାଇକ୍ କରିଛି ଇସ୍ରାଏଲ୍ । ଇରାନର ସାମରିକ ଘାଟି ସହିତ ପରମାଣୁ ଘାଟି ଉପରେ ମଧ୍ୟ ବୋମାମାଡ଼ କରାଯାଇଛି । ଇସ୍ରାଏଲ୍‌ର ଆକ୍ରମଣରେ ଇରାନର ୨୦ ଜଣ ଶୀର୍ଷ କମାଣ୍ଡରଙ୍କ ସମେତ ୧୦୦ ରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି । ଏଥିରେ ସେନା ଏବଂ ବାୟୁସେନା ମୁଖ୍ୟ ମଧ୍ୟ ସାମିଲ ଅଛନ୍ତି । ଇସ୍ରାଏଲ ଆକ୍ରମଣରେ ଇରାନର ୬ ଜଣ ପରମାଣୁ ବୈଜ୍ଞାନିକ ମଧ୍ୟ ପ୍ରାଣ ହରାଇଛନ୍ତି । ଇସ୍ରାଏଲ୍ ପକ୍ଷରୁ ଇରାନର ତେହେରାନରେ ଥିବା ପରମାଣୁ ଗବେଷଣା କେନ୍ଦ୍ର ଏବଂ ଦୁଇଟି ସାମରିକ ଘାଟିକୁ ଟାର୍ଗେଟ୍ କରାଯାଇଥିଲା, ଯାହାକି ଏବେ ଧ୍ୱଂସ ହୋଇଯାଇଛି । ଏହି ଆକ୍ରମଣରେ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଏବଂ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ମଧ୍ୟ ନଷ୍ଟ ହୋଇଛି । ଇରାନ ସରକାର ସାରା ଦେଶରେ ଜରୁରିକାଳୀନ ପରିସ୍ଥିତି ଜାରି କରିଛନ୍ତି । ପ୍ରକାଶ, ଆମେରିକା ଏବଂ ସମଗ୍ର ୟୁରୋପ ଇସ୍ରାଏଲ୍ ସହିତ ଠିଆ ହୋଇଛନ୍ତି । ଅନ୍ୟପକ୍ଷେ ରୁଷ୍ ଏବଂ ଚୀନ ଗୁପ୍ତ ଭାବରେ ଇରାନକୁ ସମର୍ଥନ କରନ୍ତି । ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ସହ ଏସମ୍ପର୍କରେ କଥା ହୋଇଛନ୍ତି ଏବଂ ଇସ୍ରାଏଲ୍‌ର ଆକ୍ରମଣକୁ ନିନ୍ଦା କରିଛନ୍ତି । ଅନ୍ୟ ଏକ ରିପୋର୍ଟ ଅନୁସାରେ ହୁତୀ ବିଦ୍ରୋହୀ ଗୋଷ୍ଠୀ ମଧ୍ୟ ଏବେ ଇସ୍ରାଏଲ୍ ଉପରେ ଆକ୍ରମଣ କରିବା ଆରମ୍ଭ କରିଦେଇଛନ୍ତି । ଗତ ୨୪ ଘଣ୍ଟା ମଧ୍ୟରେ ହୁତୀ ବିଦ୍ରୋହୀଙ୍କ ପକ୍ଷରୁ ଇସ୍ରାଏଲର ବିଭିନ୍ନ ପ୍ରାନ୍ତକୁ ଟାର୍ଗେଟ୍ କରାଯାଇ ୧୧ରୁ ଅଧିକ ମିସାଇଲ୍ ଆକ୍ରମଣ କରାଯାଇଥିବା ସୂଚନା ମିଳିଛି ।

### ସାଉଥ୍ ଆଫ୍ରିକା ନୂଆ ...

ଅନ୍ୟପକ୍ଷରେ ସାଉଥ୍ ଆଫ୍ରିକାର ପ୍ରଥମ ଇନିଂସ୍ ୧୩୮ ରନ୍‌ରେ ସୀମିତ ହୋଇଯାଇଥିଲା । ପ୍ରଥମ ଇନିଂସ୍ ଆଧାରରେ ଅଷ୍ଟ୍ରେଲିଆକୁ ୭୪ ରନ୍‌ର ଅଗ୍ରଣୀ ମିଳିଥିଲା । ଫଳରେ ଟିମ୍ ସାଉଥ୍ ଆଫ୍ରିକା ଆଗରେ ୨୮୨ ରନ୍‌ର ଲକ୍ଷ୍ୟ ଧାର୍ଯ୍ୟ କରିଥିଲା । ଲକ୍ଷ୍ୟର ପିଛା କରୁଥିବା ସାଉଥ୍ ଆଫ୍ରିକା ନିଜ ଦ୍ୱିତୀୟ ଇନିଂସ୍‌ରେ ୭୦ ରନ୍‌ର ସ୍କୋର୍ ଦ୍ୱିତୀୟ ୱିକେଟ୍ ହରାଇଥିଲା । ଏହିଠାରୁ ଏଡେନ୍ ମାର୍କରମ୍ ଓ କ୍ୟାପ୍‌ଟେନ୍ ଟେମ୍ବା ବାଭୁମା କ୍ରିଜ୍ ଉପରେ ଖୁଣ୍ଟ ପରି ତିଷ୍ଠି ରହିଥିଲେ । ଉଭୟଙ୍କ ମଧ୍ୟରେ ତୃତୀୟ ୱିକେଟ୍ ପାଇଁ ୧୪୭ ରନ୍‌ର ପାର୍ଟନରଶିପ୍ ହୋଇଥିଲା, ଯାହା ସାଉଥ୍ ଆଫ୍ରିକାର ବିଜୟକୁ ସହଜ କରିଦେଇଥିଲା । ଏହି ପାର୍ଟନରଶିପ୍ ମଧ୍ୟରେ ମାର୍କରମ୍ ୧୧ ଚୌକା ସହାୟତାରେ ୧୦୧ ବଲ୍‌ରେ ଶତକ ପୂରା କରିଥିଲେ । ଏହା ତାଙ୍କ ଟେଷ୍ଟ କ୍ୟାରିୟର୍‌ର ଅଷ୍ଟମ ଶତକ । ଏହା ସହିତ ଆଇସିସି ଇଭେଣ୍ଟ୍‌ର ଫାଇନାଲ୍‌ରେ ଶତକ ହାସଲ କରିବାରେ ମାର୍କରମ୍ ସାଉଥ୍ ଆଫ୍ରିକାର ପ୍ରଥମ ବ୍ୟାଟର୍ ହୋଇଛନ୍ତି । ଅନ୍ୟପକ୍ଷରେ ହାମ୍‌ଷ୍ଟ୍ରିଂ ଇନ୍‌ଜୁରୀ ସତ୍ତ୍ୱେ ଟେମ୍ବା ବାଭୁମା ଏକ ଉନ୍ନତ ଇନିଂସ୍ ଖେଳିବାରେ ସଫଳ ହୋଇଛନ୍ତି । ବାଭୁମା ୧୩୪ ବଲ୍‌ରେ ପାଞ୍ଚ ଚୌକା ସହାୟତାରେ ୬୬ ରନ୍ କରିଛନ୍ତି । ବାଭୁମାଙ୍କୁ ବିପକ୍ଷ ଟିମ୍‌ର କ୍ୟାପ୍‌ଟେନ୍ ପ୍ୟାଟ୍ କମିନ୍ସ ଆଉଟ୍ କରିଥିଲେ । ଏହାପରେ ଟ୍ରିଷ୍ଟନ୍ ଷ୍ଟବ୍ସ କିଛି ଖାସ୍ କରିପାରି ନଥିଲେ ଏବଂ ୮ ରନ୍‌ରେ ମିଚେଲ୍ ଷ୍ଟାର୍କଙ୍କ ଶିକାର ହୋଇଥିଲେ । ଏହିଠାରୁ ମାର୍କରମ୍ ଏବଂ ଡେଭିଡ୍ ବେଡିଙ୍ଗହାମ୍ ପଞ୍ଚମ ୱିକେଟ୍ ପାଇଁ ୩୫ ରନ୍‌ର ପାର୍ଟନରଶିପ୍ କରି ସାଉଥ୍ ଆଫ୍ରିକାକୁ ବିଜୟ ନିକଟକର କରିଥିଲେ । ତେବେ ଟିମ୍‌କୁ ବିଜୟ ପାଇଁ ୬ ରନ୍‌ର ଆବଶ୍ୟକତା ଥିବାବେଳେ ମାର୍କରମ୍ ଆଉଟ୍ ହୋଇଥିଲେ । ଟ୍ରାଭିସ୍ ହେଡ୍‌ଙ୍କ ଦ୍ୱାରା ଆଉଟ୍ କରାଇ ଜୋଶ୍ ହେଜଲ୍‌ଉଡ୍ ତାଙ୍କୁ ପ୍ୟାଭିଲିୟନ୍ ଫେରାଇଥିଲେ । ମାର୍କରମ୍ ୨୦୭ ବଲ୍‌ର ସମ୍ମୁଖୀନ ହୋଇ ୧୪ ଚୌକା ବଳରେ ୧୩୬ ରନ୍ କରିଥିଲେ । ଏହା ପୂର୍ବରୁ ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ୍‌ରେ ଏକଦା ୭ ୱିକେଟ୍‌ରେ ୭୩ ରନ୍ କରିଥିଲା । ଏହାପରେ ୱିକେଟ୍‌କିପର୍ ଆଲେକ୍ସ କେରୀ ଓ ମିଚେଲ୍ ଷ୍ଟାର୍କଙ୍କ ଚମତ୍କାର ବ୍ୟାଟିଂ ବଳରେ ଅଷ୍ଟ୍ରେଲିଆ ୨୦୭ ରନ୍‌ରେ ପହଞ୍ଚିଥିଲା । ଷ୍ଟାର୍କ ୧୩୬ ବଲ୍‌ରେ ପାଞ୍ଚ ଚୌକା ସହାୟତାରେ ୫୮ ରନ୍ କରି ଅପରାଜିତ ରହିଥିଲେ । ଅନ୍ୟପକ୍ଷରେ ଆଲେକ୍ସ କେରୀ ୫ ଚୌକା ସହାୟତାରେ ୫୦ ବଲ୍‌ରେ ୪୩ ରନ୍ କରିଥିଲେ । ସାଉଥ୍ ଆଫ୍ରିକା ପକ୍ଷରୁ କାଗିସୋ ରବାଡା ଦ୍ୱିତୀୟ ଓଭର୍‌ରେ ମଧ୍ୟ ଚମତ୍କାର ବୋଲିଂ କରି ୪ ୱିକେଟ୍ ଅକ୍ତିଆର କରିଥିଲେ । ଲୁଙ୍ଗି ଏନ୍‌ଗିଡିଙ୍କୁ ତିନିଟି ସଫଳତା ମିଳିଥିଲା ।

### ସ୍ନେହାଶିଷ ରାଜ୍ୟ ଟପ୍ପର୍ ...

କରିଥିବା ଜଣାପଡ଼ିଛି । ସେହିପରି ପିଡବ୍ଲ୍ୟୁବିଡି ବର୍ଗରେ ବୈଶାଳୀ ମହାରଣା, ସାଇମା ମିର୍ଜା, ରଘୁନାଥ ବେହେରା, ଡି ମେହେର ରହିଛନ୍ତି । ନିଜର ସଫଳତାର ସମ୍ପର୍କରେ ସ୍ନେହାଶିଷ କହିଛନ୍ତି, ସେ ଛୋଟ ବେଳୁ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଥିବା ବେଳେ ତାଙ୍କର ସ୍ୱପ୍ନ ଆଜି ପୂରଣ ହୋଇଛି । ୟୁଟ୍ୟୁବ୍‌ରୁ ପାଠ ପଢ଼ି ଏହି ସଫଳତା ସେ ହାସଲ କରିଛନ୍ତି । ତେବେ ହ୍ୟୁମାନ ଆନାଟୋମି ଓ ଅନ୍ୟାନ୍ୟ ବିଜ୍ଞାନଭିତ୍ତିକ ଭିଡିଓ ଦେଖି ନିଜକୁ ନିଟ୍ ପାଇଁ ପ୍ରସ୍ତୁତ କରିଥିଲେ । ଭବିଷ୍ୟତରେ ଭଲ ନ୍ୟୁରୋସର୍ଜନ୍ ହୋଇ ଲୋକଙ୍କ ସେବା କରିବି ବୋଲି ସ୍ନେହାଶିଷ କହିଛନ୍ତି ।

### ବଣ୍ଟାଯିବ ୫୦ ହଜାର ...

ମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାବାସୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭରସା କରି ବିଜେପିକୁ ଭୋଟ୍ ଦେଇଥିଲେ । ସେଇ ବିଶ୍ୱାସକୁ ବଜାୟ ରଖିବା ଲାଗି ଓଡ଼ିଶା ସହ ଛିଡ଼ା ହୋଇଛନ୍ତି ପ୍ରଧାନମନ୍ତ୍ରୀ । ସରକାରଙ୍କ ଶପଥ ଗ୍ରହଣ ଉତ୍ସବ ହେଉ କି ସୁଭଦ୍ରା ସମାରୋହ କିମ୍ବା ପୁଲିସ ମହାନିର୍ଦ୍ଦେଶକଙ୍କ ସମ୍ମିଳନୀ, ପ୍ରବାସୀ ଭାରତୀୟ ସମ୍ମିଳନୀ, ଉତ୍କର୍ଷ ଓଡ଼ିଶା ଭଳି ସବୁ କାର୍ଯ୍ୟକ୍ରମରେ ମୋଦୀଜୀ ଯୋଗଦେଇ ଓଡ଼ିଆଙ୍କ ପ୍ରତି ଥିବା ଭଲପାଇବା ଓ ଆତ୍ମୀୟତାକୁ ବାରମ୍ବାର ପ୍ରମାଣିତ କରିଛନ୍ତି ।

### ଆଇଇଡି ବିସ୍ଫୋରଣରେ ...

ସମେତ ସିଆର୍‌ପିଏଫ୍ ଟିମ୍‌ର ଉପସ୍ଥିତିରେ ଯବାନଙ୍କ ମୃତଦେହକୁ ଝାଡ଼ଖଣ୍ଡ ପଠାଇବାର ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି ।

ସୂଚନାଯୋଗ୍ୟ, ଗତ ମାସ ୨୭ ତାରିଖରେ ୫ ଟନ୍ ଓଜନର ବିସ୍ଫୋରକ ସାମଗ୍ରୀ ଲୁଟ୍ ହେବା ପରେ ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ସରଣ୍ଡା ଓ ଆଖପାଖ ଜଙ୍ଗଲରେ ସିଆର୍‌ପିଏଫ୍, କୋବ୍ରା, ଏସ୍‌ଓଜି, ଡିଭିଏଫ୍, ଏନ୍‌ଆଇର ମିଳିତ ବାହିନୀ ପକ୍ଷରୁ ସର୍ଚ୍ଚ ଅପରେସନ୍‌କୁ ଜୋରଦାର୍ କରାଯାଇଛି । ଏବେ ସୁଦ୍ଧା କମ୍ବିଂ ଅପରେସନ୍‌ରେ ଲୁଟ୍ ବିସ୍ଫୋରକ ମଧ୍ୟରୁ ପାଖାପାଖି ୪ ଟନ୍ ବିସ୍ଫୋରକ ଜବତ ହୋଇଥିବା ବେଳେ ଆଉ ୧ ଟନ୍ ବିସ୍ଫୋରକର ସନ୍ଧାନ ଏ ପର୍ଯ୍ୟନ୍ତ ମିଳିନାହିଁ । ତେଣୁ ମାଓବାଦୀମାନଙ୍କ କବ୍‌ଜାରେ ଥିବା ଉକ୍ତ ୧ ଟନ୍ ବିସ୍ଫୋରକକୁ ସେମାନେ ସରଣ୍ଡା ଜଙ୍ଗଲର ବିଭିନ୍ନ ସ୍ଥାନରେ ବିଛାଇଥିବା ଆଜିର ଘଟଣାରୁ ସ୍ପଷ୍ଟ ହୋଇଛି । ଏହା ପୂର୍ବରୁ ମଧ୍ୟ ଜଣେ ଯବାନ ଆହତ ହୋଇ ଆପୋଲୋରେ ଚିକିତ୍ସିତ ହୋଇଥିବା ବେଳେ ଅନ୍ୟ ଜଣେ ସାଧାରଣ ଜନତା ପ୍ରଥମେ ରାଉରକେଲାରେ ଭର୍ତ୍ତି ହୋଇଥିଲେ । ପରେ ତାଙ୍କର ଅଧିକ ଚିକିତ୍ସା ପାଇଁ ତାଙ୍କୁ ବୁର୍ଲାକୁ ସ୍ଥାନାନ୍ତର କରାଯାଇଥିଲା । ଏହି ବିସ୍ଫୋରକ ସାମଗ୍ରୀ ଲୁଟ୍ ଘଟଣାରେ ପୋଲିସ୍ ବିସ୍ଫୋରକ ଗୋଦାମ ମାଲିକ ଶ୍ରବଣ ଅଗ୍ରୱାଲ ଓ ତାଙ୍କ ପତ୍ନୀ ନିକିତା ଅଗ୍ରୱାଲଙ୍କୁ ଜେରା କରି ବହୁ ତଥ୍ୟ ହାସଲ କରିଥିଲା । ଏଥିସହ ୫ ଟନ୍ ବିସ୍ଫୋରକ ବୋଝେଇ ଲୁଟ୍ ଭ୍ୟାନ୍‌ର ଚାଳକକୁ ଗିରଫ କରି ଜେଲକୁ ପଠାଇଥିଲା । ତଦନ୍ତର ତଥ୍ୟ ଆଧାରରେ ପୁଲିସ୍ ଘଟଣାର ଅଧିକ ତଦନ୍ତ ଜାରି ରଖିଥିଲା ।

### ଜାତୀୟ ସ୍ୱାସ୍ଥ୍ୟ ମିଶନ ...

ତଦାରଖ କରାଯିବ । ପ୍ରତିଦିନ ସନ୍ଧ୍ୟାରେ ଏକ ସମୀକ୍ଷା ବୈଠକ କରାଯିବ । ଏହି ବୈଠକରେ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ପ୍ରତିସଂକ୍ରମଣ ରୋକିବା ପାଇଁ ଆଶା, ଅଙ୍ଗନବାଡ଼ି କର୍ମୀ, ଏଏନ୍‌ଏମ୍ ମାନେ ଘରକୁ ଘର ଯାଇ ଜନସାଧାରଣଙ୍କୁ ସଚେତନ କରାଇବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ଜିଲ୍ଲାପାଳ, ଯାଜପୁର ଭେଷଜ ମହାବିଦ୍ୟାଳୟର ଡିନ୍ ଏବଂ ପ୍ରିନ୍ସିପାଲ୍, ଅଧୀକ୍ଷକ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଡାକ୍ତରଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ବିକାଶ ରଥ ଉଦ୍‌ଘାଟନ କଲେ ଭୁବନେଶ୍ୱର ସାଂସଦ



**ଖୋର୍ଦ୍ଧା, ୧୪।୬/ଏନ୍‌ଏନ୍‌ଏସ୍:** ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ବିଭିନ୍ନ ବ୍ଲକରେ ବିକାଶ ବାହନର ଶୁଭାରମ୍ଭ ହୋଇଛି । ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼, ବେଗୁନିଆ, ଟାଙ୍ଗି ବ୍ଲକରେ ବିକାଶ ବାହନର ଶୁଭାରମ୍ଭ କରିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ । ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ବନ୍ଧରେ ରାଜ୍ୟବାସୀଙ୍କୁ ଅବଗତ କରାଇବ ଏହି ରଥ । ତେବେ ଶୁଭାରମ୍ଭ ଅବସରରେ ଏକ ବର୍ଷ ପୂର୍ତ୍ତିର ଉପଲବ୍ଧି ଜନତାଙ୍କ ସହ ବାଣ୍ଟିଥିଲେ ଶ୍ରୀମତୀ ଷଡ଼ଙ୍ଗୀ । ତା' ସହ ରହିଥିବା ସମସ୍ୟାର ସମାଧନ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ବାଘମାରୀ ବାଇପାସ କାର୍ଯ୍ୟ ତୁରନ୍ତ ଶେଷ, ବୋଲଗଡ଼ ଓ ବେଗୁନିଆକୁ ଏନ୍‌ଏସି ମାନ୍ୟତା, ବେଗୁନିଆରେ ୪୪ କୋଟି ଟଙ୍କାର ମେଡିକାଲ କାର୍ଯ୍ୟ ଶେଷ ହେବ ବୋଲି ସେ କହିଥିଲେ । ରେଳମନ୍ତ୍ରୀଙ୍କ ସହ ଆଲୋଚନା କରି ବୋଲଗଡ଼ ରେଳଷ୍ଟେସନକୁ କାର୍ଯ୍ୟକ୍ଷମ କରିବାକୁ ସେ ପ୍ରତିଶ୍ରୁତି ଦେଇଥିଲେ । ତେବେ କାର୍ଯ୍ୟକ୍ରମରେ ବୋଲଗଡ଼ ବେଗୁନିଆ ବିଧାୟକ ଅନୁପସ୍ଥିତ ରହିଥିବାରୁ ସେ କ୍ଷୋଭ ପ୍ରକାଶ କରିଥିଲେ । ବିକାଶମୂଳକ କାର୍ଯ୍ୟରେ ବିଧାୟକ ଉପସ୍ଥିତ ନ ରହିବା ଜନ ବିରୋଧୀ ଏବଂ ବିକାଶ ବିରୋଧୀ । ରାଜନୀତିର ପରିଭାଷା ହେଉଛି ବିକାଶ ଏବଂ ଲୋକଙ୍କ ସମସ୍ୟାର ସମାଧାନ । ବିକାଶର କୌଣସି ଦଳ ନଥାଏ । ଜନସାଧାରଣଙ୍କ ସମସ୍ୟାର ସମାଧାନ କରିବା ହେଉଛି ନିର୍ବାଚିତ ପ୍ରତିନିଧିଙ୍କ ଦାଇତ୍ୱ ବୋଲି ସେ ମତ ଦେଇଥିଲେ । ଆହୁରି ସେ କହିଥିଲେ ଯେ ୨୦୨୬ ଜାନୁଆରୀ ଠାରୁ ପ୍ରତ୍ୟକ ଗାଁରେ ପଦଯାତ୍ରା କରାଯିବ । ଏହା ଜରିଆରେ ଲୋକଙ୍କମାନଙ୍କୁ ସେମାନଙ୍କ ସମସ୍ୟା ସମ୍ପର୍କରେ ପଚରାଯିବ । ଗାଁ ଏବଂ ପଞ୍ଚାୟତକୁ ପକ୍କା ରାସ୍ତା ନିର୍ମାଣ କରାଯିବ । ପ୍ରତ୍ୟେକ ଘରକୁ ରାସ୍ତା, ବିଦ୍ୟୁତ ସଂଯୋଗ, ପାନୀୟ ଜଳ ପହଞ୍ଚାଇବା ଉପରେ ପ୍ରାଥମିକା ଦିଆଯିବ । ଏକ ବର୍ଷ ପରେ ଗାଁରେ ପଲଟିକାଲ ଅଡିଟ୍ କାର୍ଯ୍ୟକ୍ରମ କରାଯିବ । ପଲଟିକାଲ ଅଡିଟ୍ ଦ୍ୱାରା ଗାଁରେ ଅଟକି ରହୁଥିବା ଉନ୍ନୟନମୂଳକ କାର୍ଯ୍ୟର ଶିଘ୍ର ତ୍ୱରାନ୍ୱିତ ହୋଇପାରିବ ବୋଲି ଶ୍ରୀମତୀ ଷଡ଼ଙ୍ଗୀ କହିଥିଲେ । ତେବେ ଖୁବ୍ ଶୀଘ୍ର ଶସ୍ୟ ଶ୍ୟାମଳା ହେବ ବୋଲଗଡ଼ ଏବଂ ବେଗୁନିଆ ଅଞ୍ଚଳ । ମେଗା ଲିଫ୍ଟ ଇରିଗେସନ ପ୍ରକଳ୍ପ ଆରମ୍ଭ ହେବାକୁ ଯାଉଛି । ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ୩୦୨ କୋଟି ଟଙ୍କା ବ୍ୟୟରେ ଲିଫ୍ଟ ଇରିଗେସନ ପ୍ରକଳ୍ପ ଆରମ୍ଭ ହେବ । ଏହି ପ୍ରକଳ୍ପ ଦ୍ୱାରା ୭୭୭୦ ହେକ୍ଟର ଜମିକୁ ଜଳସେଚିତ କରାଯିବ । ପ୍ରକଳ୍ପ ପାଇଁ ଟେଣ୍ଡର ଆରମ୍ଭ ହୋଇଛି ବୋଲି ସାଂସଦ କହିବା ପରେ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି । ତେବେ ୨୦୧୯ ଏବଂ ୨୦୨୪ ବିଜୟୀ କରି ସେବା କରିବାର ସୁଯୋଗ ଦେଇଥିବାରୁ ବୋଲଗଡ଼ ଏବଂ ବେଗୁନିଆବାସୀଙ୍କୁ ଧନ୍ୟବାଦ ଦେଇଥିଲେ ଭୁବନେଶ୍ୱର ସାଂସଦ । କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ବୋଲଗଡ଼ ବିଡିଓ, ତହସିଲଦାର, ପୂର୍ବତନ ସମିତି ସଭ୍ୟ ଅଧ୍ୟକ୍ଷ, ବେଗୁନିଆର ବିଡିଓ, ତହସିଲଦାର, ବ୍ଲକ ଚେୟାରମ୍ୟାନ, ଟାଙ୍ଗି ବ୍ଲକ ଅଧ୍ୟକ୍ଷା, ବେଗୁନିଆର ବିଜେପି ବିଧାୟକ ପ୍ରାର୍ଥୀ ପ୍ରକାଶ ରାମ ବିଜୁଳି ଓ ସାଂସଦଙ୍କ ପ୍ରତିନିଧି ଉପସ୍ଥିତ ଥିଲେ ।

**ବଡ଼ଗୋରଡ଼ାରେ ଜଟିଳ ହେଉଛି ପାଣି ସମସ୍ୟା**

## ପୋଖରୀରେ ଭାସୁଛି ହଳଦିଆ ରଙ୍ଗର ଜଳସ୍ତର



**ଓଡ଼ଗାଁ, ୧୪।୬/ଏନ୍‌ଏନ୍‌ଏସ୍:** ମାଳମାଳ ଯୋଜନା କାର୍ଯ୍ୟକାରୀ କରିଛନ୍ତି ରାଜ୍ୟ ସରକାର । କିନ୍ତୁ ସବୁ କିଛି ବେକାର । କିଏ ପାଣି ପାଇଁ ଉହଳବିକଳ ହେଉଛି ତ ଆଉ କିଏ ସରକାରୀ ସୁବିଧା ନପାଇ ନିଜ ଭାଗ୍ୟକୁ ଆଦରି ବସିଛି । ଓଡ଼ଗାଁ ବ୍ଲକ୍ ଅନ୍ତର୍ଗତ ବଡ଼ଗୋରଡ଼ା ଗ୍ରାମରେ ପାଣିର ଘୋର ସମସ୍ୟା ଦେଖାଦେଇଛି । ଗାଁରେ ଥିବା ପୋଖରୀ ଏବେ ପରିତ୍ୟକ୍ତ ଅବସ୍ଥାରେ ଥିବାବେଳେ ୧୦ ବର୍ଷ ତଳେ ପୋଖରୀରୁ ପଙ୍କ ପୁନଃଉଦ୍ଧାର କରି କାମ ସାରି ଦିଆଯାଇଛି । ଏବେ ସେହି ପୋଖରୀରେ ଗାଁର ଏକ ହଜାରରୁ ଊର୍ଦ୍ଧ୍ୱ ଲୋକ ନିର୍ଭର କରି ନିତ୍ୟ ବ୍ୟବହାର କରୁଛନ୍ତି । ସେମାନେ କହିଛନ୍ତି ପୋଖରୀ ଖନନ ପାଇଁ ପ୍ରଶାସନ ପକ୍ଷରୁ କୌଣସି ଅନୁଦାନ ପ୍ରଦାନ କରାଯାଇନାହିଁ । ୧୦ବର୍ଷ ତଳେ ପୋଖରୀ ଖୋଳିବାପରେ ଏବେ ୫ଫୁଟର ପାଣିରହିଛି । ସେବେଠାରୁ ପାଣିର ରଙ୍ଗ ବଦଳିଯାଇଛି । ଲୋକଙ୍କ କହିବା କଥା ହେଲା ବାଲିଚର ଯୋଗୁ ପାଣିର ଅବସ୍ଥା ଏଭଳି ହୋଇଛି । ପାଣିରେ ଏକ ହଳଦିଆ ସ୍ତର ଭାସୁଥିବା ଦେଖିବାକୁ ମିଳିଛି । ଲୋକମାନେ ୧୦ ବର୍ଷ ହେବ ଏହି ପାଣି ବ୍ୟବହାର କରିଆସୁଛନ୍ତି । ପୋଖରୀ ଗାଁ ମଝିରେ ଥିବାରୁ ଲୋକମାନେ ଏହା ଉପରେ ନିର୍ଭର କରନ୍ତି । ଏପଟେ ବ୍ଲକ୍ ପକ୍ଷରୁ ମନରେଗା ଯୋଜନା, ମୃତ୍ତିକା ସଂରକ୍ଷଣ ବିଭାଗ, କୃଷି ବିଭାଗ ପକ୍ଷରୁ ପୋଖରୀ ଖନନପାଇଁ ବ୍ୟବସ୍ଥା ଥିଲେ ମଧ୍ୟ ତାହା ଏଠି କାର୍ଯ୍ୟକାରୀ କରାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ଗାଁର ରାମଚନ୍ଦ୍ର ଦଳେଇ, ସତ୍ୟବାଦୀ ଦୋରା, କାଳିଚରଣ ଗୁରୁ, ପ୍ରଫୁଲ୍ଲ ଦଳେଇ, ରାମଚନ୍ଦ୍ର ପ୍ରଧାନ, ବଂଶୀଧର ପରିଡ଼ା ଆଦି ଅଭିଯୋଗ କରି କହିଛନ୍ତି ଯେ ରାତିପାହିଲେ ପିଲାଠାରୁ ବୁଢା ସମସ୍ତେ ଏହି ପୋଖରୀ ଉପରେ ନିର୍ଭର କରନ୍ତି । ଯଦି ପରିତ୍ୟକ୍ତ ଅବସ୍ଥାରେ ଥିବା ପାଣି ବ୍ୟବହାର କରି କିଛି ମାରାତ୍ମକ ରୋଗବ୍ୟାପେ ସେଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି ଗ୍ରାମବାସୀ ଚେତାବନୀ ଦେବା ସହିତ ତୁରନ୍ତ ପୋଖରୀ ଖନନ କରିବାକୁ ଦାବି କରିଛନ୍ତି ।

## ବିକାଶ ମେଳାରେ ଫଟୋ ପ୍ରଦର୍ଶନୀ



**ପୁରୀ, ୧୪।୬/ଏନ୍‌ଏନ୍‌ଏସ୍:** ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ଶରଧାବାଲି ରେ ଆୟୋଜିତ ବିକାଶ ମେଳାରେ ବିଭିନ୍ନ ବିଭାଗର ପ୍ରଦର୍ଶନୀ ସହ ଫୁଡ ଷ୍ଟଲ ଲାଗିଛି । 'ବର୍ଷ ଏକ ଉପଲବ୍ଧି ଅନେକ' ନାମରେ ଆୟୋଜିତ ଏହି ବିକାଶ ମେଳା ଚଳିତ ମାସ ୧୮ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ବିଭିନ୍ନ ବିଭାଗ ପକ୍ଷରୁ କାର୍ଯ୍ୟ କାରୀ ହେଉଥିବା ଯୋଜନା ଗୁଡିକୁ ୨୫ ଟି ଷ୍ଟଲ ମାଧମରେ ଏଥିରେ ପ୍ରଦର୍ଶିତ ହେଉଛି । ସେହିପରି ୨୫ ଟି ଫୁଡ ଷ୍ଟଲ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ମା ମାନଙ୍କ ଦ୍ୱାରା କରାଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ମଧ୍ୟ ଗୋଟିଏ ପ୍ରଦର୍ଶନୀ ମଣ୍ଡପ କରାଯାଇଛି । ଯେଉଁ ଥିରେ ବିଭିନ୍ନ କାର୍ଯ୍ୟକ୍ରମ ଓ ବିଶିଷ୍ଟ ବ୍ୟକ୍ତି ମାନଙ୍କ ବିବିଧ କାର୍ଯ୍ୟକ୍ରମରେ ଯୋଗ ଦାନ ସମ୍ବଳିତ ଫଟୋ ଚିତ୍ର ପ୍ରଦର୍ଶିତ ହେଉଛି । ଉଦଘାଟନ ଦିବସରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ପ୍ରମୁଖ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପ୍ରଦର୍ଶନୀ ମଣ୍ଡପ ପରିଦର୍ଶନ କରିଥିଲେ । ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଓ କର୍ମଚାରୀମାନଙ୍କ ଦ୍ୱାରା ଏହା ପରିଚାଳିତ ହେବା ସହ ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ବିକ୍ରୟ ମଧ୍ୟ କରାଯାଉଛି ।

## ଗଣ୍ଡଗୋଳ ଘଟଣାରେ ୪ କୋର୍ଟଚାଲାଣ

**ନିଶ୍ଚିନ୍ତକୋଇଲି, ୧୪।୬/ଏନ୍‌ଏନ୍‌ଏସ୍:** ନିଶ୍ଚିନ୍ତକୋଇଲି ଥାନା ଅଧିନସ୍ଥ କେଣ୍ଡାଳ ପଞ୍ଚାୟତ ମଲୀପୁରଠାରେ ଥିବା ଅସୁରେଶ୍ୱର ପ୍ରସିଦ୍ଧ ରଘୁନାଥଜୀଉ ପୀଠରେ ଏକ ବିବାହ ଉତ୍ସବକୁ ଆସୁଥିବା ବର ଶୋଭାଯାତ୍ରାରେ ହୋଇଥିବା ଗଣ୍ଡଗୋଳ ଘଟଣାରେ ପୁଲିସ ଚାରିଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗତ ରବିବାର ଦିନ ଲୋକନାଥପୁର ଦଳିତ ସାହିର ଜଣେ ବ୍ୟକ୍ତିଙ୍କର କନ୍ୟାର ବିବାହ ଅସୁରେଶ୍ୱର ପଞ୍ଚାୟତ ଭାରିଗୋଳ ଗ୍ରାମର ଜଣେ ବ୍ୟକ୍ତିର ପୁତ୍ରଙ୍କ ସହିତ ବିବାହ କାର୍ଯ୍ୟ ରଘୁନାଥଜୀଉ ମନ୍ଦିର ପରିସରରେ ଅନୁଷ୍ଠିତ ହେଉଥିଲା । ବର ଶୋଭାଯାତ୍ରାରେ ଆସୁଥିବା ବେଳେ ଡିଜେ ସାଉଣ୍ଡ ବାଜିବା ଏବଂ ବରଯାତ୍ରୀ ନାଚିବା ଘଟଣାକୁ ନେଇ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳର ସୂତ୍ରପାତ ହୋଇ ମାର୍‌ପିଟ୍ ମଧ୍ୟ ହୋଇଥିଲା । ଏହି ଗଣ୍ଡଗୋଳରେ ଉଭୟ ପକ୍ଷର ଦଶରୁ ଅଧିକ ଲୋକେ ଆହତ ହୋଇଥିଲା ବେଳେ କଟରପଡା ଗ୍ରାମର ନାବାଳକ ପ୍ରକାଶ କୁମାର ସାମଲ ଗୁରୁତର ହୋଇ ଚିକିତ୍ସା ନିମନ୍ତେ କଟକ ବଡ ମେଡିକାଲରେ ଭର୍ତ୍ତି ହୋଇଥିଲେ । ଏସଂକ୍ରାନ୍ତରେ ନିଶ୍ଚିନ୍ତକୋଇଲି ଥାନାରେ ଏକ ଅଭିଯୋଗ ହୋଇଥିଲା । ଏହି ଅଭିଯୋଗକୁ ଭିତ୍ତି କରି ପୁଲିସ ପକ୍ଷରୁ ଏକ ମାମଲା ରୁଜୁ କରି ତଦନ୍ତ ଜାରୀ ରଖାଯାଇଥିଲା । ହେଲେ ଶୁକ୍ରବାର ଦିନ ଏହି ମାମଲାରେ କେଣ୍ଡାଳ ଗ୍ରାମର ଖଗେଶ୍ୱର ମଳିକ(୩୮), ପ୍ରଶାନ୍ତ ମଳିକ (୨୨), ଅସୁରେଶ୍ୱର ପଞ୍ଚାୟତ ଦିକ୍ଷିତପଡା ଗ୍ରାମର ଶକ୍ତିଶ୍ୱର ସେଠୀ(୨୫) ଓ କେନ୍ଦ୍ରାପଡା ସଦର ଥାନା ଅଧିନ ଡାବଳ ଗ୍ରାମର ସୌଭାଗ୍ୟ ମଳିକ (୨୦)ଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ଚାରି ଜଣଙ୍କୁ ଜେଲ୍ ହାଜତକୁ ପଠାଇଦିଆଯାଇଥିବା ପୁଲିସ ସୂତ୍ରରୁ ପ୍ରକାଶ ।

## ଓଗାଳପଡ଼ାରେ ଅଦିନିଆ ଝାମୁଯାତ୍ରା

**ମୁଣ୍ଡମୁହାଣ, ୧୪।୬/ଏନ୍‌ଏନ୍‌ଏସ୍:** ରଜରେ ଝାମୁଯାତ୍ରା । ଏମିତି ଏକ ଅଦିନିଆ ଝାମୁଯାତ୍ରା ପାଇଁ ଜଟଣୀ ବ୍ଲକ ଯାଁଳା ପଞ୍ଚାୟତର ଓଗାଳପଡାସ୍ଥିତ ମୃଗେଶ୍ୱର ମହାଦେବଙ୍କ ପୀଠ ଉତ୍ସବ ମୁଖର ହୋଇଉଠିଥାଏ । ଆଜି ମୃଗେଶ୍ୱରଙ୍କ ପୀଠରେ ପାରମ୍ପରିକ ଭାବରେ ଆରମ୍ଭ ହୋଇଛି ଏହି ଯାତ୍ରା ।

ମହାବିଷୁବ ସଂକ୍ରାନ୍ତିର ଭଳି ଓଗାଳପଡ଼ା ଝାମୁଯାତ୍ରା ମଧ୍ୟ ପାଳିତ ହୁଏ । ଏଥିରେ ବି ପାଟୁଆମାନେ ନିଜ ନିଜର ମାନସିକ କରି ମୃଗେଶ୍ୱରଙ୍କ ପୀଠରେ ୫ ଦିନ ପୂର୍ବରୁ ରହିଥାଆନ୍ତି । ମାନସିକଧାରୀମାନେ ଏହି ପୀଠରେ ରହି ଝାମୁ ଚାଲିଲେ ନିଜର ମନସ୍କାମନା ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି । ଏହି ଅଦିନିଆ ଝାମୁଯାତ୍ରା ପ୍ରାୟ ୭୫ ବର୍ଷ ଧରି ଏଠାରେ ପାଳିତ ହୋଇଆସୁଛି । ଆଜି ଥିଲା ଓଘୋରତପ ପର୍ବ । ଚଳିତ ବର୍ଷ ଆଖପାଖ ଅଞ୍ଚଳର ପ୍ରାୟ ୩୦ ଜଣ ପାଟୁଆ ବ୍ରତ ଧାରଣ କରି ନିଷ୍ଠାର ସହ ରହନ୍ତି । ଆଜି ପହିଲି ରଜ ଅବସରରେ ପାଟୁଆ ମାନେ ସ୍ନାନ କରି ମନ୍ଦିର ବେଢ଼ାରେ କଣ୍ଟାରେ ଗଡ଼ିଥିଲେ । ପରେ ବେଢ଼ା ପରିସରରେ କରାଯାଇଥିବା ଅଘୋରତପ କୁଣ୍ଡରେ ଜଣେ ମାନସିକଧାରୀ ନିଆଁରେ ଝୁଲିଥିଲେ । ଆସନ୍ତା କାଲି ରଜ ସଂକ୍ରାନ୍ତି ଅବସରରେ ପାଟୁଆମାନେ ନିଆଁରେ ଝାମୁ ଚାଲିବା ପରେ ବ୍ରତ ସମାପନ କରିବେ ।

## ନୀଳକଣ୍ଠେଶ୍ୱର ବିଦ୍ୟାପୀଠରେ ୧୯୯୯ ବ୍ୟାଚ୍ ବନ୍ଧୁମିଳନ



**ବାଣପୁର, ୧୪।୬/ଏନ୍‌ଏନ୍‌ଏସ୍:** ବାଣପୁର ବ୍ଲକ କୁମାରାଙ୍ଗ ସ୍ଥିତ ୧୯୯୯ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ନିମାଇଁମଲ୍ଲ ଚଣ୍ଡିମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପୁରାତନ ଛାତ୍ରଛାତ୍ରୀଙ୍କ ପ୍ରାରମ୍ଭିକ ସଭା ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା । ବିଭୁ ମହାପାତ୍ରଙ୍କ ସଭାପତିତ୍ୱରେ ସମସ୍ତ ପୁରାତନ ଛାତ୍ରଛାତ୍ରୀ ବିଦ୍ୟାର୍ଥୀ ଜୀବନର ସ୍ମୃତିଚାରଣ କରିଥିଲେ । ପରସ୍ପରର ଅସୁବିଧା ସମୟରେ ସହାୟତାର ହାତ ବଢ଼ାଇବାକୁ ଗୁରୁତ୍ୱ ଦିଆଯାଇଥିଲା । ଏଥିରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ରାଜୀବ କୁମାର ଜେନାଙ୍କ ପରିଚାଳନାରେ ଏହି ବ୍ୟାଚ୍‌ରେ ପଢୁଥିବା ପରଲୋକଗତ ସୁଜିତ ମିଶ୍ରଙ୍କ ଆତ୍ମାର ସଦ୍‌ଗତି ଲାଗି ନିରବ ପ୍ରାର୍ଥନା କରାଯାଇଥିଲା । କାର୍ଯ୍ୟକ୍ରମରେ ସୁଧୀର କୁମାର ମିଶ୍ର, ଶୁଭେନ୍ଦୁ ମହାପାତ୍ର, ଦୁର୍ଗା ମହାପାତ୍ର, ଜିତେନ୍ଦ୍ର କୁମାର ସାହୁ, ଗୋପୀନାଥ ସାହୁ, ଶରତ ନାୟକ, ଦେବେନ୍ଦ୍ର ପାତ୍ର, ସଂଗ୍ରାମ ନାୟକ, ବସନ୍ତ ପ୍ରଧାନ, ପ୍ରମୋଦ ପ୍ରଧାନ, ବିକାଶ ଲେଙ୍କା, ସୀତାକାନ୍ତ ହୋତା, ସସ୍ମିତା ଜେନା, ସସ୍ମିତା ଦଳବେହେରା, ରଜନୀରାଣୀ ପ୍ରଧାନ, ମମତା ଲେଙ୍କା, ଗୀତାରାଣୀ ଦଳାଇ, ଅନୀତା ବରାଳ, ମାନିନୀ ପଲାଇ, ସଂଗ୍ରାମ ନାୟକ ଓ ଦିଲ୍ଲୀପ କୁମାର ସେଠୀ ପ୍ରମୁଖ ସହଯୋଗ କରିଥିଲେ । ଆଗାମୀ ଦିନରେ ଏହି ବନ୍ଧୁମିଳନକୁ ମହାଆଡ଼ମ୍ବରରେ କରିବା ଲାଗି ପ୍ରସ୍ତାବ ପାରିତ ହୋଇଥିଲା । ଶେଷରେ ସମସ୍ତ ବନ୍ଧୁ ପ୍ରୀତିଭୋଜନର ଆନନ୍ଦ ନେଇଥିଲେ ।

### ତ୍ୱରାନ୍ୱିତ ହେଉ ରତ୍ନଭଣ୍ଡାର ...

ସେଗୁଡ଼ିକ ମଧ୍ୟରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁସାରେ, ଉତ୍ତର ଦ୍ୱାର ଠାରେ ରାମ୍ପ ନିର୍ମାଣ, ଏଏସ୍‌ଆଇ ପରାମର୍ଶ ତଥା ମାର୍ଗଦର୍ଶନରେ ଶେଷ ହୋଇଛି । ଏଏସ୍‌ଆଇର ନିର୍ଦ୍ଦେଶକ ( ସଂରକ୍ଷଣ)ଙ୍କ ଅନୁଧ୍ୟାନ ପରେ ନାଟମଣ୍ଡପକୁ ବାତାନୁକୁଳିତ କରାଯିବା ନେଇ ପରିବର୍ତ୍ତିତ ଡିଜାଇନ୍ ଦାଖଲ କରାଯିବା ସହ ଏନେଇ ଏଏସ୍‌ଆଇର ସହମତି ପ୍ରଦାନ ପାଇଁ ଅନୁରୋଧ କରାଯାଇଛି । ଶ୍ରୀମନ୍ଦିର ଓ ବେଢ଼ାରେ ଥିବା ପାର୍ଶ୍ୱ ମନ୍ଦିରଗୁଡିକର ସୁନ୍ଦର ଭାବେ ଆଲୋକୀକରଣ ସକାଶେ ଏଏସ୍‌ଆଇ ପରାମର୍ଶଦାତାଙ୍କ ସହ ଆଲୋଚନା ହୋଇଛି । ବିସ୍ତୃତ ରିପୋର୍ଟ ପାଇବା ପରେ ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଟେଣ୍ଡର କରାଯାଇ କାର୍ଯ୍ୟ ଆରମ୍ଭ କରାଯିବ । ଶ୍ରୀମନ୍ଦିରର ଦୀର୍ଘମିଆଦି ସଂରକ୍ଷଣ ତଥା ସ୍ଥାପତ୍ୟ ସୁରକ୍ଷା ପାଇଁ ଏ.ଏସ୍.ଆଇ.ର ସହଯୋଗ କାମନା କରିବା ସହ ଅନୁରୋଧ କରାଯାଇଥିବା ସମସ୍ତ କାର୍ଯ୍ୟର ଗୁରୁତ୍ୱକୁ ଉପଲବ୍ଧି କରି ଧାର୍ଯ୍ୟ ସମୟସୀମା ଭିତରେ ସାରିବାକୁ ପତ୍ରରେ ଉଲ୍ଲେଖ କରାଯାଇଛି ।

### ସ୍ଥିତି ପରଖିବେ ୩ କେନ୍ଦ୍ରୀୟ ...

ଡାକ୍ତର ନୀଳକଣ୍ଠ ମିଶ୍ର ଜଣାଇଛନ୍ତି ଯେ ଯାଜପୁର ଜିଲ୍ଲାର ବିଭିନ୍ନ ହସ୍ପିଟାଲ୍‌ରେ ବର୍ତ୍ତମାନ ସୁଦ୍ଧା ସମୁଦାୟ ୧୫୧୬ ଜଣ ଡାଇରିଆ ଆକ୍ରାନ୍ତ ଆଡମିଶନ୍ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୧୩୦୬ ଜଣ ଆରୋଗ୍ୟ ଲାଭ କରିଛନ୍ତି ଏବଂ ୨୧୦ ଜଣଙ୍କର ଚିକିତ୍ସା ଚାଲିଛି । ସେମାନେ ଶୀଘ୍ର ଆରୋଗ୍ୟ ଲାଭ କରିବେ ବୋଲି ଚିକିତ୍ସକମାନେ ଆଶା ପ୍ରକଟ କରିଛନ୍ତି ।

**ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ବିକାଶ ମେଳା**


## ତୃତୀୟ ସନ୍ଧ୍ୟାରେ ପାଇକ ଆଖଡ଼ା

**ଖୋର୍ଦ୍ଧା, ୧୪।୬/ଏନ୍‌ଏନ୍‌ଏସ୍:** ଆଜି ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ବିକାଶ ମେଳା ଓ ପାରମ୍ପାରିକ ଖାଦ୍ୟ ମେଳାର ତୃତୀୟ ଦିବସ ପାରମ୍ପାରିକ ରଜ ପର୍ବ ଶୁଭାରମ୍ଭ ସନ୍ଧ୍ୟାରେ ସୁନାମଧନ୍ୟ ପାରମ୍ପାରିକ ସାଂସ୍କୃତିକ ଅନୁଷ୍ଠାନ ବିଭୁ ପ୍ରସାଦ ବେହେରା ଓ ସାଥୀ କଳାକାରଙ୍କ ଦ୍ୱାରା ପାଇକ ଆଖଡ଼ା (ପାଇକ ବିଦ୍ରୋହ ସ୍ମୃତି) ସମର କଳା ପରିବେଷଣ ଏବଂ ବିଶିଷ୍ଟ ସଙ୍ଗୀତ ବିଶାରଦ ଜଳଧର ପ୍ରଧାନ ଓ ସାଥୀ କଳାକାରଙ୍କ ଦ୍ୱାରା ପୁରୁଣା ଓଡ଼ିଆ କାଳଜୟୀ ସୁମଧୁର ଚଳଚ୍ଚିତ୍ର ସଙ୍ଗୀତ ପରିବେଷଣ କରାଯାଇଛି । ସେହିପରି ଓଡ଼ିଆ ଅସ୍ମିତାର ପରିଚୟ ତଥା ଓଡ଼ିଆ ଅସ୍ମିତାକୁ ବଜାୟ ରଖିବା ପାଇଁ ପୁରୁଣା ଚିତ୍ତାକର୍ଷକ ସାମାଜିକ ଓଡ଼ିଆ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା । ଏହି ଚଳଚ୍ଚିତ୍ରରେ ଓଡ଼ିଆ ଅସ୍ମିତାର କିମ୍ବଦନ୍ତୀ ଏକାନ୍ନବର୍ତ୍ତୀ ପରିବାରର ମହତ୍ତ୍ୱ, ପିତାମାତା ଜନ୍ମଦାତ୍ରୀଙ୍କୁ ସମ୍ମାନ ପ୍ରଦର୍ଶନ, ସେମାନଙ୍କ ସ୍ୱପ୍ନକୁ ସାକାର କରିବା, ଭାଇ, ଭାଇ, ଭାଇ ଓ ଭଉଣୀ ମଧ୍ୟରେ ସ୍ନେହ ଶ୍ରଦ୍ଧା ଅତୁଟ ବନ୍ଧନ, ଏକତା ହିଁ ବଳ ଭଳି ଅନେକ ସୂଚନା ଧର୍ମୀ ଏହି ଚଳଚ୍ଚିତ୍ରକୁ ଦର୍ଶକମାନେ ମନଭରି ଉପଭୋଗ କରିଥିଲେ ।

ଆଧୁନିକ ସଭ୍ୟତାରେ ଲୋକମାନେ କେତେକାଂଶରେ ବିପଥ ଗାମୀ ହେଉଥିବାବେଳେ ଏଭଳି ଚଳଚ୍ଚିତ୍ର ପ୍ରଦର୍ଶନ ସେମାନଙ୍କୁ ସଠିକ୍ ମାର୍ଗର ଦିଗଦର୍ଶନ ଦେବ ବୋଲି ମତ ପ୍ରକାଶ ପାଇଛି । ଆଜିର ସନ୍ଧ୍ୟା କାର୍ଯ୍ୟକ୍ରମରେ ଓର୍ମାସ୍ କର୍ମକର୍ତ୍ତା ହିମାଂଶୁ ପଟ୍ଟ ନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ଯୋଗ ଦେଇଥିଲେ ।



# ଭୟ


ସୁଦର୍ଶନ ମହାପାତ୍ର

ପିଲାଦିନରୁ ପିଲା ଦୁହିଁଙ୍କୁ ଉଚ୍ଚଭିଳାଷୀ କରାଇବାରେ ଲାଗି ପଡିଥିଲେ ବାପାମାଆ। ସେମାନଙ୍କ ଚେଷ୍ଟା ନିରର୍ଥକ ହୋଇ ନଥିଲା ଅବଶ୍ୟ। ପୁଅ ଦୁଇଜଣ ବଡ଼ ହୋଇ ବାପାମାଆଙ୍କ ସ୍ୱପ୍ନକୁ ଚରିତାର୍ଥ କରିଥିଲେ। ନିଜ ପରିଚିତ, ବନ୍ଧୁବାନ୍ଧବମାନଙ୍କ ଆଗରେ ପୁଅ ଦୁହିଁଙ୍କର କୃତିତ୍ୱ ବିଷୟରେ କହି ବାପାମାଆ ଉଲ୍ଲସିତ ହୋଇ ଉଠୁଥିଲେ।

ଦୁଇପୁଅ ଖୁବ୍ ପ୍ରତିଷ୍ଠା ଲାଭ କରିଥିଲେ। ଜଣେ ବାହାର ରାଜ୍ୟରେ ତ ଆଉଜଣେ ବାହାର ଦେଶରେ ନିଜ ନିଜ ସଂସାର ସହ ଅବସ୍ଥାନ କରୁଥିଲେ। ସମୟ କ୍ରମେ ବାପାମାଆଙ୍କ ଠାରୁ ସମ୍ପର୍କ ଧୀରେ ଧୀରେ ଶିଥିଳ ପଡିଆସିଥିଲା ଦୁଇ ପୁଅଙ୍କର। ଅତଏବ ବୃଦ୍ଧାବସ୍ଥାରେ ବାପା ମାଆ ଦୁଇଜଣ ପାଳଭୂତ ଭଳି ଘର ଜଗି ପଡିରହିଥିଲେ।

ଏକାକୀତ୍ୱ ଭାବକୁ କାଟିବା ପାଇଁ ବୃଦ୍ଧାଶ୍ରମରେ ଯାଇ ରହିବାକୁ ନିଜ ଆଡୁ ପ୍ରସ୍ତାବ ଦେଇଥିଲେ ବାପାମାଆ। ହେଲେ ପୁଅ ଦୁହେଁ ସେମାନଙ୍କ କଥାରେ ସମ୍ମତି ଦେଇ ନଥିଲେ। ସମାଜରେ ସେମାନଙ୍କ ସମ୍ମାନରେ ହାନି ଘଟିବ ବୋଲି କହି ସେଭଳି ପରିକଳ୍ପନାରୁ ନିବୃତ୍ତ ରହିବାକୁ ଉପଦେଶ ଦେଲେ ପଛେ ବାପାମାଆଙ୍କୁ ପାଖରେ ନେଇ ରଖିବାକୁ କୌଣସି ପ୍ରକାରର ତତ୍ପରତା ଦେଖେଇନଥିଲେ।

ପରସ୍ପରକୁ ଜଗି ସେଇ ଘରେ ଅବଶିଷ୍ଟ ଆୟୁଷ କାଟିବା ଛଡା ଆଉ କିଛି ଉପାୟ ନଥିଲା ସେମାନଙ୍କର। ଜଣେ ଅନ୍ୟ ଜଣକୁ ବିମର୍ଷ ନହେବାକୁ, ଭୟ ନକରିବାକୁ ସାନ୍ତ୍ୱନା ଦେବା ଛଡା ଆଉ କିଛି ଉପାୟ ନଥିଲା।

ଏକାକୀତ୍ୱଭାବ ଏବଂ ଭବିଷ୍ୟତର ଜୀବନ ପ୍ରସଙ୍ଗଟିଏ ହୋଇ ପ୍ରାୟତଃ ପ୍ରତ୍ୟେକ ଦିନ ଆପେ ଆପେ ଧସେଇ ପଶେ ସେମାନଙ୍କ ଆଲୋଚନା ପରିସରକୁ। ଏସବୁ କଥା ଉଠିଲେ ବେଶୀ ଉଦ୍‌ବିଗ୍ନ ହୋଇ ପଡନ୍ତି ବୃଦ୍ଧା। ତାଙ୍କୁ ଭୟ ଘାରେ। ରାତିରେ ଭଲ ନିଦ ହୁଏ ନାହିଁ। ଗୋଟିଏ ବିଛଣାରେ ଶୋଇଲେ ମଧ୍ୟ ସ୍ୱାମୀ ଆଗ ଶୋଇ ପଡିଲେ ବୃଦ୍ଧା କାତରିତ ହୁଅନ୍ତି। ସେଇଥିପାଇଁ ଡ଼ାକ୍ତରଙ୍କ ପରାମର୍ଶ ଅନୁସାରେ ବୃଦ୍ଧା ଜଣକ ପ୍ରତ୍ୟେକ ଦିନ ନିଦ ବଟିକା ଖାଇବା ଆରମ୍ଭ କରି ଦେଇଥିଲେ। ଫଳତଃ ସକାଳକୁ ଶୀଘ୍ର ନିଦ ଭାଙ୍ଗେ ନାହିଁ ତାଙ୍କର। ବୃଦ୍ଧ ବ୍ୟକ୍ତିଙ୍କର ପ୍ରତ୍ୟେକ ଦିନ ପ୍ରଥମେ ନିଦ ଭାଙ୍ଗେ ଏବଂ ନିଜ ନିତ୍ୟକର୍ମ ସାରି, ଠାକୁର ପୂଜା ପାଇଁ ଫୁଲ ତୋଳିବା ପରେ ଦୁଇ କପ୍ ଚା'ବସାଇ ପତ୍ନୀଙ୍କୁ ଡାକନ୍ତି। ଦୁହେଁ ବସି ଚା'ର ସ୍ୱାଦ ଆହରଣ କରିବା ଭିତରେ ସେ ଦିନର ସମୟ ସାରଣୀ ପ୍ରସ୍ତୁତ କରନ୍ତି କିମ୍ବା ସେଦିନର ଖାଇବା ବିଷୟରେ ଆଲେଚନା କରନ୍ତି। ଗତାନୁଗତିକ ଧାରାରେ କେବେ ବି ବ୍ୟତିକ୍ରମ ଘଟିବାଟା ଅମୂଳକ ନୁହେଁ। ଯଦି ଏମିତି କେବେ ଘଟେ ତାହା ବିଧି ନିର୍ଦ୍ଦେଶ ବୋଲି ମାନିନିଅନ୍ତି ବୋଧହୁଏ ସଚରାଚର। ହେଲେ ସେଇ ଯେଉଁ ବ୍ୟତିକ୍ରମ କିଏ ସହିପାରେ ତ କିଏ ତାକୁ ଅତିକ୍ରମ କରିବାକୁ ଅସହଜବୋଧରେ ଭାଙ୍ଗିପଡେ।

ଦିନେ ଏମିତି ଘଟଣାଟିଏ ଘଟିଲା।

ସେଦିନ ବୃଦ୍ଧା ଜଣକ ନିଦରୁ ଉଠି ଦେଖିଲେ ସ୍ୱାମୀ ତାଙ୍କର ସେଯାଏଁ ଉଠି ନାହାନ୍ତି। ଥରେ ଦୁଇ ଥର ଡାକିଲେ। ତଥାପି ନିଦ ଭାଙ୍ଗୁନି ତ ସେ ବିଛଣାରୁ ଉଠି ଧୀର ପଦପାତରେ ଗଲେ ବୈଠକ ରୁମକୁ। ଭୟରେ ଜଡସଡ ବୃଦ୍ଧା ଜଣକ। ଯେମିତି ଭୟର ଭଉଁରୀରେ ସେ ଉବୁଟୁବୁ ହେଉଥିଲେ। ପଡୋଶୀଙ୍କୁ ଫୋନ୍ କଲେ। ଜଣେ ଦୁଇ ଜଣ ତୁରନ୍ତ ଆସି ପହଞ୍ଚିଗଲେ ଅବଶ୍ୟ। ବୃଦ୍ଧାଙ୍କ ଅନୁରୋଧରେ ସେମାନେ ଗଲେ ଶୟନକକ୍ଷକୁ। ବୃଦ୍ଧ ଶୋଇଛନ୍ତି। ସେମାନେ ଥରେ ଦୁଇ ଥର ଡାକିଲେ। ପୁଣି ଥରେ ଡାକିଲେ। ବୃଦ୍ଧା ଏପଟରେ ଭୟରେ ଜୁଡୁବୁଡୁ। ବୈଠକ ରୁମରେ ଥାଇ ଅନାହୂତ ବିପଦର ପଦଧ୍ୱନି ଶୁଣି ପାରୁଥିଲେ ବୃଦ୍ଧା। ସତେ ଯେମିତି ଅଜଗର ସାପଟିଏ ଆସିଛି ଛଦ୍ମବେଶରେ। ଏଇନେ ଗୁଡ଼େଇ ହୋଇଯିବ ତାଙ୍କ ଦେହରେ ତଳୁ ଉପର ଯାଏଁ। ଉପରୁ ପୁଣି ତଳିପା ଯାଏଁ। କ୍ରମେ କଠିନ ହୋଇଯିବ ତା'ର ବନ୍ଧନ। ଭିଡ଼ି ଧରିବ! ଭିଡି ଧରିବ ବଡ଼ ନିର୍ଦ୍ଦୟ ଭାବରେ। ଛାଡିବ ନାହିଁ ପୁରା ଶରୀର ନିସ୍ତେଜ ନହେଲା ଯାଏଁ..! ଆହୁରି କାତରିତ ସେ ହେଲେ। ତଣ୍ଟି ଯେମିତି ଶୁଖି ଶୁଖି ଯାଉଛି..!

ପଡୋଶୀଙ୍କର ଆଉ କେତେଥର ଡାକରେ ନିଦ ଭାଙ୍ଗିଗଲା ବୃଦ୍ଧଙ୍କର। ଆଶ୍ଚର୍ଯ୍ୟ ହୋଇ ଚାହିଁଲେ ପଡୋଶୀ ମାନଙ୍କୁ। ମୁରୁକି ହସିଲେ। ପଡୋଶୀମାନେ ଆଶ୍ୱସ୍ତ ହୋଇ ଫେରିଗଲେ।

ପତ୍ନୀଙ୍କୁ ଖୋଜିଲେ ବୃଦ୍ଧ। ବୈଠକ ଘରେ ତାଙ୍କୁ ଯେମିତି ଅବସ୍ଥାରେ ଦେଖିଲେ ନ ହସି ରହି ପାରିଲେନି।

-'ଉଠ ଏବେ। ନିଦ ଭାଙ୍ଗି ନଥିଲା ତ ବିଛଣାରୁ ଉଠି ଆସୁଥିଲ କାହିଁକି ? ଜାଣିଛ ତୁମ ନିଦ ବଟିକାରୁ କାଲି ମୁଁ ବି ଗୋଟିଏ ଖାଇ ଦେଇଥିଲି। ନାନା ଦୁଶ୍ଚିନ୍ତାରେ ନିଦ ଆସୁନଥିଲା ତ ସେଇଥିପାଇଁ। ତୁମେ ବୋଧହୁଏ ଖୁବ୍ ଭୟ ପାଇଯାଇଥିଲ...!'

ବୃଦ୍ଧଙ୍କ କଥାର କିଛି ଜବାବ ଦେଇ ନଥିଲେ ବୃଦ୍ଧା।

-'ମଜା କରନି କହୁଛି। ଉଠ ମୁଁ ଚା' ତିଆରି କରୁଚି। ନା ନା ତୁମେ ଆଜି ଆଗ ଉଠିଛ ତ ଆଜି ତୁମ ପାଳି।'

ତଥାପି ନିରୁତ୍ତର ବୃଦ୍ଧା। ଏଥର ଭୟ ଗ୍ରାସିଲା ବୃଦ୍ଧଙ୍କୁ।

ଧୀରେ ଛୁଇଁଲେ ପତ୍ନୀଙ୍କୁ। ଭୟର ଅଜଗର ସାପ ଯେ ତାଙ୍କୁ ନିସ୍ତେଜ କରି ସାରିଛି ବୁଝି ପାରିଲେ ବୃଦ୍ଧ ବ୍ୟକ୍ତି। ଡକା ପାରିଲେ ପଡୋଶୀ ମାନଙ୍କୁ।

କାହାରି ଡାକର ଜବାବ ଦେବାକୁ କିମ୍ବା ଆଖି ଖୋଲି ସ୍ୱାମୀଙ୍କୁ ସାନ୍ତ୍ୱନା ଦେବାକୁ ବୃଦ୍ଧା କିନ୍ତୁ ଆଉ ଇହଜଗତରେ ନଥିଲେ..!

**କୁଞ୍ଜବିହାରୀ ଲେନ, କଟକ**
**ମୋ-୯୪୩୮୧୭୫୫୪୨**



## ମନ ଗହୀରର ଦୁଇଟି ସ୍କେଚ୍


ସର୍ବାଣୀ ପଟ୍ଟନାୟକ

### --------- ଘର

ଶେଷଥର ଘର ଚାରିଆଡ଼େ ନଜର ବୁଲେଇ ଆଣେ ଶୋଇବା ଆଗରୁ ନମିତା। ନିଜ ହାତରେ ସଜେଇଥିବା ଘରର ପ୍ରତିଟି ଇଞ୍ଚ ରାତି ପାହିଲା ମାତ୍ରେ ଆଉ ନିଜର ହେଇ ରହିବନି। ଘରର କୋଉ ବି କୋଣ ଆଉ ତାକୁ ନିଜର ଲାଗିବନି। କଥା କଥାରେ ତୁ ଆମ ଘରକୁ ଆସିଛୁ ଓ ଆମ ପଟେ ଏ ସବୁ ଚଳେନା, ଏମିତି କାହିଁକି ହୋଇଛି ବୋଲି ଶୁଣିବାକୁ ମିଳିବ। ସେତିକି ବେଳେ ଫୋନର ଘଣ୍ଟି ବାଜି ଉଠିଲା। ସେପଟୁ ଶାଶୁ ଲାଇନ୍‌ରେ ,'ମୋର ଅଣ୍ଟା ବିନ୍ଧା ବେମାରୀ ପୁଣି ବାହାରିଗଲା ସକାଳୁ ସକାଳୁ। ଆଉ ଦୁଇ ମାସ ଯାଉ। ତୁ ଅଭିକୁ ଜଣେଇଦେବୁ, ସେ ଆଉ ଏୟାରପୋର୍ଟ ଆସିବନି। ତା ଫୋନ୍ ଅଫ ଅଛି।'

'ଆଜ୍ଞା' କହି ଫୋନ ରଖୁ ରଖୁ ଅଜାଣତରେ ହସଟିଏ ଖେଳିଗଲା ତା ମୁହଁରେ, ଆଉ ଦୁଇ ମାସର ଅତିରିକ୍ତ ସମୟ ନିଜ ଘରେ ପାଇ ।

### ------------------- ବନ୍ୟା

ଆସାମରେ ବନ୍ୟାରେ ଅନେକ କ୍ଷୟକ୍ଷତି ହେଇଗଲାଣି। କେଜାଣି କେତେ ଯେ ନିରୀହ ପ୍ରାଣୀ ଚାଲିଗଲେଣି। ସରକାର କେମିତି କେଜାଣି ଚୁପ୍ ରହିପାରୁଛି! ବଡ଼ ଭୁଲ ହୋଇଗଲା ଏଇ ଅପାରଗ ସରକାରକୁ ଭୋଟ ଦେଇ ଜିତେଇବା। ସମାଧାନ ହେବା ବଦଳରେ ସମସ୍ୟାର ଆଡିସନ!! ନନ-ଷ୍ଟପ କହି ଚାଲିଥାନ୍ତି ଅନିକେତ। ସେପଟେ ଆଦିତି ଚୁପଚାପ ଶୁଣୁଥାଏ ତାଙ୍କୁ। ବାପା ଚାଲି ଗଲେ ଏଇ ମାସେ ତଳେ। ଦଶ କ୍ରିୟା ଦିନ ସାବିତ୍ରୀ ବ୍ରତ ଥିଲା ଯେ, ଶୁଦ୍ଧି ହେଇଗଲା ବୋଲି ଆଜି ଯାଏଁ ଶାଶୁ ଯା'ଙ୍କର ଟାହିଟାପରା କଥା କୁହା ବନ୍ଦ ହେଉନି। ସାବିତ୍ରୀ ବ୍ରତଟା, କେମିତି ନଖ କାଟି ପକେଇଲା, ସ୍ୱାମୀର ହାନି ହେବ, ଦିନଟେ ପରେ କାଟି ପକେଇଥିଲେ କେଉଁ କ୍ଷତି ହୋଇଥାନ୍ତା କହି କହି ବାରମ୍ୱାର ମନେ ପକେଇ ଦିଅନ୍ତି କେଡ଼େ ବଡ଼ ପାପ ଯେ ନ କରିଦେଲା ସେ ତା ବାପାଙ୍କ ପାଇଁ ଶୁଦ୍ଧି ହେଇ। ତାକୁ ସେମାନଙ୍କ କଥା ଯେତିକି କଷ୍ଟ ଦେଉ ନଥିଲା, ଦେଶର କୋଉ କୋଣରେ ବନ୍ୟା ପୀଡିତଙ୍କ ପାଇଁ ଏତେ ଦରଦ ରଖୁଥିବା ତା'ର ସମ୍ବେଦନଶୀଳ ସ୍ୱାମୀ, କାହିଁ ଥରେ ତ ତା ମନ ତଳେ ଅବିରତ ବହୁଥିବା ବନ୍ୟା ବିଷୟରେ ପଦେ ହେଲେ କଥା କହିନାହାଁନ୍ତି !!

**କଲିକତା**
**ମୋ-୮୯୬୧୫୯୩୧୫୦**

## ହଜି ଯାଇଥିବା ଠିକଣା


ବିନୋଦିନୀ ଗନ୍ତାଏତ

ଚିତ୍ରା ଜଣେ ଲେଖିକା। ସମୟ ସମୟରେ ବିଭିନ୍ନ ପତ୍ରପତ୍ରିକାରେ ତା'ର ଗଳ୍ପ, କବିତା ସବୁ ପ୍ରକାଶ ପାଏ। ସେଦିନ ଏକ ଦୈନିକ ଖବର କାଗଜରେ ପ୍ରକାଶ ପାଇଥିବା ତାର ଏକ କ୍ଷୁଦ୍ର ଗଳ୍ପ ପଢି ଅନେକ ପାଠକ ଚିତ୍ରାକୁ ଫୋନ କରି ଶୁଭେଚ୍ଛା ଜଣାଇଥିଲେ। ଗପଟି ଅନେକ ପାଠକଙ୍କ ମନକୁ ଛୁଇଁଥିଲା। ବହୁତ ଖୁସି ଥିଲା ଚିତ୍ରା ସେଦିନ। କିନ୍ତୁ ଜଣେ ପାଠକଙ୍କ ଗୋଟିଏ କଥା ତାକୁ ବାଧ କରିଥିଲା ଅନେକ କିଛି ଭାବିବା ପାଇଁ।

ପାଠକ ଜଣଙ୍କ ଚିତ୍ରାକୁ ଫୋନ କରି ଗପଟି ହୃଦୟସ୍ପର୍ଶୀ ହେଇଚି ବୋଲି କହିଲେ ଓ ଶୁଭେଚ୍ଛା ଜଣାଇଲେ। କିଛି ବାର୍ତ୍ତାଳାପ ପରେ, ଚିତ୍ରାକୁ ତା'ର ପରିଚୟ ପଚାରିଲେ। ଚିତ୍ରା ନିଜ ନାଁ ସହିତ ସ୍ୱାମୀଙ୍କ ନାଁ ଓ ରହୁଥିବା ସ୍ଥାନ ବିଷୟରେ କହିଲା। ସେ ଆଉ କିଛି ପରିଚୟ ଜାଣିବାକୁ ଚାହିଁଲେ। ଚିତ୍ରା ନିଜ ଶଶୁରଙ୍କ ନାଁ କହିଥିଲା। ତଥାପି ପାଠକ ଜଣଙ୍କ ସନ୍ତୁଷ୍ଟ ନଥିଲା ପରି ଜଣାପଡିଲା। ଚିତ୍ରା ଭାବିଲା ଆଉ କେତେ ପରିଚୟ ଦେବି। ଶେଷରେ ଚିତ୍ରା ମନକୁ ନିଜ ବାପାଙ୍କ କଥା ଆସିଲା। ସେ ବାପାଙ୍କ ନାଁ ଓ ଜନ୍ମସ୍ଥାନ ବିଷୟରେ କହିଥିଲା। ଚିତ୍ରାର ବାପା ଜଣେ ଲେଖକ ଥିଲେ। ଏ ପରିଚୟ ପାଇ ଖୁସି ହେଇଗଲେ ପାଠକ ଜଣକ। କହିଲେ , 'ଆରେ! ଏତେ ସୁନ୍ଦର ପରିଚୟଟାକୁ ଆପଣ ଲୁଚାଇ ରଖିଥିଲେ କାହିଁକି ? ଆପଣଙ୍କ ଲେଖାଟି ପଢି ନିଶ୍ଚୟ ଏପରି କିଛି ପରିଚୟ ଥିବ ବୋଲି ମୁଁ ଭାବୁଥିଲି।' ଏତିକି କହି ସାମାନ୍ୟ ବାର୍ତ୍ତାଳାପ ପରେ ଫୋନ ରଖିଲେ ସେ। ଚିତ୍ରାର ମନକୁ କିନ୍ତୁ ଆନ୍ଦୋଳିତ କରିଥିଲା ପାଠକଙ୍କ କଥାଟି। ସତେତ; ସେ ବାପାଙ୍କ କଥା କହିବାକୁ କେମିତି ଭୁଲିଗଲା। ଯେଉଁଟା ତା'ର ପ୍ରଥମ ପରିଚୟ। ଅବଶ୍ୟ ବିବାହର ଏତେ ବର୍ଷ ପରେ, ଶାଶୁ ଘରର ପରିଚୟଟା ଏକ ପ୍ରକାର ଅଭ୍ୟାସରେ ପରିଣତ ହେଇଯାଇଚି କହିଲେ ଅତ୍ୟୁକ୍ତି ହେବନାହିଁ। ଏଇ ପରିଚୟ ନେଇ ସେ ଜୀବନ ଜିଉଁଚି, ଆଗକୁ ବଢୁଚି। ଅବଶ୍ୟ ଏଥିପାଇଁ ଚିତ୍ରା ଦାୟୀ ନୁହେଁ। ଆମର ସାମାଜିକ ବ୍ୟବସ୍ଥା, ପ୍ରଥା, ପରମ୍ପରା ସର୍ବୋପରି ପିଲାଟି ଦିନରୁ ଝିଅଟିଏ ଏ ପ୍ରକାର ମାନସିକତା ନେଇ ବଡ ହେଇଥାଏ। ବାହାଘର ପରେ ଶାଶୁ ଘର ତା'ର ସର୍ବସ୍ୱ। ସେମାନଙ୍କୁ ନେଇ ତା'ର ପରିଚୟ। ତା' ନିଜ ଘରେ ସେ ପର ହେଇଯାଏ। କେତେବେଳେ କେମିତି ଅତିଥି ପରି ସେ ବାପଘରକୁ ଆସିଥାଏ। ଧୀରେ ଧୀରେ ଝିଅଟି ତା'ର ମୂଳ ପରିଚୟ, ଠିକଣା ସବୁ ହଜାଇ ଦେଇଥାଏ। ଅବଶ୍ୟ ନୂତନ ପିଢିର ଝିଅମାନେ ଉଭୟ ବାପଘର ଓ ଶାଶୁଘରର ପରିଚୟକୁ ସାଥିରେ ନେଇ ଚାଲୁଛନ୍ତି। କିନ୍ତୁ ଚିତ୍ରା ପରି ଅନେକ ନାରୀ ଆଜି ମଧ୍ୟ ସେଇ ଯୁଗରେ ବଞ୍ଚିଚନ୍ତି, ନିଜ ମନକୁ ମାରି ସଂସାରର ନିୟମକୁ ବଞ୍ଚାଇଚନ୍ତି। ସେ ଯାହାହେଉ, ଚିତ୍ରା କିନ୍ତୁ ବହୁତ ଖୁସି ଥିଲା। ତା' ଜନ୍ମ ପରିଚୟ ଯୋଗୁ ସେ ଆଜି ପରିଚିତ ହେଲା। ତାକୁ ଲାଗୁଥିଲା ସମୟସ୍ରୋତରେ ବୋହି ଯାଇଥିବା ନିଜର ପୁରୁଣା ଠିକଣାଟି ସେ ଖୋଜି ପାଇଛି।

ମୋ-୯୯୩୮୯୦୦୪୪୯

## ଡାକ


ସୁଜିତ୍ କୁମାର ମିଶ୍ର

ଲୁହ ପଖଳା ରାତି
କୋହ ମେଖଳା ଦିନର ଚମକ
ଏ ଡାକ।

ଆଖି ଆଇନାରେ ସଭିଙ୍କ ସେ ଡାକ
ଅନ୍ତରର ମିଠାକଥା ଅନେକ ।

ସମସ୍ୟାର ବୀଜ ମହାଦ୍ରୁମ
ପାଲଟୁଥିବା ବେଳେ
ସୁଖଦୁଃଖର ସେତୁବନ୍ଧ ଏ ଡାକ,
ଏ ଛାତି ଉଜାଣି ଉଜାଗର
ମୁହୂର୍ତ୍ତ ମୁହୂର୍ତ୍ତ,
ଯେପରି ମୁଠାଏ ସରାଗ
ସାଗରର ଆକର୍ଷଣୀୟ ବିସ୍ମିତ ସ୍ରୋତ ।

ତା' ସମ୍ମୋହନ ମନ୍ତ୍ରରେ
ଭିତରର ତାତି ହୁଏ ଶୀତଳ,
ଗୋଟେ କାଠଗଡ ପରି ପଡିଥିବା
ଜୀବନ ଫୁଲ ପରି ବାସେ,
ମାଖିହୁଏ ପ୍ରେମ ଚନ୍ଦନ,
ଡାକ ତ ସଖା ସଖୀଙ୍କ ଆତୁର
ନିବେଦନର ମିଠାଝର ଜଳ ।

ଆଗରୁ ଡାକ ଆସୁଥିଲେ
ପାଦ ଲାଗୁଥିଲା ବିଧୁରା ରାଧାର ପାଦ ଘୁଙ୍ଗୁର,
ମନ ହେଉଥିଲା କଳାକାହ୍ନୁର ବଶୀଭୂତ ବଂଶୀସ୍ୱନ,
ଅଗଣା ପାଲଟୁଥିବା ତାରାଭରା ଆକାଶ,
ଭାବର ବାର୍ତ୍ତାଳାପ ଭିତରେ

ଆନନ୍ଦ ଲୁହ ଝରା ପାରାବାର,
ଅନ୍ତ ହୁଏ ତମାମ୍ ପ୍ରତୀକ୍ଷା,
ବେଶ୍ ଉଜ୍ଜ୍ୱଳ ଲାଗେ
ଅନ୍ତରଙ୍ଗତାର ଘର,
ଲମ୍ବୁଥାଏ ମିଠା କାହାଣୀର ସ୍ୱର ।

ଏବେ ଫେରିଯାଉଛି ଡାକ
କାମନାର ଘୂର୍ଣ୍ଣିଝଡ଼ରେ,
ଲୁହ ସବୁ ପାଣିଚିଆ,
ଲହୁ ସବୁ ଫିକା ରଙ୍ଗ,
ଡାକର ଚାହିଦା ମରଣ ଭେଟୁଛି
ଡହକ ଆଧୁନିକତାର ଛାପରେ ।

ହୃଦୟର ଡାକ ଆଉ କାହିଁ ଯେ
ଡାକ ହେବ ଅତି ଆପଣାର,
ଏଠି ତ ଗୋପନ ବୁଝାମଣାରେ
ମିଛ ଗଳ୍ପ ଆସର,
ଏଠି ଚଞ୍ଚକତାର ମାୟାରେ
ସାଧାସିଧା ଓଠରେ ଛିଞ୍ଚା ଚାଲିଛି
ଜହର।

ଅପେକ୍ଷାରେ ଡାକକୁ
କେବେ ଭଗ୍ନସ୍ତୁପରେ ଲେଖାହେବ
ବାସ ଚନ୍ଦନର ପ୍ରୀତି,
ପୁଣି ଫେରିବ ସେ ସତସତିକା
ପୁଣ୍ୟର ଫୁଲଫୁଟା ମେଘରାତି ।

ଜୀବନ ପକ୍ଷେ ପୂର୍ଣ୍ଣିମା
ପକ୍ଷେ ଅମେଇସା ବେଳେ
ସତରେ କେତେ ମଧୁର କୁହୁକ
ଏ ଡାକ।

**ଜନାର୍ଦ୍ଦନପୁର ଶାସନ**
**କେନ୍ଦୁଝର, ମୋ-୭୬୮୩୮୬୭୭୪୨**

## ଇତି ତୁମର ପୁଅ


ରାମକୃଷ୍ଣ ବାରିକ

ବାପା ! ମଣିଷ ନା ଈଶ୍ୱର ?
ବାପା ! କାରିଗର ନା ଯାଦୁଗର ??
ବାପା ! ବ୍ରହ୍ମା ନା ବିଶ୍ୱକର୍ମା ???
ବାପା !
ଯେତେ ଚିହ୍ନା, ସେତେ ଅଚିହ୍ନା
ଯେତିକି ଜଣା, ସେତିକି ଅଜଣା...
ବାପାଙ୍କୁ ବୁଝିବା ସହଜ ନୁହେଁ
ତାଙ୍କୁ ଲେଖି ହୁଏନା, ଡାକି ହୁଏ
ବାପା ଡାକରେ ବଳ ଥାଏ
ବିଜୟୀ ହେବାର ଉର୍ଜା ଥାଏ...

ବାପା - ପରିବାରର ମେରୀଖୁଣ୍ଟ
କ୍ଷେତ ଜଗିଥିବା ଜୀବନ୍ତ ପାଳଭୂତ
କ୍ଷତି ଭରୁଥିବା ତ୍ୱରିତ ଯନ୍ତାଂଶ
ବାପା- ଭାତ, ଛାତ, ସନ୍ଥ...
ବାପା ! ମାଟି ସହ ମାଟି ହେଉଥିବା ମଣିଷ
ବାତ୍ୟା ଆଗରେ ବିରାଟ ପାହାଡ଼ର ସାହସ
ଆବଶ୍ୟକତା ପୂରା କରୁଥିବା ଅସରନ୍ତି ଉତ୍ସ।

ବରା ଛାଣିଲେ ବି ବାପା
ଟ୍ରଲି ଟାଣିଲେ ବି ବାପା
ମୂଲ ଲାଗିଲେ ବି ବାପା
ବାବୁ ସାଜିଲେ ବି ବାପା
ବାପା - ଆମ ଜୀବନରେଖା
ବୋଉ ମଥାର ସିନ୍ଦୂର ଟୋପା
ବୁଟୁ ମଥାର ଚନ୍ଦନ ଟିପା...
ତ୍ୟାଗର ତକିଆ ତଳେ
ଯାବତୀୟ ଯନ୍ତ୍ରଣାକୁ ଜରିରେ ବାନ୍ଧି

ଜାକିଜୁକି ହୋଇ ଶାନ୍ତିରେ ଶୋଉଥିବା
ଜଣେ ସାଧକର ନାଁ - ବାପା।

କେବେ ସେ ବ୍ରହ୍ମାସ୍ତ୍ର, କେବେ ସେ ଯୋଦ୍ଧା
କେବେ ବରଗଛ କେବେ ପୁଣି ବତୀଘର
ବାପା- ଛତାଟିଏ, ଛାତିଟିଏ
ଛବିଟିଏ ପୁଣି ଛାଇଟିଏ...
ଛକି ଶୂନ ଖେଳରେ
ଛକାପଞ୍ଝା ଭିତରେ
ବିଜୟ ପାଇଁ ଟାଣି ହେଇଯାଉଥିବା
ଖଡ଼ିର ଲମ୍ବା ଗାରଟିଏ...

ବାପା ଉଦ୍ୟମର ଉପନ୍ୟାସ
କଷ୍ଟର କାଳିରେ କବିତା ଲେଖୁଥିବା କବି
ଗପର ଗାରିମା ବଢାଉଥିବା ଉପକ୍ରମ
ସବୁ ଶ୍ରେଷ୍ଠ ସୃଜନର ସେ ସାଜନ୍ତି ଶୀର୍ଷକ।

ତାଙ୍କ କାନ୍ଧରେ ବସିବା ଠାରୁ
ତାଙ୍କୁ କାନ୍ଧ ଦେବା ଯାଏଁ
ବାପା କେବଳ
ବାପା ହୋଇ ରହନ୍ତି...

**ସୋର, ବାଲେଶ୍ୱର**
**ମୋ- ୯୭୭୬୭୩୧୨୧୫**

## ପହାଡ଼ିଆ


ଭବାନୀ ଭୂୟାଁ

ଆହାଃ ...କେତେ ଭଲପାଏ
ମନ୍ତିରି ତୋତେ !
ପାହାଡ, ଡଙ୍ଗର,
ବଣ ଜଙ୍ଗଲରୁ
ତୋ ଶିଙ୍ଗା ତୁରୀରୁ
ତୋ ମାଆ ନାକର ନୋଳି
ତୋ ଝୋଟିଦିଆ କାନ୍ଥରୁ
ତୋ ମାଦଳର ତାଳରୁ
ତୋତେ ଘେନି ଆସିଛିରେ ସାଙ୍ଗାନା
ତୋତେ ଆଉ ଯିବାକୁ ହେବନି ଜଙ୍ଗଲକୁ
ମହୁଲ ତୋଳିବାକୁ।
ତୋତେ ଆଉ ଖରା ବର୍ଷାରେ ଘୁରି, ଘୁରି
ମହୁ ଫେଣା ଭାଙ୍ଗିବାକୁ ପଡ଼ିବନି।
ତୋତେ ଆଉ ମାଣ୍ଡିଆ, କାନ୍ଦୁଲ୍
ଆମ୍ବ ଟାକୁଆର ଖିରି ଖାଇବାକୁ
ପଡ଼ିବନିରେ
ତୋର ଡାଙ୍ଗରିକୁ
ଶାଳପତ୍ର କୁଢ଼େଇବାକୁ ପଡ଼ିବନି।

ଜାଣିଛୁ,
ତୋ ବାଜା, ତୋ ନାଚ
ତୋ ଝୋଟି, ତୋ ବର୍ଛା,
ତୋ ତୀର ଧନୁ, ଶିଙ୍ଗା, ମାଦଳ
ତୋ କରମା, ତୋ ବଡାମ୍
ତୋ ଦିଅଁ, ତୋ ଦେବତା
ସବୁ ଆସି ବିଧାନସଭା କାନ୍ଥ
ଅଳଙ୍କୃତ କଲେଣି।

ତୋ କଳା ସଂସ୍କୃତି, ତୋ ପରମ୍ପରା
ତୋ ଭାଷା, ତୋ ଭାବନା
ସବୁ ଆସି ରାଜଧାନୀ
ପ୍ରଦର୍ଶନୀ ପଡିଆରେ
ଭିଡ ଜମେଇଲେଣି।
ଠା'କୁ ଠା ପ୍ରବାସୀବାବୁମାନେ
ତୋର ଫଟୋ ସବୁ କ୍ୟାମେରାର ଲେନ୍ସରେ
ବାନ୍ଧି ରଖିଲେଣି
ଗର୍ବରେ ଛପନଇଞ୍ଚ ଛାତି
ଫୁଲିଲାଣି।

'ଆମ ସଂସ୍କୃତି, ଆମ ପରମ୍ପରା
ଆମ ଆଦିବାସୀ ଜନଜାତିର ନାରା
ଲାଗିଲାଣି।
ତୁ ମରିବା ପୂର୍ବରୁ ତୋ ଫଟୋ ସବୁ
ସହରର କାନ୍ଥ, ବାଡରେ ସଜେଇ ହେଲାଣି।
ଆଉ ତୋର କଣ ଦରକାର ?
ତୋତେ ସେମାନେ କାଶିପୁର, ନିୟମଗିରି
କନ୍ଧମାଳ, କୋରାପୁଟ, କଳାହାଣ୍ଡିରୁ
ଉଠାଇଆଣି ବେଡରୁମ୍ ସଜେଇଲେଣି ।
ସମ୍ବାଦପତ୍ର, ଖବରକାଗଜର
ପ୍ରଥମ ପୃଷ୍ଠାରେ ବାହାରିଲାଣି
ଆଜି ମିଲିଟାରି ଫୋର୍ସଙ୍କ
ପାଲଟା ଗୁଳିରେ ଶହ ଶହ
ନକ୍ସଲପନ୍ଥୀଙ୍କ ମୃତ୍ୟୁ।

**ମାସିର ହୋଟେଲ, ସ୍ୱର୍ଗଦ୍ୱାର, ପୁରୀ**
**ମୋ-୯୩୪୮୫୬୩୫୧୦**

## ନବ ପ୍ରକାଶ

### ଖରା ଛାଇର ଖେଳ



**କବି : ରଶ୍ମି ମହାପାତ୍ର**
**ପ୍ରକାଶକ : ଅଭିମାନ**
**ମୂଲ୍ୟ:୧୯୦/-**

ଭଙ୍ଗୁରତାରୁ ଚିରନ୍ତନତା : ରଶ୍ମିଙ୍କ କବିତା। ରଶ୍ମି ମହାପାତ୍ର ଓଡ଼ିଆ କବିତା କ୍ଷେତ୍ରରେ ଏକ ସୂକ୍ଷ୍ମ ଓ ମଧୁର ସ୍ୱର। ଖରା ଛାଇର ଖେଳ ତାଙ୍କର ଏକ ସୁଖପାଠ୍ୟ କବିତା ସଂକଳନ। ଆଲୁଅ ନୁହେଁ ଅନ୍ଧାର ତାଙ୍କ ପାଇଁ ଆକର୍ଷଣର ଉପାଦାନ। ଅନ୍ଧାରର ରହସ୍ୟ ଉଦଘାଟନ ତାଙ୍କ କବିତାରେ ଭରି ଦିଏ ଅପ୍ରମିତ ଭାବ। ଅନ୍ଧାରକୁ କବିତାର ନେପଥ୍ୟରେ ରଖି କହନ୍ତି,

'ଏହା ପରେ/ଆମେ କେବେ ଭେଟିବା କହିବ
ଏହି ସ୍ଥାନରେ ନା ଅନ୍ୟ କେଉଁ ସୂର୍ଯ୍ୟାସ୍ତରେ/ମୃତ୍ୟୁର ମୁହାଣରେ/ଅବା ଏକୁଡ଼ି ଏରୁଣ୍ଡି ବନ୍ଧରେ,/ଜାଣିଛ କି/ଆଲୁଅ ନଥିବା ପୃଥିବୀର ଠିକଣା ? (ଅନ୍ଧାର ରହସ୍ୟ)

ବେଳେ ବେଳେ ତାଙ୍କୁ ଲାଗେ ସେ ଯେମିତି ବନ୍ଦୀ। ସମୟ ତାଙ୍କୁ ହାତ ବଢ଼ାଇ ମୁକ୍ତିର ସନ୍ଦେଶ ଦିଏ। ସେ ଚାହାନ୍ତି ମୋକ୍ଷ। ତାଙ୍କ ଭାଷାରେ,

'ବନ୍ଦୀଶାଳାର ମୁଁ ନିରସ୍ତ କଏଦୀ/ଅନୁର୍ବର କିଆରିରେ ଗଛବୃଛ ରୁଏ/ଗଜୁରେ କଅଁଳ ପତ୍ର
ଫୁଲ ଫଳ ହସ ଖେଳ/କଳକଳ ଝରଣାରେ/ତୁମ ସଂଗେ ଭାସିଯିବା ଶ୍ରେୟସ୍କର ମଣେ/ମୁହାଣେ ମୋକ୍ଷର ଆଶାରେ ।( ସ୍ମୃତି ମଗ୍ନ)

ପ୍ରତ୍ୟେକ ମଣିଷ ଓ ଜୀବନର ଅନନ୍ୟତ୍ୱରେ ବିଶ୍ୱାସ କରନ୍ତି। ସମସ୍ତଙ୍କର ନିଜ ନିଜର ଆକାଶ ଥାଏ। ସମସ୍ତେ ନିଜ ଆକାଶରେ ଡେଣା ମେଲି ଉଡି ଯିବାର ସ୍ୱପ୍ନରେ ବିଭୋର। ସେହି ନୀଳ ଶୂନ୍ୟତା ଭିତରେ ହଜିଯିବା ତ କବିପଣ ପ୍ରଥମ ସ୍ୱପ୍ନ। କବି ସେହି ଆକାଶର ତାରା ଓ ଜହ୍ନକୁ ନିଜ ଦର୍ପଣରେ ପ୍ରତିବିମ୍ବିତ କରାନ୍ତି। ଦର୍ପଣ ସର୍ଜନର ପ୍ରତୀକ।

କବିଙ୍କ ଭାଷାରେ 'ଦର୍ପଣ ଆଖିରେ ନିଦ ନଥାଏ/ପ୍ରତିବିମ୍ବ ଦେଖାଇବାରେ ସେ ଥାଏ ବ୍ୟସ୍ତ/ନିଜକୁ ପ୍ରମାଣିତ କରୁ କରୁ/କେବେ ଜଳକା ହୋଇଯାଏ/ଜାଣି ପାରେ ନାହିଁ । (ଶୋଇ ନଥିବା ଆକାଶ ତଳେ)

ତାଙ୍କ ପାଇଁ କବିତା ଜୀବନର ସ୍ୱାଦ ସନ୍ଧାନ କରିବାରେ ବିଶେଷ ଭାବରେ ଆଗ୍ରହୀ। ଜୀବନର ଭଙ୍ଗୁରପ୍ରବଣ ଉପାଦାନ ଭିତରୁ ସେ ଖୋଜନ୍ତି ଚିରନ୍ତନତା। ଯେକୌଣସି ପରିସ୍ଥିତିରେ ବି ସେ ସର୍ଜନର ମହନୀୟତାର ଗୁରୁତ୍ୱ ବୁଝନ୍ତି। ତାଙ୍କ ପାଇଁ କବିତା ଯେମିତି ବାଲିଗୋଡି ଭିତରେ ଲୁଚିରହି ଚକ୍ ଚକ୍ କରୁଥିବା ମୂଲ୍ୟବାନ ଧାତୁଖଣ୍ଡ। ଦୈନନ୍ଦିନ ଘଟଣାର ଆଧାର ଉପରୁ ସେ ଦେଖନ୍ତି ଓ ଦେଖାନ୍ତି ଶାଶ୍ୱତ ଜୀବନର ସ୍ୱରୂପ। ତାଙ୍କ କବିତାର କାରିଗରୀ କଥିତ ଭାଷାର ବ୍ୟଞ୍ଜନାତ୍ମକ ପ୍ରୟୋଗରେ ସମୃଦ୍ଧ। ନିତିଦିନିଆ ଭାଷାର କଳାତ୍ମକ ପ୍ରୟୋଗ ତାଙ୍କ କବିତାକୁ ଦିଏ ଭିନ୍ନ ଏକ ଆତ୍ମା। ତାଙ୍କର ଅନ୍ୟାନ୍ୟ କବିତା ସଂକଳନ ଭଳି 'ଖରା ଛାଇର ଖେଳ' ମଧ୍ୟ ପାଠକଙ୍କୁ ଆନନ୍ଦ ଦେବ ବୋଲି ଆଶା ରଖିବା।

## କମ୍ୟୁନିଷ୍ଟ ନେତା ସୁରେଶ ବାରିକଙ୍କ ବିୟୋଗରେ ଶୋକ



**କଟକ,୧୪।୬/ଏନ୍‌ଏନ୍‌ଏସ୍:** ବରିଷ୍ଠ କମ୍ୟୁନିଷ୍ଟ ନେତା ସୁରେଶ ଚନ୍ଦ୍ର ବାରିକଙ୍କ ଆଜି ପୂର୍ବାହ୍ନରେ ଶଙ୍କରପୁରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୫ ବର୍ଷ ବୟସ ହୋଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପତ୍ନୀ, କନ୍ୟା, ପୁତ୍ର ଓ ପୁତ୍ରବଧୂ, ଜାମାତା ଏବଂ ଭ୍ରାତୃବର୍ଗ ଉପସ୍ଥିତ ଥିଲେ। ତାଙ୍କ ପରଲୋକ ଖବର ପ୍ରଚାରିତ ହେବାପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ବାରିକ ଦୀର୍ଘ ୨୦ ବର୍ଷ ଧରି ସିପିଆଇର କଟକ ନଗର କମିଟି ସମ୍ପାଦକ ଏବଂ ୧୫ ବର୍ଷ କଟକ ଜିଲ୍ଲା କମିଟି ସମ୍ପାଦକ ଥିଲେ। ଏହାଛଡ଼ା ଇସ୍‌କଫର କର୍ମକର୍ତ୍ତା ଓ ବହୁ ଜନଆନ୍ଦୋଳନର ଅଗ୍ରଣୀ ନେତା ଥିଲେ। ଶଙ୍କରପୁର ସାହି ଅଧିକାରୀ, ବାଦାମବାଡ଼ି-ଶଙ୍କରପୁର ପୂଜା କମିଟି, ଶଙ୍କରପୁର ମଧ୍ୟଇଂରାଜୀ ବିଦ୍ୟାଳୟ ଓ ଛତ୍ରବଜାର ହାଇସ୍କୁଲ ପରିଚାଳନା କମିଟିର ସଭାପତି ଥିଲେ। ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ, ମେୟର ସୁବାସ ସିଂ, ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ବରିଷ୍ଠ କମ୍ୟୁନିଷ୍ଟ ନେତା ଜୟନ୍ତ ଦାସ ,ପୂର୍ବତନ ବିଧାୟକ ଏନ. ନାରାୟଣ ରେଡି,ଏଆଇଟିୟୁସି ସମ୍ପାଦକ କିଶୋର ଜେନା, ସିପିଆଇ କଟକ ଜିଲ୍ଲା ସମ୍ପାଦକ ବିନୋଦ ବେହେରା,ନଗର ସମ୍ପାଦକ ପ୍ରସନ୍ନ ମହାପାତ୍ର, ପ୍ରଣବ କିଶୋର ରାଉତରାୟ, ମିହିର ବିଶ୍ୱାଳ, କ୍ଷୀରୋଦ ବିଶ୍ୱାଳ, ସିପିଆଇ ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ଅମରେନ୍ଦୁ ମହାନ୍ତି, ବିଜେପି ନେତା ନୟନ କିଶୋର ମହାନ୍ତି ଦେବେନ୍ଦ୍ର ସାହୁ, ଭିକାରୀ ଦାସ ,ପ୍ରମୁଖ ଶେଷ ଦର୍ଶନ କରି ଶ୍ରଦ୍ଧା ନିବେଦନ କରିଥିଲେ। ସିପିଆଇ ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା, ପୂର୍ବତନ ମନ୍ତ୍ରୀ ଶଶୀଭୂଷଣ ବେହେରା, ଆଡଭୋକେଟ୍ ସୁବୀର ପାଲିତ, ସିପିଆଇ (ଏମ୍) ରବୀନାରାୟଣ ମଲ୍ଲିକ, ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ଡଃ ପ୍ରଶାନ୍ତ ମିଶ୍ର, ଇସ୍‌କଫ୍‌ର ସାଧାରଣ ସମ୍ପାଦକ ବିଜୟ ପଢ଼ିହାରୀ, ଇପ୍‌ଟାର ସାଧାରଣ ସମ୍ପାଦକ ସୁଷାନ୍ତ ମହାପାତ୍ର, କଂଗ୍ରେସ ନେତା ଓ କର୍ପୋରେଟର ସନ୍ତୋଷ କୁମାର ଭୋଳ ପ୍ରମୁଖ ଶୋକ ପ୍ରକାଶ କରିବା ସହ ତାଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## କୋଠଘର ଆମ ସାହିତ୍ୟ ପରିବାରର ସପ୍ତମ ବାର୍ଷିକ ଉତ୍ସବ



**ଭୁବନେଶ୍ୱର,୧୪।୬/ଏନ୍‌ଏନ୍‌ଏସ୍:** ଆଜି କୋଠଘର ଆମ ସାହିତ୍ୟ ପରିବାରର ସପ୍ତମ ବାର୍ଷିକ ଉତ୍ସବ, ରଜ ମହୋତ୍ସବ, କୋଠଘର ପତ୍ରିକା ସହ ୧୨ ଜଣ ଲେଖକଙ୍କର ପୁସ୍ତକ ଉନ୍ମୋଚନ ଓ ସମ୍ବର୍ଦ୍ଧନା ପର୍ବ ଗୀତ ଗୋବିନ୍ଦ ସଦନ ସଭାକକ୍ଷରେ କୋଠଘରର କାର୍ଯ୍ୟକାରୀ ସଭାପତି ଆଶୁତୋଷ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରାଜନେତା ସୌମ୍ୟ ରଞ୍ଜନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ କବି ସୂର୍ଯ୍ୟ ମିଶ୍ର, ମୁଖ୍ୟବକ୍ତା ଭାବେ ସାହିତ୍ୟିକା କାଦମ୍ବିନୀର ସମ୍ପାଦିକା ଡ଼. ଇତିରାଣୀ ସାମନ୍ତ, ସମ୍ମାନିତ ଅତିଥି ଭାବେ ସାହିତ୍ୟିକା ପ୍ରାକ୍ତନ ପ୍ରଧାପିକା, ଡ଼. ପ୍ରତିଭା ମହାରଥୀ ଓ ସ୍ୱନାମଧନ୍ୟା କଣ୍ଠଶିଳ୍ପୀ ସୁଶ୍ରୀ ଶୈଳଭାମା ମହାପାତ୍ର, ସାହିତ୍ୟିକ ରାଜୀବ ଷଡ଼ଙ୍ଗୀ ଯୋଗ ଦେଇଥିଲେ। କୋଠଘର ପ୍ରତିଷ୍ଠାତା, ସମ୍ପାଦିକା ଅମ୍ବିକା ସ୍ୱାଇଁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କୋଠଘର ଯୁଗ୍ମ ସମ୍ପାଦକ ତଥା ଭାଷା ବିଜ୍ଞାନୀ ଡ.ଦେବାଶିଷ ମହାପାତ୍ର ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସୁଲେଖିକା ଡ଼. ହିମାଦ୍ରୀ ତନୟା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅତିଥିଙ୍କ କରକମଳରେ କୋଠଘର ପତ୍ରିକା ସମେତ ୧୨ଜଣ କବି, ଲେଖକଙ୍କର ପୁସ୍ତକ ଲୋକାର୍ପଣ ହୋଇଥିଲା। ଅମ୍ବିକା ସ୍ୱାଇଁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଲେଖକ ରବି ସ୍ୱାଇଁଙ୍କୁ ଶୈଳବାଳା ବିମ୍ବାଧର ସ୍ମୃତି ସମ୍ମାନ, ସୂର୍ଯ୍ୟ ମିଶ୍ରଙ୍କୁ କୋଠଘର ଶ୍ରେଷ୍ଠ କବି ସମ୍ମାନ, ଜ୍ଞାନ ଚାନ୍ଦ ଶତପଥୀଙ୍କୁ ଶ୍ରେଷ୍ଠ ସଂଗଠକ ଏବଂ ଶିକ୍ଷାବିତ୍ ସମ୍ମାନ, ଅରୁଣ କୁମାର ବିଶ୍ୱାଳଙ୍କୁ ଶ୍ରେଷ୍ଠ କବିତା ସମ୍ମାନ, ଡ. ସୁଚେତା ରାଉତଙ୍କୁ କୋଠଘର ପ୍ରବନ୍ଧ ସମ୍ମାନ, କାନନ ବାଳା ପଟ୍ଟନାୟକଙ୍କୁ କୋଠଘର ଅନୁବାଦ ସମ୍ମାନ, ବିଦ୍ୟୁତ୍ ଲତା ଦାସଙ୍କୁ ସୁରେଖା କୁମର ସ୍ମୃତି ସମ୍ମାନ, ଅଲେଖ ଚରଣ ରାଉତଙ୍କୁ ନିର୍ମଳ ତ୍ରିସାର ଗୀତି କବି ସମ୍ମାନ, କବି ପ୍ରଦୀପ୍ତ କୁମାର ସାହୁ, ପ୍ରହରାଜ ଜୟ ନାରାୟଣ ନନ୍ଦ, ରାଜଲକ୍ଷ୍ମୀ ତ୍ରିପାଠୀ, ମମତା ଦାଶ, ପ୍ରଭାତ କୁମାର ଦାଶଙ୍କୁ କୋଠଘର ସାରସ୍ୱତ ସମ୍ମାନ, କ୍ଷୀରୋଦ କୁମାର ବେହେରା, ବନିତା ସାହୁ, ସୌମ୍ୟ ରଞ୍ଜନ ନାୟକ, ହିମାଂଶୁ ଶେଖର ପ୍ରଧାନ, ପ୍ରିୟଙ୍କା ପ୍ରଧାନଙ୍କୁ ସାମ୍ବାଦିକ ସମ୍ମାନ, ଅମର କୁମାର ସାହୁ, କୁମରେଶ ମହାନ୍ତିଙ୍କୁ ସମାଜସେବା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ମାନପତ୍ର ପାଠ କରିଥିଲେ ମମତା ବାରିକ, ସ୍ୱାତୀ ମହାପାତ୍ର, ଭାରତୀ ପରିଡ଼ା। ପ୍ରଥମ ଅଧିବେଶନରେ ପ୍ରଦୀପ୍ତ କୁମାର ସାହୁଙ୍କ ସଭାପତିତ୍ୱରେ କବିତା ଆସର ହୋଇଥିଲା। ସମସ୍ତ ଜିଲ୍ଲାରୁ ୩୦ ଜଣ ନିମନ୍ତ୍ରିତ କବିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କବି ପୂର୍ଣ୍ଣାନନ୍ଦ ମହାନ୍ତି, ରାଜଲକ୍ଷ୍ମୀ ତ୍ରିପାଠୀ, ନିନାଦିନୀ ମହାନ୍ତି ଆସରରେ ସଂଯୋଜନା କରିଥିଲେ। କୋଠଘର ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ରାଜଶ୍ରୀ ନନ୍ଦ ସଂଯୁକ୍ତା ପରିଡ଼ା, ଆଶାଲତା ଦିକ୍ଷୀତ, ସୁନନ୍ଦା ପାଣିଗ୍ରାହୀ, ଅକ୍ଷୟ ସାହୁ, ଶ୍ରୀରାମ ପରିଡ଼ା, ପ୍ରତିମା ବେହେରା, ବିନୋଦିନୀ ପାତ୍ର, ଅମିତା କର ଇତ୍ୟାଦି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପ୍ରଥମ ଅଧିବେଶନରେ ଅରୁଣ କୁମାର ମହାନ୍ତି, ଦ୍ୱିତୀୟ ଅଧିବେଶନରେ ଡ. ପ୍ରତାପ ରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ସଂସ୍କୃତି ଓ ପରମ୍ପରାର ପର୍ବ ରଜପର୍ବ

# ପୋଡ଼ପିଠା, ପୁଚି, ହୁଳହୁଳି ଓ ଅଳତା ପିନ୍ଧା ପ୍ରତିଯୋଗିତା




**କଟକ,୧୪।୬/ଏନ୍‌ଏନ୍‌ଏସ୍:** ସାମାଜିକ ଅନୁଷ୍ଠାନ 'ସୁନାଦ୍ରୁବ' ପକ୍ଷରୁ ୩ ଦିନ ଧରି ପାଳନ କରାଯିବାକୁ ଥିବା ସଂସ୍କୃତି ଓ ପରମ୍ପରାର ପର୍ବ ରଜପର୍ବ ଭଗତପୁର, ବଗଲା ଲେନ୍‌ସ୍ଥିତ ଶାରଦା ଶିକ୍ଷା ନିକେତନ ପ୍ରାଙ୍ଗଣରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ପ୍ରଥମ ଦିବସରେ ଅନୁଷ୍ଠାନ ତରଫରୁ ସହରର ଝିଅ ଓ ବୋହୂମାନଙ୍କ ମଧ୍ୟରେ ପାରମ୍ପରିକ ପୋଡ଼ପିଠା, ପୁଚି, ହୁଳହୁଳି ଓ ଅଳତା ପିନ୍ଧା ପ୍ରଭୃତି ପ୍ରତିଯୋଗିତା କରାଯାଇଥିଲା। ଅନୁଷ୍ଠାନର ଉପଦେଷ୍ଟା ବିଶ୍ୱଜିତ୍ ସୂର୍ଯ୍ୟବଂଶୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଦାସ୍ ହସ୍ପିଟାଲ୍‌ର ପରିଚାଳନା ନିର୍ଦ୍ଦେଶକ ହେମନ୍ତ ଭରଦ୍ୱାଜ ଉଦଘାଟକ ଭାବେ ଯୋଗ ଦେଇଥିବା ବେଳେ ରୋଟାରିଆନ୍ ଦେବେନ୍ଦ୍ରନାଥ ପାଢ଼ୀ, ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରଜ ଉତ୍ସବ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ବିବରଣୀ ପ୍ରଦାନ କରିବା ସହ ପାଶ୍ଚାତ୍ୟ ସଭ୍ୟତା ଚାପରେ ଏବଂ ଆଧୁନିକତା ଆଗରେ ଏହି ଭଳି ପ୍ରାଚୀନ ପରମ୍ପରା ବୁଡ଼ିଯିବାକୁ ବସିଥିବା ବେଳେ ଅନୁଷ୍ଠାନ ପକ୍ଷରୁ ଏହି ପରମ୍ପରାକୁ ବଜାୟ ରଖିବା ପ୍ରଚେଷ୍ଟାକୁ ଅତିଥିମାନେ ଭୂୟସୀ ପ୍ରଶଂସା କରିଥିଲେ। ପ୍ରତିଯୋଗିତାଗୁଡ଼ିକୁ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ, ସଂଘମିତ୍ରା ପ୍ରହରାଜ ଏବଂ ଶୁଭ୍ରାଂଶୁ ମିଶ୍ର ପ୍ରମୁଖ ପରିଚାଳନା କରିଥିବା ବେଳେ ମଞ୍ଜୁଲତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଧନୁର୍ଜୟ ଚାରିଟେବୁଲ ଟ୍ରଷ୍ଟ




**କଟକ,୧୪।୬/ଏନ୍‌ଏନ୍‌ଏସ୍:** ସାମାଜିକ ଅନୁଷ୍ଠାନ ଧନୁର୍ଜୟ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଟ୍ରଷ୍ଟର ଅଧ୍ୟକ୍ଷ ଭଗବାନ ବିଶ୍ୱାଳ ନେତୃତ୍ୱରେ ମହାନଦୀବିହାରରେ ରଜମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଗାନ୍ଧୀପଲ୍ଲୀରେ ବସବାସ କରୁଥିବା ହଜାରେରୁ ଊର୍ଦ୍ଧ୍ୱ ଗରିବ ତଥା ଅସହାୟମାନଙ୍କ ମୁହଁରେ ଟିକେ ହସ ଦେଖିବା ପାଇଁ ଟ୍ରଷ୍ଟ ପକ୍ଷରୁ ଶାଢ଼ୀ, ଗାମୁଛା, ଲୁଙ୍ଗି ଏବଂ ଖାଦ୍ୟ ପଦାର୍ଥ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଜେପିର ବରିଷ୍ଠ ନେତା ନୟନ କିଶୋର ମହାନ୍ତି, ରବି ଶତପଥୀ, ରବିନ୍ଦ୍ର ପ୍ରସାଦ ତ୍ରିପାଠୀ, ଦୀପ୍ତିରଞ୍ଜନ ବିଶ୍ୱାଳ, ରବୀନ୍ଦ୍ର ଆଚାର୍ଯ୍ୟ, ହରମୋହନ ବିଶ୍ୱାଳ, ଅଜୟ ରାଉତ, ପ୍ରତ୍ୟୁଷ ମହାନ୍ତି, ଭାଗିରଥି ସାମଲ, ଆଇନଜୀବୀ ସତ୍ୟ ମହାନ୍ତି, ଗୋଲୋକ କାନୁନଗୋ, ନିରାକାର ସାମଲ, ସଞ୍ଜୟ ସାମନ୍ତରାୟ, ଅଶ୍ୱିନୀ କୁମାର ନାୟକ ଅଭୟ ପରିଜା, ବିରଂଚି ନାରାୟଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ମହାନଦୀ ବିହାର

**କଟକ,୧୪।୬/ଏନ୍‌ଏନ୍‌ଏସ୍:** ମହାନଦୀ ବିହାର ଡେଭଲପମେଣ୍ଟ ଆସୋସିଏସନ୍ ପକ୍ଷରୁ ସଭାପତି ସଞ୍ଜୟ କୁମାର ଜେନାଙ୍କ ଆବାହକତ୍ୱରେ ୧୧ଟି ସ୍ୱୟଂ ସହାୟକ ଗୋଷ୍ଠୀର ସଂଯୋଜନା କରୁଥିବା ଲେଲିନ ପ୍ରଭା ଓ ନିରୁପମା ପତିଙ୍କ ତତ୍ତ୍ୱାବଧାନରେ ଏବଂ ମହାନଦୀ ବିହାର ସାଂସ୍କୃତିକ ବିଭାଗର ଆବାହକ ସୁଶାନ୍ତ ଘୋଷ ଓ ହରିପ୍ରୀୟା ଧଳଙ୍କ ଦ୍ୱାରା ରଜ ମହୋତ୍ସବ ପାଳନ କରାଯାଇଛି। ଆସୋସିଏସନ୍ ପକ୍ଷରୁ ଶ୍ରେଷ୍ଠ ଓଡ଼ିଆଣୀ ସମ୍ମାନ ପ୍ରତିଯୋଗିତା ହୋଇଥିଲା। ଶ୍ରେଷ୍ଠ ଓଡ଼ିଆଣୀ ଭାବରେ କଲ୍ୟାଣୀ ଦଳେଇଙ୍କୁ ସମ୍ମାନିତ କରାଯାଇଥିଲା। ପିଠା,ମୁରଜ ଓ ରଜ ରଚନା ଇତ୍ୟାଦି ଅନ୍ୟାନ୍ୟ ସମୂହ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀମାନଙ୍କ ସହିତ ୧୧ଟି ସ୍ୱଂୟ ସହାୟକ ଗୋଷ୍ଠୀକୁ ପ୍ରଯୋଜକ ସାଇ ୱାର୍ଲ୍ଡ ପକ୍ଷରୁ ସ୍ୱତନ୍ତ୍ର ଉପହାର ପ୍ରଦାନ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ଓର୍‌ମାସ୍‌ର ମୁଖ୍ୟ ବିପିନ ବିହାରୀ ରାଉତ, ରୁଚି ମସଲା ନିର୍ଦ୍ଦେଶକ ରଶ୍ମି ସାହୁ, ଥାନା ଅଧିକାରୀ ଚିଣ୍ଡେଶ୍ୱର ମୁଣ୍ଡା, କର୍ପୋରେଟର ଇଂ ସୁବ୍ରତ ଘଡେଇ, କଟକ କ୍ଲବ୍ ସମ୍ପାଦକ ଶୁଭେନ୍ଦୁ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ବଙ୍ଗଳାଦେଶ ପ୍ରଧାନମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

**କଟକ,୧୪।୬/ଏନ୍‌ଏନ୍‌ଏସ୍:** ଗୁରୁଦେବ ରବୀନ୍ଦ୍ରନାଥ ଟାଗୋରଙ୍କ ବଙ୍ଗଳାଦେଶ ଶ୍ରୀରାଜଗଞ୍ଜ ସ୍ଥିତ ବାସଭବନ ଉପରେ ଜମାତେ ଇସଲାମୀ ସଂଗଠନ ଦ୍ୱାରା ଆକ୍ରମଣକୁ ଭାରତୀୟ ଜନତା ପାର୍ଟି ତରଫରୁ ନିନ୍ଦା କରାଯାଇଛି। କଟକ ଜିଲ୍ଲା ବିଜେପି ସଭାପତି ସୁକାନ୍ତ ବିଶ୍ୱାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ଜିଲ୍ଲାର ପୂର୍ବତନ ଉପସଭାପତି ଦେବାଶିଷ ଘୋଷଙ୍କ ନେତୃତ୍ୱରେ ସ୍ଥାନୀୟ ସତୀଚଉରାଛକ ଠାରେ ଏକ ପ୍ରତିବାଦ କାର୍ଯ୍ୟକ୍ରମ କରାଯାଇ ବଙ୍ଗଳାଦେଶ ପ୍ରଧାନମନ୍ତ୍ରୀ ମହମ୍ମଦ ୟୁନୁସଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ବିଜେପି ନେତା ଦେବାଶିଷ ରାୟ ବାଂଲାଦେଶରେ ୟୁନୁସ ସରକାର କାର୍ଯ୍ୟକାଳରେ ହିନ୍ଦୁଙ୍କ ହତ୍ୟା, ହିନ୍ଦୁ ମାତୃ ଶକ୍ତିଙ୍କ ଉପରେ ଅତ୍ୟାଚାର ବଢିବା ସହିତ ହିନ୍ଦୁ ସଂସ୍କୃତିକୁ ଲୋପ କରିବାର ପ୍ରୟାସ



କରଯାଉଛି ବୋଲି କହିଥିଲେ। ବାଂଲାଦେଶ ସରକାର ଏଭଳି ଘଟଣାରେ କ୍ଷମା ପ୍ରାର୍ଥନା କରିବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟ ବିଜେପିର ବରିଷ୍ଠ ନେତ୍ରୀ ଗୀତା ଦାସ,ସୁନୀଲ ଦିବେଦୀ,ବିଶ୍ୱରଞ୍ଜନ ମିଶ୍ର, ନରେଶ ବେହେରା, ଶୁଭେନ୍ଦୁ ପାତ୍ର, ନିତାଇ ଗୌର ମହାନ୍ତି, ସ୍ମୃତି ରଞ୍ଜନ ମିଶ୍ର, ମୀନକେତନ ଦାସ, ପ୍ରଦୀପ ନନ୍ଦୀ, ସ୍ୱାଧୀନ ମହାନ୍ତି, ବିଜୟ ବେହେରା, ଜୟକୃଷ୍ଣ ସ୍ୱାଇଁ, ଉପେନ୍ଦ୍ର ମହାରଣା, ସୁରଜ ଦାସ, ଶୁଭମ ସ୍ୱାଇଁ, ପ୍ରଶାନ୍ତ ଦାସ, ଲଲାଟେନ୍ଦୁ ଦାସ, ସୁରେଶ ମହାନ୍ତି, ଦୟାନିଧି ନାୟକ, ସୌମ୍ୟ ପଣ୍ଡା, ସମ୍ବିତ ସ୍ୱାଇଁ, ନମିତା ମିଶ୍ର, ପୁର୍ନବାସୀ ମହାପାତ୍ର, ମଧୁସ୍ମିତା ପ୍ରଧାନ, କଳ୍ପନା ବେହେରା, ଅମ୍ବିକା ଦାସ, ମନସ୍ୱିନୀ ଦୀକ୍ଷିତ, କଳ୍ପନା ଦାସ, ମମତା ନନ୍ଦୀ ପ୍ରମୁଖ ଉପସ୍ଥିତ ଥିଲେ।

## ଆଇନଜୀବୀ ବିଜୟ କୁମାର ଦାଶଙ୍କୁ ସମ୍ବର୍ଦ୍ଧନା




**କଟକ,୧୪।୬/ଏନ୍‌ଏନ୍‌ଏସ୍:** କଟକ ଟାଉନ ହଲ୍‌ଠାରେ ବରିଷ୍ଠ ଆଇନଜୀବୀ ବିଜୟ କୁମାର ଦାଶଙ୍କୁ କଟକ ସୁରକ୍ଷା କମିଟି ଓ ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ନାଗରିକ ସମ୍ବର୍ଦ୍ଧନା ଦିଆଯାଇଛି। ଏହି କାର୍ଯ୍ୟକ୍ରମକୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଇଂ.ଭଜମନ ବେହେରା ଉଦ୍‌ଘାଟନ କରିଥିଲେ। କଟକ ସୁରକ୍ଷା କମିଟି ସଭାପତି ସରୋଜ ସିଂହ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମେୟର ସୁବାସ ସିଂ ଯୋଗ ଦେଇଥିଲା ବେଳେ ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ ମନୋଜ କୁମାର ମିଶ୍ର, ବରେଣ୍ୟ ଅତିଥିଭାବେ ବିଜେପି ନେତା ଲଲାଟେନ୍ଦୁ ବଡୁ ,ସମ୍ମାନିତ ଅତିଥିଭାବେ ଆଡଭୋକେଟ୍ ଉମାକାନ୍ତ ନନ୍ଦ, ବରିଷ୍ଠ ସାମ୍ବାଦିକ କୃଷ୍ଣ ପ୍ରସାଦ ଦାସ ଯୋଗ ଦେଇଥିଲେ। ପ୍ରିୟମ୍ବଦା ନାୟକ ପରିଚୟ ପ୍ରଦାନ କରିଥିଲା ବେଳେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଦିପାୟନ୍ ପଟ୍ଟନାୟକ।

## ୧୩୩୯ ୟୁନିଟ୍ ରକ୍ତ ସଂଗ୍ରହ



**କଟକ,୧୪।୬/ଏନ୍‌ଏନ୍‌ଏସ୍:** ବିଶ୍ୱ ରକ୍ତଦାତା ଦିବସ ଅବସରରେ ପୋତାପୋଖରୀ, ବିନାୟକନଗର ସ୍ଥିତ ଅନନ୍ତଗୋପାଳ ଭକ୍ତ ସମାଜ ସେବାସଂଘ ତରଫରୁ ୧୯ତମ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ବୈଷ୍ଣବ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଶାଳ ରକ୍ତଦାନ ଶିବିରଟିକୁ ଛତିଆବଟ ମଣିମା ଶ୍ରୀ ଶ୍ରୀ ଶ୍ରୀ ପ୍ରଦ୍ୟୁମ୍ନ କୁମାର ଦାସ ଏବଂ ଭାରତୀୟ ଜନତା ପାର୍ଟି କଟକ ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପୂର୍ବବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଚୌଦ୍ୱାର କଟକର ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ ଉପସ୍ଥିତ ରହି ଶିବିରଟିକୁ ପରିଚାଳନା କରିଥିଲେ। ଶିବିରରୁ ମୋଟ ୧୩୩୯ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା। ଏହି ଶିବିରରେ ୪୭ନଂ ୱାର୍ଡ କର୍ପୋରେଟର୍ ଇଂ ସୁବ୍ରତ ଘଡାଇ, ଚାଉଳିଆଗଞ୍ଜ ପୂଜା କମିଟିର ସମ୍ପାଦକ ନିରଞ୍ଜନ ସାହୁ, ଅଶୋକ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଶିବରରେ ଡ. ବିକାଶ ମହାଭୋଇ, ଡ. ଅରୂପ ସ୍ୱାଇଁ, ଡ. ଜ୍ୟୋତିରଞ୍ଜନ ସାମଲ, ବିଭୁତି ଭୂଷଣ ପାଳ, ଅଭିମନ୍ୟୁ ଓଝା, ସୁକାନ୍ତ ସାହାଣୀ ପ୍ରମୁଖ ପୂର୍ଣ୍ଣମାତ୍ରାରେ ସହଯୋଗ କରିଥିବା ବେଳେ ସେବାସଂଘର ସମ୍ପାଦକ ତଥା ଆଇନଜୀବୀ ନିକୁଞ୍ଜ କୁମାର ଦେଓ ସମସ୍ତ ରକ୍ତଦାତାଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

# ୭୬ ବର୍ଷରେ ପଦାର୍ପଣକଲେ ଓଡ଼ିଶାର ମସଲା ସମ୍ରାଟ ଡ. ଶରତ ସାହୁ



**କଟକ,୧୪।୬/ଏନ୍‌ଏନ୍‌ଏସ୍:** ଓଡ଼ିଶାର ଅଗ୍ରଣୀ ମସଲା ଉଦ୍ୟୋଗ ତଥା ପୂର୍ବ ଭାରତର ଅନନ୍ୟ ଖାଦ୍ୟ ପ୍ରସ୍ତୁତକାରୀ ଉଦ୍ୟୋଗ ରୁଚି ଫୁଡ୍‌ଲାଇନର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ଡ଼ଃ ଶରତ କୁମାର ସାହୁ ଆଜି ୭୬ ବର୍ଷରେ ପଦାର୍ପଣ କରିଛନ୍ତି। ୧୯୭୬ ମସିହାରେ ଓଡ଼ିଶାରେ ପ୍ରଥମ ମସଲା ଉଦ୍ୟୋଗ ପ୍ରତିଷ୍ଠା କରି ସେ ମସଲା ସମ୍ରାଟ ବା ମସଲା ମଣିଷର ଆଖ୍ୟା ପାଇଥିବା ବେଳେ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ରୁଚି ଆଜି ୫୦ ବର୍ଷରେ ପଦାର୍ପଣ କରିଛି। ସେ ଓଡ଼ିଶାରେ ପ୍ରଥମ ମସଲା, ପ୍ରଥମ ଇଟାଲିୟାନ୍ ପାସ୍ତା, ପ୍ରଥମ ଫ୍ରୋଜେନ୍ ଫୁଡ୍ ଉଦ୍ୟୋଗ ଆଦି ଆରମ୍ଭ କରିଖାଦ୍ୟ ପ୍ରକ୍ରିୟାକରଣରେ ସ୍ୱତନ୍ତ୍ର ସ୍ଥାନ ଅକ୍ତିଆର କରିଛନ୍ତି। ରୁଚି ଓ ଫ୍ରୋଜିଟ୍‌ର ଗୁଣାତ୍ମକ ଖାଦ୍ୟକୁ ଜାତୀୟ ତଥା ଅର୍ନ୍ତଜାତୀୟ ସ୍ତରରେ ପହଞ୍ଚାଇ ଓଡ଼ିଶା ପାଇଁ ଗର୍ବ ଓ ଗୌରବ ଆଣିପାରିଛନ୍ତି।

ଡ଼ଃ. ଶରତ କୁମାର ସାହୁ ଜଣେ ବ୍ୟକ୍ତି ନୁହନ୍ତି ବରଂ ଏକ ଅନୁଷ୍ଠାନ। ମାଟିକୁ ଛୁଇଁଲେ ସୁନା ହୋଇଯାଏ ନ୍ୟାୟରେ ପ୍ରଭୁ ଲକ୍ଷେଶ୍ୱରଙ୍କ ଅପାର କରୁଣାରୁ ସେ ଅନେକ ଅସମ୍ଭବକୁ ସମ୍ଭବରେ ପରିଣତ କରି ଓଡ଼ିଶା ଶିଳ୍ପ ଜଗତରେ ଏକ ଜ୍ୱଳନ୍ତ ଉଦାହରଣ ହୋଇପାରିଛନ୍ତି ସମସ୍ତଙ୍କ ପାଇଁ। ସେ ଜଣେ ଦରଦୀ, ପରୋପକାରୀ, ମିଷ୍ଟଭାଷୀ, ନମ୍ର, ଶାନ୍ତ, ସରଳ ବ୍ୟକ୍ତି ତଥା ଅନେକ ପ୍ରତିଭାର ଅଧିକାରୀ। ଓଡ଼ିଶା ଓ ଓଡ଼ିଆକୁ ନେଇ ଗର୍ବ କରିଥିବା ଶ୍ରୀ ସାହୁ ରୁଚି ପ୍ରତିଭା ଫାଉଣ୍ଡେସନ୍ ପ୍ରତିଷ୍ଠା କରି ଅଗଣିତ ବିଦ୍ୟାର୍ଥୀ ଓ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରି ଓଡ଼ିଶାରେ ପ୍ରତିଭା ପୂଜନର ଏକ ନିଆରା ପରମ୍ପରା ସୃଷ୍ଟି କରିଛନ୍ତି। ଜଣେ ପୁରୁଖା କ୍ରୀଡ଼ାବିତ୍ ଭାବେ ଶୃଙ୍ଖଳା ଓ ଧୈର୍ଯ୍ୟକୁ ପାଥେୟ କରି ସେ ଜୀବନରେ ସଫଳତାର ସୋପାନ ଚଢ଼ିଚାଲିଛନ୍ତି। ଖାଲି ବ୍ୟବସାୟ ନୁହେଁ ବରଂ ସମାଜର ବହୁବିଧ ଉନ୍ନତି କରିବା ପାଇଁ ସେ ସଂକଳ୍ପବଦ୍ଧ। ଓଡ଼ିଶାର କ୍ରୀଡ଼ା, ସାହିତ୍ୟ, କଳା, ସଂସ୍କୃତି ଆଦିର ଉନ୍ନତି ପାଇଁ ତାଙ୍କର ସାହାଯ୍ୟ, ସହଯୋଗ ଓ ସନ୍ଦେଶ ସର୍ବଦା ସ୍ମରଣୀୟ। ଅନାଗତ ଭବିଷ୍ୟତକୁ ଦେଖିପାରୁଥିବା ଏହି ମହିମାମଣ୍ଡିତ ମଣିଷ ସଦାସର୍ବଦା ଚେଷ୍ଟିତ ନିଜ ମାଆ ମାଟିର ସମ୍ମାନ ଓ ଗୌରବକୁ ବଢ଼ାଇବା ପାଇଁ। ହସ ବାଣ୍ଟି ପାରୁଥିବା ଏହି ସାଧାରଣ ମଣିଷଟି ଅନେକ ହୃଦୟର ମଉଡ଼ମଣି। ଜଣେ ଦକ୍ଷ ସଂଗଠକ, ଆୟୋଜକ, କ୍ରୀଡ଼ାବିତ୍, ବକ୍ତା, ବ୍ୟବସାୟୀ, ଓ ସର୍ବୋପରି ସମାଜସେବକ ଭାବେ ସାରା ଓଡ଼ିଶାବାସୀଙ୍କ ପାଖରେ ସେ ବେଶ୍ ପରିଚିତ । ରୁଚିର ବାସ୍ନାରେ ସାରାଭାରତକୁ ସୁଗନ୍ଧିତ କରିପାରିଥିବା ଓଡ଼ିଶାର ଜଣେ ସୁସନ୍ତାନ, ମାଟିର ମଣିଷ ଶ୍ରୀ ସାହୁ। ୭୬ ବର୍ଷରେ ପଦାର୍ପଣ କରିଥିବା ଡ଼ଃ. ସାହୁ ଏବେ ବି ବେଶ୍ ଚଳଚଞ୍ଚଳ ଅନେକ କିଛି କରିବା ପାଇଁ। ସେ ସ୍ୱପ୍ନଦ୍ରଷ୍ଟାଙ୍କର ଆଗାମୀ ପ୍ରକଳ୍ପ ରାମଦାସପୁରଠାରେ ଗଢ଼ିଉଠୁଥିବା ରୁଚିର ନୂଆ ପ୍ରକଳ୍ପ ପୁନଶ୍ଚ ସାରା ଓଡ଼ିଶା ପାଇଁ ଆଣିବ ଏକ ନୂଆ ସମ୍ଭାବନା।

ନିଜ କର୍ମ ଉପରେ ବିଶ୍ୱାସ କରି ଜଣେ କର୍ମବୀର ଭାବେ ସୁନାମ ଅର୍ଜନ କରିଥିବା ଏହି ସରଳ, ନିଷ୍କପଟ ବ୍ୟକ୍ତିଙ୍କର ୭୬ବର୍ଷରେ ପଦାର୍ପଣ ସମସ୍ତଙ୍କ ପାଇଁ ଏକ ଖୁସି ଆଉ ଆଶା ବିଶ୍ୱାସର ପ୍ରତୀକ। ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ପ୍ରଭୁ ଲକ୍ଷେଶ୍ୱର ତାଙ୍କୁ ଆଶୀର୍ବାଦ କରନ୍ତୁ ଆହୁରି ଆଗକୁ ବଢ଼ିବା ପାଇଁ। ଡ଼ଃ ସାହୁ ସବୁବେଳେ ହସୁଥାନ୍ତୁ ଆଉ ତାଙ୍କର ଜୀବନ ରୁପକ ନନ୍ଦିଘୋଷ ଆଗକୁ ଆଗକୁ ଯାଉ ଏହା ହିଁ ମହାପ୍ରଭୁଙ୍କ ପାଖରେ ରୁଚି ପରିବାରର କାମନା। ଏହି ଅବସରରେ ରୁଚିର ନିର୍ଦ୍ଦେଶିକା ସଙ୍ଗୀତା ସାହୁ, ନିର୍ଦ୍ଦେଶକ ଅରବିନ୍ଦ ସାହୁ, ସଲିନା ସାହୁ, ରଶ୍ମୀ ସାହୁ, ରୁଚିର ମୁଖ୍ୟ ପ୍ରବନ୍ଧକ ମହେନ୍ଦ୍ର ଷଡ଼ଙ୍ଗୀ ଓ ରୁଚିର ସମସ୍ତ କର୍ମଚାରୀ ଡ଼ଃ. ସାହୁଙ୍କୁ ଶୁଭେଚ୍ଛା ଜଣାଇଥିବାବେଳେ ଅନେକ ବୁଦ୍ଧିଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଶ୍ରୀ ସାହୁଙ୍କୁ ସମ୍ବର୍ଦ୍ଧିତ କରି ତାଙ୍କର ମଙ୍ଗଳ କାମନା କରିଛନ୍ତି।

## 'ନିଶା ନୁହେଁ ଜୀବନ' ଶୀର୍ଷକ କର୍ମଶାଳା




**କଟକ,୧୪।୬/ଏନ୍‌ଏନ୍‌ଏସ୍:** ବିଭିନ୍ନ ମାଦକ ଦ୍ରବ୍ୟ ବ୍ୟବହାରର କୁପରିଣାମ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ତଥା ବିଶେଷକରି ଯୁବପିଢ଼ିଙ୍କୁ ନିଶା କବଳରୁ ମୁକ୍ତ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବା ଉପରେ ଆଜି ଆମ ସଂକଳ୍ପ : ନିଶା ନୁହେଁ ଜୀବନ ଶୀର୍ଷକ ଆଲୋଚନାଚକ୍ରରେ ବିଶିଷ୍ଟ ବକ୍ତାମାନେ ମତପ୍ରକାଶ କରିଛନ୍ତି। ଆଜି ବାଲିଯାତ୍ରା ତଳ ପଡ଼ିଆରେ ଚାଲିଥିବା ବିକାଶ ମେଳା ଅବସରରେ ଅନୁଷ୍ଠିତ ଆଲୋଚନଚକ୍ରରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ମୁଖ୍ୟଅତିଥି ଭାବେ ଯୋଗ ଦେଇ କଟକ ଜଲ୍ଲାରେ ଅପମିଶ୍ରିତ, ବିଷାକ୍ତ ଓ ଚୋରା ମଦ କାରବାର ରୋକିବା ଦିଗରେ ବିଭିନ୍ନ ପଦକ୍ଷେପ ନିଆଯାଉଥିବା ବିଷୟରେ ସୂଚନା ପ୍ରଦାନ କରିଛନ୍ତି। ଆଗକୁ ମହାବିଦ୍ୟାଳୟ ସ୍ତରରେ ନିଶାର କୁପ୍ରଭାବ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ସମ୍ମାନିତ ଅତିଥି ଅତିରିକ୍ତ ଜିଲ୍ଲାପାଳ ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ନିଶାମୁକ୍ତି ଅଭିଯାନରେ ଗାନ୍ଧଜୀଙ୍କ ଉକ୍ତିକୁ ଉଦ୍ଧାର କରି ନିଶା କବଳରୁ ଯୁବପିଢ଼ିଙ୍କୁ ଦୁରେଇ ରଖିବା ଉପରେ ଗୁରୁତ୍ୱ ଦେଇଥିଲେ। ମୁଖ୍ୟବକ୍ତା ଡାକ୍ତର ପ୍ରଶାନ୍ତ ମହାପାତ୍ର ନିଶା ସେବନର କୁପରିଣାମ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଟକ ଜିଲ୍ଲାର ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀ, ଅବକାରୀ ଅଧୀକ୍ଷକ ଖୋର୍ଦ୍ଧା, ସୁମତି ତ୍ରିପାଠୀ, ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ ମନୋଜ କୁମାର ରଥ, ଅବକାରୀ ଉପ ଅଧୀକ୍ଷକ, ଆଠଗଡ଼ ସି. ଏଚ. ତିରୁପତି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ନିଶା କବଳରୁ ମୁକ୍ତ ହୋଇ ନୂତନ ଜୀବନ ପାଇଥିବା ଅଶୋକ ରଞ୍ଜନ ସାମଲ, କମଳାକାନ୍ତ ସାମଲ, ସୁନୀଲ ସାମଲ, ଦୀପକ ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ପରେ ପରେ ନିଶା ନୁହେଁ ଜୀବନ ଶୀର୍ଷକ ଏକ ନାଟକ ମଞ୍ଚସ୍ଥ ହୋଇଥିଲା। ଦ୍ୱିତୀୟ ଅଧିବେଶରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଆଲୋଚନଚକ୍ର ଅନୁଷ୍ଠିତ ହୋଇଥିଲା। ଶେଷରେ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଚାମ୍ପିଅନ୍ ସାଉଥ୍ ଆଫ୍ରିକାକୁ ମିଳିଲା ୩୧ କୋଟି ଟଙ୍କା




**ଲଣ୍ଡନ,୧୪।୬/ଏଜେନ୍ସି:** ଶନିବାର ଅଷ୍ଟ୍ରେଲିଆକୁ ହରାଇ ନୂଆ ଡବ୍ଲ୍ୟୁଟିସି ଚାମ୍ପିଅନ୍ ହୋଇଥିବା ସାଉଥ୍ ଆଫ୍ରିକା ଉପରେ ଅର୍ଥ ବର୍ଷା ହୋଇଛି। ପ୍ରୋଟିଆଜ୍ ଟିମ୍‌କୁ ୩.୬ ମିଲିୟନ୍ ଡଲାର (ପ୍ରାୟ ୩୧ କୋଟି ଟଙ୍କା)ର ପୁରସ୍କାର ରାଶି ମିଳିଛି। ଏହା ଉଭୟ ୨୦୨୧ ଓ ୨୦୨୩ରେ ପ୍ରଦତ୍ତ ୧.୬ ମିଲିୟନ୍ ଡଲାର୍‌ର ପୁରସ୍କାର ରାଶିଠାରୁ ବହୁ ଅଧିକ। ସେହିପରି ରନରଅପ୍ ଅଷ୍ଟ୍ରେଲିଆ ଟିମ୍‌କୁ ୨.୧୬ ମିଲିୟନ୍ ଡଲାର (ପ୍ରାୟ ୧୮.୬୩ କୋଟି ଟଙ୍କା) ମିଳିଛି। ଗତ ସାଇକ୍ଲର ରନରଅପ୍ ଟିମ୍‌କୁ ୮୦ ହଜାର ଡଲାର ମିଳିଥିଲା।

ଏହା ବ୍ୟତୀତ ତୃତୀୟ ସ୍ଥାନରେ ରହିଥିବା ଭାରତୀୟ ଟିମ୍‌କୁ ୧,୪୪୦,୦୦୦ ଡଲାର (୧୨.୪୨ କୋଟି ଟଙ୍କା) ପୁରସ୍କାର ରାଶି ମିଳିଛି। ସେହିପରି ଚତୁର୍ଥ ସ୍ଥାନରେ ଥିବା ନ୍ୟୁଜିଲାଣ୍ଡକୁ ୧୦.୩୫ କୋଟି ଟଙ୍କା (୧୨ ଲକ୍ଷ ଡଲାର) ମିଳିଛି। ଇଂଲଣ୍ଡ (ପ୍ରାୟ ୮.୨୮ କୋଟି ଟଙ୍କା), ଶ୍ରୀଲଙ୍କା (୭.୨୪ କୋଟି ଟଙ୍କା), ବାଂଲାଦେଶ (୬.୨୧ କୋଟି ଟଙ୍କା), ୱେଷ୍ଟଇଣ୍ଡିଜ୍ (୫.୧୭ କୋଟି ଟଙ୍କା) ଏବଂ ପାକିସ୍ତାନ (୪.୧୪ କୋଟି ଟଙ୍କା)କୁ ମଧ୍ୟ ପୁରସ୍କାର ରାଶି ପ୍ରଦାନ କରାଯାଇଛି।

ଡବ୍ଲ୍ୟୁଟିସି ୨୦୨୩-୨୫ ପାଇଁ ଆଇସିସି ୯ ଟିମ୍ ମଧ୍ୟରେ ମୋଟ ୫.୭୬ ମିଲିୟନ୍ ଡଲାର (ପ୍ରାୟ ୪୯.୬୮ କୋଟି ଟଙ୍କା)ର

## ଅଷ୍ଟ୍ରେଲିଆ ଉପରେ ବି ଅର୍ଥ ବର୍ଷା

ପୁରସ୍କାର ରାଶି ବାଣ୍ଟିଛି। ଏହା ଗତ ସାଇକ୍ଲ ତୁଳନାରେ ଦୁଇଗୁଣରୁ ମଧ୍ୟ ଅଧିକ। ସୂଚନାଯୋଗ୍ୟ, ସାଉଥ୍ ଆଫ୍ରିକା ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ଶିପ୍ (୨୦୨୩-୨୫) ସାଇକ୍ଲର ପଏଣ୍ଟ ଟେବଲ୍ ଶୀର୍ଷରେ ରହିଥିଲା। ଟିମ୍ ପାକିସ୍ତାନ, ୱେଷ୍ଟଇଣ୍ଡିଜ୍, ବାଂଲାଦେଶ ଏବଂ ଶ୍ରୀଲଙ୍କା ବିପକ୍ଷରେ ଟେଷ୍ଟ ସିରିଜ୍‌ରେ ବିଜୟୀ ହୋଇଥିଲା। ତେବେ ଭାରତ ବିପକ୍ଷ ଘରୋଇ ସିରିଜ୍‌କୁ ଡ୍ର' କରିଥିଲା। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ବର୍ଡର-ଗାଭାସ୍କର ଟ୍ରଫିରେ ଭାରତ ବିପକ୍ଷରେ ୩-୧ର ବିଜୟ ସହ ଫାଇନାଲ୍‌ରେ ପ୍ରବେଶ କରିଥିଲା। କଙ୍ଗାରୁ ଟିମ୍ ପାକିସ୍ତାନକୁ ତା' ଘରୋଇ ପଡ଼ିଆରେ ୩-୦ରେ ହରାଇଥିବା ବେଳେ ନ୍ୟୁଜିଲାଣ୍ଡ ଓ ଶ୍ରୀଲଙ୍କା ବିପକ୍ଷରେ ସିରିଜ୍ ଜିତିଥିଲା।

# ୧୫ ବର୍ଷ ପରେ ପ୍ରଥମ ଆଇସିସି ଫାଇନାଲ୍ ହାରିଲା ଅଷ୍ଟ୍ରେଲିଆ

**ଲଣ୍ଡନ,୧୪।୬/ଏଜେନ୍ସି:** ଆଇସିସି ଟୁର୍ଣ୍ଣାମେଣ୍ଟ ଫାଇନାଲ୍‌ରେ ଅଷ୍ଟ୍ରେଲିଆର ବିଜୟ ଧାରାରେ ସାଉଥ୍ ଆଫ୍ରିକା ବ୍ରେକ୍ ଲଗାଇଛି। ସାଉଥ୍ ଆଫ୍ରିକା ଲର୍ଡ୍ସରେ ଖେଳାଯାଇଥିବା ୨୦୨୩-୨୫ ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ଶିପ୍ (ଡବ୍ଲ୍ୟୁଟିସି) ଫାଇନାଲ୍‌ରେ ଅଷ୍ଟ୍ରେଲିଆକୁ ୫ ୱିକେଟ୍‌ରେ ହରାଇ ୨୭ ବର୍ଷ ପରେ ଆଇସିସି ଟ୍ରଫି ହାସଲ କରିଛି। ଏହା ୫୦ ବର୍ଷରେ ୧୪ ବିଶ୍ୱସ୍ତରୀୟ ଫାଇନାଲ୍‌ରେ ଅଷ୍ଟ୍ରେଲିଆର ଚତୁର୍ଥ ପରାଜୟ। ପ୍ୟାଟ୍ କମିନ୍ସଙ୍କ ନେତୃତ୍ୱାଧୀନ ଅଷ୍ଟ୍ରେଲିଆ ଟିମ୍ ଏକ ଦଶନ୍ଧିର ଉର୍ଦ୍ଧ୍ୱ ସମୟ ଧରି ଆଇସିସି ଫାଇନାଲ୍ ପରାଜୟ ଅନୁଭବ କରିନଥିଲା। ୨୦୧୦ ପରଠାରୁ ବରିଷ୍ଠ ଖେଳାଳିମାନେ ସମସ୍ତ ଫର୍ମାଟ୍‌ର ଫାଇନାଲ୍‌ରେ ଅପରାଜିତ ରେକର୍ଡ ବଜାୟ ରଖିଥିଲେ। କମିନ୍ସ, ମିଚେଲ୍ ଷ୍ଟାର୍କ ଏବଂ ଷ୍ଟିଭ୍ ସ୍ମିଥ୍‌ଙ୍କ ସମେତ ବର୍ତ୍ତମାନର କଙ୍ଗାରୁ ଟିମ୍‌ର ପ୍ରମୁଖ ସଦସ୍ୟମାନେ ବହୁ ସଫଳ ଆଇସିସି




ଟୁର୍ଣ୍ଣାମେଣ୍ଟ ବିଜୟର ଅଂଶୀଦାର ଥିଲେ। ଏହା ମଧ୍ୟରେ ୨୦୧୫ ଏବଂ ୨୦୨୩ ଦିନିକିଆ ବିଶ୍ୱକପ୍, ୨୦୨୧ ଟି-୨୦ ବିଶ୍ୱକପ୍ ଓ ଭାରତ ବିପକ୍ଷ ୨୦୨୩ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ଶିପ୍ ଫାଇନାଲ୍ ଅନ୍ତର୍ଭୁକ୍ତ। ଏହା ସହିତ ଷ୍ଟିଭ୍ ସ୍ମିଥ୍ ଦୁଇଟି ଆଇସିସି ଫାଇନାଲ୍ ପରାଜୟ ଅନୁଭବ କରିଥିବା ପ୍ରଥମ ଏବଂ ଏକମାତ୍ର ଅଷ୍ଟ୍ରେଲୀୟ ଖେଳାଳି ହୋଇଛନ୍ତି। ତାଙ୍କର ପୂର୍ବ ଫାଇନାଲ ପରାଜୟ ବାର୍ବାଡୋସରେ ଇଂଲଣ୍ଡ ବିପକ୍ଷରେ ୨୦୧୦ ଟି୨୦ ବିଶ୍ୱକପ୍ ସମୟରେ ହୋଇଥିଲା।

ଆଇସିସି ଟୁର୍ଣ୍ଣାମେଣ୍ଟରେ ଅଷ୍ଟ୍ରେଲିଆର ପ୍ରାଧାନ୍ୟ ବିଭିନ୍ନ ଫର୍ମାଟ୍‌ରେ ୧୦ ଆଇସିସି ଟାଇଟଲ୍‌ରେ ପ୍ରଭାବଶାଳୀ ରେକର୍ଡରୁ ପ୍ରତିଫଳିତ। ପାଞ୍ଚ ଦଶନ୍ଧି ଧରି ଆଇସିସି ଫାଇନାଲ୍‌ରେ କେବଳ ତିନିଟି ପରାଜୟକୁ ଛାଡ଼ିଦେଲେ କଙ୍ଗାରୁ ଟିମ୍ ଉଲ୍ଲେଖନୀୟ ସ୍ଥିରତା ପ୍ରଦର୍ଶିତ କରିଆସିଛି। ୧୯୭୫ରେ ପ୍ରଥମ ଥର ବିଶ୍ୱକପ୍ ଖେଳିଥିବା ଅଷ୍ଟ୍ରେଲିଆ ଫାଇନାଲ୍‌ରେ ୱେଷ୍ଟଇଣ୍ଡିଜ୍‌ଠାରୁ ପରାଜିତ ହୋଇଥିଲା। ଏହାପରେ ଟିମ୍ ମାର୍କ ଟେଲର୍‌ଙ୍କ ନେତୃତ୍ୱରେ ୧୯୯୬ରେ ଶ୍ରୀଲଙ୍କାଠାରୁ ପରାଜିତ ହୋଇଥିଲା।

ଲର୍ଡ୍ସରେ ଆୟୋଜିତ ଡବ୍ଲ୍ୟୁଟିସି ଫାଇନାଲ୍‌ର ଚତୁର୍ଥ ଦିନରେ ବିଜୟ ପାଇଁ ସାଉଥ୍ ଆଫ୍ରିକାକୁ ୬୯ ରନ୍ ଆବଶ୍ୟକ ଥିବା ବେଳେ ଟିମ୍ ଆଇସିସି ଫାଇନାଲ୍‌ରେ ଅଷ୍ଟ୍ରେଲିଆର ୧୫ ବର୍ଷର ଅପରାଜିତ ଧାରାର କେର୍ଡକୁ ସମାପ୍ତ କରିଛି।

# ଟିମ୍ ଇଣ୍ଡିଆର ୧୪ ବର୍ଷ ପୁରୁଣା ରେକର୍ଡ ଧ୍ୱସ୍ତ




**ଲଣ୍ଡନ,୧୪।୬/ଏଜେନ୍ସି:** ଇଂଲଣ୍ଡର ଲର୍ଡ୍ସରେ ସାଉଥ୍ ଆଫ୍ରିକା ଇତିହାସ ରଚି ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ଶିପ୍ (ଡବ୍ଲ୍ୟୁଟିସି) ଟାଇଟଲ୍ ନିଜ ନାମରେ କରିଛି। ଅଷ୍ଟ୍ରେଲିଆକୁ ୫ ୱିକେଟ୍‌ରେ ହରାଇ ସାଉଥ୍ ଆଫ୍ରିକା ୨୭ ବର୍ଷ ପରେ ଆଇସିସି ଟାଇଟଲ୍ ନିଜ ନାମରେ କରିଛି। ଏହା ସହିତ ସାଉଥ୍ ଆଫ୍ରିକା ଟିମ୍ ଇଣ୍ଡିଆର ଏକ ୧୪ ବର୍ଷ ପୁରୁଣା ରେକର୍ଡ ମଧ୍ୟ ଧ୍ୱସ୍ତ କରିଛି। ଡବ୍ଲ୍ୟୁଟିସି ଫାଇନାଲ୍‌ରେ ବିଜୟ ପାଇଁ ସାଉଥ୍ ଆଫ୍ରିକାକୁ ୨୮୨ ରନ୍‌ର ଆବଶ୍ୟକତା ଥିବାବେଳେ ଟିମ୍ ୫ ୱିକେଟ୍ ବିନିମୟରେ ଲକ୍ଷ୍ୟ ହାସଲ କରିନେଇଛି। ଆଇସିସି ଫାଇନାଲ୍‌ର କୌଣସି ଫର୍ମାଟ୍‌ରେ ଏହା ସବୁଠୁ ବଡ଼ ରନ୍ ଚେଜ୍। ଏହା ପୂର୍ବରୁ ଟିମ୍ ଇଣ୍ଡିଆ ୨୦୧୧ ଦିନିକିଆ ବିଶ୍ୱକପ୍‌ରେ ଶ୍ରୀଲଙ୍କା ବିପକ୍ଷରେ ୨୭୫ ରନ୍ ଚେଜ୍ କରିଥିଲା। ଏହା ସହିତ ଆଇସିସି ଫାଇନାଲ୍‌ରେ ବଡ଼ ସ୍କୋର୍ ଚେଜ୍ କରିବା ରେକର୍ଡ ନିଜ ନାମରେ କରିଥିଲା। ଟେଷ୍ଟରେ ହେଲେ ମଧ୍ୟ ଏହି ରେକର୍ଡ ଏବେ ସାଉଥ୍ ଆଫ୍ରିକା ନାମରେ ହୋଇଛି।

ଏହି ବିଜୟ ସହିତ ଟେମ୍ବା ବାଭୁମାଙ୍କ ନେତୃତ୍ୱାଧୀନ ସାଉଥ୍ ଆଫ୍ରିକା ଟିମ୍ ୨୭ ବର୍ଷ ପରେ ଆଇସିସି ଟ୍ରଫି ନିଜ ନାମରେ କରିଛି। ଏହା ପୂର୍ବରୁ ଟିମ୍ ୧୯୯୮ରେ ୱିଲ୍ସ ଇଣ୍ଟରନାସନାଲ୍ କପ୍ (ଏବକାର ଚାମ୍ପିଅନ୍ସ ଟ୍ରଫି) ଜିତିଥିଲା। ଏହାପରେ ବହୁ ଅବସରରେ ଟିମ୍ ନିକଟରେ ଆଇସିସି ଟ୍ରଫି ଜିତିବାର ସୁଯୋଗ ରହିଥିଲା। ମାତ୍ର ବାରମ୍ବାର ଟିମ୍ ଏହି ସୁଯୋଗ ହାତଛଡ଼ା କରିଥିଲା। ଏହାରେ ଟିମ୍ ନାମରେ ଚୋକର୍ସ ଦାଗ ଲାଗିଥିଲା। ଶେଷରେ ୨୭ ବର୍ଷ ପରେ ଟିମ୍ ଟେଷ୍ଟ ଫର୍ମାଟ୍‌ରେ ଆଧିପତ୍ୟ ଜାହିର୍ କରି ଆଇସିସି ଟାଇଟଲ୍ ମରୁଡ଼ିରେ ଅନ୍ତ ଘଟାଇଛି।

## ଏଫ୍ଆଇଏଚ୍ ପ୍ରୋ ଲିଗ୍ ୨୦୨୪-୨୫

# ଅଷ୍ଟ୍ରେଲିଆଠାରୁ ହାରିଲା ଭାରତୀୟ ମହିଳା ଟିମ୍

**ନୂଆଦିଲ୍ଲୀ,୧୪।୬/ଏଜେନ୍ସି:** ଲଣ୍ଡନରେ ଅନୁଷ୍ଠିତ ଚଳିତ ଏଫ୍ଆଇଏଚ୍ ପ୍ରୋ ଲିଗ୍‌ର ଏକ ମ୍ୟାଚ୍‌ରେ ଭାରତୀୟ ମହିଳା ଟିମ୍ ଅଷ୍ଟ୍ରେଲିଆଠାରୁ ୨-୩ ଗୋଲ୍‌ରେ ପରାଜିତ ହୋଇଛି। କର୍ଟନି ସ୍କୋନେଲ୍ (୧୬ ମିନିଟ), ଲେକ୍ସି ପିକରିଂ (୨୬ ମିନିଟ)ଙ୍କ ଫିଲ୍ଡ ଗୋଲ୍ ଏବଂ ଟାଟମ୍ ଷ୍ଟିୱାର୍ଟ (୩୫ ତମ)ଙ୍କ ପେନାଲ୍ଟି ଷ୍ଟ୍ରୋକ୍‌ରେ ଅଷ୍ଟ୍ରେଲିଆ ୩-୦ରେ ଆଗୁଆ ହୋଇଥିଲା।




ତେବେ ଦୀପିକା ଏବଂ ନେହାଙ୍କ ଦୁଇଟି ପେନାଲ୍ଟି କର୍ଣ୍ଣର୍ ଗୋଲ୍ ମାଧ୍ୟମରେ ଭାରତ ପ୍ରତ୍ୟାବର୍ତ୍ତନ କରିଥିଲେ। ଭାରତ ପ୍ରଥମରୁ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲେ ମଧ୍ୟ ଅଷ୍ଟ୍ରେଲିଆର ଡିଫେନ୍ସ ଭେଦ କରିବାରେ ବିଫଳ ହୋଇଥିଲା। ନବମ ମିନିଟ୍‌ରେ ଅଷ୍ଟ୍ରେଲିଆ ପ୍ରଥମ ପେନାଲ୍ଟି କର୍ଣ୍ଣର୍ ଅର୍ଜନ କରିଥିଲେ ମଧ୍ୟରେ ଭାରତ ଏହାକୁ ଦୃଢ଼ତାର ସହ ଡିଫେଣ୍ଡ କରିଥିଲା। ୧୩ଶ ମିନିଟ୍‌ରେ ଅଷ୍ଟ୍ରେଲୀୟ ଗୋଲ୍‌କିପର୍ ଅଲିସା ପାୱାର ଦୁଇଟି ଚମତ୍କାର ସେଭ୍‌କରି ଭାରତକୁ ଅଗ୍ରଣୀ ହାସଲରୁ ବଞ୍ଚିତ କରିଥିଲେ। ଦ୍ୱିତୀୟ କ୍ୱାର୍ଟର୍‌ର ଗୋଟିଏ ମିନିଟ୍ ପୂର୍ବରୁ ସ୍କୋନେଲ୍ ଭାରତର ଡିଫେନ୍‌ସ ତ୍ରୁଟିରୁ ଫାଇଦା ଉଠାଇ ଅଷ୍ଟ୍ରେଲିଆକୁ ୧-୦ର ଅଗ୍ରଣୀ ପ୍ରଦାନ କରିଥିଲେ। ଛଅ ମିନିଟ୍ ପରେ ଏକ ଫିଲ୍ଡ ଗୋଲ୍ ବଳରେ ଟିମ୍‌ର ଅଗ୍ରଣୀକୁ ୨-୦ କରିଥିଲେ ଏବଂ ଏହି ସ୍କୋର୍ ଲାଇନ୍ ସହ ପ୍ରଥମାର୍ଦ୍ଧ ଶେଷ ହୋଇଥିଲା।

ତୃତୀୟ କ୍ୱାର୍ଟର୍‌ର ପାଞ୍ଚ ମିନିଟ୍ ପରେ ଅଷ୍ଟ୍ରେଲିଆକୁ ଏକ ପେନାଲ୍ଟି କର୍ଣ୍ଣର୍ ମିଳିଥିଲେ ମଧ୍ୟ ସୁନେଲିତା ଟପ୍ପୋ ଏହାକୁ କ୍ଲିୟର୍ କରିଦେଇଥିଲେ। କିନ୍ତୁ ଷ୍ଟିକ୍ ଚେକ୍ ପାଇଁ ଅଷ୍ଟ୍ରେଲିଆ ଆଉ ଏକ ପେନାଲ୍ଟି କର୍ଣ୍ଣର୍ ମିଳିଥିଲା, ତେବେ ଭାରତୀୟ ଖେଳାଳିଙ୍କ ପାଦରେ ବାଜିବାରୁ ଏହା ପେନାଲ୍ଟି ଷ୍ଟ୍ରୋକ୍ ହୋଇଥିଲା। ଏଥର ଷ୍ଟିୱାର୍ଟ କୌଣସି ତ୍ରୁଟି ନକରି ନିଜ ଟିମ୍‌କୁ ୩-୦ରେ ଅଗ୍ରଣୀ କରିଥିଲେ।

ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟର୍‌ରେ ଭାରତ ଚାପ ସୃଷ୍ଟି କରି ଖେଳିଥିଲା ଏବଂ ଫଳସ୍ୱରୂପ ଟିମ୍‌କୁ ପେନାଲ୍ଟି କର୍ଣ୍ଣର୍ ମିଳିଥିଲା। ଏହାକୁ ଦୀପିକା ସୁନ୍ଦର ଭାବେ ଗୋଲ୍‌ରେ ପରିଣତ କରି ବ୍ୟବଧାନ ହ୍ରାସ କରିଥିଲେ। ଏହାପରେ ଭାରତକୁ ଲଗାତାର ଦୁଇଟି ପେନାଲ୍ଟି କର୍ଣ୍ଣର୍ ମିଳିଥିଲେ ମଧ୍ୟ ଟିମ୍ ଏହାର ଲାଭ ଉଠାଇପାରି ନଥିଲା। ହୁଟର୍‌ର ଆଠ ମିନିଟ୍ ପୂର୍ବରୁ ଭାରତକୁ ଆଉ ଏକ ପେନାଲ୍ଟି କର୍ଣ୍ଣର୍ ମିଳିଥିଲା। ଦୀପିକାଙ୍କ ଫ୍ଲିକ୍‌କୁ ପ୍ରତିପକ୍ଷ ଗୋଲ୍‌କିପର୍ ସେଭ୍ କରିବା ବେଳେ ରିବାଉଣ୍ଡରୁ ନେହା ଗୋଲ୍ କରି ସ୍ଥିତି ୩-୨ କରିଥିଲେ। ମ୍ୟାଚ୍ ସମାପ୍ତିର ଦୁଇ ମିନିଟ୍ ପୂର୍ବରୁ ସ୍ଥିତି ସମାନ ପାଇଁ ମିଳିଥିବା ପେନାଲ୍ଟି କର୍ଣ୍ଣର୍ ସୁଯୋଗକୁ ଭାରତ ହାତଛଡ଼ା କରି ମ୍ୟାଚ୍ ହାରିଥିଲା।

### ତ୍ରିନାଥ ଦାସ ସ୍ମାରକୀ ରାଜ୍ୟ ସ୍କୁଲ୍ ଓପନ୍ ଚେସ୍


# ପ୍ରାଂଶୁ ଚାମ୍ପିଅନ୍, ସତ୍ୟ ରନର୍‌ଅପ୍



**ଭୁବନେଶ୍ୱର,୧୪।୬/ଏନ୍ଏନ୍ଏସ୍:** ଶନିବାର କେଶୁରାସ୍ଥିତ ରୟାଲ୍ ପବ୍ଲିକ୍ ସ୍କୁଲ୍‌ରେ ଓଡ଼ିଶା ରାଜ୍ୟ ଚେସ୍ ସଂଘ ପକ୍ଷରୁ ଚତୁର୍ଥ ତ୍ରିନାଥ ଦାସ ସ୍ମାରକୀ ରାଜ୍ୟ ସ୍କୁଲ୍ ଓପନ୍ ଚେସ୍ ଚାମ୍ପିଅନ୍‌ଶିପ୍ ଆୟୋଜିତ ହୋଇଛି। ପାଞ୍ଚ ରାଉଣ୍ଡ ବିଶିଷ୍ଟ ଟୁର୍ଣ୍ଣାମେଣ୍ଟରେ ୫ ପଏଣ୍ଟ ହାସଲ କରି ଭୁବନେଶ୍ୱରର ଏପିଜେ ସ୍କୁଲ୍‌ର ପ୍ରାଂଶୁ ଦାଶ ଚାମ୍ପିଅନ୍ ଏବଂ ରୁଚିକା ହାଇସ୍କୁଲ୍‌ର ସତ୍ୟମାଧବ ସତପଥୀ (୪.୦) ରନରଅପ୍ ହୋଇଛନ୍ତି। ବାଳିକା ବିଭାଗରେ ମାୟରା ପ୍ରଧାନ ପ୍ରଥମ ଏବଂ ସ୍ଥିତପ୍ରଜ୍ଞା ପଟ୍ଟନାୟକ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ବୟସ ବର୍ଗରେ ଆଦର୍ଶ କୁମାର ରାଉତ, କ୍ରିଶ୍ ପଟ୍ଟନାୟକ, ଆର୍ଯ୍ୟମ୍ ପ୍ରଧାନ ଓ କିର୍ତ୍ତିଶ୍ କୁମାର ସାହୁ ପ୍ରଥମ ହୋଇଛନ୍ତି। ଟୁର୍ଣ୍ଣାମେଣ୍ଟରେ ୯ ଜଣଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଛି। ଟୁର୍ଣ୍ଣାମେଣ୍ଟକୁ କେଶୁରା ରୟାଲ୍ ପବ୍ଲିକ୍ ସ୍କୁଲ୍ ପ୍ରିନ୍ସିପାଲ୍ ସର୍ବେଶ୍ୱର ସାମଲ ଉଦ୍‌ଘାଟନ କରିଥିବା ବେଳେ ଓଡ଼ିଶା ରାଜ୍ୟ ଚେସ୍ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ମ୍ୟାଚ୍ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ କ୍ୟାପ୍ଟେନ୍ ଅମିତ ପଟ୍ଟନାୟକ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିବା ବେଳେ ସ୍ୱର୍ଗତ ତ୍ରିନାଥ ଦାସଙ୍କ କନ୍ୟା ସବିତା ଦାସ, ଜ୍ୱାଇଁ ଦେବବ୍ରତ ପଟ୍ଟନାୟକ ଏବଂ ନାତୁଣୀ ଦେବାଂଶୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଆର୍ଯ୍ୟା-ବବୁତାଙ୍କୁ ମିକ୍ସଡ୍ ଟିମ୍ ସ୍ୱର୍ଣ୍ଣ

**ମ୍ୟୁନିକ୍,୧୪।୬/ଏଜେନ୍ସି:** ଆର୍ଯ୍ୟା ବୋରେସ୍ ଓ ଅର୍ଜୁନ ବବୁତାଙ୍କ ଭାରତୀୟ ଯୋଡ଼ି ପ୍ରଭାବଶାଳୀ ପ୍ରଦର୍ଶନ କରି ଏଠାରେ ଚାଲିଥିବା ଆଇଏସ୍ଏସ୍ଏଫ୍ ବିଶ୍ୱକପ୍‌ର ୧୦ ମିଟର ଏୟାର୍ ରାଇଫଲ୍ ମିକ୍ସଡ୍ ଟିମ୍ ଇଭେଣ୍ଟର ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଭାରତୀୟ ଯୋଡ଼ି ଶନିବାର ଫାଇନାଲ୍‌ରେ ଚୀନ୍‌ର ଜିଫେଇ ୱାଙ୍ଗ୍ ଓ ଲିହାଓ ଶେଙ୍ଗ୍‌ଙ୍କ ଯୋଡ଼ିକୁ ୧୭-୭ରେ ମାତ୍ ଦେଇଛନ୍ତି। ଫାଇନାଲ୍ ମ୍ୟାଚ୍‌ର ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତରେ ଆର୍ଯ୍ୟା ଓ ବବୁତା ଧୈର୍ଯ୍ୟ ଓ ଏକାଗ୍ରତାର ଚମତ୍କାର ନମୁନା ପ୍ରଦର୍ଶନ କରି ଚୀନ୍ ଶୁଟର୍‌ଙ୍କୁ କୌଣସି ସୁଯୋଗ ଦେଇନଥିଲେ। ଭାରତୀୟ



## ଆଇଏସ୍ଏସ୍ଏଫ୍ ବିଶ୍ୱକପ୍

ଯୋଡ଼ି କ୍ୱାଲିଫିକେସନ୍‌ରେ ୬୩୫.୨ ପଏଣ୍ଟ ହାସଲ କରି ସ୍ୱର୍ଣ୍ଣ ପଦକ ରାଉଣ୍ଡରେ ପ୍ରବେଶ କରିଥିଲେ। ଏହା ଶେଙ୍ଗ୍ ଓ ୱାଙ୍ଗ୍‌ଙ୍କ ୬୩୫.୯ ପଏଣ୍ଟଠାରୁ ମାତ୍ର ୦.୭ ପଏଣ୍ଟ କମ୍ ଥିଲା। ଅନ୍ୟପକ୍ଷରେ ଚୀନ୍ ଯୋଡ଼ିର ଏହି ସ୍କୋର୍ କ୍ୱାଲିଫିକେସନ୍‌ରେ ବିଶ୍ୱ ରେକର୍ଡ। କ୍ୱାଲିଫିକେସନ୍ ରାଉଣ୍ଡରେ ଆର୍ଯ୍ୟା ବ୍ୟକ୍ତିଗତ ଭାବେ ୩୧୭.୫ ପଏଣ୍ଟ ସ୍କୋର୍ କରିଥିବା ବେଳେ ବବୁତାଙ୍କ ସ୍କୋର୍ ୩୧୭.୭ ଥିଲା। ଏହା ପୂର୍ବରୁ ଆର୍ଯ୍ୟା ଚଳିତ ବର୍ଷ ପ୍ରାରମ୍ଭରେ ଲିମା ବିଶ୍ୱକପ୍‌ରେ ରୁଦ୍ରାକ୍ଷ ପାଟିଲ୍‌ଙ୍କ ସହ ୧୦ ମିଟର ଏୟାର୍ ରାଇଫଲ୍ ମିକ୍ସଡ୍ ଟିମ୍ ଇଭେଣ୍ଟର ସ୍ୱର୍ଣ୍ଣ ପଦକ ମଧ୍ୟ ଜିତିଥିଲେ। ଏହି ଇଭେଣ୍ଟରେ ଅନ୍ୟତମ ଭାରତୀୟ ଯୋଡ଼ି ଇଲାଭେନିଲ୍ ଭଲାରିଭନ୍ ଓ ଅଂକୁଶ ଯାଦବ ୬୩୧.୮ ପଏଣ୍ଟ ସହ କ୍ୱାଲିଫିକେସନ୍‌ରେ ୬ଷ୍ଠ ସ୍ଥାନରେ ରହିଥିଲେ। ନର୍‌ୱେର ଜିନେଟ୍ ହେଗ୍ ଡ୍ୟୁଷ୍ଟାଡ୍ ଓ ଜନ୍-ହରମନ୍ ହେଗ୍ ଆମେରିକାର ସେଗେନ୍ ମେଡାନେଲା ଓ ପିଟର ମାଥ୍ୟୁ କିୟୋରୀଙ୍କ ଯୋଡ଼ିକୁ ୧୬-୧୪ରେ ହରାଇ ବ୍ରୋଞ୍ଜ୍ ପଦକ ଜିତିଛନ୍ତି। ଏହା ଚଳିତ ବିଶ୍ୱକପ୍‌ରେ ଭାରତର ଦ୍ୱିତୀୟ ସ୍ୱର୍ଣ୍ଣ ଏବଂ ମୋଟ ଚତୁର୍ଥ ପଦକ। ଶୁକ୍ରବାର ସୁରୁଚି ସିଂହ ୨୪୧.୯ ପଏଣ୍ଟ ହାସଲ କରି ମହିଳା ୧୦ ମିଟର ଏୟାର୍ ରାଇଫଲ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହା ବ୍ୟତୀତ ସିଫ୍ଟ୍ କୌର୍ ସାମ୍ରା ଓ ଇଲାଭେନିଲ୍ ନିଜ ନିଜ ବ୍ୟକ୍ତିଗତ ଇଭେଣ୍ଟରେ ଦୁଇଟି ବ୍ରୋଞ୍ଜ୍ ପଦକ ଜିତିଥିଲେ।




# ରଣଜୀ ଟ୍ରଫି ଫର୍ମାଟ୍‌ରେ ପରିବର୍ତ୍ତନ

## ▪ ଗୋଟିଏ ଲେଖାଏ ଟିମ୍ ପ୍ରମୋଟ୍ ଓ ରେଲିଗେଟ୍ ହେବେ ▪ ଜୋନାଲ୍ ଟିମ୍ ମଧ୍ୟରେ ଦୁଲୀପ ଟ୍ରଫି

**ମୁମ୍ବାଇ,୧୪।୬/ଏଜେନ୍ସି:** ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ (ବିସିସିଆଇ) ରଣଜୀ ଟ୍ରଫି ଫର୍ମାଟ୍‌ରେ ପରିବର୍ତ୍ତନ କରିଛି। ଆଗାମୀ ସିଜନ୍‌ର ଏହି ଟୁର୍ଣ୍ଣାମେଣ୍ଟରେ ଗୋଟିଏ ଲେଖାଏଁ ଟିମ୍‌କୁ ପ୍ରମୋଟ୍ ଏବଂ ରେଲିଗେଟ୍ କରାଯିବ। ଏହି ପରିବର୍ତ୍ତନ ବିସିସିଆଇର ସମସ୍ତ ଏଜ୍ ଗ୍ରୁପ୍ ଟୁର୍ଣ୍ଣାମେଣ୍ଟରେ ଲାଗୁ ହେବ। ଏହି ନିଷ୍ପତ୍ତି ଶନିବାର ବୋର୍ଡର ଆପେକ୍ସ କାଉନ୍‌ସିଲ୍ ବୈଠକରେ ନିଆଯାଇଛି। ବିସିସିଆଇ ଏକ ବୟାନରେ କହିଛି ସମସ୍ତ ମଲ୍ଟି-ଡେ ପୁରୁଷ ଟୁର୍ଣ୍ଣାମେଣ୍ଟ (ସିନିୟର୍ ଓ ଜୁନିୟର୍)ରେ ୨୦୨୬-୨୭ ସିଜନ୍‌ରୁ ଗୋଟିଏ ଟିମ୍‌କୁ ପ୍ରମୋଟ୍ କରାଯିବ। ସେହିପରି ଗୋଟିଏ ଟିମ୍ ରେଲିଗେଟ୍ ହେବ। ବର୍ତ୍ତମାନ ପର୍ଯ୍ୟନ୍ତ ରଣଜୀର ପ୍ରତ୍ୟେକ ସିଜନ୍ ପରେ ଦୁଇଟି ଟିମ୍‌ଙ୍କୁ ପ୍ଲେଟ୍‌ରୁ ଏଲିଟ୍ ଗ୍ରୁପ୍‌କୁ ପ୍ରମୋଟ୍ କରାଯାଉଥିଲା। ସେହିପରି ସର୍ବନିମ୍ନ ସ୍ଥାନରେ ଥିବା ଦୁଇଟି ଟିମ୍ ଏଲିଟ୍ ଗ୍ରୁପ୍‌ରୁ ପ୍ଲେଟ୍ ଗ୍ରୁପ୍‌ରୁ ରେଲିଗେଟ୍ ହେଉଥିଲେ।



ରଣଜୀ ଟ୍ରଫିର ୨୦୨୫-୨୬ ସିଜନ୍ ଅକ୍ଟୋବର ୧୫ରୁ ଫେବୃଆରୀ ୨୮ ତାରିଖ ପର୍ଯ୍ୟନ୍ତ ଦୁଇଟି ରାଉଣ୍ଡରେ ଆୟୋଜିତ ହେବ। ପ୍ରଥମ ଚରଣ ଅକ୍ଟୋବର ୧୫ରୁ ନଭେମ୍ବର ୧୯ ପର୍ଯ୍ୟନ୍ତ ଖେଳାଯିବ। ସେହିପରି ଦ୍ୱିତୀୟ ଚରଣ ଜାନୁଆରୀ ୨୨ରୁ ଫେବୃଆରୀ ୧ ତାରିଖ ପର୍ଯ୍ୟନ୍ତ ଚାଲିବ। ନକ୍‌ଆଉଟ୍ ଫେବୃଆରୀ ୬ରୁ ୨୮ ତାରିଖ ପର୍ଯ୍ୟନ୍ତ ଖେଳାଯିବ।

ଏହା ବ୍ୟତୀତ ଦୁଲୀପ୍ ଟ୍ରଫି ଜୋନାଲ୍ ଫର୍ମାଟ୍‌ରେ ଆୟୋଜିତ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏହା ଚଳିତ ଘରୋଇ ସିଜନ୍‌ର ପ୍ରଥମ ଟୁର୍ଣ୍ଣାମେଣ୍ଟ ହେବ। ଏହା ଅଗଷ୍ଟ ୨୮ରୁ ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ ଚାଲିବ। ସେହିପରି ଇରାନୀ କପ୍ ଅକ୍ଟୋବର ୧ରୁ ୫ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଟିମ୍‌ର ଚୟନ ଜୋନାଲ୍ ଚୟନ କମିଟି ଦ୍ୱାରା କରାଯିବ ବୋଲି ବିସିସିଆଇ କହିଛି।

ସେହିପରି ସୟଦ୍ ମୁସ୍ତାକ ଅଲୀ ଟ୍ରଫି ଟି-୨୦ ଟୁର୍ଣ୍ଣାମେଣ୍ଟ ସମେତ ସମସ୍ତ ଦିନିକିଆ ଟୁର୍ଣ୍ଣାମେଣ୍ଟରେ ପ୍ଲେଟ୍ ଡିଭିଜନ୍ ପୁଣିଥରେ ସାମିଲ କରାଯାଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ନକ୍‌ଆଉଟ୍ ପର୍ଯ୍ୟାୟରେ ଟିମ୍‌ଗୁଡ଼ିକ କ୍ୱାର୍ଟର୍ ଫାଇନାଲ୍, ସେମିଫାଇନାଲ୍ ଓ ଫାଇନାଲ୍ ମ୍ୟାଚ୍ ଖେଳୁଥିଲେ। କିନ୍ତୁ ଚଳିତ ସିଜନ୍‌ରେ ଶୀର୍ଷ ଟିମ୍‌ଗୁଡ଼ିକୁ ସୁପର୍ ଲିଗ୍‌ରେ ଆଉଟ୍ ତିନିଟି ମ୍ୟାଚ୍ ଖେଳିବାକୁ ମିଳିବ। ଗ୍ରୁପ୍-ଏ ଓ ବି'ର ଶୀର୍ଷ ଟିମ୍ ଫାଇନାଲ୍ ଖେଳିବେ। ନିମ୍ନ ୬ ଟିମ୍ ପ୍ଲେଟ୍ ଗ୍ରୁପ୍‌ରେ ସାମିଲ ହେବେ। ସୟଦ୍ ମୁସ୍ତାକ ଅଲୀ ଟ୍ରଫି ନଭେମ୍ବର ୨୬ରୁ ଡିସେମ୍ବର ୧୮ ପର୍ଯ୍ୟନ୍ତ ଖେଳାଯିବ ବୋଲି ନିଷ୍ପତ୍ତି ହୋଇଛି।

ଅନ୍ୟତମ ପରିବର୍ତ୍ତନ ଅନୁସାରେ ବିସିସିଆଇର ହ୍ୱାଇଟ୍ ବଲ୍‌ର ସମସ୍ତ ଟୁର୍ଣ୍ଣାମେଣ୍ଟର ଲିଗ୍ ରାଉଣ୍ଡରେ ସମାନ ପଏଣ୍ଟରେ ରହିଥିବା ଟିମ୍‌ଗୁଡ଼ିକ ନେଟ୍ ରନ୍‌ରେଟ୍ ଜରିଆରେ ଆଗକୁ ବଢ଼ିବେ। ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଏହି ନିୟମ ପୂର୍ବରୁ ରହିଛି। ଏହା ଏବେ ଘରୋଇ କ୍ରିକେଟ୍‌ରେ ମଧ୍ୟ ସାମିଲ କରାଯାଇଛି।

ସୂଚନାଯୋଗ୍ୟ, ବିସିସିଆଇ ୨୦୧୮-୧୯ ରଣଜୀ ଟ୍ରଫିରେ ନଅଟି ନୂଆ ଟିମ୍ ସାମିଲ କରିଥିଲା। ଏହା ଦ୍ୱାରା ରଣଜୀ ଟ୍ରଫିରେ କ୍ରିକେଟ୍‌ର ମାନ ପ୍ରଭାବିତ ହୋଇଛି। ମେଘାଳୟ ଗତ ସିଜନ୍‌ରେ ଏଲିଟ୍ ଡିଭିଜନ୍‌ରେ ସମସ୍ତ ମ୍ୟାଚ୍ ଖେଳିଥିବା ବେଳେ ସବୁଥିରେ ପରାଜିତ ହୋଇଥିବାରୁ ଫର୍ମାଟ୍‌ରେ ପରିବର୍ତ୍ତନ କରାଯାଇଛି।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra